ISSN 2583-9543
VOL. NO. 02, ISSUE NO. 05

REFEREED PEER-REVIEWED JOURNAL

# ବାଗୀଶ

BAGEESHA ● ସେପ୍ଟେମ୍ବର-ଅକ୍ଟୋବର ୨୦୨୪



BAGEESHA

# ବାଗୀଶ

ସମାଲୋଚନାଧର୍ମୀ ପତ୍ରିକା

Refereed Peer-Reviewed Journal

ISSN 2583-9543 (ONLINE)

■

ଦ୍ୱିତୀୟ ବର୍ଷ, ପଞ୍ଚମ ସଂଖ୍ୟା

ସେପ୍ଟେମ୍ବର - ଅକ୍ଟୋବର ୨୦୨୪

Volume No. 02

Issue No. 05

September - October 2024

■

ଯୋଗାଯୋଗ

ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍,

ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼

E-mail :

bageesha.magazine@gmail.com

Phone No. 9337166172

Visit Us : www.bageesha.in

ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।

ତତ୍ତ୍ୱ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ।।

ଶ୍ଳୋକ ୧୫, ଅଧ୍ୟାୟ - ୪୦,

ଶୁକ୍ଳ ଯଜୁର୍ବେଦ ବାଜସନେୟୀ କାଣ୍ୱ ସଂହିତା

ପ୍ରତିଷ୍ଠାତା-ସଂପାଦକ

ବିକେଶ ସାହୁ

●

Founder & Editor

Bikesh Sahu

Edited and Published

By

**Bikesh Sahu**

At - Bhuslad, Po - Dedhagaon,

P.S - Sindhekela

Dist - Balangir - 767035

## BOARD OF PEERS

**Prof. Dash Benhur**
Retired Principal,
S.C.S (Autonomous) College, Puri

**Prof. B.N Pattnaik**
Retired Prof. of English & Linguistics,
IIT, Kanpur, India

**Prof. Satya P. Mohanty**
Prof., Department of
English Cornell University, USA

**Prof. Babrubahan Mahapatra**
Prof., Dept. of Odia
M.S.C.B University, Baripada

**Dr. Satyapriya Mahalik**
Principal, Workers' College
Jamshedpur, Jharkhand

**Dr. Gopinath Bag**
Asst. Prof., Dept. of Odia
Samabalpur University, Burla

**Dr. Bijayalaxmi Dash**
Asst. Prof., Dept. of Odia
Revenshaw University, Cuttack

**Dr. Rabindra Kumar Das**
Asst. Prof., Dept. of Odia
Visva Bharati University,
Shantiniketan

**Mr. Satya Pattanaik**
Director, Black Eagle Books
Dublin, Ohio, USA

## ABOUT US

- 'Bageesha' is a bi-monthly International Standard Serial Number recognized refereed peer-reviewed journal.
- The special research section of 'Bageesha' publishes research discussions on Literature, Society, Culture, Art, History, Anthropology, Philosophy, Science, etc.
- 'Bageesha' has been successful in recent years with a unique approach to make the youth research minded and has also prepared a new framework for the future.
- 'Bageesha' is rich in the following directed sections:

  Essay and Discussion Section: You can submit any basic essay and discussion for this section.
  New Book: For this section, a copy of a recently published book should be sent to our address by the author or publisher. A short informative summary of the received book will be presented in the journal. For this section we have reserved one page of the magazine for each book.
  'Bageesha' Barenya: An interview with a senior critic is published by the editorial team in each issue.

Note: Text must be typed in Odia Unicode. Author's name, full address, e-mail, brief introduction of the author (within 4-5 lines), summary of the article (within 7-8 lines), full text MS-Word File (within 12 characters and 10 pages) etc. through our website. To be _sent.

Visit our website www.bageesha.in for details on sending articles and books.

GUIDELINES

## ସମୀକ୍ଷକ ମଣ୍ଡଳୀ

**ପ୍ରଫେସର ଦାଶ ବେନହୁର**
ଅବସରପ୍ରାପ୍ତ ଅଧ୍ୟକ୍ଷ,
ସାମନ୍ତ ଚନ୍ଦ୍ର ଶେଖର (ସ୍ୱ) ମହାବିଦ୍ୟାଳୟ, ପୁରୀ

**ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ**
ଅବସରପ୍ରାପ୍ତ ପ୍ରଫେସର, ଇଂରାଜୀ ଓ ଭାଷା
ବିଜ୍ଞାନ ବିଭାଗ, ଆଇ.ଆଇ.ଟି, କାନପୁର

**ପ୍ରଫେସର ସତ୍ୟ ପ୍ରକାଶ ମହାନ୍ତି**
ପ୍ରଫେସର, ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗ,
କର୍ଣ୍ଣେଲ ବିଶ୍ୱବିଦ୍ୟାଳୟ, ଆମେରିକା

**ପ୍ରଫେସର ବଭ୍ରୁବାହନ ମହାପାତ୍ର**
ପ୍ରଫେସର, ଓଡ଼ିଆ ବିଭାଗ,
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,
ବାରିପଦା

**ଡ. ସତ୍ୟପ୍ରିୟ ମହାଲିକ**
ଅଧ୍ୟକ୍ଷ, ଜାମସେଦପୁର ୱାର୍କର୍ସ ମହାବିଦ୍ୟାଳୟ,
ଜାମସେଦପୁର, ଝାଡ଼ଖଣ୍ଡ

**ଡ. ଗୋପୀନାଥ ବାଗ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବୁର୍ଲା

**ଡ. ବିଜୟଲକ୍ଷ୍ମୀ ଦାଶ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ଡ. ରବୀନ୍ଦ୍ର କୁମାର ଦାସ**
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ,
ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

**ଶ୍ରୀଯୁକ୍ତ ସତ୍ୟ ପଟ୍ଟନାୟକ**
ନିର୍ଦ୍ଦେଶକ ଓ ପ୍ରକାଶକ, ବ୍ଲାକ୍ ଇଗଲ୍ ବୁକ୍ସ
ଡବଲିନ୍, ଓହିଓ, ଆମେରିକା


## ଆମ କଥା

- 'ବାଗୀଶ' ଏକ ଦ୍ୱି-ମାସିକ ଗବେଷଣା ଓ ଆଲୋଚନାଧର୍ମୀ ISSN ସ୍ୱୀକୃତ ରେଫରିଡ୍ ପିଅର ରିଭିଉଡ୍ ଜର୍ଣ୍ଣାଲ (Refereed Peer-Reviewed Journal)।
- 'ବାଗୀଶ'ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ, ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ଆଲୋଚନା ପ୍ରକାଶିତ ହୋଇଥାଏ।
- 'ବାଗୀଶ' ଯୁବପିଢ଼ିଙ୍କୁ ଗବେଷଣାମନସ୍କ କରିବା ନିମନ୍ତେ ପ୍ରୟାସ କରିବା ସହ ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି।
- 'ବାଗୀଶ' ନିମ୍ନ ନିର୍ଦ୍ଦେଶିତ ବିଭାଗଗୁଡ଼ିକରେ ସମୃଦ୍ଧ :

**ପ୍ରବନ୍ଧ ଓ ଆଲୋଚନା ବିଭାଗ** : ଏହି ବିଭାଗ ନିମନ୍ତେ ଆପଣ ଯେକୌଣସି ମୌଳିକ ପ୍ରବନ୍ଧ ଓ ଆଲୋଚନା ଦେଇପାରିବେ।

**ନୂଆ ବହି** : ଏହି ବିଭାଗ ପାଇଁ ସଦ୍ୟ ପ୍ରକାଶିତ ପୁସ୍ତକ ଖଣ୍ଡିଏ ଲେଖକ କିମ୍ବା ପ୍ରକାଶକ ଆମ ଠିକଣାରେ ପଠେଇବାକୁ ହେବ। ପ୍ରାପ୍ତ ପୁସ୍ତକର ଏକ କ୍ଷୁଦ୍ର ସୂଚନାତ୍ମକ ବିବରଣୀ ସହ ଏହାକୁ ପତ୍ରିକାରେ ଉପସ୍ଥାପନ କରାଯିବ। ଏହି ବିଭାଗ ନିମନ୍ତେ ପ୍ରତି ବହି ପାଇଁ ପତ୍ରିକାର ଗୋଟିଏ ଫର୍ଦ୍ଦ ଆମେ ସଂରକ୍ଷିତ ରଖିଛୁ।

**'ବାଗୀଶ' ବରେଣ୍ୟ** : ପ୍ରତି ସଂଖ୍ୟାରେ ସଂପାଦନା ମଣ୍ଡଳୀଙ୍କ ଦ୍ୱାରା ଜଣେ ବରିଷ୍ଠ ସମାଲୋଚକଙ୍କ ସହ ସାକ୍ଷାତକାର ପ୍ରକାଶିତ ହୁଏ।

**ଦ୍ରଷ୍ଟବ୍ୟ** : ଲେଖାଟି ଓଡ଼ିଆ ୟୁନିକୋଡ଼ରେ ଡିଟିପି ହୋଇଥିବା ଆବଶ୍ୟକ। ଲେଖକ ନାମ, ସଂପୂର୍ଣ୍ଣ ଠିକଣା, ଇ-ମେଲ, ଲେଖକଙ୍କ ସଂକ୍ଷିପ୍ତ ପରିଚୟ ( ୪-୫ ଧାଡ଼ି ଭିତରେ), ଲେଖାର ସାରାଂଶ ( ୭-୮ ଧାଡ଼ି ଭିତରେ ), ସଂପୂର୍ଣ୍ଣ ଲେଖା MS-Word File( ଅକ୍ଷର ଆକାର ୧୨ ଥାଇ ୧୦ ପୃଷ୍ଠା ଭିତରେ ) ଆଦି ଆମକୁ ୱେବସାଇଟ୍ ମାଧ୍ୟମରେ ପଠାଇବାକୁ ହେବ।

ଲେଖା ଓ ବହି ପଠେଇବା ନିମନ୍ତେ ସବିଶେଷ ବିବରଣୀ ପାଇଁ ଆମ ୱେବସାଇଟ୍ www.bageesha.in ପରିଦର୍ଶନ କରନ୍ତୁ।

GUIDELINES

## ସଂପାଦନା ମଣ୍ଡଳୀ

EDITORIAL BOARD

ସହ-ସଂପାଦକ
**କନକ ବର୍ଦ୍ଧନ ସାହୁ**

କାର୍ଯ୍ୟନିର୍ବାହୀ ସଂପାଦକ
**ରିତମ୍ ମିଶ୍ର**

**ସଂପାଦନା ଓ କ୍ଷେତ୍ରୀୟ ସଂଯୋଜନା**

**ଲେଫ୍ଟନାଣ୍ଟ ଡ. ବିଦ୍ୟୁଲତା ଷଣ୍ଢ**
ଓଡ଼ିଆ ଅଧ୍ୟାପିକା, ନୟାଗଡ଼(ସ୍ୱ.ଶା) ମହାବିଦ୍ୟାଳୟ,
ନୟାଗଡ଼

**ଡ. ସୁଜାତା ସାହାଣୀ**
ଓଡ଼ିଆ ଅଧ୍ୟାପିକା, ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ,
କଟକ

**ତୃପ୍ତିମୟୀ ଭୋଇ**
ଓଡ଼ିଆ ଅଧ୍ୟାପିକା, ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ,
କୃଷ୍ଣଚନ୍ଦ୍ରପୁର, ଜଗତସିଂହପୁର

**ସଙ୍ଘମିତ୍ରା ଦାସ**
ଓଡ଼ିଆ ଅଧ୍ୟାପିକା, ଚୌଦ୍ୱାର ମହାବିଦ୍ୟାଳୟ,
ଚୌଦ୍ୱାର, କଟକ

**ସୁବାସ ଚନ୍ଦ୍ର ଭୋଇ**
ଗବେଷକ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ,
ଶାନ୍ତିନିକେତନ, କଲିକତା

**ପ୍ରଭାସ ଚନ୍ଦ୍ର ଟୋଲଟିଆ**
ଗବେଷକ, ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ,
ଭବାନୀପାଟଣା


## ଆପଣଙ୍କ ଚିଠି

'ବାଗୀଶ' ପତ୍ରିକାର ମୁଁ ନିୟମିତ ପାଠିକା। ଜୁଲାଇ- ଅଗଷ୍ଟ ସଂଖ୍ୟାଟି ସବୁଠାରୁ ବେଶୀ ଆକର୍ଷଣ କରିଛି । ଏହି ସଂଖ୍ୟାର ଆଲୋଚନା "ଓଡ଼ିଆ ଅସ୍ମିତାର ଐତିହାସିକ ଓ ରାଜନୈତିକ ବୈଚିତ୍ର" ବିଷୟକ ଗବେଷଣା ସଂଦର୍ଭଟି ଏକ ନୂତନ ପ୍ରୟାସ,ଆଲୋଚକଙ୍କୁ ଶୁଭେଚ୍ଛା। ଅସ୍ମିତା ଶବ୍ଦର ଏଭଳି ଆଲୋଚନା ଏବଂ ପର୍ଯ୍ୟାଲୋଚନା ତଥା ରାଜନୈତିକ ସମ୍ପୃକ୍ତିକୁ ଏ ଦିଗରେ ଉପସ୍ଥାପନା ସ୍ୱାଗତ ଯୋଗ୍ୟ ନିଶ୍ଚୟ।ଅନ୍ୟାନ୍ୟ ଗବେଷଣା ପ୍ରବନ୍ଧ ଗୁଡ଼ିକ ମଧ୍ୟ ନୂତନ ପ୍ରୟାସ ତଥା ଚିନ୍ତା ମୂଳକ। 'ଗଙ୍ଗାଧରଙ୍କ କାବ୍ୟରେ ମଙ୍ଗଳାଚରଣ 'ଆଲୋଚନା ପ୍ରବନ୍ଧରେ ମଧ୍ୟ ନୂତନତା ଦେଖିହୁଏ। ଗଙ୍ଗାଧରଙ୍କ କାବ୍ୟର ଭାଷା, ପଦ, ବର୍ଣ୍ଣନାଚାତୁରୀ, ପ୍ରକୃତିକୁ ଆମେ ଭୂରି ଭୂରି ପ୍ରସଂଶା କରୁଥିଲେ ମଧ୍ୟ ମଙ୍ଗଳାଚରଣରେ ମଧ୍ୟ କବି ଚମତ୍କାରିତା ଦେଖାଇ ଅଛନ୍ତି, ଏ ପ୍ରସଙ୍ଗରେ ଆଲୋଚନାଟି ଦୃଷ୍ଟି ଆକର୍ଷଣ କରେ। ତେବେ ପ୍ରତି ସଂଖ୍ୟାର ସାକ୍ଷାତକାର ଏହି ପତ୍ରିକାର ନୂତନତା ତଥା ଦୃଷ୍ଟି ଆକର୍ଷଣ କରି ଆସୁଛି। ଚଳିତ ସମୟର ଗବେଷକ ଏବଂ ଗବେଷିକାମାନଙ୍କ ପାଇଁ ଏକ ନୂଆ ଆଲୋକ।

--- ***ଶୁଭଲକ୍ଷ୍ମୀ ବେହେରା***
*( ଗବେଷିକା, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର)*

ସାହିତ୍ୟର ସ୍ରୋତକୁ କ୍ଷିପ୍ରତର କରିବାରେ ପତ୍ରପତ୍ରିକାର ଭୂମିକା ଯେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ; ପୂର୍ବରୁ ପଢ଼ିଥିଲେ ହେଁ ବାଗୀଶର ଜୁଲାଇ-ଅଗଷ୍ଟ ସଂଖ୍ୟା ପାଠ କରି ମୁଁ ତାହା ହୃଦ୍‌ବୋଧ କରୁଛି। ଏଥିରେ ପ୍ରକାଶିତ ପ୍ରତ୍ୟକଟି ଗବେଷଣାଧର୍ମୀ ପ୍ରବନ୍ଧ ଓ ସମାଲୋଚନା ଅତ୍ୟନ୍ତ ଉଚ୍ଚକୋଟୀର, ସେ 'ଓଡ଼ିଆ ଅସ୍ମିତା' ସମ୍ପର୍କରେ ହେଉ କି 'ଉପନ୍ୟାସରେ ସମକମିତା ପ୍ରସଙ୍ଗ' କିମ୍ବା 'ଆଭାସଗଳ୍ପର ଶିଳ୍ପକଳା' ପ୍ରତ୍ୟେକଟି ପ୍ରବନ୍ଧ ଉପାଦେୟ ତଥ୍ୟରେ ଭରପୁର ହେବାସହ ସୁଖପାଠ୍ୟ । ସର୍ବୋପରି 'ପ୍ରସଙ୍ଗ ନାରୀ' ଶୀର୍ଷକରେ ସ୍ଥାନିତ ଡ. ବିଜୟଲକ୍ଷ୍ମୀ ଦାଶଙ୍କ ପ୍ରବନ୍ଧ

କ୍ରମଶଃ... ପୃଷ୍ଠା ସଂଖ୍ୟା - ୫୯

ନିଜର ସୁଚିନ୍ତିତ ମତାମତ ଆମକୁ ନିମ୍ନ ଠିକଣାରେ ପଠେଇପାରିବେ।

ନିଜର ମତାମତ ଓ ଯୋଗାଯୋଗ ଦେବାପାଇଁ ଇ-ମେଲ ଠିକଣା: (bageesha.magazine@gmail.com)। ବହି ପଠେଇବା ପାଇଁ ଠିକଣା : ବିକେଶ ସାହୁ, ସଂପାଦକ 'ବାଗୀଶ', ବି.କେ ହାଉସ, ଗ୍ରାଉଣ୍ଡ ଫ୍ଲୋର୍, ମହିଳା ମହାବିଦ୍ୟାଳୟ ଲେନ୍, ନୟାଗଡ଼ - ୭୫୨୦୬୯।

# ସଂପାଦକୀୟ

**॥ ଉପଯୁକ୍ତ ପ୍ରୟୋଗ ନ ହେଲେ ଫଳ - ବିପରୀତ ॥**

ସୁଧୀଜନେ! କାଶତଣ୍ଡୀର ମନମତାଣିଆ ନୃତ୍ୟର ତାଳେ ତାଳେ ମହାଆଡ଼ମ୍ବରେ ଶରତ ଫେରିଗଲା। ଯାଉ ଯାଉ ଦେଇଗଲା ବିବିଧ ବର୍ଣ୍ଣର, ରୂପର, ରସର, ବାସର ସଦ୍ୟ ପ୍ରସ୍ଫୁଟିତ ପୁଷ୍ପ ସଦୃଶ୍ୟ ନାନା ଜାତି ପତ୍ରକାର ସମ୍ଭାର। ସେଥିପାଇଁ ମୁଁ କହେ, ଏହା ପତ୍ରିକାର ଋତୁ। ତେବେ ଆସନ୍ତୁ ଏ ପତ୍ରିକା ସମ୍ବନ୍ଧରେ ହିଁ କିଛି କଥା ହେବା।

ଆପଣ ସମସ୍ତେ ଜାଣନ୍ତି, ଏକ ସମୟ ଖଣ୍ଡର ଚିନ୍ତା-ଚେତନା-ଆଚାର-ବିଚାରର ବାହକ ଭାବେ କାର୍ଯ୍ୟକରେ 'ପତ୍ରିକା'। ଆମ ସାହିତ୍ୟର ଆଧୁନିକ ପର୍ବ ଆରମ୍ଭ କାଳରେ ଜାତୀୟ ଜାଗରଣ ଓ ଓଡ଼ିଆ ଭାଷାର ସୁରକ୍ଷା କ୍ଷେତ୍ରରେ ପତ୍ରପତ୍ରିକାର ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା, ତାହା ଅବିସ୍ମରଣୀୟ। ପତ୍ରପତ୍ରିକା ପ୍ରକାଶନର ଏ ଧାରା ଊନବିଂଶ ଶତାବ୍ଦୀରୁ ଆରମ୍ଭ ହୋଇ ଏକ ସାମାଜିକ ଓ ସଂସ୍କୃତିକ କର୍ତ୍ତବ୍ୟ ସମ୍ପାଦନ କରିଆସିଛି। ଏହା ବ୍ୟତୀତ ଓଡ଼ିଆ ଭାଷାର ପ୍ରଚାର, ପ୍ରସାର ଓ ସୁରକ୍ଷା କ୍ଷେତ୍ରରେ ମଧ୍ୟ ଏହାର ଯୋଗଦାନକୁ ଅସ୍ୱୀକାର କରାଯାଇ ନପାରେ। କିନ୍ତୁ କଥା ହେଉଛି, ସେହି ସମୟର ପତ୍ରପତ୍ରିକାର ପ୍ରକାଶନର ଉଦ୍ଦେଶ୍ୟ  ଓ ବର୍ତ୍ତମାନର ପତ୍ରପତ୍ରିକା ମଧ୍ୟରେ ଅନେକ ଭିନ୍ନତା ଲକ୍ଷ୍ୟ କରାଯାଇପାରେ। ଏ ପରିବର୍ତ୍ତନ ଆସିବା ମଧ୍ୟ ସ୍ୱାଭାବିକ କଥା। ମୋର ମନେପଡ଼ିଯାଉଛି ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପଢୁଥିଲା ବେଳେ ମୋର ପ୍ରାତଃସ୍ମରଣୀୟ ପୂଜ୍ୟଗୁରୁ ପ୍ରାଧ୍ୟାପକ ବିଜୟ କୁମାର ବାରିକ ମହୋଦୟଙ୍କ ସାହିତ୍ୟ ପଢ଼ିବା ଓ ବୁଝିବାପାଇଁ ୪'ସ' ସୂତ୍ର କଥା। ସୂତ୍ରଟି ଥିଲା ଏହିପରି: ସମୟ-ସମାଜ-ସ୍ରଷ୍ଟା-ସୃଷ୍ଟି। କାହିଁକି ନା ସମୟ ଅନୁସାରେ ସମାଜ ଓ ସମାଜ ଅନୁସାରେ ହିଁ ସ୍ରଷ୍ଟାର ଭାବଚେତନା ରୂପ ପାଏ। ସ୍ରଷ୍ଟାଟି ଏହା କରିବାକୁ ବାଧ୍ୟ। କାହିଁକି ନା ସ୍ରଷ୍ଟା ନିଜ ସାହିତ୍ୟର ଉପାଦାନ ସମାଜରୁ ହିଁ ସଂଗ୍ରହ କରେ। ସମାଜ ଉପରେ ନିର୍ଭରଶୀଳ ହେବା  ବ୍ୟତୀତ ସ୍ରଷ୍ଟାର ବିକଳ୍ପ କିଛି ନାହିଁ। ତେବେ ଏହି ପରିକ୍ଷେତ୍ରରେ ଯଦି ମୁଁ ପତ୍ରିକା କଥାଟି କହିବି – ଆଜି ପତ୍ରିକାର ଉଦ୍ଦେଶ୍ୟ, ରୂପ, କଳେବର ଆଦିରେ ବିରାଟ ବଡ଼ ପରିବର୍ତ୍ତନ। ଏ ପରିବର୍ତ୍ତନ ସମୟ ଓ ସମାଜର ବାର୍ତ୍ତମାନିକ ସ୍ଥିତି ଓ ଯୁଗରୁଚିର ପରିଚାୟକ। ଏହାକୁ ସ୍ୱାଗତ କରିବା ଆମ କର୍ତ୍ତବ୍ୟ।

କିନ୍ତୁ କଥା ହେଉଛି, ଜଣେ ସାହିତ୍ୟର ଛାତ୍ର ଓ ପତ୍ରିକା ସଂପାଦକ ଭାବେ ଅନେକ କଥା ମୋର ଦୃଷ୍ଟିକୁ ଆସେ। ବର୍ତ୍ତମାନର ସମୟ ଅର୍ଥାତ ଆମେ ଯେଉଁ କାଳରେ ବର୍ତ୍ତମାନ ବଞ୍ଚୁଛେ, ଏହି ଏକବିଂଶ ଶତାବ୍ଦୀ ବହୁ ଦୃଷ୍ଟିରୁ ସ୍ୱତନ୍ତ୍ର। ତେଣୁ ମୋର ଅଲୋଚନାକୁ ଏହି ସମୟ ଖଣ୍ଡ ଉପରେ ହିଁ ପର୍ଯ୍ୟବେଶିତ କରିବା ଉଚିତ ହେବ। ମୁଁ ଆଗରୁ କହିଛି ଏହି ସମୟ ଖଣ୍ଡ ବହୁ ଦୃଷ୍ଟିରୁ ସ୍ୱତନ୍ତ୍ର। ସେହି ସବୁ ମଧ୍ୟରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ଏକ ପ୍ରଭାବଶାଳୀ ଉପାଦାନ। ଅବଶ୍ୟ ଏ ସମ୍ପର୍କରେ ମୁଁ ପରେ ଆଲୋଚନା କରିବି।

ମୁଁ କହିରଖେ, ଏହି ସମୟ ଖଣ୍ଡରେ ଆରମ୍ଭ ହୋଇ ନିଜର ସ୍ୱତନ୍ତ୍ର ସ୍ଥିତି ବଜାୟ ରଖିପାରିଥିବା ପତ୍ରିକା ମଧ୍ୟରେ- 'ସାହିତ୍ୟ', 'ସଚିତ୍ର ବିଜୟା', 'ଉଦଭାସ', 'ଅର୍ପିତା', 'ବନଫୁଲ', 'ସାମ୍ପା', 'ଆଧୁନିକ', 'ପାହାଚ', 'ଅନ୍ୟା', 'ପରାଗ', 'ମୁହାଣ', 'କାଦମ୍ବିନୀ', 'ଆକାଂକ୍ଷା', 'ସାରସ୍ୱତ ସାରାଂଶ', 'କଥାକଳିକା', 'ନନ୍ଦିକା', 'ମହୁରୀ', 'ରେବତୀ', 'ନବନୀତା' ପ୍ରମୁଖ। ଏମାନଙ୍କ ମଧ୍ୟରୁ କିଛି ଆଜି ଧାରାବାହିକତା ରକ୍ଷା କରି ନ ପାରି ବିଲୟ ହୋଇସାରିଲେଣି। ଏ ସବୁ ପତ୍ରିକା ବ୍ୟତୀତ ବହୁ ସଂଖ୍ୟକ ପତ୍ରିକା କେବଳ ପୂଜା ସ୍ୱତନ୍ତ୍ର ସଂଖ୍ୟା ପ୍ରକାଶିତ ହୋଇ ପୁଣି ଉଭେଇ ଯାଇଥାନ୍ତି। ଯାହାର ଉପଯୁକ୍ତ ଆକଳନ କରିବା ସମ୍ଭବ ନୁହେଁ। ଏହି ପରଂପରାଟି ମୋତେ ଲାଗେ କେବଳ ଆମ ସାହିତ୍ୟରେ ହିଁ ଦେଖିବାକୁ ମିଳେ। ଆପଣ ଦେଖିଥିବେ ପାର୍ବଣ ଆସିବ ମାନେ ପତ୍ରିକା ମାନଙ୍କର ଭିଡ଼ଟିଏ ତା ସହ ନେଇକି ସେ ଆସେ। ଏ ପରଂପରା ଅବଶ୍ୟ ମନ୍ଦ ନୁହେଁ। କିନ୍ତୁ ଗବେଷଣା ଦୃଷ୍ଟିରୁ ଏହା ଯେତିକି ଶୁଭ ଫଳ ଦାୟକ ସେତିକି ପ୍ରଭାବ ବିହୀନ ମଧ୍ୟ। କାହିଁକି ନା ଏ ଭିଡ଼ ମଧ୍ୟରେ ପାଠକଟି କେତୋଟି ପତ୍ରିକା ବା କିଣି ପଢ଼ି ପାରିବ। ଏମିତିରେ ଅନେକ ପତ୍ରିକା ତ ଲୋକଙ୍କ ପାଖକୁ ପହଞ୍ଚି ମଧ୍ୟ ପାରେ ନାହିଁ।

ଏହି ପରିପ୍ରେକ୍ଷୀରେ ଆଉ କିଛି ପତ୍ରିକାର ନାମ ଉଲ୍ଲେଖ କରିବି ଯାହା ଧାରାବାହିକ  ଭାବେ ଅଦ୍ୟାବଧି ନିଜର ପ୍ରକାଶନ ଜାରି ରଖିଛନ୍ତି – 'କଥା କଥା କବିତା କବିତା', 'ଗୋକର୍ଣ୍ଣିକା', 'ପ୍ରତିବେଶୀ', 'ଆମରି ଗପ', 'ଇସ୍ତାହାର', 'ସପ୍ତର୍ଷି', 'ପଶ୍ଚିମା', 'ପକ୍ଷୀଘର', 'ବିଶ୍ୱମୁକ୍ତି', 'ଯୁଗଶ୍ରୀ ଯୁଗନାରୀ', 'ଆକାଂକ୍ଷା', 'କାବ୍ୟଲୋକ', 'ସମାରୋହ', 'ତୀରତରଙ୍ଗ' ଆଦି। ଏଠି ମଧ୍ୟରୁ ବି ଅନେକ ଆଜି ବନ୍ଦ ହେବାକୁ ବସିଲେଣି।

ତେବେ ସାଧାରରେ, ଏସବୁ ଦୃଷ୍ଟିରୁ ଓଡ଼ିଆ ପତ୍ରିକାର ସ୍ଥିତି କଥା ଯଦି କୁହାଯାଏ – ଏକବିଂଶ ଶତାବ୍ଦୀରେ ମଧ୍ୟ ଏହା ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ତେବେ ସେସବୁ ମଧ୍ୟରେ ଆପଣ ସମସ୍ତେ ମୋ ସହିତ ଏକମତ ହେବେ ଯେ, ବର୍ତ୍ତମାନ ମଧ୍ୟ ଓଡ଼ିଆ ସାହିତ୍ୟର ଆଲୋଚନା ଓ ଗବେଷଣା ନିମନ୍ତେ ସ୍ୱତନ୍ତ୍ରତା ବଜାୟ ରଖୁଥିବା ପତ୍ରିକାର ଘୋର ଅଭାବ ରହିଛି। 'ଏଷଣା', 'କୋଣାର୍କ', 'ସପ୍ତର୍ଷି', 'ଝଙ୍କାର', 'ଇସ୍ତାହାର', 'ସାହିତ୍ୟ', 'ନବପତ୍ର' ଆଦି ହାତଗଣତି ପତ୍ରିକାକୁ ଛାଡ଼ିଦେଲେ ଓଡ଼ିଆ ସାହିତ୍ୟ ଆଲୋଚନା ଓ ଗବେଷଣାପାଇଁ ପତ୍ରିକା ଅଭାବ। ଉପରେ ଉଲ୍ଲିଖିତ ପତ୍ରିକାମାନଙ୍କ ମଧ୍ୟରେ ଅନେକ ଆଜି ସତ୍ତା ହରାଇ ସାରିଥିବା ବେଳେ ଯାହା ଅଛି ସେସବୁ ନିଜର ସ୍ୱତନ୍ତ୍ରତା ରକ୍ଷା କରିପାରୁ ନାହାଁନ୍ତି। ଏ ପରିପ୍ରେକ୍ଷୀରେ ଗବେଷକମାନଙ୍କ ଦୁର୍ଦ୍ଦଶା କହିଲେ ନ  ସରେ। ସେହିପରି ପାରିବାରିକ ପତ୍ରିକା,

ଶିଶୁ ପତ୍ରିକା ଆଦିର ସଂଖ୍ୟା ମଧ୍ୟ ହାତଗଣତି।

ଏଠାରେ ମୁଁ କହିରଖେ ଯେ, ଭାରତ ସରକାରଙ୍କ (RNI) ତଥ୍ୟ ଅନୁଯାୟୀ ପଞ୍ଜୀକୃତ ଓଡ଼ିଆ ପତ୍ରିକା ସଂଖ୍ୟା ହେଉଛି ଦୁଇ ହଜାରରୁ ଉର୍ଦ୍ଧ୍ୱ। ଏଥି ମଧ୍ୟରୁ ଆନ୍ତର୍ଜାତୀୟ ମାନକ ପଞ୍ଜୀକୃତ ସଂଖ୍ୟା (ISSN) ପ୍ରାପ୍ତ ପତ୍ରିକାଙ୍କ ସଂଖ୍ୟା ମାତ୍ର ୨୫। ଏମିତି ଅନେକ ପତ୍ରିକା ଆଜି ପ୍ରକାଶିତ ହେଉଥିଲେ ହେଁ ତାହାର ତଥ୍ୟ କି ସୂଚନା ଆମ ପାଖରେ ନାହିଁ। ଆହୁରି ଏକ ରୋଚକ କଥା ହେଉଛି, ଏକ ଶାସ୍ତ୍ରୀୟ ଭାଷାର ୟୁ.ଜି.ସି କେୟାର(UGC CARE) ତାଲିକାଭୁକ୍ତ ଗୋଟିଏ ହେଲେ ଗବେଷଣା ପତ୍ରିକା ନାହିଁ। ଯଦିଓ ନିକଟରେ ଝଙ୍କାର ଏହି ତାଲିକାଭୁକ୍ତ ହୋଇପାରିଥିଲା। କିନ୍ତୁ, ୨୦୨୨ରୁ ଏହାକୁ ମଧ୍ୟ ଏଥିରୁ ବାଦ ଦିଆଯାଇଛି। ଯାହା ଦୁର୍ଭାଗ୍ୟର ବିଷୟ। ସୁଯୋଗ ଓ ଯୋଗ୍ୟତା ଥାଇ ମଧ୍ୟ ସମକାଳର କିଛି ପତ୍ରିକା ଏସବୁ କ୍ଷେତ୍ରରେ ପଦକ୍ଷେପ ନ ନେବା ପଛର କାରଣ ଓ ମାନସିକତା ମୋ ପକ୍ଷେ ଏକ ଗହନ ରହସ୍ୟ ପରି ମନେହୁଏ। ତଥାପି ଅପେକ୍ଷା କେବେ ଓଡ଼ିଆ ଭାଷା ଓ ସାହିତ୍ୟ ମୂର୍ଦ୍ଧନ୍ୟ ମହତମାନେ ଏ କ୍ଷେତ୍ରରେ ଦୃଷ୍ଟି ଦେବେ।

ବର୍ତ୍ତମାନ ପତ୍ରିକା ପ୍ରକାଶନ କ୍ଷେତ୍ରରେ ଦେଖାଯାଉଥିବା କିଛି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବି। ଯାହା ବର୍ତ୍ତମାନ ପତ୍ରିକା ପ୍ରକାଶନ କ୍ଷେତ୍ରରେ ଏକ ଏକ ବଡ଼ ପ୍ରତିରୋଧ। ସାଧାରଣତଃ ପତ୍ରିକାଟିଏ ପ୍ରକାଶ କରିବା ବର୍ତ୍ତମାନ ସମୟରେ ବହୁ ଶ୍ରମସାପେକ୍ଷ। ତା'ଠୁ ପୁଣି ବଡ଼ କଥା ହେଉଛି ଏହାର ଧାରାବାହିକତା ବଜାୟ ରଖିବା। ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବହୁଳ ପ୍ରସାର ଆମକୁ ଏ ସବୁରୁ ମୁହଁ ଫେରାଇ ନେବାକୁ ଏକ ପ୍ରକାର ବାଧ୍ୟ କରୁଛି। ବିବିଧ ସୌଖିନ ସାମାଜିକ ଗଣମାଧ୍ୟମ ଲୋକମାନଙ୍କୁ ମୋହଗ୍ରସ୍ତ ଓ ପଙ୍ଗୁ କରିଚାଲିଛନ୍ତି। ଏମିତିରେ ଜଣେ ପତ୍ରିକାଟିଏ କରିବ ବା କାହିଁକି? ଦ୍ୱିତୀୟ ବଡ଼ ସମସ୍ୟା ହେଉଛି ପତ୍ରିକା ପ୍ରକାଶନ ଏକ କ୍ରମାଗତ ଅର୍ଥାତ ଧାରାବାହିକ ପ୍ରକ୍ରିୟା। ପତ୍ରିକାଟିଏ ଲେଖା ସଂଗ୍ରହରୁ ଆରମ୍ଭ ହୋଇ ଶେଷ ହୁଏ ପତ୍ରିକା ବିତରଣରେ। ଏହାର ସମସ୍ତ କାର୍ଯ୍ୟ ସମ୍ପାଦନ ପାଇଁ ଜଣେ ବ୍ୟକ୍ତି ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହୁଏ। ପତ୍ରିକା ପାଇଁ ଉପଯୁକ୍ତ ଲେଖା ସଂଗ୍ରହ, ସେସବୁ ଚୟନ ପୁଣି ସଂଶୋଧନ, ସଜ୍ଜିକରଣ, ସ୍ୱଚ୍ଛୀକରଣ ପୁଣି ପ୍ରକାଶନ। ଏସବୁ କଥା ଅତି ସହଜ ଲାଗୁଥିଲେ ହେଁ ଏକ ଦୀର୍ଘ ଓ ସମୟ ସାପେକ୍ଷ ପ୍ରକ୍ରିୟା। ପୁଣି ପ୍ରକାଶନ ପରେ ଏହାର ବିକ୍ରୟ ଆଦି ଏକ ପ୍ରମୁଖ ସମସ୍ୟା। ଏହିସବୁ ପରେ ଜଣେ ପ୍ରକାଶକ ପାଏ କ'ଣ? ତଥାପି ତହିଁରେ ଲେଖକ ଚାହିଁ ବସିଥିବେ ବିନା ମୂଲ୍ୟରେ ଖଣ୍ଡେ ଲେଖାକୀୟ କପି ପାଇବା ଆଶାରେ। ବାସ୍ତବରେ ଏହି ସବୁ କଥା ଭାବିଲା ବେଳକୁ ମୋ ମନରେ ଦୁଃଖ ଆସେ ସେହି ସବୁ ପ୍ରକାଶକ ଓ ସଂପାଦକଙ୍କ ପ୍ରତି। ଏସବୁ ବିଷୟ ଆଜି ଆମ ସଭ୍ୟ ସମାଜର ମଣିଷମାନେ ଚିନ୍ତା କରିପାରୁନାହାନ୍ତି। ଯାହା ଉପରେ ଚିନ୍ତା କରିବାକୁ ସମୟ ଆସିଛି। ନଚେତ୍ ପତ୍ରିକା ପ୍ରକାଶର ପରମ୍ପରା ହୁଏତ ଆଗାମୀ କିଛି ବର୍ଷପରେ ଆଉ ଆମ ଗହଣରେ ନଥିବ।

ଏଥି ଆଉଗୋଟେ କଥା ମୁଁ କହିରଖେ, ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ମୁଦ୍ରିତ ପତ୍ରିକା ପ୍ରକାଶନ କ୍ଷେତ୍ରରେ ଯେତିକି ପ୍ରଭାବ ପକାଇଛି, ସେତିକି ଏକ ସହଜ ମାଧ୍ୟମ ମଧ୍ୟ ସୃଷ୍ଟି କରିଛି। ଯାହାକୁ ଆମେ ଇ-ପତ୍ରିକା ବା ଡିଜିଟାଲ ପତ୍ରିକା ବୋଲି କହି ପାରିବା। ୱେବ ସାଇଟ ଓ ସାମାଜିକ ଗଣମାଧ୍ୟମର ସାହାଯ୍ୟରେ ଅତି ସହଜରେ ଓ ଆକର୍ଷଣୀୟ ଭାବେ ଏପ୍ରକାର ପତ୍ରିକାର ପ୍ରକାଶନ ଓ ବିତରଣ କରାଯାଇ ପାରୁଛି। ମୁଁ କହିରଖେ ହୁଏତ ଏହା ହିଁ ଆମ ଭବିଷ୍ୟତ। ଆଜି ଅନେକ ପତ୍ରିକା ଓ ଖବର କାଗଜର ଡିଜିଟାଲ ସଂସ୍କରଣ ଉପଲବ୍ଧ ହେବା ଆରମ୍ଭ ହେଲାଣି। ସେମିତି ଓଡ଼ିଆରେ ମଧ୍ୟ – କାଦମ୍ବିନୀ, କଥା, ପୌରୁଷ, ଶୁଭ ପଲ୍ଲବ, ଆହ୍ୱାନ, ବେଦାନ୍ତୀ, ଗେଟୱେ ଅଫ ଓଡ଼ିଶା, କେଦାର ଭାରତୀ, ଅ ପତ୍ରିକା, ପ୍ରାଚୀ, ବାଗୀଶ ଆଦି। ବିଶେଷ କରି ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଏହା ଅତିସହଜ ମାଧ୍ୟମ ବିବେଚିତ ହେଉଛି। ଏହାକୁ ମଧ୍ୟ ସ୍ୱାଗତ କରିବା ଆମ କର୍ତ୍ତବ୍ୟ। ମୁଁ ଆଗରୁ କହିଛି ସମୟ ଓ ସମାଜର ବର୍ତ୍ତମାନିକ ସ୍ଥିତି ଓ ଯୁଗରୁଚି ଯାହାକୁ ଆଣି ଆମ ଆଗରେ ଠିଆ କରେଇବ ତାକୁ ଶ୍ରଦ୍ଧାର ସହ ଆଦରିନେବା ଆମ ସମସ୍ତଙ୍କ କର୍ତ୍ତବ୍ୟ ହେବା ଉଚିତ। ସମସ୍ତଙ୍କ ସହଯୋଗ ଓ ଦିଗଦର୍ଶନ ହିଁ ଏକ ସାମୁହିକ କାମପାଇଁ ସର୍ବଦା ମୁଖ୍ୟ ଉପାଦାନ। ମୋର ବିଶ୍ୱାସ ଏଥିରେ କେହି କାର୍ପଣ୍ୟ କରିବେ ନାହିଁ।


ଶେଷ କଥାରେ ଏତିକି କହିବି, ପତ୍ରିକା ପ୍ରକାଶନ ଏକ ଶିଳ୍ପ ନୁହେଁ। ଏହା ଏକ ଦାୟିତ୍ୱ। ତେଣୁ ଏଥିପ୍ରତି ସମ୍ପାଦକ ଓ ପାଠକ ଉଭୟଙ୍କୁ ଦରଦୀ ହେବା ନିତାନ୍ତ ଆବଶ୍ୟକ। ସାହିତ୍ୟର ସୁରକ୍ଷାପାଇଁ ଦିନେ ଯେଉଁ ଅଗ୍ନିବୀଜ ସମାଜରେ ସଂଚାରିଥିଲା ତାହା କେବଳ ଏହି ପତ୍ରିକା ମାଧ୍ୟମ ଦେଇ। ତେଣୁ ପତ୍ରିକା ସବୁକାଳକୁ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର, ଏହାର ଉପଯୁକ୍ତ ପ୍ରୟୋଗ ନ ହେଲେ ଫଳ - ବିପରୀତ ।

ସୁଧୀଜନେ! ବିବିଧ ସମସ୍ୟା ହେତୁ ଚଳିତ ସଂଖ୍ୟା ପ୍ରକାଶନରେ ବିଳମ୍ବ ହୋଇଛି। ସେହି ହେତୁ କ୍ଷମା ଯାଚନା କରୁଛି। ମୋର ବିଶ୍ୱାସ ଆପଣମାନେ ଆମକୁ କ୍ଷମା ଦେବେ। ଶେଷରେ ଆମର ଅନୁରୋଧ ରକ୍ଷା କରି ବରେଣ୍ୟ ସାରସ୍ୱତସାଧିକା ତଥା ସମାଲୋଚିକା ପ୍ରଫେସର ଗିରିବାଲା ମହାନ୍ତି ମହୋଦୟା 'ବାଗୀଶ ବରେଣ୍ୟ'ର ସାକ୍ଷାତକାର ନିମନ୍ତେ ସଦୟ ଅନୁମତି ଦେଇ କୃତାର୍ଥ କରିଥିବାରୁ ତାଙ୍କୁ ବିଶେଷ କୃତଜ୍ଞତା ଜଣାଉଛି। ଏହି ସଂଖ୍ୟାକୁ ସମୃଦ୍ଧ କରିଥିବା ସମସ୍ତ ବରେଣ୍ୟଙ୍କୁ ଅଭିନନ୍ଦନ ଜଣାଇ ଶୁଭେଚ୍ଛାର ସହ 'ବାଗୀଶ'ର ଦ୍ୱିତୀୟ ବର୍ଷ ପଞ୍ଚମ ସଂଖ୍ୟା ଆପଣମାନଙ୍କ ହାତରେ ନିବେଦନ କଲି।

ସଂପାଦକ

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର - ଅକ୍ଟୋବର ୨୦୨୪
Volume No. 02 | Issue No. 05 | Sep - Oct 2024
Refereed Peer-Reviewed Journal

# ଏଇ ସଂଖ୍ୟାରେ




ପ୍ରଚ୍ଛଦ : ବିକେଶ ସାହୁ

[ପ୍ରଚ୍ଛଦରେ ସ୍ଥାନିତ ହୋଇଛନ୍ତି ମହିଷାମର୍ଦ୍ଦିନୀ ଦଶଭୁଜାଙ୍କ ମୂର୍ତ୍ତି। ଏହି ମୂର୍ତ୍ତି ଉତ୍ତର ଭାରତରୁ ପ୍ରାପ୍ତ। ପ୍ରତ୍ନତାତ୍ତ୍ୱିକ ଗବେଷଣାରୁ ଜଣାପଡ଼ିଛି ଯେ, ଏହା ପାଳମାନଙ୍କ ସମୟର ଅର୍ଥାତ୍ ଦଶମ-ଏକାଦଶ ଶତାବ୍ଦୀରେ ଖୋଦିତ ହୋଇଅଛି। ଯାହା ଭାରତର ପ୍ରାଚୀନ ଶାକ୍ତ ପରମ୍ପରା ଓ ମୂର୍ତ୍ତି ନିର୍ମାଣ କଳାର ପରିଚାୟକ।]




**ପ୍ରବନ୍ଧ ଓ ଆଲୋଚନା**

୦୯ ॥ **ସାରଳା ମହାଭାରତରେ ଲୋକବିଦ୍ୟା : ଏକ ଅନୁଶୀଳନ**
:: ଡ. ସଂଘମିତ୍ରା ମହାପାତ୍ର, ଡ. ଶର୍ମିଷ୍ଠା ମହାପାତ୍ର

୧୯ ॥ **ଲୁଇପାଙ୍କ ଚର୍ଯ୍ୟାଗୀତୀୟ ପ୍ରାକୃତ : ପ୍ରାଚୀନ ଓଡ଼ିଆ ଭାଷା**
:: ଲେଫ୍ଟନାଣ୍ଟ୍ ଡ. କଳ୍ପତରୁ ନାୟକ

୨୫ ॥ **ଓଡ଼ିଆ ନାଟକରେ ରୂପାନ୍ତର ଶୈଳୀର ପ୍ରୟୋଗ**
:: ଡ. ମମତା ସାହୁ

୩୨ ॥ **୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷାଶିଳ୍ପ**
:: ଡ. ଖଗେଶ୍ୱର ମେହେର

୩୯ ॥ **ପଶ୍ଚିମ ଓଡ଼ିଶାର 'ଦଳ' ଜନଜାତିଙ୍କ ମୃତ ସଂସ୍କାର କର୍ମ: ଏକ ଅଧ୍ୟୟନ**
:: ମହାଦେବ ଭୋଇ, ଡ. ନିବେଦିତା ମହାନ୍ତି

**ସମାଲୋଚନା : ନୂଆ ଫର୍ଦ୍ଦ**

୪୩॥ **ଊନବିଂଶ ଶତାବ୍ଦୀର ଧର୍ମୀୟ ଆନ୍ଦୋଳନ ଓ ଓଡ଼ିଶାର ସାମାଜିକ- ସାଂସ୍କୃତିକ ପରିପ୍ରେକ୍ଷ୍ୟ: ମହିମାଧର୍ମ**
:: ଡ. ସତ୍ୟପ୍ରିୟ ମହାଲିକ

**ସମାଲୋଚନା : ନୂଆ ଫର୍ଦ୍ଦ**

୪୭॥ **ହାଇପୋଥେସିସ୍/ଅନୁମାନତତ୍ତ୍ୱ (ନମୁନା: ରେବତୀ)**
:: ଡ. ରବୀନ୍ଦ୍ର କୁମାର ଦାସ

**ସମାଲୋଚନା : ପ୍ରସଙ୍ଗ ନାରୀ**

୫୪ ॥ **ଆଶା ଓ ଆଶ୍ୱାସନାର ସ୍ୱୀକାରୋକ୍ତି: 'କହେ ଗିରିବାଳା'**
:: ଡ. ବିଜୟଲକ୍ଷ୍ମୀ ଦାଶ

**ବାଗୀଶ ବରେଣ୍ୟ**

୫୮ ॥ **ପ୍ରଫେସର ଗିରିବାଳା ମହାନ୍ତିଙ୍କ** ସହ ସ୍ୱତନ୍ତ୍ର ସାକ୍ଷାତ୍କାର

**ବହିକଥା**

୬୨ ॥ ଡ. ଦେବାଶିଷ ପାତ୍ରଙ୍କ 'ଓଡ଼ିଶାର ଜନଜାତି: ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ'

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର - ଅକ୍ଟୋବର ୨୦୨୪
Volume No. 02 | Issue No. 05 | Sep - Oct 2024
Refereed Peer-Reviewed Journal
BM2024/05-A001
OPEN ACCESS
https://bageesha.in

# ସାରଳା ମହାଭାରତରେ ଲୋକବିଦ୍ୟା : ଏକ ଅନୁଶୀଳନ

■ ଡ. ସଂଘମିତ୍ରା ମହାପାତ୍ର[୧], ଡ. ଶର୍ମିଷ୍ଠା ମହାପାତ୍ର[୨]
ଅଧ୍ୟାପିକା, ଓଡ଼ିଆଭାଷା ଓ ସାହିତ୍ୟ ବିଭାଗ,
ଶ୍ରୀ ଜୟଦେବ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ, ଭୁବନେଶ୍ୱର[୧]
ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ[୨]

Article Received : 14.07.2024 | Accepted : 25.10.2024 | Published : 25.11.2024

**ସାରାଂଶ**

ABSTRACT

'ଲୋକବିଦ୍ୟା' ହେଉଛି ମାନବ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ମହାଭାରତ ଅଧ୍ୟୟନ, ଆଲୋଚନା, ଗବେଷଣା ଏବଂ ସମୀକ୍ଷାକାଳରେ ପାଠକ ଓ ସମୀକ୍ଷକ ଏହା ମାଧ୍ୟମରେ ଆପଣାକୁ ତଥା ଆପଣାର ପରିବେଶକୁ, ସାମାଜିକ ରୀତିନୀତିକୁ ଖୋଜିପାଏ। ମାନବ ଜୀବନର ଚିତ୍ର, ସକଳ କ୍ରିୟାକର୍ମ ଏବଂ ବିଶ୍ୱାସ ଓ ସମାଜର ଆଦର୍ଶର ପ୍ରତୀକ ରୂପେ ମହାଭାରତର ସ୍ଥାନ ସ୍ୱତନ୍ତ୍ର। ସଂସ୍କୃତି ଓ ପରମ୍ପରାର ମୂକସାକ୍ଷୀ ହେଉଛି ମହାଭାରତ। ଲୋକମାନଙ୍କର ଆଚରଣକୁ ଅର୍ଥାତ୍ ଆଚାର ବିଚାରକୁ ଲୋକାଚାର ବୋଲି କୁହାଯାଇଥାଏ। ଏହାଦ୍ୱାରା ପାରିବାରିକ ତଥା ସାମାଜିକ ଜୀବନ ଶୃଙ୍ଖଳିତ ଓ ସରସ ସୁନ୍ଦର ହୋଇଥାଏ। ଏହା ମଣିଷର ବିଶ୍ୱାସବୋଧ ଉପରେ ପ୍ରତିଷ୍ଠିତ। ଲୋକାଚାରରୁ ସାଂସ୍କୃତିକ ମୂଲ୍ୟବୋଧ ଜଣାପଡ଼େ। ଏହି ପରମ୍ପରା ପୌରାଣିକ ବିଶ୍ୱାସ, ଲୌକିକ ବିଧି ଓ ସାମାଜିକତାର ଆଧାରରେ ଗଢ଼ି ଉଠିଥାଏ। ସଂସ୍କାର ଜନିତ ସକଳ ପ୍ରକାର କ୍ରିୟାନୁଷ୍ଠାନ ମାନବ ସମାଜର ମଙ୍ଗଳ ସାଧନ କରେ, ଏହା ମହାଭାରତ ମାଧ୍ୟମରେ ପ୍ରମାଣିତ। ପ୍ରଥା-ପରମ୍ପରାର କଷଟିରେ ଲୋକାଚାର ମାର୍ଜିତ ଓ ଶୃଙ୍ଖଳିତ ହୋଇଥାଏ। ମଣିଷକୁ ସୁଶୃଙ୍ଖଳିତ, ସୁମାର୍ଜିତ ଓ ସୁନୀତିସଂପନ୍ନ ତଥା ସୁସଂଯତ କରିବା ଲାଗି ସାମାଜିକ ସଂସ୍କାରର ଆବଶ୍ୟକତା ରହିଛି। ମହାଭାରତ ଏକାଧାରରେ ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଓ ନୈତିକ ପରମ୍ପରାର ଏକ ଅନନ୍ୟ ସଫଳ କାଳଜୟୀ ସୃଷ୍ଟି। ଏଥିରେ ସମାଜର ସକଳପ୍ରକାର ପ୍ରୟୋଜନୀୟ ବିଷୟର ସମାହାର ରହିଛି। ଉକ୍ତ ଗବେଷଣା ପତ୍ରରେ ଏହିସବୁ ଦିଗରେ ବିଶେଷ ଆଲୋଚନା କରାଯାଇଛି।

ମୂଳଶବ୍ଦ: ଲୋକବିଦ୍ୟା, ଲୋକାଚାର, ଲୋକ ସାହିତ୍ୟ, ସନ୍ତାନ ଜନ୍ମବିଧି, ବିବାହ, ମୃତକ୍ରିୟା, ସାରଳା, ମହାଭାରତ

BM2024/05-A001

ଲୋକବିଦ୍ୟା ହେଉଛି ପରମ୍ପରାଗତ ଲୋକବିଜ୍ଞାନ। ଏହା ଜନବିଶ୍ୱାସ, ଆଚାର, ବ୍ୟବହାର, ରୀତିନୀତି, କ୍ରୀଡ଼ା, ନୃତ୍ୟ, ଗୀତ, ଓଷାବ୍ରତକୁ କେନ୍ଦ୍ରକରି ପ୍ରତିଷ୍ଠା ଲାଭ କରିଥାଏ। ସମଗ୍ର ଜୀବଜଗତ ମଧ୍ୟରେ ମାନବ ହେଉଛି ଶ୍ରେଷ୍ଠ ସାମାଜିକ ପ୍ରାଣୀ। ସମାଜର ଶୃଙ୍ଖଳା, ଉନ୍ନତି ଓ ସର୍ବୋପରି ସମାଜ ପ୍ରତି କର୍ତ୍ତବ୍ୟ ସଂପାଦନ କରିବା ମଣିଷ୍ୟର ପରମ ଧର୍ମ। ଏଠାରେ ବସବାସ କରୁଥିବା ମଣିଷ ଯେକୌଣସି ବର୍ଗର, ଜାତିର, ଧର୍ମର ହେଉନା କାହିଁକି, ପ୍ରତ୍ୟେକଙ୍କ ପାଇଁ ନୀତିନିୟମ ହେଉଛି ଏକ ଓ ଅଭିନ୍ନ। ନୀତିନିୟମକୁ ସମ୍ମାନର ସହ ପାଳନ କରିବା ଆଦର୍ଶ ମାନବର ଦାୟିତ୍ୱ। ଜନ୍ମକାଳୀନ ଲୋକରୀତି, ବିବାହ ଉତ୍ସବର ମାଙ୍ଗଳିକ ବିଧି ଓ ପରଲୋକଗମନରେ କ୍ରିୟାକର୍ମ ପାଳନ ଆଦି ହେଉଛି ପ୍ରମୁଖ ଲୋକାଚାର। ଏହି ତିନିଗୋଟି କାର୍ଯ୍ୟରୁ ପ୍ରଥମ ଦୁଇଟିକୁ ଶୁଭକର୍ମ ଓ ଶେଷଟିକୁ ଅଶୁଭ କର୍ମ ହିସାବରେ ଗଣନା କରାଯାଏ। ସମସ୍ତ ଲୋକାଚାର ଆୟୋଜନ କଲାବେଳେ ଭଗବାନଙ୍କୁ ଆରାଧନା କରାଯାଏ। ବ୍ରାହ୍ମଣ ଭୋଜନ ସହ ଦାନ ଦେବାର ପରମ୍ପରା ରହିଛି। ବନ୍ଧୁବାନ୍ଧବଙ୍କ ଉପସ୍ଥିତି ଉତ୍ସବକୁ ଯଥେଷ୍ଟ ସଫଳ କରେ। ନବଜାତକର ଆୟୁଷ ବୃଦ୍ଧିପାଇଁ ଆଶିର୍ବାଦ, ବିବାହରେ ଦମ୍ପତିଙ୍କ ସୁଖ ବୈବାହିକ ଜୀବନ କାମନା ଓ ମୃତ୍ୟୁରେ ଅମର ଆତ୍ମାର ସ୍ୱର୍ଗପ୍ରାପ୍ତି ନିମନ୍ତେ ପ୍ରାର୍ଥନା କରି ଭୋଜନ, ଦାନ, ଧର୍ମ ଆଦି ହେଉଛି ଜନ ସମୁଦାୟଙ୍କର ଏକ ନୈତିକ ବିଶ୍ୱାସ। ମହାଭାରତ ଆଧାରରେ ଉତ୍କଳୀୟ ସମାଜରେ ପ୍ରଚଳିତ ଥିବା କେତୋଟି ମୁଖ୍ୟ ଲୋକାଚାର ସମ୍ବନ୍ଧରେ ଏଠାରେ କୁହାଯାଇଛି।

**(କ) ସନ୍ତାନ ଜନ୍ମବିଧି:** ମଣିଷକୁ ଶୃଙ୍ଖଳିତ, ସୁମାର୍ଜିତ ଓ ସୁନୀତି ସଂପନ୍ନ ତଥା ସୁସଂଯତ କରାଇବା ପାଇଁ ସାମାଜିକ ସଂସ୍କାରର ଯଥେଷ୍ଟ ଆବଶ୍ୟକତା ରହିଛି। ଏଣୁ ଏହାକୁ ମାନବ ସମାଜରେ ଏକ ଗୁରୁତ୍ୱପୂର୍ଣ୍ଣ କ୍ରିୟାନୁଷ୍ଠାନ ଭାବରେ ଅଭିହିତ କରାଯାଇପାରେ। ସାମାଜିକ ସଂସ୍କାର ମାନବ ମନ ଓ ଦେହରେ ଶୁଚିନିଷ୍ଠ ପବିତ୍ରତା ସୃଷ୍ଟି କରାଇବାରେ ସହାୟକ ହୋଇଥାଏ। ସାରଳା ମହାଭାରତ ସାମାଜିକ ରୀତିନୀତି ଓ ଲୋକବିଶ୍ୱାସର ଭଣ୍ଡାର। ପରମ୍ପରା ବିଶ୍ୱାସୀ କବି ସାରଳା ଦାସ ଏ ଦେଶରେ ପ୍ରଚଳିତ ହୋଇଆସିଥିବା ବିଭିନ୍ନ ସ୍ମୃତିଶାସ୍ତ୍ର ଓ କର୍ମକାଣ୍ଡର ଅନୁସରଣରେ ସଂସ୍କାରଗତ ଆଦର୍ଶକୁ ବୟାନ କରିଥିବା ଲକ୍ଷ୍ୟ କରାଯାଏ। ଏ ଦୃଷ୍ଟିରୁ ସାରଳା ମହାଭାରତ ଗ୍ରନ୍ଥ ଉତ୍କଳୀୟ ସାମାଜିକ ରୀତିନୀତିର ଏକ ବିରାଟ ଇତିହାସ।[୧]

ନବଜାତ ଶିଶୁର ନାଭିଚ୍ଛେଦନଠାରୁ ଆରମ୍ଭ କରି ଜାତକର୍ମ, ନାମକରଣ, ଅନ୍ନପ୍ରାଶନ, କର୍ଣ୍ଣବୋଧ ପ୍ରଭୃତି ବିଭିନ୍ନ କ୍ରିୟାପଦ୍ଧତିରେ ଶାସ୍ତ୍ରୋକ୍ତ ନିୟାମାବଳୀ ଯୁଗଯୁଗଧରି ଅନୁସୃତ ହୋଇ ଆସୁଅଛି। ସଂସ୍କାର ସଚେତନ କବି ସାରଳା ଦାସ ତଦୀୟ ମହାଭାରତରେ ଏହି ନିୟମାନୁଷ୍ଠାନଗୁଡ଼ିକର ମନୋଜ୍ଞ ଚିତ୍ର ଅଂକନ କରିଛନ୍ତି। ଚିତ୍ରାଙ୍ଗଦା ଗର୍ଭରୁ ବଭ୍ରୁବାହନଙ୍କ ଜନ୍ମ କାଳରେ ସାରଳା ଦାସ ନାଭି ଛେଦନ, ଅନ୍ତୁଡ଼ି ଲଗାଇ ସେକିବା, ଗେଣ୍ଡୁଆ ଖୁଆଇବା, ପଞ୍ଚୁଆତି, ଷଷ୍ଠୀ, ସପ୍ତମବାର ବିଧି ପାଳନ କରିବା ଇତ୍ୟାଦି ଉଲ୍ଲେଖ କରିଛନ୍ତି। ସାରଳା ଦାସଙ୍କ ବର୍ଣ୍ଣନାରେ– "କୁମ୍ଭମାସେ ନାରୀଯେ ହୋଇଲା ଗର୍ଭବାସ/ ବିଛା ପ୍ରବେଶେଣ ହୋଇଲା ଦଶମାସ।/ ମାର୍ଗଶିର ଶୁକଳ ପୂର୍ଣ୍ଣମୀ ଗୁରୁବାର/ ରୋହିଣୀ ନାମେ ନକ୍ଷତ୍ର ଅଟଇ ସେଦିନର।/ ବୃକ୍ଷ ଚନ୍ଦ୍ର ସାଧ ଯୋଗ କରଣ ଯେ ବବ/ ସେଦିନ ଲମ୍ବିତା ବାଳୀ ହୋଇଲା ପ୍ରସବ।/ ପାଶେ ଖଟିଛନ୍ତି ଶତେକ ବିଳାସୁଣୀ/ ପୁତ୍ରେକ ଜାତ କଲା ଦୁତୀ ଚକ୍ରପାଣି।/ ମକରଧ୍ୱଜ ପ୍ରାୟେ ଦିଶଇ ବାଳୁତ/ ନାଭିଚ୍ଛେଦି ସ୍ନାନ କରାଇଲେକ ତୁରିତ।/ ଅନ୍ତୁଡ଼ି ଲଗାଇ ଯେ ସେକନ୍ତି ସ୍ତିରୀଗଣ/ ଧାଈମାନେ ଖିର ଦିଅନ୍ତି ଯେ ତାହାର ମୁଖେଣ।/ ଯେମନ୍ତେଣ ତାହାକୁ ସମସ୍ତେ ଖଟିଲେ/ ଶାସ୍ତ୍ରବିଧିମତେ ଯେ ଗେଣ୍ଡୁଆ ଖୁଆଇଲେ।/ କହନ୍ତି ଅଗସ୍ତି ଆହେ ଶୁଣ ମହୀଧର/ ପଞ୍ଚୁଆତି ଷଷ୍ଠୀ ଆଉ ସପତମ ବାର।"[୨]

ପ୍ରସୂତି ଗୃହର ଅଶୌଚ ନିରାକରଣ ନିମିତ୍ତ ଶାସ୍ତ୍ରାନୁସାରେ ଦଶରାତ୍ର ପର୍ଯ୍ୟନ୍ତ ଯେଉଁ ସବୁ କର୍ମ କରାଯାଏ, ତାହା ପଞ୍ଚୁଆତି, ଆଠୁଆରୀ, ଷଠୀଘର ଇତ୍ୟାଦି ନାମରେ ନାମିତ କରାଯାଇଛି।

'ନାମ' ହେଉଛି ସାମାଜିକ ସଂପର୍କ ପ୍ରତିଷ୍ଠାର ମୂଳ ସେତୁ। ପିତାମାତାଙ୍କର ସ୍ୱଭାବ, ନବଜାତକର ସ୍ୱରୂପ, ଗ୍ରହଚଳଣ, ରାଶିଲଗ୍ନ ଆଧାରରେ ଏହି ପ୍ରକ୍ରିୟା ସାଧାରଣତଃ ସଂପାଦିତ ହୁଏ। ଯୋଗ୍ୟତା ବିଚାରରେ ଏହା ହିଁ ପ୍ରାଥମିକ ମାଧ୍ୟମ ଏବଂ ଯଶୋର୍ଜନର ଅନ୍ୟତମ କାରଣ ଦୃଷ୍ଟିରୁ ସାମାଜିକ ଓ ପାରିବାରିକ କ୍ଷେତ୍ରରେ ନାମକରଣ ଉତ୍ସବ ଅତ୍ୟନ୍ତ ପ୍ରଂଶସନୀୟ ଅଟେ ବୋଲି ବିହାରୀ 'କର୍ମକାଣ୍ଡ'ରେ ବର୍ଣ୍ଣନା କରାଯାଇଛି। ମନୁସଂହିତାରେ ବ୍ରାହ୍ମଣର ନାମ ମଙ୍ଗଳବାଚକ, କ୍ଷତ୍ରିୟର ନାମ ବଳବାଚକ, ବୈଶ୍ୟର ନାମ ଧନବାଚକ ଓ ଶୂଦ୍ରର ନାମ ନିନ୍ଦାବାଚକ ନାମ ହେବା କଥା ଉଲ୍ଲେଖ ରହିଛି। ସାରଳାକାଳୀନ ଉତ୍କଳୀୟ ସମାଜରେ ଉନ୍ନତ ଶିଶୁମାନଙ୍କର ଲକ୍ଷଣ ଦେଖି ସମ୍ଭବତଃ ନାମକରଣ କରାଯାଇଥିବା ଅନୁମିତ ହୁଏ। ଏହି ପ୍ରସଙ୍ଗରେ ଯୁଧିଷ୍ଠିର, ଭୀମ, ଅର୍ଜ୍ଜୁନ, ନକୁଳ, ସହଦେବ, ଦୁର୍ଯ୍ୟୋଧନ, ଦୁଃଶାସନ ପ୍ରଭୃତିଙ୍କ ନାମକରଣର ତାତ୍ପର୍ଯ୍ୟକୁ ବିଚାରାଲୋଚନା କରାଯାଇପାରେ।

ଯୁଧିଷ୍ଠିରଙ୍କ ଜନ୍ମ ସମୟରେ ଶରୀର ଶୁକ୍ଳାମ୍ବର ଓ ତାଙ୍କ ଶରୀରରୁ ସୂର୍ଯ୍ୟଙ୍କର ତେଜ ନିର୍ଗତ ହୋଇଥିବା ସାରଳାଦାସ ଉଲ୍ଲେଖ କରିଛନ୍ତି। ଯୁଧିଷ୍ଠିରଙ୍କର ସୁନ୍ଦର, ନିର୍ମଳ, ନିଷ୍କଳଙ୍କ ଶରୀର ଶୁଦ୍ଧ ସ୍ଫଟିକର ଆଭା ବିକିରଣ କରୁଥିଲା। ତାଙ୍କର ବେନି ବାହୁ କନକ ମୃଣାଳ ପରି ପ୍ରତୀୟମାନ ହେଉଥିବା ବେଳେ ସଂପୂର୍ଣ୍ଣ ଚନ୍ଦ୍ରବଦନର ମୁଖଟି କମଳର ଭ୍ରମ ସୃଷ୍ଟି କରୁଥିଲା। ତାଙ୍କର ବେନି ଜାନୁରେ ସିଂହର ବିକ୍ରମ ଶୋଭା ପରିପ୍ରକାଶ ହେଉଥିଲା। ପୁଣି ବେନିପାଦ ରକ୍ତ କୁମୁଦର ଭ୍ରମ ସୃଷ୍ଟି କରୁଥିଲା। କୁନ୍ତୀଦେବୀ ଯେତେବେଳେ ତାଙ୍କର ଶିଶୁପୁତ୍ରଙ୍କୁ କୋଳରେ ଧରି ବସିଥିଲେ ସେତେବେଳେ ଯୁଧିଷ୍ଠିର ଧର୍ମଙ୍କୁ ସ୍ମରଣ କରି ଡାକ ଦେବାରୁ ବିଜୟ ପର୍ବତରେ ପଣ୍ଡୁ ରାଜା ତାହା ଶବଣ କରି କୁନ୍ତୀଙ୍କ ନିକଟକୁ ଚାଲି ଆସିଥିଲେ। ଶିଶୁପୁତ୍ର ଯୁଧିଷ୍ଠିରଙ୍କଠାରେ ବିଭିନ୍ନ ଲକ୍ଷଣ ଦେଖି ସଂସାର ଲୋକମାନଙ୍କର ହିତ ଉଦ୍ଦେଶ୍ୟରେ କରରେ ଅର୍ଘ୍ୟ ଧାରଣ ପୂର୍ବକ କୋଇନ୍ତା ପୁତ୍ରର ନାମ ଯୁଝେଷ୍ଠି ଦେଇଥିଲେ। ଏହି ଜନ୍ମ ଲଗ୍ନରେ ଗ୍ରହନକ୍ଷତ୍ର ବିଚାର କଥା କବି ଉଲ୍ଲେଖକରି ଜ୍ୟୋତିର୍ବିଜ୍ଞାନର ପରିଚୟ ପ୍ରଦାନ କରିଛନ୍ତି।

ଶିଶୁମାନଙ୍କୁ ବିଭିନ୍ନ ଅଳଙ୍କାର ଓ ବସ୍ତ୍ରରେ ସଜ୍ଜିତ କରାଇ ବନ୍ଦାପନା ଉତ୍ସବର ଆୟୋଜନ କରାଯାଉଥିବା କଥା ମଧ ମହାଭାରତରେ ଉଲ୍ଲେଖ ଅଛି । ଶିଶୁମାନଙ୍କୁ ସୁବାସିତ ଜଳରେ ଗାଧୋଇବା ଏବଂ ମହୁ, ଘିଅ, କ୍ଷୀର ଦ୍ରବ୍ୟମାନ ଶିଶୁର ଶରୀରରେ ଲେପନ କରାଯାଉଥିଲା। କବିଙ୍କ ଭାଷାରେ— "ତପତ ଜଳ ଘେନି ସୁବାସିତ ପାଣି/ ପୁତ୍ର ଅଙ୍ଗ ପଖାଳନ୍ତି ଅତ୍ୟନ୍ତ କୋମଳଜାଣି।/ ମଧୁଘୃତ କପିଳାର କ୍ଷୀର ଯେ ପ୍ରବର୍ତ୍ତି/ କୁମାରର ଅଙ୍ଗେ ନେଇ ଲେପନ କରନ୍ତି।"[୩]

କୁନ୍ତୀଦେବୀଙ୍କର ପବନ ଦେବତାଙ୍କ ସହ ମିଳନରୁ ଭୀମସେନ ଜନ୍ମ ନେଇଥିଲେ। ଭୀମଙ୍କ ଭୂମିଷ୍ଠରେ ଚାରିଶତ ଯୋଜନ ବ୍ୟାପିଥିବା ଶତଶୃଙ୍ଗ ଗିରି ପ୍ରକମ୍ପିତ ହେବାକୁ ଲାଗିଥିଲା। ଶିଶୁପୁତ୍ର ଭୀମଙ୍କ କୁଆଁକୁଆଁ ରାବରେ ସପ୍ତ ବ୍ରହ୍ମାଣ୍ଡ କମ୍ପିତ ହୋଇଥିଲେ। ପବନ ଦେବତା ଏହି ପ୍ରକମ୍ପନ ଲକ୍ଷ୍ୟ କରିବା ସହିତ ଦେବରାଜା , ଗିରିରାଜା ଓ ଯମରାଜାଙ୍କ ଥରହର ଲକ୍ଷ୍ୟକରି ପୁତ୍ରର ନାମ ରଖାଯାଇଥିଲା ଭୀମସେନ। ସ୍ଥାନର ନାମ ଅନୁସାରେ ସନ୍ତାନର ନାମକରଣ ବ୍ୟବସ୍ଥା ତତ୍କାଳୀନ ସମାଜରେ ପ୍ରଚଳିତ ଥିଲା। ଅର୍ଜ୍ଜୁନ ବନରେ କୁନ୍ତୀଙ୍କର ତୃତୀୟ ପୁତ୍ର ଜନ୍ମଗ୍ରହଣ କରିଥିବାରୁ ତାହାଙ୍କର ନାମ ଅର୍ଜ୍ଜୁନ ରଖାଯାଇଥିଲା। ସେହିପରି ନବନଦୀ କୂଳରେ ମାଦ୍ରୀଙ୍କ ପୁତ୍ର ଜନ୍ମଲାଭ କରିଥିବାରୁ ତାହାଙ୍କର ନାମ ମଧ ନକୁଳ ରଖାଯାଇଥିଲା। ଅଶ୍ୱନୀ କୁମାର ନିଜର ଶରୀରରୁ ଅର୍ଦ୍ଧେକ ଆତ୍ମା ବାହାର କରି ସହଦେବଙ୍କ ମୃତ ପିଣ୍ଡରେ

ପ୍ରବେଶ କରାଇ ଜୀବନ୍ୟାସ ମନ୍ତ୍ର ପଠନ ପୂର୍ବକ ମାଦ୍ରୀଙ୍କ ଦ୍ୱିତୀୟ ସନ୍ତାନର ନାମ ଦେଇଥିଲେ ସହଦେବ। କବି ସାରଳାଙ୍କ ବର୍ଣ୍ଣନାନୁସାରେ— "ଆପଣା ତହୁଁ କାଢ଼ି ଭରି ଦିଲେ ଯହୁଁ ଜୀବ/ ତେଣୁ କରି ଅଶ୍ୱିନୀ କୁମାରେ ନାମଦେଲେ ସହଦେବ।"[୪]

ସନ୍ତାନ ପ୍ରାପ୍ତି ନିମିତ୍ତ ବର ପ୍ରଦାନ ଓ ଓଷାବ୍ରତ କାମନା କରିବା ବ୍ୟବସ୍ଥା ସାରଳା ମହାଭାରତରେ ଉଲ୍ଲେଖ ରହିଛି।

ଆଦିପର୍ବରେ ଦୁର୍ବାସାଙ୍କ ବରରେ ଗାନ୍ଧାରୀଙ୍କର ଅନ୍ତିମ ପୁତ୍ର ଦୃଦକ୍ଷ ଏବଂ କନ୍ୟା ଦୃଶିଳା ଜନ୍ମଗ୍ରହଣ କରିଥିଲେ। ଏହା ପୂର୍ବରୁ ଗାନ୍ଧାରୀଙ୍କ ଶହେ ପୁତ ଜନ୍ମଗ୍ରହଣ କରିଥିଲେ ମଧ୍ୟ ସେମାନେ ସମସ୍ତେ ଦୁଷ୍ଟ ବା ଖଳ ପ୍ରକୃତିର ଥିବାରୁ ପୁନଶ୍ଚ ଏକ ସୁପୁତ୍ର ଓ ସୁକନ୍ୟା ନିମନ୍ତେ ଋଷିଦୁର୍ବାସାଙ୍କୁ ବର ମାଗିଥିଲେ। ସାରଳାଙ୍କ ବିଚକ୍ଷଣତା ହେଉଛି ଋଷି ଦୁର୍ବାସାଙ୍କ ବରପ୍ରାପ୍ତିରେ ଜନ୍ମିତ ଶତପୁତ୍ରଙ୍କ ନାମ 'ଦୁ'ଉପସର୍ଗରେ ଆରମ୍ଭ କରିଛନ୍ତି। ଗାନ୍ଧାରୀ ପୁତ୍ରମାନଙ୍କର କୁଗୁଣ ଦେଖି ପୁନଶ୍ଚ ଦୁର୍ବାସା ଋଷିଙ୍କ ଆଶୀର୍ବାଦରୁ 'ଦୃଦକ୍ଷ'ନାମରେ ଏକ ପୁତ୍ର ଓ ଦୃଶିଳା ନାମରେ ଏକ କନ୍ୟା ପ୍ରାପ୍ତି ହୋଇଥିଲେ। ଗାନ୍ଧାରୀ ପୁତ୍ରଠାରେ ବତିଶଗୁଣ ଦେଖି ଓ କନ୍ୟାର ସୁନ୍ଦର ପଣକୁ ଦେଖି ନାମକରଣ କରିଥିବା ସାରଳା ଉଲ୍ଲେଖ କରିଛନ୍ତି। (ଆଦିପର୍ବ- ପୃ.୯୬-୯୭)

ଲକ୍ଷ୍ମଣ କୁମାର ଜନ୍ମ କାଳରେ କବି ଗ୍ରହ ଗଣନା ଓ ବିପ୍ରମାନଙ୍କୁ ସ୍ୱର୍ଣ୍ଣଦାନ ଦେବା କଥା ଉଲ୍ଲେଖ କରିଛନ୍ତି। ପୁତ୍ର ସନ୍ତାନ ଲାଭ ନିମିତ୍ତ ପୁତ୍ରେଷ୍ଟି ଯଜ୍ଞଠାରୁ ଆରମ୍ଭ କରି ପୁରାଣ ପାଠ, ବୈଦିକ ବ୍ରାହ୍ମଣ ବରଣ, ମନ୍ତ୍ରପୁରଶ୍ଚରଣ ପ୍ରଭୃତି ବିଭିନ୍ନ ପ୍ରକାର ଅନୁଷ୍ଠାନ କରାଯାଉଥିଲା। ଗାନ୍ଧାରୀଙ୍କ ସନ୍ତାନ ଲାଭ ନିମିତ୍ତ ଏ ସମସ୍ତ ଅନୁଷ୍ଠାନ କରାଯାଇଥିଲା। ପୁତ୍ରପ୍ରାପ୍ତି ପାଇଁ ସ୍ମୃତିଶାସ୍ତ୍ରସମ୍ମତ ବିଧାନ ମଧ୍ୟରେ ପୁତ୍ରେଷ୍ଟି, ତୀର୍ଥରେ ଦାନ, ରାମାୟଣ ପାଠ, ପୋଷ୍ୟପୁତ୍ର ଗ୍ରହଣ, ଭଣଜାକୁ କନ୍ୟାଦାନ, ବୃକ୍ଷରୋପଣାଦି କାର୍ଯ୍ୟ କରିବା ନିମିତ୍ତ ସାରଳା ଦାସ ଉପଦେଶ ଦେଇଅଛନ୍ତି। ପୁତ୍ର ଜନ୍ମ ପରେ ଜାତି କର୍ମ ସଂସ୍କାରକୁ ସାରଳା ମହାଭାରତରେ 'ଅର୍ଘ୍ୟ ବନ୍ଦାପନା'ରୂପେ ବର୍ଣ୍ଣନା କରାଯାଇଥିବାର ମନେହୁଏ। ଏତଦ୍ୟତୀତ ସୂତିକାଶୌଚକାଳୀନ ବ୍ୟବସ୍ଥା, ଜନ୍ମକାଳୀନ ଶୁଭାଶୁଭବିଚାର, ଏକୋଇଶା ଓ ତିରିଶ ଦିନରେ ଦେବଦର୍ଶନ, ଅନ୍ନଦାନ, ଦେବଦେବୀ ପୂଜା, ବ୍ରାହ୍ମଣବରଣାଦି ଧର୍ମଶାସ୍ତ୍ରୀୟ କୃତ୍ୟ ବିଷୟରେ ସାରଳା ଦାସ ସୂଚନା ଦେଇଛନ୍ତି। ପ୍ରସଙ୍ଗ କ୍ରମେ ବହୁକୁଟୁମ୍ବୀ ଅବସ୍ଥାକୁ ସାରଳା ଦାସ ନିନ୍ଦା କରିଛନ୍ତି। ଏଥିରୁ ସୁସ୍ଥ ସମାଜ ଗଠନ ନିମିତ୍ତ ମହାକବିଙ୍କ ପୁରୋଦୃଷ୍ଟିର ସୂଚନା ମିଳେ।[୫]

**(ଖ) <u>ବିବାହ:</u>** ବିବାହ ଏକ ସାମାଜିକ ପ୍ରଥା। ସମାଜରେ ସୁସ୍ଥ ପରମ୍ପରା ରକ୍ଷା ପାଇଁ ବିବାହର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। "ବ୍ୟକ୍ତିତ୍ୱର ବିକାଶ, ସାମାଜିକ କର୍ତ୍ତବ୍ୟବୋଧ, ପବିତ୍ରମୟ ଜୀବନ ଯାପନ ଓ ବଂଶବୃଦ୍ଧି ପାଇଁ ବିବାହର ଗୁରୁତ୍ୱ ଅପରିହାର୍ଯ୍ୟ।"[୬] "ସର୍ବବିଧ ସାମାଜିକ ଅନୁଷ୍ଠାନ ମଧ୍ୟରେ ବିବାହ ଏକ କେନ୍ଦ୍ରୀୟ ବିଭବ। କୌଣସି ଜାତି ଗୋଟିଏ ନିୟମିତ ବୈବାହିକ ଜୀବନ ବ୍ୟତିରେକ ତିଷ୍ଠିପାରେ ନାହିଁ।"[୭] ସାରଳା ଦାସ ସଂସାର କହିଲେ ସମାଜକୁ ବୁଝୁଥିଲେ। ପୁରୁଷ ଓ ନାରୀର ମିଳନରେ ଏ ସମାଜର ସୃଷ୍ଟି। ଏଣୁ ବିବାହ ହେଉଛି ସାମାଜିକ ତଥା ପାରିବାରିକ କର୍ତ୍ତବ୍ୟ, ଜୀବନ ଓ ସମାଜ ସହିତ ଏହାର ସଂପର୍କ ନିବିଡ଼।

ସାରଳା ମହାଭାରତରେ ଆଦିପର୍ବରେ ଶାନ୍ତନୁ ବିବାହ, ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କର ବିବାହ, ଗାନ୍ଧାରୀଙ୍କ ସହ ଧୃତରାଷ୍ଟ୍ରଙ୍କର ବିବାହ, କୁନ୍ତୀଙ୍କ ସହ ପଣ୍ଡୁଙ୍କର ବିବାହ, ପଣ୍ଡୁରାଜାଙ୍କର ମାଦ୍ରୀସହ ବିବାହ, ଦ୍ରୋଣଙ୍କ ସହ କୃପୀଙ୍କ ବିବାହ, ଭାନୁମତୀ ବିବାହ, ଜୟଦ୍ରଥ ସହିତ ଦୁଃଶୀଳାର ବିବାହ, ଶ୍ରୀଖଣ୍ଡି ବିବାହ, ଦ୍ରୌପଦୀ ପରିଣୟ, ମଧ୍ୟପର୍ବରେ ଚିତ୍ରାଙ୍ଗଦା ପରିଣୟ, ସୁଭଦ୍ରା ପରିଣୟ, ଚନ୍ଦ୍ରାବତୀ ବିବାହ, ସୁରେଖାବିଭା, ସଭାପର୍ବରେ ଅର୍ଜୁନର ନାଗାବଳୀ ସହ ବିବାହ ପ୍ରସ୍ତାବ, ସନ୍ଧ୍ୟାବାଳୀର ବିବାହ, ବନପର୍ବରେ ହାରାବତୀ ସହିତ ଅର୍ଜୁନଙ୍କ ବିବାହ, ସଚଳାର ବିବାହ, ବିରାଟ ପର୍ବରେ ଅଭିମନ୍ୟୁର ଉତ୍ତରା ସହିତ ବିବାହ ଓ ସ୍ୱର୍ଗାରୋହଣ ପର୍ବରେ ସୁହାଣୀ କନ୍ୟା ବିବାହ ପ୍ରସଙ୍ଗମାନ ଯୋଡ଼ି ବିବାହର ଗୁରୁତ୍ୱକୁ ଦର୍ଶାଇଛନ୍ତି କବି ।

ସାରଳା ମହାଭାରତରେ ଏହି ବିବାହ ସଂପର୍କରେ ଅନେକ ନୀତି ନିୟମ ବିଧିବ୍ୟବସ୍ଥାର କଥା ଉଲ୍ଲେଖ ରହିଛି ଯଥା ବିବାହ ପୂର୍ବରୁ ପାତ୍ରପାତ୍ରୀ ନିର୍ବାଚନ, ବୟସ ବିଚାର, ଜାତକ ଦେଖା, ନିର୍ବନ୍ଧ, ଲଗ୍ନ ନିରୂପଣ, ବେଦୀ ସ୍ଥାପନ, ଅନୁକୂଳ, ମଙ୍ଗନ ସହିତ ବିବାହତ୍ତୋର କର୍ମ କର୍ମାଣୀ ପ୍ରଭୃତି ମହାଭାରତ ବର୍ଣ୍ଣନାରେ ରହିଛି। ମହାଭାରତରେ ବିବାହ ବର୍ଣ୍ଣନାରେ ବରଠାରୁ କନ୍ୟା ସାନଥିବା ବେଳେ ଚନ୍ଦ୍ରାବତୀ ଶାମ୍ବ ବିବାହରେ ଶାମ୍ବଠାରୁ ଚନ୍ଦ୍ରାବତୀ ବୟସରେ ବଡ଼ ହେଲେ ମଧ୍ୟ ବିବାହ ସମାହିତ ହୋଇଛି।[୮] ଜାତକ ଦେଖା ଓ ଲଗ୍ନ ନିରୂପଣ ବିବାହ ଅନୁଷ୍ଠାନର ଅନ୍ୟ ଏକ ପ୍ରଧାନ ଅଂଶ। ଯାହାକି ଏବେ ସୁଦ୍ଧା ଆମ ସମାଜରେ ପ୍ରଚଳିତ ରହିଛି। ସାରଳା ଦାସ ଗାନ୍ଧାରୀ ଓ ଧୃତରାଷ୍ଟ୍ରଙ୍କ ବିବାହ ପୂର୍ବରୁ ବ୍ୟାସଦେବ ଜାତକ ଦେଖି ବିବାହ ସଂପାଦନ କରିଥିବା ବିଷୟ ଉଲ୍ଲେଖ କରିଛନ୍ତି। ପ୍ରାୟ ପ୍ରତ୍ୟେକ ବିଭାଘର ପାଇଁ ଜ୍ୟୋତିଷଶାସ୍ତ୍ର ସମ୍ମତ ଲଗ୍ନ ଗଣନା କରାଯାଇଥାଏ। ସୁଭଦ୍ରା, ଉତ୍ତରା ଓ ଚନ୍ଦ୍ରାବତୀ ବିବାହ ପ୍ରସଙ୍ଗକୁ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ।

ସଂସ୍କାର ମଧ୍ୟରେ ଜନ୍ମ, ବିବାହ ଓ ଅନ୍ତ୍ୟେଷ୍ଟିକ୍ରିୟା ଏହି ତିନୋଟି ମୁଖ୍ୟ। ତନ୍ମଧ୍ୟରେ ବିବାହ ସଂସ୍କାରଟି ମହାଆଡ଼ମ୍ବରରେ ପାଳିତ ହୁଏ। ବିବାହରେ ବର ଓ କନ୍ୟାଙ୍କ ଜାତି, କୁଳ, ବୟସ, ରୂପ, ଗୁଣ, ଚରିତ୍ରାଦି ବିଷୟକୁ ପ୍ରାଧାନ୍ୟ ଦିଆଯାଇଥାଏ। ସବର୍ଣ୍ଣ ବିବାହ ଓ ଅରଜସ୍କା କନ୍ୟାର ବିବାହକୁ ସାରଳାଦାସ ପ୍ରଂଶସା କରିଛନ୍ତି। ଏହାର ଦୃଷ୍ଟାନ୍ତ ସ୍ୱରୂପ ବେଦଶ୍ରବା, ଶଶିକର, କାଶୀପତି, କୌଶିକ ବ୍ରାହ୍ମଣ, ହରିବୈଶ୍ୟ, ତପତୀ, ଦ୍ରୌପଦୀ ଓ ଉତ୍ତରାଙ୍କ ବିବାହ ଉଲ୍ଲେଖନୀୟ।

ବରକନ୍ୟାଙ୍କ ଜାତକ ବିଚାର, ଲଗ୍ନ ନିରୂପଣ, ମଙ୍ଗଳକୃତ୍ୟ, ସ୍ୱୀକୃତବିଧି, ବରଣ, ବାଗ୍ ଦାନ, ଗନ୍ଧାଧିବାସ, ଲବଣ ଚାମରୀ,

କନ୍ୟାଦାନ, ହସ୍ତଗ୍ରନ୍ଥି, ଦଶଦୋଷ କ୍ଷମାପ୍ରାର୍ଥନା, ଯୌତୁକ ଦାନ ଓ ବିବାହୋତ୍ତର ଲୌକିକ ବିଧାନ ଗୁଡ଼ିକ ସାରଳା ମହାଭାରତର ବହୁ ସ୍ଥଳରେ ବର୍ଣ୍ଣନା କରାଯାଇଅଛି।(୯) ଏହି ପ୍ରସଙ୍ଗରେ ସୁଭଦ୍ରା ପରିଣୟ, ଉତ୍ତରା ବିବାହ, ଦ୍ରୌପଦୀ ସ୍ୱୟଂମ୍ବର, ଚନ୍ଦ୍ରାବତୀ ବିବାହ, ସୁହାଣୀ କନ୍ୟା ବିବାହ ପ୍ରଭୃତି ଉଲ୍ଲେଖ ଯୋଗ୍ୟ। ବିବାହ କାର୍ଯ୍ୟରେ ବ୍ରାହ୍ମଣ ବରଣ, ବେଦମନ୍ତ୍ରପାଠ ଓ ପୌରହିତ୍ୟ କର୍ମର ବର୍ଣ୍ଣନା କରାଯାଇଅଛି।

ନିର୍ବନ୍ଧ ବା ସତ୍ୟ କରିବା ବିବାହ ଅନୁଷ୍ଠାନର ଏକ ବିଧି। ସାରଳା ମହାଭାରତରେ ଗଙ୍ଗା ଦେବୀଙ୍କ ବିବାହ, ନୀଳେନ୍ଦ୍ରୀ ବିବାହ ଉତ୍ତରା ବିବାହ ପ୍ରସଙ୍ଗରେ ଏସବୁ ଉଲ୍ଲେଖ ରହିଛି।(୧୦) ସାରଳା ସାହିତ୍ୟରେ ବିବାହ ବର୍ଣ୍ଣନାରେ ବାଲ୍ୟବିବାହ ସହିତ ଯୁବତୀ କନ୍ୟା ବିବାହ ପ୍ରଥା, ସ୍ୱୟମ୍ବର ପ୍ରଥା ଓ ଗନ୍ଧର୍ବ ବିବାହ ବା ପ୍ରେମ ବିବାହର ବର୍ଣ୍ଣନା ଦେଖିବାକୁ ମିଳିଥାଏ। ଦ୍ରୌପଦୀ, ଭାନୁମତୀ, ଚନ୍ଦ୍ରାବତୀ  ପ୍ରଭୃତିଙ୍କ ବିବାହ ପାଇଁ ସ୍ୱୟମ୍ବର ସଭାର ଆୟୋଜନ ହୋଇଥିଲା। ବିବାହ ପରେ ଯୌତୁକ ଦେଇ କନ୍ୟାପିତା ବରପିତାଙ୍କୁ ଦଶଦୋଷ କ୍ଷମା ମାଗିବାର ବିଧି କବି ଚନ୍ଦ୍ରାବତୀ ବିବାହ ଓ ଉତ୍ତରା ବିବାହ ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି। "ସକଳ ଅର୍ବନା ଯେ ଯୁଧେଷ୍ଠି ମହାତମା/ ଦଶଦୋଷ ଅପ୍ରାଧ କରିବ ମୋର କ୍ଷମା ।"(୧୧)

ଏହି ବିଧିବ୍ୟବସ୍ଥା ଏବେ ମଧ୍ୟ ଆମ ସମାଜରେ ପ୍ରଚଳିତ ରହିଛି। ଅପୁତ୍ରିକ ହେବା ଧର୍ମ ଦୃଷ୍ଟିରୁ ଏକ ବଡ଼ ଦୋଷ ବୋଲି ଗ୍ରହଣ କରାଯାଇଛି ସାରଳା ମହାଭାରତରେ। ସାରଳା ଦାସଙ୍କ ବିବାହ ବର୍ଣ୍ଣନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଧର୍ମନିଷ୍ଠ ସଂଯତ ଦାମ୍ପତ୍ୟ ଜୀବନର ପ୍ରକାଶ କରିବା। ସେ ସମୟରେ ବେଶ୍ୟା ସଂଗ ଘୋର ନିନ୍ଦନୀୟ ଥିଲା। ସାରଳା ଦାସ ମୁଜଗଲ୍ ଋଷିଙ୍କ ପ୍ରସଙ୍ଗରେ ଏହା ବର୍ଣ୍ଣନା କରିଛନ୍ତି।

କନ୍ୟା ଅମାବାସ୍ୟାରେ ଜନ୍ମ ହେଲେ ଉଆଁସୀ କନ୍ୟା ହୁଏ। ଏଭଳି କନ୍ୟାକୁ ପ୍ରଥମେ ସାହଡ଼ା ଗଛକୁ ବିବାହ ଦେଇ ପରେ ବର ସହିତ ବିବାହ ଦିଆଯାଉଥିଲା। ଗାନ୍ଧାରୀ ବିବାହ ପ୍ରସଙ୍ଗରେ ଏହି ପ୍ରଥା ଦେଖିବାକୁ ମିଳେ। ଦାମ୍ପତ୍ୟ ଜୀବନରେ ପୁତ୍ରକାମନା ସହିତ ସଂଯତ ଓ ଧାର୍ମିକ ଜୀବନ ଯାପନ ବିବାହର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସାରଳା ଦାସ ବିବାହ ଅନୁଷ୍ଠାନର ବିଭିନ୍ନ କର୍ମାଣୀକୁ ତନ୍ନତନ୍ନ କରି ବର୍ଣ୍ଣନା କରିଛନ୍ତି ଯାହା ସାମାଜିକ ରୀତିନୀତି ପ୍ରତିଥିବା କବିଙ୍କର ଗଭୀର ଜ୍ଞାନ ସଂପର୍କରେ ସୂଚନା ପ୍ରଦାନ କରୁଛି ।

ତତ୍କାଳୀନ ସମାଜରେ ବାଲ୍ୟବିବାହର ପ୍ରଚଳନ ଅଧିକ ଥିଲା। ଦ୍ରୌପଦୀ, ଉତ୍ତରା, ମଧୁବତୀ କୁରଙ୍ଗିନୀ ପ୍ରମୁଖ କନ୍ୟାମାନେ ବାଲ୍ୟ ବିବାହ କରିଥିବା ଜଣାଯାଏ। ସାରଳା ଦାସଙ୍କ ସମୟରେ ସମାଜରେ ସାଧାରଣତଃ ଆବ୍ରାହ୍ମଣ ଶବର ଏକପତ୍ନୀ ଗ୍ରହଣ କରୁଥିଲେ। ଉଦାହରଣ-କାଞ୍ଚନ ଦେଶର ରାଜା ଅନଙ୍ଗସେନ ତୁଳସାଙ୍କୁ, ଶିଖଣ୍ଡି ମଧୁବତୀଙ୍କୁ, କାଶୀପତି ଲୀଳାବତୀଙ୍କୁ, ହରିଶ୍ଚନ୍ଦ୍ର ରାଜା ଶୈବ୍ୟାଙ୍କୁ, ନଳରାଜା ଦମୟନ୍ତୀଙ୍କୁ ବିବାହ କରିଥିଲେ। ସମାଜରେ ବ୍ରାହ୍ମଣ ଓ ଋଷିମାନେ ମଧ୍ୟ ଏକ ପତ୍ନୀ ଗ୍ରହଣ କରୁଥିଲେ। ବହୁପତ୍ନୀ ଗ୍ରହଣ ବ୍ୟବସ୍ଥା ମଧ୍ୟ ତତ୍କାଳୀନ ସମାଜରେ ପ୍ରଚଳିତ ଥିଲା। ରାଜା ଯଯାତି ନଅ ଜାତିରୁ ନଅ କନ୍ୟା ଗ୍ରହଣ କରିଥିଲେ। କୀଚକର ଶହେଟି ସ୍ତ୍ରୀ ଥିଲେ। ଅଯୋଧ୍ୟା ଅଧିପତି ଦଶରଥଙ୍କର ଏକାଧିକ ରାଣୀ ଥିଲେ।

ଯୁଧିଷ୍ଠିର ଦ୍ରୌପଦୀଙ୍କ ବ୍ୟତୀତ ହରିସାହୁଙ୍କ କନ୍ୟା ସୁହାଣୀକୁ ବିବାହ କରିଥିଲେ। ଶ୍ରୀକୃଷ୍ଣ, ଅର୍ଜୁନ, ଭୀମ, ଶାମ୍ବ ଓ ପ୍ରଦ୍ୟୁମ୍ନଙ୍କର ଏକାଧିକ ପତ୍ନୀଥିବା କଥା ମହାଭାରତରୁ ଜଣାଯାଏ। ପୁରୁଷ ଏକପତ୍ନୀ ଓ ବହୁପତ୍ନୀ ଗ୍ରହଣ କଲାବେଳେ ସମାଜରେ ସ୍ଥଳ ବିଶେଷରେ ହୁଏତ ଏକ ନାରୀ ଅନେକ ପତି ଗ୍ରହଣ କରୁଥିଲେ। ଏହାର ଏକ ବଳିଷ୍ଠ ଉଦାହରଣ ହେଉଛନ୍ତି ମହାଭାରତ ନାୟିକା ଦ୍ରୌପଦୀ। ଅର୍ଜୁନ ଲାଖ ବିନ୍ଧିବା ପରେ କୁନ୍ତୀଙ୍କ ଆଦେଶରେ ଦ୍ରୌପଦୀଙ୍କୁ ପଞ୍ଚପାଣ୍ଡବ ତାଙ୍କର ପାଞ୍ଚ ଆଙ୍ଗୁଠି ଧରି ବିବାହ କରିଥିଲେ।

ବିବାହର ବୟସ ନିର୍ଣ୍ଣୟ କରିବାକୁ ଯାଇ କବି ପୁରୁଷର ତିରିଶ ବର୍ଷ ଓ କନ୍ୟାର ଷୋହଳବର୍ଷ ହୋଇଥିବା ବିଧେୟ ବୋଲି କହିଛନ୍ତି। – "ତିରିଶ ବରଷ ଯେବେ ହୋଇବ ପୁରୁଷ/ ତିରୀଂକ ହୋଇବ ଯେ ଷଡ଼ଦଶ ବରଷ।" ବିବାହ କରିବାକୁ ଯିବା ସମୟରେ ସମ୍ଭ୍ରାନ୍ତ ବଂଶୀୟ ବରମାନେ ଆଡ଼ମ୍ବର ପୂର୍ଣ୍ଣ ବାତାବରଣ ମଧ୍ୟରେ ଗମନ କରୁଥିଲେ। ସେତେବେଳେ ବିବାହ ପାଇଁ ସ୍ୱୟଂମ୍ବର ପ୍ରଥା ମଧ୍ୟ ପ୍ରଚଳିତ ଥିଲା। କନ୍ୟା ଘର ଯୋଗ୍ୟା ହେବା ପୂର୍ବରୁ ତାର ବିବାହ ତତ୍କାଳୀନ ସମାଜରେ ଆଦର୍ଶନୀତି ରୂପେ ପ୍ରଚଳିତ ଥିଲା। ଯଦି କନ୍ୟା ଅବିବାହିତ ଅବସ୍ଥାରେ ପିତୃଗୃହରେ ରଜୋବତୀ ହେଉଥିଲା, ତେବେ ପିତୃଲୋକମାନେ ନର୍କଗତି ଲାଭ କରନ୍ତି ବୋଲି ଲୋକ ବିଶ୍ୱାସ ଥିଲା। ବିବାହରେ  ଉଚ୍ଚନୀଚ ଜାତିର ବାରଣ ନଥିଲା। ଚଣ୍ଡାଳ ଦୁହିତା ଅରୁନ୍ଧତୀଙ୍କୁ ବଶିଷ୍ଠ ବିବାହ କରିଥିବା ଘଟଣାରୁ ଜଣାଯାଏ ଯେ, ବ୍ରାହ୍ମଣ ନିମ୍ନଜାତିରୁ  କନ୍ୟା ଗ୍ରହଣ କରିପାରୁଥିଲେ। ତତ୍କାଳୀନ ସମାଜରେ ଉଆଁସୀ କନ୍ୟାର ବିବାହ କଷ୍ଟକର ଥିଲା। ଗାନ୍ଧାରୀ ଉଆଁସୀ କନ୍ୟା ହୋଇଥିବାରୁ ତାଙ୍କ ପାଇଁ ପ୍ରସ୍ତାବ ପଡୁଥିବା ଓ ବିବାହ କରିବାକୁ ଆସୁଥିବା ବରମାନେ ମରିଯିବାର ଦୃଷ୍ଟାନ୍ତ ରହିଛି।

ବିବାହ ବ୍ରତାଦି ଯାବତୀୟ ମାଙ୍ଗଳିକ କାର୍ଯ୍ୟଠାରୁ ଆରମ୍ଭ କରି ପୁତ୍ରକନ୍ୟା ଜନ୍ମ ଅନୁକୂଳ, ଯଜ୍ଞଶାଳାଦି ନିର୍ମାଣ ପ୍ରଭୃତି କାର୍ଯ୍ୟରେ ସାରଳା ଦାସ ଜ୍ୟୋତିଷ ଶାସ୍ତ୍ରାନୁମୋଦିତ ବର୍ଣ୍ଣନା କରିଥିବାରୁ  ତତ୍କାଳୀନ ସମାଜରେ ଜ୍ୟୋତିଷଶାସ୍ତ୍ର ଉପରେ ଗୁରୁତ୍ୱ ଦିଆଯାଉଥିବା ଜଣାଯାଏ। ମାଙ୍ଗଳିକ କାର୍ଯ୍ୟରେ ବନ୍ଧୁବାନ୍ଧବ ଓ ଆତ୍ମୀୟ ସ୍ୱଜନମାନେ ଅଂଶଗ୍ରହଣ କରୁଥିଲେ। ଦ୍ରୌପଦୀଙ୍କ ବିବାହ ସମୟରେ ଦ୍ରୁପଦ ବନ୍ଧୁମାନଙ୍କୁ ଆମନ୍ତ୍ରଣ କରିଥିଲେ। କନ୍ୟାଦାନ ସଙ୍ଗେ ସଙ୍ଗେ କନ୍ୟା ପିତା ଜାମାତାଙ୍କୁ ଯୌତୁକ ଦେଉଥିଲେ। ଏହା ସେ ସମୟର ଏକ ପାରମ୍ପରିକ ବିଧି ରୂପେ ପରିଗଣିତ ହେଉଥିଲା। କନ୍ୟାଦାନ ଦେଇ କନ୍ୟାପିତା ବର ଓ ବର ପିତାଙ୍କୁ କନ୍ୟାର ଦଶ ଦୋଷ କ୍ଷମା କରିବାକୁ ଅନୁରୋଧ କରୁଥିବା ଜଣାଯାଏ। କନ୍ୟାପିତା ଦୁର୍ଯ୍ୟୋଧନ ଓ ଭାନୁମତୀଙ୍କ ବିବାହ ପରେ ବରପିତାଙ୍କୁ ତାଙ୍କ କନ୍ୟାର ଦଶଦୋଷକୁ ମାର୍ଜନା କରିବାକୁ ଅନୁରୋଧ କରିଥିଲେ।

ବରକନ୍ୟାଙ୍କୁ ହଳଦୀ ବିଲେପନପୂର୍ବକ ଶିଳପୁଆ ଉପରେ ବସାଇ ତୋଳା ପାଣିରେ ସ୍ନାନ କରାଯାଉଥିଲା। ଏହି ପାଣି ସଧବା ସ୍ତ୍ରୀଲୋକମାନେ ଶଙ୍ଖ ହୁଳହୁଳି ଓ ମଙ୍ଗଳଗୀତ ଗାଇ ସାତଟି ଘରୁ ସଂଗ୍ରହ କରି ଆଣୁଥିଲେ। ସ୍ନାନପରେ ଦେଶକାଳ ପାତ୍ର ଉଚ୍ଚାରଣ ପୂର୍ବକ ସ୍ୱୀକୃତି ବରଣ, ବରୁଣ ପୂଜା ଓ ସଂକଳ୍ପବିଧାନ ଅନୁଷ୍ଠିତ ହେଉଥିଲା। ଏହାପରେ ଲବଣ ଚଉଁରୀ ବିଧିପାଳନ ଅବସରରେ କନ୍ୟାବର ଉପରକୁ ଲବଣ କ୍ଷେପଣ କରୁଥିଲା। କନ୍ୟା ଭ୍ରାତା କାଂସ୍ୟ ପାତ୍ରରେ ବରପାତ୍ରର ପଦପକ୍ଷାଳନ କଲାପରେ ନବଗ୍ରହ, ଅଷ୍ଟନାଗ ଓ ଦଶଦିଗପାଳଙ୍କ ପୂଜା ଓ ଦେବତାବତରଣ କରାଯାଉଥିଲା। ତତ୍ପରେ ବରକନ୍ୟାଙ୍କୁ ସ୍ଥାନାନ୍ତର କରାଯାଇ ଅନ୍ୟତ୍ର ମାତୃକା ପୂଜା ଶେଷ କରି ପୁଣି ଉଭୟଙ୍କୁ ବେଦୀ ଉପରକୁ ଅଣାଯାଉଥିଲା। ଏଠାରେ ପିତୃକ୍ରୋଡ଼ରେ ଆସୀନା କନ୍ୟା ହସ୍ତରେ ପିତୃପୁରୁଷଙ୍କ ଆବାହନ ପୂର୍ବକ ଅଭିମନ୍ତ୍ରିତ କୌତୁକ ସୂତା (ଅସରଳା ସୂତା) ବନ୍ଧନ କରିବା ବିଧି, ଏହାପରେ ଉଭୟଙ୍କ ନାମ ଗୋତ୍ର ଓ ପିତୃ ପରମ୍ପରା ଉଚ୍ଚାରଣ ପୂର୍ବକ କୁଶ କିମ୍ବା ଦୁର୍ବାବଦରାକ୍ଷତ ଦ୍ୱାରା ହସ୍ତଗ୍ରନ୍ଥି ସଂପନ୍ନ ହୁଏ। ଏ ସମୟରେ କନ୍ୟାପିତା ଦୁହିତାର ଦଶଦୋଷ (ଅନୀତି, ସାହସୀ, ମାୟା, ନିର୍ଲଜୀ, ନଷ୍ଟୀ, ଚୋରିକା, ଆଳସ୍ୟ, ଅପାନୀ, ମୁଖରା ଓ ନିଦ୍ରା) କ୍ଷମା କରିବା ନିମନ୍ତେ ଜାମାତାଙ୍କୁ ଅନୁରୋଧ କରୁଥିଲେ। ଲଜ୍ଜା ହୋମ ଓ ଯୌତୁକ ପ୍ରଦାନ ପରେ ବିବାହ କର୍ମ ସମାପ୍ତ ହେଉଥିଲା। ଗଣିକାଙ୍କ ନୃତ୍ୟଗାନ, ଶଙ୍ଖ ମହୁରୀ ବାଦ୍ୟ ବାଦନ, ଛାୟା ମଣ୍ଡପ ନିର୍ମାଣ, ସୁବର୍ଣ୍ଣ କଳସ ସ୍ଥାପନ, ଚିତ୍ରାଙ୍କନ ଏବଂ ସଚିରାଳ ଓ ସ୍ଫଟିକ ପାବଚ୍ଛ ଦ୍ୱାରା ଗୃହମଣ୍ଡନ ପ୍ରଭୃତି ଥିଲା ତତ୍କାଳୀନ ବିବାହୋତ୍ସବର ଆନୁଷଙ୍ଗିକ ସାଧାରଣ କାର୍ଯ୍ୟକ୍ରମ।[୧୨]

ବିବାହ ଶେଷରେ ମଧୁଶଯ୍ୟା ବିଧି, ଦ୍ୱିତୀୟ ଦିବସରେ ବରବଧୂ ବନ୍ଦାପନା ଓ ଇନ୍ଦ୍ରାଣୀ ବ୍ରତ ପଠନ, ଚତୁର୍ଥୀ ଦିନ ଚଉଠି ବିଧି ଓ ବ୍ରାହ୍ମଣ ଭୋଜନ, ପଞ୍ଚମ ଦିବସରେ ରଙ୍ଗଖେଳ, ପିଚିକା ମରାମରି, କର୍ଦ୍ଦମ କ୍ରୀଡ଼ା, ହାସ୍ୟ ପରିହାସ, ସପ୍ତମ ଦିନ ରଜଉତ୍ସବ ଓ ସପ୍ତମଙ୍ଗଳା ବିଧି ପାରମ୍ପରିକ ରୀତିରେ ଅନୁଷ୍ଠିତ ହେଉଥିଲା। ବାଲ୍ୟ ବିବାହର ଅଷ୍ଟମଦିନ ପ୍ରତ୍ୟୁଷରୁ ବର ଶ୍ୱଶୁରାଳୟରୁ ସ୍ୱଗୃହକୁ ବା ଅନ୍ୟତ୍ର ଯାତ୍ରା କରିବା ବିଧି ଥିଲା ଏବଂ କନ୍ୟା ଅଷ୍ଟ ମଙ୍ଗଳାଙ୍କୁ ବରଣ କରୁଥିଲା। ପରବର୍ତ୍ତୀ ସମୟରେ କନ୍ୟା ରଜୋବତୀ ହେବାର ସପ୍ତମ ଦିବସରେ ନବବଧୂର ପତିଗୃହ ଯାତ୍ରା ସମାହିତ ହେଉଥିଲା। ଯୁବତୀ ବିବାହ କ୍ଷେତ୍ରରେ ସପ୍ତମଙ୍ଗଳା ବିଧି ଶେଷରେ ବରସହ ବଧୂ ପତିଗୃହକୁ ଯାତ୍ରା କରୁଥିଲା। ଦଧିମାଛ ଅନୁକୂଳ କରି ହାନ୍ଦୋଳାରେ ବସି ଦାସୀପରିଚାରୀଙ୍କ ଦ୍ୱାରା ପରିବେଷ୍ଟିତା ହୋଇ ଶଙ୍ଖ, ମହୁରୀ , ଭେରୀ , ତୂରୀ ବାଦ୍ୟରୋଳ ମଧ୍ୟରେ ଖୁବ୍ ଆଡ଼ମ୍ବର ସହକାରେ ନବବଧୂ ପତିଗୃହକୁ ଯାତ୍ରା କରୁଥିଲା। ଏହି ସମୟରେ କନ୍ୟାର ପିତାମାତା ଓ ବନ୍ଧୁ ପରିଜନମାନଙ୍କର ହୃଦୟ ଶୋକାପ୍ଲୁତ ହୋଇଉଠୁଥିଲା। ଶ୍ୱଶୁର ଘରେ ସଧବା ସ୍ତ୍ରୀମାନେ ନବବଧୂକୁ ହାନ୍ଦୋଳାରୁ ଅବତରଣ କରାଇ ଅର୍ଘ୍ୟ ବନ୍ଦାପନା ପୂର୍ବକ ଗୃହମଧ୍ୟକୁ ପାଛୋଟି ନେଉଥିଲେ। ପୁରୋହିତ ମନ୍ତ୍ରୋଚ୍ଚାରଣ ପୂର୍ବକ ଲଜ୍ଜା ହୋମ ସଂପାଦନ କରୁଥିଲେ। ସେହି ହୋମଶିଖାର ସ୍ୱରୂପ ଅନୁଯାୟୀ ନବଦମ୍ପତିଙ୍କ ଭାବୀ ଜୀବନର ସୁଖଦୁଃଖ ନିରୂପିତ ହେଉଥିଲା। ଏହାପରେ ନବ ଦମ୍ପତ୍ତିଙ୍କୁ ଏକତ୍ର ଅନ୍ନପ୍ରାଶନ କରାଇ ମଧୁଶଯ୍ୟା ସଦନରେ ଛାଡ଼ି ଦିଆଯାଉଥିଲା। ଏହି ଅବସରରେ ବାଜୀଖେଳ ଓ ନୃତ୍ୟଗୀତାଦି ଆୟୋଜିତ ହେଉଥିଲା। ଏଠାରେ ସ୍ମରଣଯୋଗ୍ୟ ଯେ ସାରଳା ପାରମ୍ପରିକ ବାଲ୍ୟବିବାହ ପ୍ରଥାର ପ୍ରତ୍ୟକ୍ଷ ପ୍ରତିବାଦ କରିନଥିଲେ ସୁଦ୍ଧା ଯୁବତୀ ବିବାହକୁ ପରୋକ୍ଷରେ ସମର୍ଥନ ଜଣାଇଛନ୍ତି।[୧୩]

ସାରଳାଙ୍କ ମହାଭାରତରେ କନ୍ୟାହରଣ, ଯୁଦ୍ଧ, ଗାନ୍ଧର୍ବ ବିବାହ ପରେ ପୁଣି ପ୍ରଜାପତ୍ୟ ବୈଦିକ ବିଧିରେ ବିବାହ, ମଙ୍ଗଳକୃତ୍ୟ, ଲବଣ ଚାମରୀ, ଦିଅଁମଙ୍ଗଳା, ମଙ୍ଗଳ ଅଧିବାସରେ ବରକନ୍ୟା କୁଙ୍କୁମ, ତୈଳ, ହରିଦ୍ରା ଲଗାଇବା, ପଞ୍ଚଗ୍ରାସ, କଉଡ଼ି ଖେଳ, ସାତ ସଧବା ନାରୀଙ୍କର ବରକନ୍ୟା ମଙ୍ଗୁଳା, କୁଶଗ୍ରନ୍ଥିରେ ବରକନ୍ୟା ହସ୍ତଗଣ୍ଠି, ଶ୍ୟାଳକ ଭିଣୋଇର ପାଦଧୁଆ, ସମ୍ପ୍ରଦିର କନ୍ୟା ସମର୍ପଣ, ନୂତନ ମଶିଣାରେ ବେଦୀ ଉପରେ ବରକନ୍ୟା ବସିବା, ସାତ କଳସୀ ପାଣି ସାତଘରୁ ଆଣିବା, ବରକନ୍ୟାମାନଙ୍କର ପ୍ରସାଧନ, ଅଙ୍ଗାଭରଣ, ବେଶଭୂଷଣ, ଶିଳ ଉପରେ ବସାଇ ସଧବା ନାରୀ ବରକନ୍ୟା ମଙ୍ଗୁଳିବା, ଗ୍ରହବିପ୍ରଙ୍କ ମଙ୍ଗଳାଷ୍ଟକ, ବ୍ରାହ୍ମଣମାନଙ୍କ ଆଶୀର୍ବାଦ, ବେଦମନ୍ତ୍ର ଉଚ୍ଚାରଣ, ଶ୍ୱଶୁରଙ୍କ ଜାମାତାଙ୍କୁ କନ୍ୟା ନିମନ୍ତେ ଦଶ ଦୋଷ ମାଗିବା, ବିବାହର ଉତ୍ସବରେ ଦାନ, ଭୋଜନ, ଶଙ୍ଖ, ମହୁରୀ, ଭେରୀ,ତୂରୀ, ମାର୍ଦ୍ଦଳ, କଂସାଳ, କାହାଳୀ, ବୀଣା, ଶଙ୍ଖହୁଳହୁଳି, ଗୁଆ ପକାଇବା ମଧ ଲେଖାଅଛି। କନ୍ୟାପିତା ବିବାହବେଳେ ତାଙ୍କୁ ଗାଈ, ହାତୀ, ଘୋଡ଼ା, ବାସନ, ହାନ୍ଦୋଳା, ହୀରା, ନୀଳା, ସୁନା, ରୁପା, ବସନ ଭୂଷଣ, ପରିଚାରୀ, ମୁଦ୍ରସୁଲୀ ଗଣିକାମାନଙ୍କୁ ଯୌତୁକ ଦେଉଥିଲେ। ସଧବା ନାରୀ ବେଦୀ ନିକଟରେ ବରକୁ ପରିହାସ କରିବା, ଗୀତ ଗାଇବା, ଆମ୍ରଡ଼ାଳ,ପାନ, ଅକ୍ଷତ, ଦୁର୍ବା, ସୁବାସଜଳ, ଅଳତା, ସିନ୍ଦୂର, ଚନ୍ଦନ, କସ୍ତୁରୀ, କୁଙ୍କୁମ ପ୍ରଭୃତି ବିବାହ ପରେ ବରକନ୍ୟାଙ୍କୁ ବନ୍ଦାପନା କରିବା କଥା ଲେଖାଅଛି।[୧୪]

କନ୍ୟା ବିବାହ ପରେ ଶାଶୁଘର, ଗଲାବେଳେ ପିତାମାନେ କାନ୍ଦିବା କଥା ସାରଳା ଦାସ ଉଲ୍ଲେଖ କରିଛନ୍ତି। ମାତାମାନେ ଯେ ବାହୁନି କାନ୍ଦୁଥିଲେ ତାର ପରମ୍ପରା ସର୍ବତ୍ର ରହିଅଛି। "ରାଣୀ ମହାଦେଈମାନେ ଆସି ଶୋକ କଲେ/ଝିଅର ନାମ ବାହୁନି ସକଳେ କାନ୍ଦିଲେ।" (ମଧ୍ୟପର୍ବ)

ଭାରତବର୍ଷରେ ମହାଭାରତ ଯୁଗ ହିଁ ଦେଶୀୟ ଓ ସମାଜିକ ସଭ୍ୟତାର ଜନନୀ କହିଲେ ଅତ୍ୟୁକ୍ତି ହେବ ନାହିଁ।[୧୫]

ବର ନିର୍ବାଚନରେ କନ୍ୟାମାନଙ୍କ ମତପ୍ରତି ପିତାମାନେ ଯଥେଷ୍ଟ ଖାତିର ଦେଖାଉଥିଲେ; ତାହା ଭାନୁମତୀ ସ୍ୱୟଂମ୍ବରରୁ ଜଣାଯାଏ। ଭୁମନୁ ସ୍ୱୟଂମ୍ବର କରି ବହୁରାଜାଙ୍କୁ ନିମନ୍ତ୍ରଣ କରିଥିଲେ। ଯାହାର ହସ୍ତରେ ଶଙ୍ଖନିଧି ଥିବ, ତାକୁ ବିବାହ କରିବେ। ସେହି ସର୍ତ୍ତର ସମାଧାନ ଦୁର୍ଯ୍ୟୋଧନଙ୍କଠାରେ ଥିବାରୁ ଦୁର୍ଯ୍ୟୋଧନଙ୍କୁ ବିବାହ କରିଥିଲେ।

କେତେକ ସ୍ଥାନରେ କନ୍ୟା ସ୍ୱୟଂମ୍ବର ପୂର୍ବରୁ ସ୍ୱଇଚ୍ଛାନୁସାରେ ବର ନିର୍ବାଚନ କରିଥିବା ବର୍ଣ୍ଣନା ମଧ୍ୟ କବି କରିଛନ୍ତି। ଅଧିକାଂଶ ସ୍ୱୟଂମ୍ବରରେ ଯୁଦ୍ଧ ସୃଷ୍ଟି କରି ତାର ବିସ୍ତୃତ ବିବରଣୀ ମଧ୍ୟ ଦେଇଛନ୍ତି। କେତେକ କନ୍ୟା ସ୍ୱୟଂମ୍ବର ପାଇଁ ମଧ୍ୟ ରାଜି ହୋଇନାହାନ୍ତି। ଗଙ୍ଗା ପୂର୍ବରୁ ଶିବଙ୍କୁ ବରରୂପେ ମନେମନେ କଳ୍ପନା କରି ସାରିଥିଲେ। ଶାନ୍ତନୁଙ୍କ ସହିତ ତାଙ୍କର ବିବାହ ପିତା ସ୍ଥିର କରିଥିବାରୁ ସେ ଏହାର ପ୍ରତିରୋଧ କରିଥିଲେ। ପରେ ଅନିଚ୍ଛା ବିବାହରେ ତାଙ୍କର ଦାମ୍ପତ୍ୟ ଜୀବନରେ ଏହାର ପ୍ରତିକ୍ରିୟା ଯେଉଁପରି ଭାବରେ ପଡ଼ିଲା, ତାର ଚିତ୍ର ସାରଳା ଦାସ ଦେଇଛନ୍ତି। ତାହା ନୀତି ଦିଗରୁ ଉଚ୍ଚକୋଟୀର ହୋଇ ନପାରେ। କିନ୍ତୁ ମନସ୍ତତ୍ତ୍ୱର ବିଶ୍ଳେଷଣ ଦିଗରୁ ଅତି ଉଚ୍ଚ ଧରଣର ହୋଇଛି, ଏଥିରେ ସନ୍ଦେହ ନାହିଁ।[୧୬]

ରାଜା ଦ୍ରୁପଦ ଅତି କଠୋର 'ଲାଖବିନ୍ଧା' ପଣକଲେ। ସ୍ୱୟଂମ୍ବର ସଭାରେ କୃଷ୍ଣଙ୍କୁ ଧରି ରାଜକୀୟ ଆଡ଼ମ୍ବରରେ ପରିବାରୀ ମୁଦୁସୁଲୀମାନେ ଉପସ୍ଥିତ ହୋଇଥିଲେ। କୃଷ୍ଣଙ୍କର ରୂପକୁ ଉପସ୍ଥିତ ରାଜାମାନେ ନିରେଖି ପାରିଲେ ନାହିଁ । ଦ୍ରୁପଦ କହିଲେ –"ଯେ ଲାଖ ବିନ୍ଧିବ ସେହି ନେବ ମୋ କୁମାରୀ ,ତୁମ୍ଭେ କେହି ନହୋଇବ ତାର ଦ୍ୱନ୍ଦ୍ୱକାରୀ।"

ଲାଖ ବିନ୍ଧିବା ତ ଦୂରର କଥା କୌଣସି ରାଜା ଧନୁ ଉଠାଇବାରେ ସମର୍ଥ ହେଲେ ନାହିଁ। ପରିଶେଷରେ ଆଚାର୍ଯ୍ୟ ଗୁରୁ ଦ୍ରୋଣଙ୍କ ଶିଷ୍ୟ ଅର୍ଜୁନଙ୍କ ଦ୍ୱାରା ଲାଖ ବିନ୍ଧିବା କାର୍ଯ୍ୟ ସଫଳ ହୋଇଥିଲା। ସାରଳା ଦାସ ଯେତେଗୁଡ଼ିଏ କୁମାରୀମାନଙ୍କର ବିବାହ କଥା ବର୍ଣ୍ଣନା କରିଛନ୍ତି ସବୁ କୁମାରୀମାନଙ୍କ ସହିତ ପିତ୍ରାଳୟରୁ ଦାସୀ ଯାଇଛନ୍ତି। ଏହି ଦାସୀ ଯିବା ପରମ୍ପରା ସେ କାଳରେ ପ୍ରଚଳିତ ଥିଲା।

ଦୁର୍ଯ୍ୟୋଧନ ଓ ଭାନୁମତୀ ବିବାହ ପ୍ରସଙ୍ଗରେ ସାରଳା ଦାସ ଉଲ୍ଲେଖ କରିଛନ୍ତି- "ଯେ ସନେକ ପ୍ରଦାନ ଯେ ବିଭା ସୋମଗୋତ୍ରେ/ ଦେଶକାଳ ବାକ୍ୟ ଉଚ୍ଚାରନ୍ତେ ଉଦ୍ଦାଳକ ପୁରୋହିତ ।/ ସତ୍ୟ ବାକ୍ୟେଣ ବରଣ ସୀଉକାର ସାରି/ ବିଭା ସମ୍ପର୍ବେ ସେ ସମର୍ପିଲେ କୁମାରୀ।

କୁଶହସ୍ତ କରାବନ୍ତି ପୁରୋହିତେ/ ଡାହାଣ ବ୍ରତେକ ଶଙ୍ଖେ ଜଳତିଳ ଘେନି ରାୟେ ହସ୍ତେ ।"[୧୭]

ପ୍ରଦ୍ୟୁମ୍ନଙ୍କ ସହ ସୁରେଖା ବିବାହ କାଳରେ ବ୍ରାହ୍ମଣମାନେ ବିବାହବିଧି ମୁତାବକ ମଙ୍ଗଳ ଅଷ୍ଟକ ପାଠ, ମଙ୍ଗଳ ସ୍ୱୀକାର, ବରୁଣପୂଜା ବିଧି, ବେଦମନ୍ତ୍ର ଓ ଗୋତ୍ର ଉଚ୍ଚାରଣ ପୂର୍ବକ ହାତଗଣ୍ଠି ପକାଇବା ଆଦି କର୍ମମାନ ସଂପାଦନ କରିଥିଲେ।

ଦ୍ରୌପଦୀ ବିବାହ ଯୌତୁକ ପ୍ରଦାନ ଓ ଦଶଦୋଷ କ୍ଷମା ପ୍ରାର୍ଥନା କାଳରେ କବି ବର୍ଣ୍ଣନା କରିଛନ୍ତି- "ଶ୍ରୀହସ୍ତେ ଶଙ୍ଖେ ଯେ ଘେନିଲେ ଦ୍ରୋପଦେଶ୍ୱର ନୃପତ୍ୟେ/ ପାଞ୍ଚଲକ୍ଷ ଧେନୁ ଦିଲା ବସ୍ତ୍ରାନ୍ତ ସହିତେ।/ ଶ୍ରୀ ହସ୍ତେ ପାଣି ଦେଇ ପାଞ୍ଚାଳ ରାଜ୍ୟେଶ୍ୱରୀ/ ଅଷ୍ଟରତ୍ନ ପାଣିଦ୍ରବ୍ୟ ଦିଲା ପଞ୍ଚୁ ଯେ ଭଣ୍ଡାର। + + + ସୁବର୍ଣ୍ଣର ପାଞ୍ଚ ପଲଙ୍କ ଶେଯ୍ୟାର ଯୋଗାଡ଼େ/ ସୁବର୍ଣ୍ଣର ପଲମ ଦିଲା ଲକ୍ଷେ ଲକ୍ଷେ ମାଡ଼େ।/ ଯଉତୁକ ଦିଲା ରାଜା ଶ୍ରୀହସ୍ତେ ଜଳ ଘେନି/ ସମସ୍ତ ସଜ କରି ଦିଲା ବେନି ଲକ୍ଷ ସଇନି। + + + ପାଞ୍ଚଲକ୍ଷ ଆଲମ୍ବ ପାଞ୍ଚଲକ୍ଷ ସୁଆରି/ ଯେତେକ ଯଉତୁକ ଦିଲା ଦ୍ରୋପଡ ଦଣ୍ଡଧାରୀ।/ ଟମକ ନିଶାଣ ନାନା ବାଦ୍ୟ ଆଦି କରି/ ସମସ୍ତ ଯଉତୁକ ଦିଲା ବିନୟ ଭାବ କରି। + + + ତାହାଙ୍କୁ ଯୁତୁକ ଦେବାକୁ ମୋହୋର ଶକ୍ୟ କିସ/ ଦୁହିତା ଗୋଟିୟେ ଦେଇ ସମର୍ପି ହୋଇଲି/ କ୍ଷମା କରିବାକୁ ଦଶଦୋଷ।"[୧୮]

ଧୂପ, ଦ୍ୱୀପ ଓ ଦୁର୍ବାକ୍ଷତ ନେଇ ସଧବା ନାରୀମାନେ ମଧ୍ୟପର୍ବର ଚିତ୍ରାଙ୍ଗଦା ପରିଣୟରେ ଗ୍ରାମଦେବତୀଙ୍କୁ ମଙ୍ଗୁଳି ଯାଉଥିବା ମହାଭାରତରେ ସ୍ଥାନିତ ହୋଇଛି। ନଗର ସଜ୍ଜା, ସୁବର୍ଣ୍ଣ କଳସ ସ୍ଥାପନା, ପତାକା ସଜ୍ଜା, ଦାଣ୍ଡ ପହଁରା ସହ କର୍ପୂର ଧୂଳି ସିଞ୍ଚି, ଚନ୍ଦନ ଛେରା, ସୁବାସ କୁସୁମ ପକାଇବା, ନଗର ପରିମଳ, ଗ୍ରାମ ଦେବୀଙ୍କ ପାଖେ ଶୁଭ ମଙ୍ଗୁଳି ଦୁର୍ବାକ୍ଷତ ଓ ଧୂପଦୀପ ଘେନି ଦାଣ୍ଡରେ କାମିନୀମାନେ ଶୁଭ ବିଭାଗୀତ ଗାନ କରିଥାନ୍ତି। କାମିନୀମାନେ କଳସ ନେଇ ସାତ ଘରୁ ପାଣି ମାଗି ଆଣି ଚିତ୍ରାଙ୍ଗଦାକୁ ସ୍ନାହାନ କରିଥିଲେ। ଅର୍ଜୁନଙ୍କୁ ମଧ୍ୟ ସେହି ପବିତ୍ର ଜଳରେ ସ୍ନାହାନ କରିଥିଲେ। ଜ୍ୟୋତିଷଙ୍କ ଶୁଭ ସମୟ ଅନୁସାରେ ବର କନ୍ୟାକୁ ବେଶ କରାଇ ବେଦୀକୁ ଆଣନ୍ତି। ପରେ ବିବାହର ସମସ୍ତ ବିଧି ହସ୍ତଗଣ୍ଠି, ଯଉତୁକ ଦାନ, ଲଜ୍ଜାହୋମ ଇତ୍ୟାଦି ଶେଷ ହେବା ପରେ ବରକନ୍ୟା ବିଦାୟ ଦେବାର ପରମ୍ପରା ସାରଳା ମହାଭାରତରେ ରହିଛି। ସୁଭଦ୍ରା ପରିଣୟ ସମୟରେ ମଙ୍ଗଳପାଠ, ବରକନ୍ୟାଙ୍କ ପିତୃଗୋତ୍ର ଉଚ୍ଚାରଣ, ବେଦଧ୍ୱନି ସହ ନାରୀମାନେ ବିଭାଗୀତ ଗାଇ ହୁଳହୁଳି ଦେଉଥିବାର ଦୃଶ୍ୟ ଦେଖିବାକୁ ମିଳେ। ବିବାହ ଶେଷ ପର୍ଯ୍ୟାୟରେ ଦଶଘୋଷ ପାଟ, ଖଟ, ବିବିଧ ରତ୍ନଆଦି ଯୌତୁକରେ ପ୍ରଦାନ କରିଥିବା କବି ଉଲ୍ଲେଖ କରିଛନ୍ତି।

**(ଗ) <u>ମୃତକ୍ରିୟା:</u>** ମନୁଷ୍ୟର ମୃତ୍ୟୁପରେ ତା'ର ଆତ୍ମାର ସଦ୍ଗତି ନିମନ୍ତେ ପ୍ରେତକର୍ମ ଓ ଶ୍ରାଦ୍ଧକର୍ମମାନ ଶାସ୍ତ୍ରୀୟ ନୀତିନିୟମ ଦ୍ୱାରା ପାଳନ କରାଯିବାର ବିଧି ରହିଛି। ଏହାକୁ ମୃତକ୍ରିୟା ବା ମୃତାହ କର୍ମ ବୋଲି କହନ୍ତି। ମନୁ ସଂହିତାରେ ଉଲ୍ଲେଖ ଅଛି ଯେ ସପିଣ୍ଡ ମରିଗଲେ ଦଶଦିନ ଅଶୌଚ ରହିବାର ବିଧି; କାହାର ଅସ୍ଥି ସଞ୍ଚୟନ ପର୍ଯ୍ୟନ୍ତ ଚାରିଦିନ, କାହାର ତିନିଦିନ ଓ କାହାର ଦିନେ ବିହିତ। ଶ୍ରାଦ୍ଧ କର୍ମ ସଂପର୍କରେ ପ୍ରାକୃତ ସର୍ବସ୍ୱରେ ଉଲ୍ଲେଖ ଅଛି ଯେ ମୃତ୍ୟୁର ଏକ ବର୍ଷ ପର୍ଯ୍ୟନ୍ତ ପ୍ରତି ମାସରେ ମୃତ୍ୟୁ ତିଥିରେ ସାମ୍ବତ୍ସରିକ ଶ୍ରାଦ୍ଧ କରିବା ଏଗାର ଦିନରେ ଯେଉଁ ଶ୍ରାଦ୍ଧ କରାଯାଏ ତାହାର ନାମ ଆଦ୍ୟ ଶ୍ରାଦ୍ଧ।

ବର୍ତ୍ତମାନ ଆମ୍ଭମାନଙ୍କ ଧର୍ମାନୁଷ୍ଠାନରେ ହବ୍ୟ ଓ ଦ୍ରବ୍ୟ ଏହି ଦୁଇଟି ବିଭାଗ ଦେଖାଯାଏ। ହବ୍ୟ ହେଲା ଦେବତାମାନଙ୍କର ଆରାଧନା ଏବଂ ଦ୍ରବ୍ୟ ହେଲା ପିତୃଗଣଙ୍କର ଶ୍ରାଦ୍ଧ ତର୍ପଣ। ହବ୍ୟ ହେଉଛି ଖୁବ୍ ପ୍ରାଚୀନ, ବୈଦିକ ପ୍ରଥାନୁଗତ। ଦ୍ରବ୍ୟ ହେଉଛି ଆର୍ଯ୍ୟମାନଙ୍କ ପୂର୍ବବର୍ତ୍ତୀ କାଳର ପ୍ରଥା। ଆର୍ଯ୍ୟମାନେ ଖୁବ୍ ସମ୍ଭବ ପ୍ରାଚୀନ କାଳରେ ମୃତ ଦେହକୁ ମାଟିରେ ପୋତି ପକାଉଥିଲେ। ପରେ ଏ ଦେଶରେ କାଷ୍ଠ ବାହୁଲ୍ୟ ଦେଖି ଦାହ ପ୍ରଥା ଗ୍ରହଣ କଲେ। ସେହି ପୁରାତନ ପ୍ରଥାର ଅବଶେଷ ବର୍ତ୍ତମାନ ରହିଛି। ଦେହାନ୍ତ ଅସ୍ଥି ଯେ ଗଙ୍ଗା ବା ତୀର୍ଥରେ ଦେବାକୁ

ହୁଏ ତାହା ବୈଦିକ ପ୍ରଥା ନୁହେଁ।[୧୯] କ୍ରମେ ଦେବଯାନ ସଙ୍ଗେ ପିତୃଯାନ ମଧ୍ୟ ସ୍ୱୀକୃତ ହେଲା। ଅମାବାସ୍ୟା ହେଲା ପିତୃତିଥି, ଗୟା ହେଲା ପିତୃତୀର୍ଥ, ଶ୍ମଶାନ ହେଲା ପିତୃକାନନ।(୨୦) ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀଠାରୁ କଳିଙ୍ଗରେ ପିତୃପୂଜାର ପ୍ରଚଳନ ହୋଇଥିବାର ପ୍ରମାଣ ମିଳେ। ପୂର୍ବପୁରୁଷଙ୍କର ଶ୍ରାଦ୍ଧ କରିବା ଓ ସେମାନଙ୍କ ଉଦ୍ଦେଶ୍ୟରେ ପିଣ୍ଡ ପ୍ରଦାନ ସେହି ସଂପ୍ରଦାୟ ଦ୍ୱାରା ପ୍ରଚଳିତ ହୋଇଥିଲା।[୨୧]

ଦେବଯଜ୍ଞ ସହ ସମାନ କରିବା ପାଇଁ ଶ୍ରାଦ୍ଧକୁ ପିତୃଯଜ୍ଞ କୁହାଯାଏ। ଶ୍ରାଦ୍ଧକୁ ପ୍ରେତଯଜ୍ଞ ମଧ୍ୟ କୁହାଯାଏ। ସାରଳା ଦାସଙ୍କ କାଳରେ ଏହି ପ୍ରେତଯଜ୍ଞ ମଧ୍ୟ ପ୍ରଚଳିତ ଥିଲା। ଶକ୍ରାଜିତ ବଧ ପରେ ଅନ୍ତ୍ୟେଷ୍ଟି କ୍ରିୟା ଓ ପିତୃଶ୍ରାଦ୍ଧର ବିବରଣ ଯାହା ସାରଳା ଦେଇଛନ୍ତି, ତାହା ସେ କାଳର ପରମ୍ପରାର ତାହା ଯଥାର୍ଥ ପ୍ରତିବିମ୍ବ। ଏଠାରେ ତତ୍କାଳୀନ ପରମ୍ପରା ମୁତାବକ ପୁତ୍ର ମୁଖାଗ୍ନି ଦେବା, ପ୍ରତିଦିନ ମୃତକ ଉଦ୍ଦେଶ୍ୟରେ ପ୍ରେତକାର୍ଯ୍ୟ ଅନୁଷ୍ଠିତ ହେବା ଏବଂ ଏଗାର ଦିନରେ ଘିଅ ଖାଇ ଶୁଦ୍ଧି ହେବା ବିଷୟ ସାରଳା ମହାଭାରତରେ ବର୍ଣ୍ଣିତ। ଓଡ଼ିଶାରେ ମରଣାଶୌଚ ଦଶଦିନ ପାଳିତ ହୁଏ। ଏହି ବିଧି ବର୍ଣ୍ଣନିର୍ବିଶେଷରେ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ବୋଲି ଓଡ଼ିଶାର ଧର୍ମଶାସ୍ତ୍ରକାରମାନେ ଉଲ୍ଲେଖ କରିଛନ୍ତି।

ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କର ମୃତ୍ୟୁ ସାରଳା ମହାଭାରତର ଆଦିପର୍ବରେ ଘଟିଥିଲେ ମଧ୍ୟ ଏଠାରେ କୌଣସି ମୃତ୍ୟୁକାଳୀନ କ୍ରିୟାକର୍ମର ବର୍ଣ୍ଣନା ଦେଖିବାକୁ ମିଳେ ନାହିଁ। କିନ୍ତୁ ସେହି ପର୍ବରେ ଅମ୍ବିକା ଦେହତ୍ୟାଗରେ ଶାସ୍ତ୍ରାନୁଯାୟୀ ବିଧି ପାଳନ ହୋଇଥିବା ଉଲ୍ଲେଖ ରହିଛି। ଏହି ପରିପ୍ରେକ୍ଷୀରେ ଗୋଟିଏ ପାର୍ଥକ୍ୟ ରହିଛି ତାହା ହେଉଛି ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କର ପୁତ୍ର ନଥିଲେ ଅର୍ଥାତ୍ ସେମାନେ ଅପୁତ୍ରିକ ଥିଲେ କିନ୍ତୁ ବ୍ୟାସଙ୍କ ଔରସରୁ ଅମ୍ବିକାଙ୍କ ଗର୍ଭରୁ ଅନ୍ଧ ଧୃତରାଷ୍ଟ୍ର ଜନ୍ମ ଲାଭ କରିଥିଲେ। ତେଣୁ ତତ୍କାଳୀନ ସମାଜରେ ପୁତ୍ରର ଆବଶ୍ୟକତାକୁ ସାରଳା ଦାସ ତାଙ୍କ ମହାଭାରତର ମୃତକ୍ରିୟା ପ୍ରସଙ୍ଗରେ ଗୁରୁତ୍ୱ ଦେଇଛନ୍ତି। ଜତୁଗୃହଦାହ ପରେ କୌରବମାନେ ପାଣ୍ଡବମାନଙ୍କ ପ୍ରେତକୃତ୍ୟ ପାଳନ କରି ବା ଅବକାଶରେ କବି କହିଛନ୍ତି- "ନବ ଦିବସ ପରିଯନ୍ତେ ଅନେକ ଦାନ ଦିଲେ/ ଦଶାହ ଶ୍ରାଦ୍ଧ କରି ଯେକାଦଶ ପିଣ୍ଡ ଭିଆଇଲେ।/ ହୋମ କର୍ମେଣ କରାନ୍ତି ଘୃତ ପାକ/ ପାରଣା ଆଚୋବନ ଶୁଦ୍ଧ ଯେ ପାତ୍ରକ।"[୨୨]

ଉଦ୍ଦାଳକ ପୁରୋହିତଙ୍କ ଦ୍ୱାରା ପଣ୍ଡୁରାଜାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ମଧ୍ୟ ସେହିପରି ପାଳିତ ହୋଇଥିଲା।

"ଆପଣେ ପ୍ରୋହିତେ ଯେ ମୁନି ଉଦ୍ଦାଳକେ/ ପ୍ରେତକାର୍ଯ୍ୟେୟ ବିଧି କରନ୍ତେ ବିଧିବାକ୍ୟେ।/ ଶ୍ରାଦ୍ଧକର୍ମ ସେ ଯେ କହେ ଶମଶାନେ/ ଘୃତପାରଣା କଲେ ଏକାଦଶ ଦିନେ।"[୨୩]

ଏଥିରୁ ମୃତାହାଶୌଚରେ ଦଶଦିନରେ ଶୁଦ୍ଧି ଓ ଏକାଦଶ ଦିନରେ ଘୃତମଧୁ (ଘିଅମହୁ)ବିଧି ଅନୁଷ୍ଠିତ ହୋଇ ଆସୁଥିବାର ଜଣାଯାଏ। ଅମ୍ବିକାଙ୍କ ଅନ୍ତ୍ୟେଷ୍ଟି ମଧ୍ୟ ଶାସ୍ତ୍ରୀୟ ରୀତିରେ ପାଳିତ ହୋଇଥିଲା। ଏତଦ୍ବ୍ୟତୀତ ସାରଳା ଦାସ ଆହ୍ନିକକୃତ୍ୟ, ତିଳତର୍ପଣ, କର୍ଣ୍ଣ ଓ ହରିଶ୍ଚନ୍ଦ୍ର ଉପାଖ୍ୟାନରେ ଶ୍ରାଦ୍ଧ, ଦାନାଦି ଶାସ୍ତ୍ରୋକ୍ତ ବିଧାନଗୁଡ଼ିକ ଉଲ୍ଲେଖ କରିଥିବାର ଦେଖାଯାଏ।

ତୀର୍ଥଗମନ କାଳରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରିବା ବିଧି ମଧ୍ୟ ତତ୍କାଳୀନ ସମାଜରେ ପ୍ରଚଳିତ ଥିଲା। ତୀର୍ଥରେ ପିଣ୍ଡଦାନ କଲେ ପିତୃପୁରୁଷଙ୍କର ସ୍ୱର୍ଗବାସ ହୁଏ।[୨୪] ପଣ୍ଡୁଙ୍କର ମୃତ୍ୟୁପରେ ଉଦ୍ଦାଳକ ପୁରୋହିତ ଶାସ୍ତ୍ରୀୟବିଧି ଅନୁସାରେ ପ୍ରେତକାର୍ଯ୍ୟ କରିଥିଲେ ବୋଲି ଆଦିପର୍ବରେ ଅଛି। ପାଣ୍ଡବଗଣ ସୁବର୍ଣ୍ଣଭଦ୍ରା ନଦୀ କୂଳରେ ବାଲିପିଣ୍ଡ ଦେଇଥିଲେ। ସାରଳା ଦାସ ଲେଖିଛନ୍ତି- "ବାଲିପିଣ୍ଡ ଦିଅନ୍ତେ ତହିଁଭୋଗ କରନ୍ତେ ପିତୃଲୋକେ।/ ଅମୋକ୍ଷ ମୋକ୍ଷ ହୋଇଣ ବସନ୍ତେ ସ୍ୱର୍ଗେ ଥୋକେ।"

ଫଲଗୁ ନଦୀରେ ସୀତା ଦଶରଥଙ୍କୁ ବାଲିପିଣ୍ଡ ଦେଇଥିଲେ ବୋଲି ବନପର୍ବରେ ସାରଳା ଦାସ ବର୍ଣ୍ଣନା କରିଛନ୍ତି। ଆଦିପର୍ବରେ ଅପୁତ୍ରିକ ହୋଇ ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କର ମୃତ୍ୟୁ, ଅମ୍ବିକାଙ୍କର ମୃତ୍ୟୁ, ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟ ସନ୍ତାନ ପାଇଁ ଅନେକ ଯାଗଯଜ୍ଞ କରିବାର କଥା ମଧ୍ୟ ଉଲ୍ଲେଖକରି ସାରଳା ଦାସ ଲେଖିଛନ୍ତି- "ଅନେକ ଯାଗ ଯଗ୍ୟଂ କରନ୍ତେ ସନ୍ତତି ଅର୍ଥ ପାଇଂ।"

ପାଣ୍ଡୁଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରୁଥିବା ଆତ୍ମୀୟମାନଙ୍କର ଦୁଃଖକୁ କବି ସୂଚୀତ କରି ଲେଖିଛନ୍ତି— "ଭୂରିସର୍ବାୟେ ପଣ୍ଡୁଙ୍କୁ ଧରିଥିଲେ କୋଳେ/ ଶୋକଭର ହୋଇ ଲଗାଇଲେ ବକ୍ଷ ସ୍ଥଳେ।/ ଭୂରି ସର୍ବା ଭୀଷ୍ମ କଲେ କ୍ରୋଧ ସଂଘରଣ/ କୋଇନ୍ତାକୁ ବୋଇଲେ ଗୋ ଛାଡ଼ ତୁ କାରୁଣ୍ୟ।/ ଯେ ସେ ଗଲା ତାହା ଲୋଡ଼ିଲେ ପାଇବା ଆଉ କାହିଂ/ ଚିତା ଆରୋପଣ କଲେ ଗଙ୍ଗା କୂଳେ ନେଇ।/ ଚନ୍ଦନ ଅଗର ସରଳ କାଷ୍ଠ ଆବର ଦେବଦାରୁ/ ଅଗ୍ନିଆରୋପଣ କଲେ ତେଜ ସେ ବିସ୍ତାରୁ।/ ଅଗ୍ନିଦାନ ଦିଲେ ଯେ ମହାମନ୍ତ୍ର ବାକ୍ୟେ/ ହିରଣ୍ୟ ଦାନ ଦିଲେ ଗୋଧନ ଅନେକେ।/ ସୁବର୍ଣ୍ଣ ପଲଙ୍କରେ ଶୁଆଇଲେ ମୃତ ଶବ/ ତିଳ କୁସୁମ ଘୃତ ଘେନିଣ ମୁଖାଅଗ୍ନି ଦିଆଇଲେ।/ ପଣ୍ଡୁ ମାଦ୍ରୀ ଦୁହିଙ୍କ ଅଗ୍ନିସଂସ୍କାର କରି/ ଅଗ୍ନି ଶାନ୍ତେ କଲେ ଜଳେ ଅବଧାରି/ ଶ୍ମଶାନ ଭୂମିରୁ ଆସିଲେ ସହଦେବ କୋନ୍ତୀ/ଶୀତଳଦ୍ରବ୍ୟମାନ ପରାଶନ କରାନ୍ତି।/ ଭୂରିସର୍ବାୟେ ବୋଇଲେ ମାଗୋ ବହନ ହୋଇଯିବା/ ଧୃତରାଷ୍ଟ୍ର ଅଗ୍ରତେ ଯାଇ ପ୍ରେତ କାର୍ଯ୍ୟ କରାଇବା।"[୨୫]

ପାଣ୍ଡବଙ୍କ ମୃତ୍ୟୁଶୁଣି ଧୃତରାଷ୍ଟ୍ରଙ୍କର ଶୋକ ଓ ପ୍ରେତକ୍ରିୟା ସାଧନ, ବିରାଟ ପର୍ବରେ କୀଚକର ଶୁଦ୍ଧକ୍ରିୟା କଥା ଉଲ୍ଲେଖ ରହିଛି। ଦ୍ରୋଣ ପର୍ବରେ ଦ୍ରୋଣଙ୍କର ମୃତପିଣ୍ଡ ଦାହ କ୍ରିୟା ସଂପର୍କରେ କବି ପ୍ରକାଶ କରିଛନ୍ତି। ରଣକ୍ଷେତ୍ରରୁ କୃପ ଓ ଅଶ୍ୱତଥମା ଦ୍ରୋଣଙ୍କ ଶବଆଣି ଗଙ୍ଗାନଦୀ ତଟସ୍ଥ ସପ୍ତବଟ ତରୁତଳେ ସଂସ୍କାର କରି ଗଙ୍ଗାନଦୀରେ ସ୍ନାନ କରିଥିଲେ।

ଅଶ୍ୱଥାମା ପିତା ଦ୍ରୋଣଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସରସ୍ୱତୀ ନଦୀ ପଠାରେ କରିଥିଲେ। ଶଲ୍ୟ ପର୍ବରେ ଶକୁନି ଓ ଶଲ୍ୟଙ୍କର ମୃତ୍ୟୁପ୍ରସଙ୍ଗ ବର୍ଣ୍ଣିତ ଅଛି। ଭୀଷ୍ମ ପର୍ବରେ ଭୀଷ୍ମଙ୍କର ପିଣ୍ଡ ଦହନ କଥା ଉଲ୍ଲେଖ ରହିଛି। ଆଶ୍ରମିକ ପର୍ବରେ ଧୃତରାଷ୍ଟ୍ର, ଗାନ୍ଧାରୀ, କୁନ୍ତୀ ବନଦାହେ ଦହନ ଓ ଅନ୍ତ୍ୟେଷ୍ଟି କ୍ରିୟା ପ୍ରସଙ୍ଗରେ କବି ମଧ୍ୟ ଉଲ୍ଲେଖ କରିଛନ୍ତି।

ମୂଷଳୀ ପର୍ବରେ ବଳରାମଙ୍କ ଦେହ ତ୍ୟାଗ ଓ ଶ୍ରୀକୃଷ୍ଣଙ୍କ ପିଣ୍ଡ ଦହନ କଥା ଉଲ୍ଲେଖ ଅଛି। କାଠ ଚିରିଣ ଯଥାବିଧି ଅର୍ଜୁନ ଜୁଇ ପ୍ରସ୍ତୁତ କଲା ଏବଂ ପୁଷ୍ପମାଳା ଗୋଟିଏ ହୃଦରେ ଲମ୍ବାଇ ଦେଇ ଚନ୍ଦନ ଅଗରୁ ଲେପନ କରିଥିଲେ। ଶ୍ରୀକୃଷ୍ଣଙ୍କ ପିଣ୍ଡରେ ଅଗ୍ନି ନଲାଗିବାରୁ ମୃତ ପିଣ୍ଡକୁ ଅଗ୍ନିରୁ କାଢ଼ି ମହୋଦଧିରେ ମେଲାଣି କରି ପ୍ରେତ ସ୍ନାନ କରିଥିବା କଥା ଉଲ୍ଲେଖ ରହିଛି।

ମୃତବ୍ୟକ୍ତିର ଆତ୍ମାର ସଦ୍ଗତି ନିମନ୍ତେ ଯେଉଁ ସବୁ କାର୍ଯ୍ୟ କରାଯାଏ, ତାହା ପ୍ରେତ କର୍ମ ନାମରେ ନାମିତ। ଏହି କର୍ମ ବ୍ରାହ୍ମଣ ବା ପୁରୋହିତମାନଙ୍କ ଦ୍ୱାରା ସଂପନ୍ନ ହୁଏ। ପଣ୍ଡୁରାଜାଙ୍କ ମୃତ୍ୟୁପରେ ପୁରୋହିତ ତାଙ୍କର ପ୍ରେତାହ କାର୍ଯ୍ୟ ବିଧିବଦ୍ଧମତେ ସଂପନ୍ନ କରିଥିଲେ। ଶ୍ମଶାନରେ ଶ୍ରାଦ୍ଧକର୍ମ, ଏକାଦଶ ଦିବସେ ଘୃତପାରଣ, ଘିଅମହୁ ସେବନ କରାଇ ଶୁଦ୍ଧ କାର୍ଯ୍ୟ ସଂପନ୍ନ କରାଇଥିଲେ। "ଗଣ୍ଡାଜୀବ ମାରିଣ କରନ୍ତି ପିତୃ କାମ୍ୟଶ୍ରାଦ୍ଧ/ ପୁତ୍ରକୁ ଆଶିଷ କରାଇ ରାଜାର ବହୁତ ସଧା।"

ଭୀମ ପିତୃଶ୍ରାଦ୍ଧ ନିମନ୍ତେ ଗଣ୍ଡା ଆଣିବାକୁ ଆସିବା ସମୟରେ କୁମ୍ଭୀର ଦୈତ୍ୟକୁ ବଧ କରିଥିଲା। ଭୀମ ଯୁଧିଷ୍ଠିରଙ୍କ ଆଜ୍ଞାରେ ବନସ୍ତକୁ ଆସିଥିଲେ ଗଣ୍ଡା ମାରିନେବା ପାଇଁ। ଶ୍ରାଦ୍ଧର ନିମନ୍ତ୍ରଣରେ ଗୁରୁ, ମାତାମହ, ମା', ଭଗ୍ନି, ଦୌହିତ୍ର, ଜାମାତା, ଭାଇ ପ୍ରଭୃତି କନ୍ୟାଗତ ସମ୍ବନ୍ଧଯୁକ୍ତମାନଙ୍କର ଆଦର ବେଶୀ।[୨୬]

ପିତୃଶ୍ରାଦ୍ଧ ପାଇଁ ଯୁଧିଷ୍ଠିରଙ୍କର ବଚନରେ ବୀର ଧନଞ୍ଜୟ କାନ୍ଧରେ ଗାଣ୍ଡୀବ ଧନୁ ଧରି ବନସ୍ତକୁ ଗଲେ। ହିରଣ୍ୟଗିରି କୃଷ୍ଣବେଣୀ ପର୍ବତ ବୁଲି ଓଡ଼ିଶାର ମହେନ୍ଦ୍ର ତନୟା ନଦୀ କୂଳରେ ସେ ପହଞ୍ଚିଲେ।[୨୭]

ଅମ୍ବିକାଙ୍କ ମୃତ୍ୟୁ କାଳରେ ବିଧି ମୁତାବକ ମୃତକ୍ରିୟା ସଂପାଦିତ ହୋଇଛି। ଶ୍ମଶାନରେ ଚିତା ଆରୋପଣ କରିବା, ବ୍ରାହ୍ମଣମାନଙ୍କୁ ଦାନ ଦେବା, ଏକାଦଶୀ ଦିନ ପର୍ଯ୍ୟନ୍ତ ଆହୂତିରେ ଘୃତ ପାରଣା କରି ଶାସ୍ତ୍ରବିଧି ଅନୁସାରେ ପ୍ରେତକର୍ମ ସମାପନ ହୋଇଥିବା ଜଣାଯାଏ।

ଶକ୍ରାଜିତ ମୃତ୍ୟୁ ହେବାରୁ ବଳରାମଙ୍କ ନିର୍ଦ୍ଦେଶରେ ଶକ୍ରାଜିତଙ୍କ ପୁତ୍ର ପିତାଙ୍କୁ ଶ୍ମଶାନଭୂମିକୁ ନେଇ ବ୍ରାହ୍ମଣମାନଙ୍କ ଦ୍ୱାରା ପ୍ରେତକାର୍ଯ୍ୟ ପ୍ରେତଭୂମିରେ କରି ମୁଖାଗ୍ନି ପ୍ରଦାନ କରିଥିଲେ ଏବଂ ୟେକାଦଶ ଦିନରେ ଘୃତ ପାରଣେ ଶୁଦ୍ଧ ହୋଇଥିଲେ। କବିଙ୍କ ଲେଖନୀରେ- "ଚିତା ଆରୋପଣ କରି ବସାଇଲେ ମୃତ୍ୟୁକାୟେ/ ମୁଖା ଅଗ୍ନି ଦିଲା ଶକ୍ରାଜିତର ତନୟେ ।/ ଦହନ କଲେ ନୃପତିକି ଶମଶାନ ମଧ୍ୟେ/ ପ୍ରତିଦିନ ପ୍ରେତକାର୍ଯ୍ୟ କରନ୍ତି ପ୍ରେତ ଭୂମିର ସନ୍ନିଧ୍ୟେ।/ ହବି ପାକ ଶୁଦ୍ଧ ହୋଇଲେ ୟେକାଦଶ ଦିନେ/ ବ୍ରାହ୍ମଣେ ଶୁଦ୍ଧ କରାଇଲେ ଘୃତର ପାରଣେ।"[୨୮]

ଶାନ୍ତି ପର୍ବରେ ଦୁର୍ଯ୍ୟୋଧନାଦି ଶହେ ଭାଇ ଓ ଭୀଷ୍ମଙ୍କର ପିଣ୍ଡ ଦାହର ବିଧି କବି ବର୍ଣ୍ଣନା କରିଛନ୍ତି— "ଗାନ୍ଧାରୀ ବଚନ ଶୁଣି ସେ ପଞ୍ଚଇ ପାଣ୍ଡବେ/ ଅନେକ ଦାହ ନେଇ କରନ୍ତି କଉରବେ।/ ଯୁଝେଷ୍ଟି ବୋଇଲେ ଦ୍ରିଯୋଧନକଇଂ ଆଣ ଯାଇ ବ୍ୟାସ ସରୋବର ତୀରୁଂ/ ଭୀମସେନ ବହି ଆଣିଲା ଯାଇଁ କି ଜାଣି ଦିଶଇ ଗିରିମେରୁ।/ ସମସ୍ତ ମଡ଼ାମାନଙ୍କୁ ଉପରେ ଶୁଆଇ/ ଶତେ ଭ୍ରାଥ ମୂଳେ ଯେତେ ବନ୍ଧୁ ସୋଦର ହୋଇ। + + + ସମସ୍ତ ପିଣ୍ଡମାନେ ହୋଇଲେ ଅଶ୍ୱମେଧ/ ତହିଁକି ପଶୁ ମୃତୁ ଶବହୋଇଲାମାନ ଯେ ଗୋବିନ୍ଦ। + + + ଅନେକ ଦାନ ଯେ ଦେଇଣ ମହାରାଜ/ ଦ୍ୱାଦଶ ଦିବସେ ସେ ସାରିଲେ ପିତୃକାର୍ଯ୍ୟ। + + + ପ୍ରେତକୃତ୍ୟ ସାରିବାକୁ ବାରଦିନ ଗଲା।"[୨୯]

ବହୁଦିନ ପର୍ଯ୍ୟନ୍ତ ଭୀଷ୍ମ ଅଦହନ ଥିଲେ ତେଣୁ ତାଙ୍କର ଦହନ ନିମନ୍ତେ ଅପୋଡ଼ା ଭୂମି ଆବଶ୍ୟକତା କଥା କବି ବର୍ଣ୍ଣନା କରିଛନ୍ତି। ଆଶ୍ରମିକ ପର୍ବରେ ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତୀ ଦହନ ଓ ଅନ୍ତ୍ୟେଷ୍ଟିକ୍ରିୟା ସଂପର୍କିତ ସୂଚନା ଦେଖିବାକୁ ମିଳେ ।

ମାତୃପିତୃ ଆତ୍ମାର ସଦ୍ଗତି ନିମନ୍ତେ ହାତୀ, ଘୋଡ଼ା, ଗାଈ, ଭୂମି, ଭୋଜନ ଇତ୍ୟାଦି ଦାନ ଦେବାର ଆବଶ୍ୟକତା ସଂପର୍କରେ ସାରଳା ଦାସ ଉଲ୍ଲେଖ କରିଛନ୍ତି। ଆଦି ପର୍ବରେ ଅମ୍ବିକାଙ୍କ ମୃତ୍ୟୁ, ପାଣ୍ଡୁ ଓ ମାଦ୍ରିଙ୍କ ପରଲୋକ ଗମନ, ବିରାଟ ପର୍ବରେ କୀଚକର ମୃତ୍ୟୁ ଶୁଦ୍ଧକ୍ରିୟା, ଭୀଷ୍ମ ପର୍ବରେ କିରାତସେନ, ଭୂରିସର୍ବା, ସାତ୍ୟକି ଦ୍ରୁପଦ, ହନ୍ତମନ୍ତ ଓ ଘଟୋତ୍କଚର ମୃତ୍ୟୁ, କର୍ଣ୍ଣ ପର୍ବରେ ଦୁର୍ଯ୍ୟୋଧନର ସହୋଦରଙ୍କ ମୃତ୍ୟୁ, ଶଲ୍ୟପର୍ବରେ ଶକୁନି, ଶଲ୍ୟଙ୍କ ପରଲୋକ ଗମନ, ଶାନ୍ତି ପର୍ବରେ ଦୁର୍ଯ୍ୟୋଧନ ଓ ଭୀଷ୍ମଙ୍କ ପିଣ୍ଡଦାନ, ଆଶ୍ରମିକ ପର୍ବରେ ବିଦୁରଙ୍କ ଦେହ ସଂସ୍କାର, ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତୀଙ୍କ ମୃତ୍ୟୁରେ ଅନ୍ତେଷ୍ଟିକ୍ରିୟା ସଂପାଦିତ ହୋଇଛି। ମୃତ୍ୟୁର ଜନ୍ମ, ମୃତ୍ୟୁ ଆବଶ୍ୟକତା ଓ ତାର ପରିଚୟ ଇତ୍ୟାଦି ବିଷୟରେ ସାରଳା ମହାଭାରତରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ସୁବିସ୍ତୃତ ଭାବେ କହିଥିବା ନିମ୍ନ ବର୍ଣ୍ଣନାରୁ ଜଣାଯାଏ।

ପିତାମହ ଭୀଷ୍ମଙ୍କୁ ଯୁଧିଷ୍ଠିର ହାତଯୋଡ଼ି ପଚାରିଲେ ପିତାମହ ମୃତ୍ୟୁ କିପରି ସୃଷ୍ଟିହେଲା? ମୃତ୍ୟୁ କିଏ? ସେ ବିଷୟରେ ମୋତେ କୁହ। ଭୀଷ୍ମ କହିଲେ, ବ୍ରହ୍ମା ଯେତେବେଳେ ସୃଷ୍ଟି ସର୍ଜନା କଲେ, ସେତେବେଳେ ସେ ମୃତ୍ୟୁକୁ ସୃଷ୍ଟି କରିନଥିଲେ। ଫଳରେ ସଂସାରରେ ଜୀବ ଏତେ ପରିମାଣରେ ବଢ଼ିଗଲେ ଯେ, ସେମାନଙ୍କ ଭାର ସହି ନପାରି ପୃଥିବୀ ରସାତଳକୁ ଯିବାକୁ ଲାଗିଲା। ଏକଥା ଦେଖି ବ୍ରହ୍ମା ସ୍ୱାୟମ୍ଭୁବ ମନୁକୁ ସୃଷ୍ଟି କଲେ। ତାଙ୍କ ପୁତ୍ର ରୁଚି। ରୁଚିଙ୍କର ଭରତ ଆଦି ସାତପୁତ୍ର ଜନ୍ମ ହେଲେ। ସାତପୁଅଙ୍କୁ ସପ୍ତଦ୍ୱୀପରେ ରାଜା କରାଇଲେ। ଭରତ ନିଜ ପାଇଁ ଜମ୍ବୁଦ୍ୱୀପ ଚାହୁଁଥିଲେ। ମାତ୍ର ତାଙ୍କୁ ସେ ଦ୍ୱୀପ ନମିଳିବାରୁ ସେ ସନ୍ନ୍ୟାସୀହୋଇ ରାଜ୍ୟ ଛାଡ଼ି ଚାଲିଗଲେ। ମିହିର ପର୍ବତରେ ଯାଇ ଷାଠିଏ ହଜାର ବର୍ଷ ତପସ୍ୟା କଲାରୁ ବ୍ରହ୍ମା ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ବର ଦେବାକୁ ଆସି ପହଞ୍ଚିଲେ। ଭରତ କୌଣସି ବର ନେଲେ ନାହିଁ। ବ୍ରହ୍ମା ରାଗିଯିବାରୁ ତାଙ୍କ ଆଖି ନିଆଁରୁ ଗୋଟିଏ ଅସୁର ଜନ୍ମ ହୋଇ ଜମ୍ବୁଦ୍ୱୀପରେ ରହିଲା। ଏହି ଅସୁରର ଭାରା ସହିନପାରି ପୃଥିବୀ କମ୍ପିତ ହେବା ଲାଗିଲା। ପୃଥିଦେବୀ ବ୍ରହ୍ମାଙ୍କ ଏହାର ନିରାକରଣ ପାଇଁ ଅନୁରୋଧ କଲେ। ବ୍ରହ୍ମାଙ୍କ ଲଲାଟରୁ ଧର୍ମ ଜାତ ହେଲା। ସେହି ଧର୍ମ ମୃତ୍ୟୁନାମ ଧରି ଜନ୍ମ ନେଲା। ବ୍ରହ୍ମା ତାଙ୍କୁ କହିଲେ, ତୁମେ ଜମ୍ବୁଦ୍ୱୀପକୁ ଯିବ ଧର୍ମ ଏବଂ ଅଧର୍ମ ବିଚାର କରି ଦଣ୍ଡ ଦେବ। ଚତୁର୍ଦ୍ଦଶ ଭୁବନରେ ତୁମର ଅଧିକାର

ରହିବ। ଚଉଷଠୀ ରୋଗକୁ ସାଥିରେ ନିଅ। ପ୍ରେତପୁରରେ ରହିବ। ତେଣୁ ପ୍ରେତପୁରକୁ ଦେବର୍ଷି ଏବଂ ସନ୍ନ୍ୟାସୀମାନେ ଉତ୍ତର ଦୁଆର ବାଟେ ଯାଆନ୍ତି। ସମ୍ମୁଖ ଯୁଦ୍ଧରେ ପଡ଼ିମରିଥିବା ଯୋଦ୍ଧାମାନେ ପଶ୍ଚିମ ଦୁଆରବାଟ ଦେଇ ଯାଆନ୍ତି। ସ୍ୱାମୀ ସହିତ ମୃତ୍ୟୁବରଣ କରିଥିବା ସ୍ତ୍ରୀମାନେ ପୂର୍ବ ଦୁଆର ବାଟେ ଯାଆନ୍ତି। ପାପୀମାନେ ଚୌରାଶୀ ନର୍କ କୁଣ୍ଡରେ ପଡ଼ନ୍ତି। ସେଠାରେ ବଜ୍ରକୀଟ ପୋକ ତାଙ୍କୁ ଗ୍ରାସ କରେ। ଗୋବଧ ଓ ସ୍ତ୍ରୀବଧକାରୀମାନେ ନର୍କରେ ପଡ଼ନ୍ତି। ସେହି ନର୍କକୁ ଯମପୁରୀ କୁହାଯାଏ। ପ୍ରକୃତପକ୍ଷେ ବିଶ୍ୱ ବ୍ରହ୍ମାଣ୍ଡର ସନ୍ତୁଳନ ନିମନ୍ତେ ମୃତ୍ୟୁର ଆବଶ୍ୟକତା ନିତାନ୍ତ ଜରୁରୀ। ତେଣୁ ମୃତ୍ୟୁପରେ ଆତ୍ମାର ସଦ୍ଗତି ନିମନ୍ତେ ଅନ୍ତ୍ୟେଷ୍ଟିକ୍ରିୟା ପାଳନର ମହତ୍ ଉଦ୍ଦେଶ୍ୟକୁ ସାରଳା ଦାସ ଆଲୋକପାତ କରିଛନ୍ତି।

କଥାରେ ଅଛି "ଆଚାରେ ଲକ୍ଷ୍ମୀ, ବିଚାରେ ପଣ୍ଡିତେ। "ମଣିଷର ଆଚରଣ ଓ ଉଚ୍ଚାରଣରେ ଜୀଇଁରହିଥିବା ରୀତି, ନୀତି, ବିଧି-ବିଧାନ, ସଂସ୍କାର, ସଂସ୍କୃତି ଆଦି ପରମ୍ପରା କ୍ରମେ ମାଙ୍ଗଳିକ କାର୍ଯ୍ୟରେ ଓ ଅଶୁଭ ବେଳାରେ ମଧ୍ୟ ସଂପନ୍ନ ହୋଇଥାଏ। ସଭ୍ୟତା, ସଂସ୍କୃତି, ସଂସ୍କାର ହେଉଛି ଗୋଟିଏ ଜାତିର ପରିଚୟ। ତାହା କେବଳ ପରିଚୟ ନୁହେଁ ଭୂଷଣ ମଧ୍ୟ। ଗୋଟିଏ ଉନ୍ନତ ଓ ଶ୍ରେଷ୍ଠ ସଂସ୍କୃତିର ପ୍ରବହମାନ ଧାରା ପୃଥିବୀକୁ ପ୍ଲାବିତ କରିପାରେ। ସାରଳା ଦାସ ତତ୍କାଳୀନ ସମୟରେ ଦେଶ ଏବଂ ଜାତିର ଐତିହ୍ୟ ଓ ସଂସ୍କୃତିକୁ ମହାଭରତର ସ୍ୱର୍ଣ୍ଣିମ ପୃଷ୍ଠାରେ ସ୍ଥାପନା କରି ଦେଶ ଭକ୍ତିର ଶ୍ରେଷ୍ଠତମ ନିଦର୍ଶନ ଦେଇଯାଇଛନ୍ତି।

ସଂକେତ ସୂଚୀ :

୧. ମହାନ୍ତି, ବଂଶୀଧର। ଓଡ଼ିଆ ସାହିତ୍ୟର ଇତିହାସ (ଦ୍ୱିତୀୟ ଭାଗ)-ପୃ.୧୦୬

୨.ସାରଳା ମହାଭାରତ। ମଧ୍ୟପର୍ବ (ପ୍ରଥମ ଭାଗ), ସାରଳା ସାହିତ୍ୟ ସଂସଦ,୨୦୦୭, ପୃ.୪୬୮

୩. ତତ୍ରୈବ -ପୃ.୯୦।

୪. ତତ୍ରୈବ -ପୃ.୧୦୨।

୫.ଶାରଳା ସ୍ମାରକ। ସାରଳା ସାହିତ୍ୟରେ ଧର୍ମ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ,୧୯୮୦, ପୃ.୫୨।

୬. ପ୍ରଧାନ, କୃଷ୍ଣଚନ୍ଦ୍ର। ଓଡ଼ିଆ ସାହିତ୍ୟର ସାମାଜିକ ଓ ସାଂସ୍କୃତିକ ବିକାଶଧାରା, ଆଦିମଧ୍ୟପର୍ବ, ବିଦ୍ୟାପୁରୀ, ପ୍ରଥମ ପ୍ରକାଶନ, ୧୯୯୨, ପୃ.୬୩।

୭.ରଥ, ଦୀନବନ୍ଧୁ। ସାରଳା ମହାଭାରତରେ ସାମାଜିକ ଜୀବନ, ଗ୍ରନ୍ଥମନ୍ଦିର, କଟକ, ପ୍ରଥମ ପ୍ରକାଶନ,୧୯୭୪, ପୃ.୨୩

୮.ସାରଳା ମହାଭାରତ, ସାଂସ୍କୃତିକ ବ୍ୟାପାର ବିଭାଗ, ୨୦୦୭, ମଧ୍ୟପର୍ବ, ପୃ.୬୬୬।

୯.ରଥ, ଦୀନବନ୍ଧୁ। ସାରଳା ମହାଭାରତରେ ସାମାଜିକ ଜୀବନ, ୧୯୭୪, ପୃ.୨୨।

୧୦. ସାରଳା ମହାଭାରତ, ବିରାଟ ପର୍ବ, ପୃ.୬୪୯-୬୫୦

୧୧. ତତ୍ରୈବ-ବିରାଟ ପର୍ବ, ପୃ.୬୯୬

୧୨. ରଥ, ଦୀନବନ୍ଧୁ। ସାରଳା ମହାଭାରତରେ ସାମାଜିକ ଜୀବନ, ୧୯୭୪, ପୃ.୩୨।

୧୩. ଦାଶ, ସୂର୍ଯ୍ୟନାରାୟଣ। ସାରଳା ମହାଭାରତରେ ରାଜନୈତିକ ମୂଲ୍ୟବୋଧ,୧୯୯୦, ବ୍ରହ୍ମପୁର, ଗୁରୁ ଗୌରବ ଗ୍ରନ୍ଥସେବା,ପୃ.୨୫୨।

୧୪. ଦେବୀ, ସରଳା। ସାରଳା ମହାଭାରତରେ ନାରୀ ଚିତ୍ର, ୧୯୫୨, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର, ପୃ.୪,୫

୧୫. ତତ୍ରୈବ-ପୃ.୦୭।

୧୬. ତତ୍ରୈବ-ପୃ.୨୦।

୧୭. ସାରଳା ମହାଭାରତ, ଆଦିପର୍ବ, ୧ମ,ପୃ.୧୫୩।

୧୮. ତତ୍ରୈବ-ଆଦିପର୍ବ, ୨ୟ ଭାଗ, ପୃ.୩୬୯।

୧୯. ଚଟ୍ଟୋପାଧ୍ୟାୟ, ସୁନୀତି କୁମାର। ଜାତି,ସଂସ୍କୃତି ଓ ସାହିତ୍ୟ, ମିତ୍ର ଘୋଷ, କଲିକତା, ୧୯୫୨, ପୃ.୧୬।

୨୦. ସେନ, କ୍ଷିତିମୋହନ। ଭାରତେର ସଂସ୍କୃତି,ପୃ.୧୯

୨୧. ସାହୁ,ନବୀନ କୁମାର। ଓଡ଼ିଆ ଜାତିର ଇତିହାସ (୧ମ ଭାଗ) ପୃ.୩୨୭।

୨୨. ସାରଳା ମହାଭାରତ-ପୃ.୨୨୬।

୨୩. ତତ୍ରୈବ।

୨୪. ନାୟକ, ହରିକୃଷ୍ଣ। ସାରଳା ମହାଭାରତରେ ସାମାଜିକ ଆଦର୍ଶ, ପୃ.୧୨୪।

୨୫.ସାରଳା ମହାଭାରତ-ପୃ.୧୦୪

୨୬. ନାୟକ, ରାଘବାନନ୍ଦ। ସାରଳା ମହାଭାରତରେ ଧାର୍ମିକ ପରମ୍ପରା, ପୃ.୮୪୨।

୨୭. ତତ୍ରୈବ-ପୃ.୮୪୩।

୨୮. ସାରଳା ମହାଭାରତ -ପୃ.୨୩୦।

୨୯. ଶାନ୍ତିପର୍ବ, ପୃ.୨୫୨୩।

ସହାୟକ ଗ୍ରନ୍ଥସୂଚୀ :

୧) ଦାଶ, ସୂର୍ଯ୍ୟନାରାୟଣ। ୧୯୯୦। ସାରଳା ମହାଭାରତରେ ରାଜନୈତିକ ମୂଲ୍ୟବୋଧ। ବ୍ରହ୍ମପୁର: ଗୁରୁ ଗୌରବ ଗ୍ରନ୍ଥ ସେବା।

୨) ଦେବୀ, ସରଳା। ୧୯୫୨। ସାରଳା ମହାଭାରତୀୟ ନାରୀଚିତ୍ର। ଭୁବନେଶ୍ୱର: ଉତ୍କଳ ବିଶ୍ୱବିଦ୍ୟାଳୟ।

୩) ନାୟକ, ରାଘବାନନ୍ଦ। ୧୯୯୫। ସାରଳା ମହାଭାରତରେ ଧାର୍ମିକ ପରମ୍ପରା। କଟକ: ଓଡ଼ିଶା ବୁକ୍ ଷ୍ଟୋର।

୪) ନାୟକ, ହରିକୃଷ୍ଣ। ୨୦୧୨। ସାରଳା ମହାଭାରତରେ ସାମାଜିକ ଆଦର୍ଶ। ପ୍ରଥମ ପ୍ରକାଶ, ଭୁବନେଶ୍ୱର: ସତ୍ୟମ ପବ୍ଲିକେଶନସ୍।

୫) ମହାନ୍ତି, ବଂଶୀଧର। ୧୯୭୩। ଓଡ଼ିଆ ସାହିତ୍ୟର ଇତିହାସ (ଦ୍ୱିତୀୟ ଭାଗ)। କଟକ:ଫ୍ରେଣ୍ଡସ୍ ପବ୍ଲିଶର୍ସ।

୬) ରଥ, ଦୀନବନ୍ଧୁ। ୧୯୭୪। ସାରଳା ମହାଭାରତରେ ସାମାଜିକ ଜୀବନ। ପ୍ରଥମ ପ୍ରକାଶ, କଟକ : ଗ୍ରନ୍ଥମନ୍ଦିର।

୭) ଶାରଳା ସ୍ମାରକ। ୧୯୮୦। ସାରଳା ସାହିତ୍ୟରେ ଧର୍ମ । କଟକ : ଫ୍ରେଣ୍ଡର୍ସ ପବ୍ଲିଶର୍ସ।

୮) ମହାନ୍ତି, ଆର୍ତ୍ତବଲ୍ଲଭ(ସଂ)। ୨୦୦୭। ସାରଳା ମହାଭାରତ। କଟକ: ସାରଳା ସାହିତ୍ୟ ସଂସଦ।

**Funding**

No funding was received for conducting this study.

**Does this article screened for similarity?**

Yes

**Conflict of interest**

The Author has no conflicts of interest to declare that they are relevant to the content of this article.

**About the Licenses**

© Dr. Sanamitra Mohapatra, Dr. Sarmistha Mohapatra 2024. The text of this article is open access and licensed under a Creative Commons Attribution 4.0 International License

**Cite this Article :**

Dr. Sanamitra Mohapatra, Dr. Sarmistha Mohapatra, Sarala Mahabharatare Lokabidya, Bageesha, Vol. No. 02, Issue No. 05, September - October 2024, Article No: BM2024/05-A001 | Page- 9-18

●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର - ଅକ୍ଟୋବର ୨୦୨୪
Volume No. 02 | Issue No. 05 | Sep - Oct 2024
Refereed Peer-Reviewed Journal
BM2024/05-A002
https://bageesha.in
OPEN ACCESS

# ଲୁଇପାଙ୍କ ଚର୍ଯ୍ୟାଗୀତୀୟ ପ୍ରାକୃତ : ପ୍ରାଚୀନ ଓଡ଼ିଆ ଭାଷା

■ ଲେଫ୍ଟନାଣ୍ଟ ଡ. କଳ୍ପତରୁ ନାୟକ
ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧ

Article Received : 29.08.2024 | Accepted : 25.10.2024 | Published : 25.11.2024

**ସାରାଂଶ**

ABSTRACT

ଚର୍ଯ୍ୟାକାର ଲୁଇପା ଓଡ଼ିଶା ନିବାସୀ ଥିଲେ। ଲାମା ତାରାନାଥଙ୍କ ବର୍ଣ୍ଣନା ଅନୁସାରେ ସେ ଓଡ଼ିୟାନ୍ ପୀଠର ସାମନ୍ତଶୁଭ ରାଜାଙ୍କର ଲେଖକ ଥିଲେ। ଚର୍ଯ୍ୟାପଦରେ ଲୁଇପାଙ୍କର 'କାଆ ତରୁବର ପଞ୍ଚ ବି ଡାଳ' ଏବଂ 'ଭାବ ନ ହୋଇ ଅଭାବ ଣ ଜାଇ' ନାମରେ ଦୁଇଟି କବିତା ରହିଛି। 'ବି', 'ଡାଳ', 'ପଇଠ', 'ଭଣଇ', 'ଜାଣ', 'କାହିଁ', 'କରିଅଇଁ', 'ଓଡ଼ି', 'ଭିଡ଼ି', 'ଆମ୍ଭେ', 'ବେନି', 'ପିଣ୍ଡି', 'ବଇଠା', 'ବଖାଣି', 'କିସ', 'ଭଣି', 'ତାହେର' ଆଦି ପ୍ରାକୃତ ଶବ୍ଦ ବ୍ୟବହୃତ ଯାହା ପ୍ରାଚୀନ ଓଡ଼ିଆ ସାହିତ୍ୟରେ ବ୍ୟବହୃତ ହେବାର ଲକ୍ଷ୍ୟକରାଯାଏ। ଦ୍ୱିତୀୟା ବିଭକ୍ତିରେ 'ଏ/ରେ' ବିଭକ୍ତି ପ୍ରତ୍ୟୟର ବ୍ୟବହାର; 'କିସ', 'କାହିଁ', 'ଆମ୍ଭେ/ଆମ୍ହେ', 'ମଇଂ', 'ଆନି' ଆଦି ସର୍ବନାମ ପଦ; 'କରିବଇଁ', 'ମରିବଇଁ', 'ଭଣଇ' ଆଦିର କ୍ରିୟାପଦର ବ୍ୟବହାର ଉଭୟ ପ୍ରାକୃତ ଏବଂ ଓଡ଼ିଆ ଭାଷାରେ ହୋଇଥାଏ। ଲୁଇପାଙ୍କ ଚର୍ଯ୍ୟାପଦରେ ବ୍ୟବହୃତ 'ପଇଠ', 'ସଅଳ', 'ଭଣଇ', 'ବଇଠା', 'ବଖାଣି', 'ମିଛ', 'ମୁଇଂ', 'ପାଖ' ଆଦି ପ୍ରାକୃତ ଶବ୍ଦର ବ୍ୟବହାର ସାରଳା ଦାସଙ୍କ ମହାଭାରତରେ ବି ବ୍ୟବହୃତ। ଭାଷାତାତ୍ତ୍ୱିକ ଆଲୋଚନାରୁ ସେ ଓଡ଼ିଶା ନିବାସୀ ଥିଲେ ବୋଲି କୁହାଯାଇ ପାରିବ।

BM2024/05-A002

ମୂଳଶବ୍ଦ: ଲୁଇପା, ଚର୍ଯ୍ୟାଗୀତ, ପ୍ରାକୃତ, ଓଡ଼ିଆ ଭାଷା, ଦୋଁହାକୋଷ, ଚର୍ଯ୍ୟାପଦ, ଲୁଇପାଦ, ପ୍ରାଚୀନ ଓଡ଼ିଆ ଭାଷା

ଚର୍ଯ୍ୟାପଦଗୁଡ଼ିକର ପ୍ରଥମ ଆବିଷ୍କର୍ତ୍ତା ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ। ସେ ୧୯୦୭ ମସିହାରେ ତୃତୀୟ ଥର ପାଇଁ ନେପାଳ ଗ୍ରସ୍ତ କରିଥିବା ସମୟରେ ଚାରୋଟି ପୋଥି(ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ, ସରୋହ ବଜ୍ରେର ଦୋହାକୋଷ, କାହ୍ନୁପାଦେର ଦୋହାକୋଷ ଏବଂ ଡାକାର୍ଣବ)ର ସନ୍ଧାନ ପାଇଥିଲେ। ଶ୍ରୀଯୁକ୍ତ ଶାସ୍ତ୍ରୀ ୧୯୧୬ ମସିହାରେ ବଙ୍ଗୀୟ ସାହିତ୍ୟ ପରିଷଦ ଦ୍ୱାରା ଓ ସମସ୍ତ ପୋଥିକୁ ସଂପାଦନ କରି 'ହାଜାର ବଛରେର ପୁରାଣ ବାଙ୍ଗାଲା ଭାଷାୟ ବୌଦ୍ଧଗାନ ଓ ଦୋହା' ନାମକ ଏକ ପୁସ୍ତକ ପ୍ରକାଶ କରିଥିଲେ।

ଗ୍ରନ୍ଥର ଭୂମିକାରେ ସେ ଉଲ୍ଲେଖ କରିଛନ୍ତି – "୧୯୦୭ ସାଲେ ଆବାର ନେପାଲେ ଗିୟା ଆମି କୟେକଖାନି ପୁଥି ଦେଖିତେ ପାଇଲାମ। ଏକ ଖାନିର ନାମ ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ, ଉହାତେ କତକଗୁଲି କୀର୍ତନେର ଗାନ ଆଛେ ଓ ତାହାର ସଂସ୍କୃତ ଟୀକା ଆଛେ। ଗାନଗୁଲି ବୈଷ୍ଣବଦେର କୀର୍ତନେର ମତ, ଗାନେର ନାମ ଚର୍ଯ୍ୟାପଦ। ଆର ଏକ ଖାନି ପୁସ୍ତକ ପାଇଲମ – ତାହାଓ ଦୋଁହାକୋଷ, ଗ୍ରନ୍ଥକାରେର ନାମ ସରୋରୁହ ବଜ୍ର, ଟୀକାଟି ସଂସ୍କୃତେ; ଟୀକାକାରେର ନାମ ଅଦ୍ୱୟ ବଜ୍ର। ଆରଓ ଏକଖାନି ପୁସ୍ତକ ପାଇଲାମ, ତାହାର ନାମଓ ଦୋଁହାକୋଷ, ଗ୍ରନ୍ଥକାରେର ନାମ କୃଷ୍ଣାଚାର୍ଯ୍ୟ, ଉହାରଓ ଏକଟି ସଂସ୍କୃତ ଟୀକା ଆଛେ"। (ପ୍ରଥମ ସଂସ୍କରଣ, ମୁଖବନ୍ଧ, ପୃ -୪)

ଚର୍ଯ୍ୟାପଦର ପ୍ରଥମ କବିତାର ପଦକର୍ତ୍ତା ଲୁଇପାଦ। ଲୁଇପାଙ୍କ ଜନ୍ମସ୍ଥାନ ସଂପର୍କରେ ଅନେକ ମତାମତ ରହିଛି। ଯଥା- ଚର୍ଯ୍ୟାଗୀତୀକାରେ ସୁନୀତ କୁମାର ଚାଟାର୍ଜୀ, ହରପ୍ରସାଦ ଶାସ୍ତ୍ରୀ ଆଦି ଚର୍ଯ୍ୟା ପଦକର୍ତ୍ତାଙ୍କୁ ବଙ୍ଗୀୟ ବ୍ୟକ୍ତି ବୋଲି ଉଲ୍ଲେଖ କରିଛନ୍ତି। ପାଗ୍-ସମ୍-ଜୋନ୍-ଜାଙ୍ଗ[୧], ତାରାନାଥ[୨], ବ୍ୟୁଟନ ରିଞ୍ଚେନ ଡ୍ରବ[୩], ରାମପ୍ରସାଦ ମିଶ୍ର[୪], ପ୍ରତ୍ୟୁଷ କୁମାର ରୀତ[୫]ଙ୍କ ଅନୁସାରେ ଲୁଇପା ଉଡ୍ଡୀୟାନ ପ୍ରଦେଶରେ ଜନ୍ମଗ୍ରହଣ କରିଥିଲେ।

ଅମରକୋଷ[୬], ଅଚ୍ୟୁତାନନ୍ଦଙ୍କ ଶୂନ୍ୟସଂହିତା[୭], ଯଶୋବନ୍ତ ଦାସଙ୍କ ଗୁପ୍ତଗୀତା[୮] ଗ୍ରନ୍ଥରେ ଲୁଇପାଙ୍କ ବର୍ଣ୍ଣନା ଥିବାରୁ ସେ ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ ବୋଲି କୁହାଯାଇ ପାରିବ। ମୟୁରଭଞ୍ଜ ଜିଲ୍ଲାରେ ଲୁଇପା କଲେଜ, ଲୁଇପା ସାହିତ୍ୟ ସଂଗଠନ ଆଦି ଏହାର ବଳିଷ୍ଠ ପ୍ରମାଣ।

ଚର୍ଯ୍ୟାପଦରେ ଲୁଇପାଙ୍କର 'କାଆ ତରୁବର ପଞ୍ଚ ବି ଡାଳ' ଏବଂ 'ଭାବ ନ ହୋଇ ଅଭାବ ଣ ଜାଇ' ନାମରେ ଦୁଇଟି

କବିତା ରହିଛି। ଉଭୟ ପଟମଞ୍ଜରୀ ରାଗରେ ରଚିତ।

ଲେଖକ ସମୟକୁ ସାହିତ୍ୟରେ ବନ୍ଧନ କରେ। ପରିବର୍ତ୍ତନର ପ୍ରମାଣ ଦିଏ। ଲୁଇପାଦଙ୍କ ସମୟରେ ବ୍ୟବହୃତ ଶବ୍ଦର ରୂପ ତାଙ୍କ କବିତାରେ ଦ୍ରଷ୍ଟବ୍ୟ। ଚର୍ଯାଗୀତିର ଟୀକାକାର ମୁନିଦତ୍ତ ଲେଖିଛନ୍ତି: "ଦୀନ ଜନ ସମୁଦ୍ଧରଣ କାମୋନଇ ସିଦ୍ଧାଚାର୍ଯ୍ୟଃ ଶ୍ରୀ ଲୁଇପାଦଃ ପ୍ରାକୃତ ଭାଷାୟା ରଚୟିତୁମାହା" ସାଧାରଣଲୋକଙ୍କ ଉଦ୍ଧାର ପାଇଁ ଲୁଇପାଦ ପ୍ରାକୃତଭାଷାରେ ଚର୍ଯା ଲେଖିଥିବା କଥା ଏହି ଟୀକାରୁ ସ୍ୱଷ୍ଟ। ସେଥିମଧ୍ୟରୁ କେତେକ ଶବ୍ଦର ପରିବର୍ତ୍ତନ ଘଟିଥିବା ବେଳେ କେତେକ ଅଦ୍ୟାବଧି ଅପରିବର୍ତ୍ତନୀୟ। ଉଦାହରଣ-

**କାଆ** । କାୟା > କାଆ । ହେମଚନ୍ଦ୍ରଙ୍କ ପ୍ରାକୃତ ବ୍ୟାକରଣର ସୂତ୍ର ସଂଖ୍ୟା ୮/୧/୧୭୭ 'କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋ ଲୁକ୍' ନିୟମ (କ-ଗ-ଚ-ଜ-ତ-ଦ-ପ-ୟ-ବ ବ୍ୟଞ୍ଜନଗୁଡ଼ିକ ଅସଂଯୁକ୍ତ ଅବସ୍ଥାରେ ଶବ୍ଦର ଆରମ୍ଭରେ ନଥାଇ ଅନ୍ୟ ସ୍ଥାନରେ ଥିଲେ ଲୋପ ପାଏ) ଅନୁସାରେ ଅନାଦି ଅବସ୍ଥାରେ ଥିବା 'ୟ' ବର୍ଣ୍ଣ ଲୋପ ହେବା ହେତୁ 'କାୟା' ଶବ୍ଦଟି 'କାଆ'ରେ ପରିଣତ ହୋଇଛି। ଅତଏବ କାୟା > କାଆ।

**ଟିଏ** । ଟିତ୍ତେ > ଟିଏ। ସୂତ୍ର ସଂଖ୍ୟା ୮/୨/୭୭ 'କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ପାମୁଦ୍ଧ୍ୱର୍ ଲୁକ୍' ନିୟମ (ପ୍ରାକୃତ ଭାଷାରେ ସଂଯୁକ୍ତ ବ୍ୟଞ୍ଜନର ଆଦିରେ କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ବର୍ଣ୍ଣ ଥିଲେ ତାହା ଲୋପ ପାଇଥାଏ) ଅନୁସାରେ 'ତ୍ତ' ସଂଯୁକ୍ତ ବ୍ୟଞ୍ଜନର ଆଦି/ଉର୍ଦ୍ଧ୍ୱରେ 'ତ' ଥିବାରୁ ତାହାର ଲୋପ ହୋଇଛି। ସୂତ୍ର ସଂଖ୍ୟା ୮/୧/୧୭୭ 'କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋ ଲୁକ୍' ନିୟମ (କ-ଗ-ଚ-ଜ-ତ-ଦ-ପ-ୟ-ବ ବ୍ୟଞ୍ଜନଗୁଡ଼ିକ ଅସଂଯୁକ୍ତ ଅବସ୍ଥାରେ ଶବ୍ଦର ଆରମ୍ଭରେ ନଥାଇ ଅନ୍ୟ ସ୍ଥାନରେ ଥିଲେ ଲୋପ ପାଏ) ଅନୁସାରେ ଅନାଦି ଅବସ୍ଥାରେ ଥିବା 'ତ' ବର୍ଣ୍ଣ ଲୋପ ହେବା ହେତୁ 'ଟିତେ' ଶବ୍ଦଟି 'ଟିଏ'ରେ ପରିଣତ ହୋଇଛି। ଅତଏବ ଟିତ୍ତେ > ଟିତେ> ଟିଏ। ଭାଗବତରେ ଏହାର ସ୍ୱରୂପ ଲକ୍ଷ୍ୟକରାଯାଏ। ଯଥା- ଗୁପତ ନକର ପିଅର । (୧୦/୨୫/୧୩)

**ଦିଢ଼** । ଦୃଢ଼ > ଦିଢ଼। ପ୍ରାକୃତ ବ୍ୟାକରଣର ସୂତ୍ର ୮/୧/୧୨୮ ଇତକୃପାଦୌ ନିୟମ ('କୃପ' ଆଦି ସଂସ୍କୃତ ଶବ୍ଦର ଆଦ୍ୟ 'ର-କାର'କୁ 'ଇ' ଆଦେଶ ହୋଇଥାଏ) ଅନୁସାରେ 'ୃ' ର-କାର ସ୍ଥାନରେ 'ି' ଇ-କାରରେ ପରିଣତ ହୋଇଛି। ଦୃ > ଦି। ଭାଗବତରେ ଏହାର ସ୍ୱରୂପ ଲକ୍ଷ୍ୟକରାଯାଏ। ଯଥା- ଅମୃତ > ଅମିଅ ୧୦/୪/୧୯। ବହେ ଅମିଅ ରସ ଭରି ।

**ମହାସୁହ** । ସହାସୁଖ > ମହାସୁହ । ସୂତ୍ର ସଂଖ୍ୟା ୮/୧/୧୮୭ 'ଖ-ଘ-ଥ-ଧ-ଭାମ୍' ନିୟମ (ପ୍ରାକୃତ ଭାଷାରେ ଖ-ଘ-ଥ-ଧ-ଭ ସ୍ଥାନରେ 'ହ' ହୋଇଥାଏ) ଅନୁସାରେ ମହାସୁଖ ଶବ୍ଦର 'ଖ' ସ୍ଥାନରେ 'ହ' ହୋଇ 'ମହାସୁହ' ଶବ୍ଦ ହୋଇଛି। ମହାଭାରତରେ ଲିହନ ଶବ୍ଦର ବ୍ୟବହାର ହୋଇଛି।

**ସଅଳ** । ସକଳ > ସଅଳ। ହେମଚନ୍ଦ୍ରଙ୍କ ପ୍ରାକୃତ ବ୍ୟାକରଣର ସୂତ୍ର ସଂଖ୍ୟା ୮/୧/୧୭୭ 'କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋ ଲୁକ୍' ନିୟମ (କ-ଗ-ଚ-ଜ-ତ-ଦ-ପ-ୟ-ବ ବ୍ୟଞ୍ଜନଗୁଡ଼ିକ ଅସଂଯୁକ୍ତ ଅବସ୍ଥାରେ ଶବ୍ଦର ଆରମ୍ଭରେ ନଥାଇ ଅନ୍ୟ ସ୍ଥାନରେ ଥିଲେ ଲୋପ ପାଏ) ଅନୁସାରେ ଅନାଦି ଅବସ୍ଥାରେ ଥିବା 'କ' ବର୍ଣ୍ଣ ଲୋପ ହେବା ହେତୁ 'ସକଳ' ଶବ୍ଦଟି 'ସଅଳ'ରେ ପରିଣତ ହୋଇଛି। ଭାଗବତରେ ଏହାର ସ୍ୱରୂପ ଲକ୍ଷ୍ୟକରାଯାଏ। ଯଥା- ୮/୨୪/୮୮ ଆମ୍ବ ବଉଳ ରଙ୍ଗଡାଳ।

**ସମାହିଅ** । ସମାଧିତ > ସମାହିଅ। ପ୍ରାକୃତ ବ୍ୟାକରଣର ସୂତ୍ର ସଂଖ୍ୟା ୮/୧/୧୮୭ 'ଖ-ଘ-ଥ-ଧ-ଭାମ୍' ଏବଂ ସୂତ୍ର ସଂଖ୍ୟା ୮/୧/୧୭୭ 'କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋ ଲୁକ୍' ନିୟମ ଅନୁସାରେ ଯଥାକ୍ରମେ 'ଧ' ବର୍ଣ୍ଣ 'ହ' ରେ ପରିଣତ ହୋଇଛି ଏବଂ 'ତ' ବର୍ଣ୍ଣର ଲୋପ ହୋଇଛି। ଏତଏବ ସମାଧିତ> ସମାହିତ > ସମାହିଅ। ଓଡ଼ିଆ ଲୋକୋକ୍ତିରେ ଅହାର ସ୍ୱରୂପକୁ ଦର୍ଶାଯାଇ ପାରିବ। ଅଜା ଗଜା ବୁଢ଼ା ମେଷ/ ଦୁଧର ଉପର ଦହିର ଶେଷ/ ମାଛର ମା ଶାଗର ଝି/ ଯାକୁ ନଖାଇ ଖାଇବୁ କି ?

**ଆସ** । ଆଶ > ଆସ । ସୂତ୍ର ସଂଖ୍ୟା ୮/୧/୨୬୦ 'ଶ-ଷୋଃ ସଃ' ନିୟମ (ପ୍ରାକୃତ ଭାଷାରେ ଶ-ଷ-ସ ସ୍ଥାନରେ କେବଳ 'ସ' ହୋଇଥାଏ) ଅନୁସାରେ 'ଆଶ' ଶବ୍ଦର 'ଶ' ସ୍ଥାନରେ 'ସ' ହୋଇ 'ଆସ' ହୋଇଅଛି।

**ପାସ** । ପାର୍ଶ୍ୱ > ପାସ। ସୂତ୍ର ସଂଖ୍ୟା ୮/୨/୭୯ 'ସର୍ବତ୍ର ଲ-ବ-ରାମବନ୍ଦ୍ରେ' ନିୟମ (ପ୍ରାକୃତରେ ସଂଯୁକ୍ତ ବ୍ୟଞ୍ଜନରେ ପ୍ରଥମ ଏବଂ ଦ୍ୱିତୀୟ/ଅଧ ଏବଂ ଉଦ୍ଧ୍ୱର୍ ଯେଉଁଠାରେ ଥିଲେ ଲ-ବ-ର ବ୍ୟଞ୍ଜନ ଲୋପ ପାଇବ) ଅନୁସାରେ 'ପାର୍ଶ୍ୱ' ଶବ୍ଦର 'ଶ୍ୱ' ବର୍ଣ୍ଣର ଉଦ୍ଧ୍ୱର୍ରେ 'ର' ଥିବାରୁ ତାହାର ଲୋପ ହୋଇଛି। ସେହି ସୂତ୍ରାନୁସାରେ 'ଶ୍ୱ' ସଂଯୁକ୍ତ ବ୍ୟଞ୍ଜନରୁ 'ବ' ଲୋପ ହୋଇଛି। ସୂତ୍ର ସଂଖ୍ୟା ୮/୧/୨୬୦ 'ଶ-ଷୋଃ ସଃ' ନିୟମ (ପ୍ରାକୃତ ଭାଷାରେ ଶ-ଷ-ସ ସ୍ଥାନରେ କେବଳ 'ସ' ହୋଇଥାଏ) ଅନୁସାରେ 'ପାଶ' ଶବ୍ଦର 'ଶ' ସ୍ଥାନରେ 'ସ' ହୋଇ 'ପାସ' ହୋଇଅଛି। ପାର୍ଶ୍ୱ > ପାଶ୍ୱ > ପାଶ > ପାସ।

**ଝାଣେ** । ଧ୍ୟାନେ > ଝାଣେ । ପ୍ରାକୃତ ବ୍ୟାକରଣର ସୂତ୍ର ସଂଖ୍ୟା ୮/୨/୨୬ ସାଧ୍ୱସ-ଧ୍ୟ-ହୟାଂ-ଝଃ (ସାଧ୍ୱସ ପରି ସଂସ୍କୃତ ଶବ୍ଦର ସଂଯୁକ୍ତ ବ୍ୟଞ୍ଜନ 'ଧ୍ୱ' ପରି ଅନ୍ୟ ଶବ୍ଦଗୁଡ଼ିକର ସଂଯୁକ୍ତ ବ୍ୟଞ୍ଜନ ଧ୍ୟ, ଧ ସ୍ଥାନରେ ପ୍ରାକୃତ ଭାଷାରେ 'ଝ' ଆଦେଶ ହୋଇଥାଏ) ଅନୁସାରେ ଧ୍ୟାନେ ଶବ୍ଦର 'ଧ୍ୟ' ସ୍ଥାନରେ 'ଝ' ହୋଇଛି। ସୂତ୍ର ସଂଖ୍ୟା ୮/୧/୨୨୮ 'ନୋ-ଣଃ' ନିୟମ (ପ୍ରାକୃତରେ 'ନ' ସ୍ଥାନରେ 'ଣ' ହୋଇଥାଏ) ଅନୁସାରେ 'ଝାନେ' ଶବ୍ଦର 'ନ' ସ୍ଥାନରେ 'ଣ' ହୋଇ 'ଝାଣେ' ଶବ୍ଦ ନିର୍ମିତ ହୋଇଛି।

**ସୁନ** । ଶୂନ୍ୟ > ସୁନ। ପ୍ରାକୃତ ବ୍ୟାକରଣର ସୂତ୍ର ସଂଖ୍ୟା ୮/୧/୨୬୦ 'ଶ-ଷୋଃ ସଃ' ନିୟମ (ପ୍ରାକୃତ ଭାଷାରେ ଶ-ଷ-ସ ସ୍ଥାନରେ କେବଳ 'ସ' ହୋଇଥାଏ) ଅନୁସାରେ 'ଶୂନ୍ୟ' ଶବ୍ଦର 'ଶ' ସ୍ଥାନରେ 'ସ' ହୋଇ 'ସୂନ୍ୟ' ହୋଇଅଛି। ସୂତ୍ର ସଂଖ୍ୟା ୮/୧/ ୮୪ 'ହ୍ରସ୍ୱ ସଂଯୋଗେ' ନୟମ (ଦୀର୍ଘସ୍ୱର ଆଗରେ ସଂଯୁକ୍ତ ଅକ୍ଷର ଥିଲେ, ଦୀର୍ଘସ୍ୱର ସ୍ଥାନରେ ହ୍ରସ୍ୱସ୍ୱର ହୋଇଥାଏ) ଅନୁସାରେ 'ସୂନ୍ୟ' ଶବ୍ଦଟି 'ସୁନ୍ୟ'ରେ ପରିଣତ ହୋଇଛି। ସୂତ୍ର ସଂଖ୍ୟା ୮/୨/୭୮ 'ଅଧୋମନୟାମ୍' ନିୟମ (ପ୍ରାକୃତ ଭାଷାରେ ସଂଯୁକ୍ତ ବ୍ୟଞ୍ଜନର ଦ୍ୱିତୀୟ/ନିମ୍ନରେ ଯୁକ୍ତ ହୋଇଥିବା ମ-ନ-ୟ ବ୍ୟଞ୍ଜନ ଲୋପ ହୋଇଥାଏ) ଅନୁସାରେ ସଂଯୁକ୍ତ 'ନ୍ୟ' ବ୍ୟଞ୍ଜନରୁ 'ୟ' ଲୋପ ହୋଇଛି।

**ସଂବୋହେ ।** ସଂବୋଧେ > ସଂବୋହେ। 'ସଂବୋହେ' ଶବ୍ଦର ସଂସ୍କାରିତ ରୂପ 'ସଂବୋଧେ'। ସୂତ୍ର ସଂଖ୍ୟା ୮/୧/୧୮୭ 'ଖ-ଘ-ଥ-ଧ-ଭାମ୍' ନିୟମ (ପ୍ରାକୃତ ଭାଷାରେ ଖ-ଘ-ଥ-ଧ-ଭ ସ୍ଥାନରେ 'ହ' ହୋଇଥାଏ) ଅନୁସାରେ ସଂବୋଧେ ଶବ୍ଦର 'ଧ' ସ୍ଥାନରେ 'ହ' ହୋଇ ସଂବୋହେ ଶବ୍ଦ ହୋଇଛି।

**ବଢ଼ ।** 'ବଢ଼' ଶବ୍ଦର ସଂସ୍କାରିତ ରୂପ 'ବୃଦ୍ଧ'। ସୂତ୍ର ସଂଖ୍ୟା ୮/୨/୪୦ ଦଗ୍ଧ-ବିଦଗ୍ଧ-ବୃଦ୍ଧି-ବୃଦ୍ଧେ ଢଃ (ଦଗ୍ଧ, ବିଦଗ୍ଧ, ବୃଦ୍ଧି, ବୃଦ୍ଧ ଶବ୍ଦର 'ଗ୍ଧ' ଏବଂ 'ଦ୍ଧ' ସଂଯୁକ୍ତ ସ୍ଥାନରେ 'ଢ' ହୋଇଥାଏ) ଅନୁସାରେ 'ବୃଦ୍ଧ' ଶବ୍ଦର 'ଦ୍ଧ' ସ୍ଥାନରେ 'ଢ' ହୋଇଛି। ବୃଦ୍ଧ > ବୃଢ଼। ସୂତ୍ର ସଂଖ୍ୟା ୮/୧/୧୨୬ ଋତୋତ୍ (ପ୍ରାକୃତ ଭାଷାରେ ଶବ୍ଦର ଆରମ୍ଭରେ ଥିବା 'ଋ' ସ୍ଥାନରେ 'ଅ' ହୋଇଥାଏ) ଅନୁସାରେ 'ବୃଢ଼' ଶବ୍ଦର 'ବୃ' ସ୍ଥାନରେ 'ବ' ହୋଇଛି। ଅତଏବ ବୃଦ୍ଧ > ବୃଢ଼ > ବଢ଼। ହାତୀଗୁମ୍ଫା ଶିଳାଲେଖରେ ଏହାର ସ୍ୱରୂପ ଲକ୍ଷ୍ୟକରାଯାଏ। ଯଥା- ଖେମରାଜା ସ ବଢ଼ରାଜା ସ ଭିଖୁରାଜା।

**ଦୁଲକ୍ଖ ।** 'ଦୁଲକ୍ଖ' ଶବ୍ଦର ସଂସ୍କାରିତ ରୂପ 'ଦୁର୍ଲକ୍ଷ'। ସୂତ୍ର ସଂଖ୍ୟା ୮/୨/୭୯ 'ସର୍ବତ୍ର ଲ-ବ-ରାମବନ୍ଦ୍ରେ' ନିୟମ (ପ୍ରାକୃତରେ ସଂଯୁକ୍ତ ବ୍ୟଞ୍ଜନରେ ପ୍ରଥମ ଏବଂ ଦ୍ୱିତୀୟ/ଅଧ ଏବଂ ଉଦ୍ଧ୍ୱର୍ ଯେଉଁ ଠାରେ ଥିଲେ ଲ-ବ-ର ବ୍ୟଞ୍ଜନ ଲୋପ ପାଇବ) ଅନୁସାରେ 'ଦୁର୍ଲକ୍ଷ' ଶବ୍ଦର 'ଲ' ବର୍ଣ୍ଣର ଉଦ୍ଧ୍ୱର୍ରେ 'ର' ଥିବାରୁ ତାହାର ଲୋପ ହୋଇଛି। ସୂତ୍ର ସଂଖ୍ୟା ୮/୨/୩ 'କ୍ଷଃ ଖଃ କ୍ୱଚିତ୍ତୁ ଛ ଝୌ' ନିୟମ (ପ୍ରାକୃତ ଭାଷାରେ 'କ୍ଷ' ସ୍ଥାନରେ ପ୍ରାୟତଃ 'ଖ' ହୋଇଥାଏ କିନ୍ତୁ ବେଳେବେଳେ 'ଛ' ଏବଂ 'ଝ' ମଧ୍ୟ ହୋଇଥାଏ) ଅନୁସାରେ 'ଦୁଲକ୍ଷ' ଶବ୍ଦର 'କ୍ଷ' ସ୍ଥାନରେ 'ଖ' ହୋଇଛି। ସୂତ୍ର ସଂଖ୍ୟା ୮/୨/୯୦ 'ଦ୍ୱିତୀୟ-ତୁର୍ଯୟୋରୁପରି ପୂର୍ବଃ' ନୟମ (ସଂଯୁକ୍ତ ବ୍ୟଞ୍ଜନରୁ ଗୋଟିଏ ବ୍ୟଞ୍ଜନ ଲୋପହେବା ପରେ ଲୋପ ପାଇନଥିବା ବ୍ୟଞ୍ଜନଟି ଦ୍ୱିତ୍ୱ ହୁଏ। ଯଦି ଲୋପ ପାଇ ନଥିବା ବ୍ୟଞ୍ଜନଟି ମହାପ୍ରାଣ ହୋଇଥାଏ ବା ଯଦି ଆଦେଶ ଫଳରେ ମହାପ୍ରାଣ ବର୍ଣ୍ଣ ହୋଇଥାଏ ତେବେ ମଧ୍ୟ ସେ ତାହାର ପୂର୍ବବର୍ତ୍ତୀ ଅଳ୍ପପ୍ରାଣ ସହ ଦ୍ୱିତ୍ୱ ହୋଇଥାଏ) ଅନୁସାରେ 'କ୍ଷ' ସ୍ଥାନରେ ଆଦେଶ ହୋଇଥିବା 'ଖ' ମହାପ୍ରାଣଟି ତାର ପୂର୍ବବର୍ତ୍ତୀ ଅଳ୍ପପ୍ରାଣ ବ୍ୟଞ୍ଜନ 'କ' ସହିତ ଦ୍ୱିତ୍ୱହୋଇ 'କ୍ଖ' ରୂପ ପ୍ରାପ୍ତ କରିଛି। ଅର୍ଥାତ୍ ଦୁର୍ଲକ୍ଷ > ଦୁଲକ୍ଷ> ଦୁଲକ୍ଖ।

**ବାଣଚିହ୍ନ ।** ବାଣଚିହ୍ନ ଶବ୍ଦର ସଂସ୍କାରିତ ରୂପ ବର୍ଣଚିହ୍ନ। ସୂତ୍ର ସଂଖ୍ୟା ୮/୨/୭୯ 'ସର୍ବତ୍ର ଲ-ବ-ରାମବନ୍ଦ୍ରେ' ନିୟମ (ପ୍ରାକୃତରେ ସଂଯୁକ୍ତ ବ୍ୟଞ୍ଜନରେ ପ୍ରଥମ ଏବଂ ଦ୍ୱିତୀୟ/ଅଧ ଏବଂ ଉଦ୍ଧ୍ୱର୍ ଯେଉଁଠାରେ ଥିଲେ ଲ-ବ-ର ବ୍ୟଞ୍ଜନ ଲୋପ ପାଇବ) ଅନୁସାରେ 'ବର୍ଣଚିହ୍ନ' ଶବ୍ଦର 'ଣ' ବର୍ଣ୍ଣର ଉଦ୍ଧ୍ୱର୍ରେ 'ର' ଥିବାରୁ ତାହାର ଲୋପ ହୋଇଛି। ୮/୨/୮୯ ସୂତ୍ର 'ଅନାଦୌ ଶେଷାଦେଶୈ ଦ୍ୱିତ୍ୱଂ' ନିୟମ (ସଂଯୁକ୍ତ ବ୍ୟଞ୍ଜନରୁ ଗୋଟିଏ ବ୍ୟଞ୍ଜନ ଲୋପହେବା ପରେ ଲୋପ ପାଇନଥିବା ବ୍ୟଞ୍ଜନଟି ଦ୍ୱିତ୍ୱ ହୁଏ) ଅନୁସାରେ 'ବଣଚିହ୍ନ' ଶବ୍ଦଟି 'ବଣ୍ଣଚିହ୍ନ'ରେ ପରିଣତ ହୋଇଛି। ଏକକୀଭବନ ହେତୁ 'ବଣ୍ଣଚିହ୍ନ' ଶବ୍ଦର 'ଣ୍ଣ' ସ୍ଥାନରେ 'ଣ' ହେବାରୁ କ୍ଷତିପୂରଣଦୀର୍ଘୀଭବନ ଦ୍ୱାରା ପୂର୍ବବର୍ତ୍ତୀ ବ୍ୟଞ୍ଜନ 'ବ'ରେ ଥିବା 'ଅ' ସ୍ୱର ସ୍ଥାନରେ 'ଆ' ହୋଇଛି। ହାତୀଗୁମ୍ଫା ଶିଳାଲେଖରେ ଏହାର ସ୍ୱରୂପ ଲକ୍ଷ୍ୟକରାଯାଏ। ଯଥା- ସବକର ବଣ ଅନୁଗହ।

**ରୂବ ।** ରୂବ > ରୂପ। ସୂତ୍ର ସଂଖ୍ୟା ୮/୧/୨୩୧ 'ପୋ ବଃ' ନିୟମ (ସଂସ୍କୃତ ଶବ୍ଦର ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା 'ପ' ବ୍ୟଞ୍ଜନ ସ୍ଥାନରେ ପ୍ରାକୃତ ଭାଷାରେ 'ବ' ହୋଇଥାଏ) ଅନୁସାରେ 'ରୂପ' ସ୍ଥାନରେ 'ରୂବ' ହୋଇଛି। ଭାଗବତରେ ଏହାର ସ୍ୱରୂପ ଲକ୍ଷ୍ୟକରାଯାଏ। ଯଥା- ଆବର କୀଟ ପେଷଷ୍ଟାରୀ। କପାଟ > କବାଟ – ସାତ କବାଟ ମହାବଳ।

**ପରିଚ୍ଛା ।** ପରିଚ୍ଛା ଶବ୍ଦର ସଂସ୍କାରିତ ରୂପ ପରୀକ୍ଷା। ସୂତ୍ର ସଂଖ୍ୟା ୮/୨/୩ 'କ୍ଷଃ ଖଃ କ୍ୱଚିତ୍ତୁ ଛ-ଝୌ' ନିୟମ ('କ୍ଷ' ସ୍ଥାନରେ 'ଖ' ହୋଇଥାଏ କିନ୍ତୁ କ୍ୱଚିତ୍ 'ଛ' ଏବଂ 'ଝ' ହୋଇଥାଏ) ଅନୁସାରେ 'କ୍ଷ' ସ୍ଥାନରେ 'ଛ' ହୋଇ 'ପରୀକ୍ଷା' ଶବ୍ଦଟି 'ପରୀଛା'ରେ ପରିଣତ ହୋଇଛି। ସୂତ୍ର ସଂଖ୍ୟା ୮/୨/୯୦ 'ଦ୍ୱିତୀୟ-ତୁର୍ଯୟୋରୁପରି ପୂର୍ବଃ' ନିୟମ (ସଂଯୁକ୍ତ ବ୍ୟଞ୍ଜନରୁ ଗୋଟିଏ ବ୍ୟଞ୍ଜନ ଲୋପହେବା ପରେ ଲୋପ ପାଇନଥିବା ବ୍ୟଞ୍ଜନଟି ଦ୍ୱିତ୍ୱ ହୁଏ। ଯଦି ଲୋପ ପାଇ ନଥିବା ବ୍ୟଞ୍ଜନଟି ମହାପ୍ରାଣ ହୋଇଥାଏ ବା ଯଦି ଆଦେଶ ଫଳରେ ମହାପ୍ରାଣ ବର୍ଣ୍ଣ ହୋଇଥାଏ ତେବେ ମଧ୍ୟ ସେ ତାହାର ପୂର୍ବବର୍ତ୍ତୀ ଅଳ୍ପପ୍ରାଣ ସହ ଦ୍ୱିତ୍ୱ ହୋଇଥାଏ) ଅନୁସାରେ 'କ୍ଷ' ସ୍ଥାନରେ ଆଦେଶ ହୋଇଥିବା 'ଛ' ମହାପ୍ରାଣଟି ତାର ପୂର୍ବବର୍ତ୍ତୀ ଅଳ୍ପପ୍ରାଣ ବ୍ୟଞ୍ଜନ 'ଚ' ସହିତ ଦ୍ୱିତ୍ୱହୋଇ 'ଚ୍ଛ' ରୂପ ପ୍ରାପ୍ତ କରିଛି। ସୂତ୍ର ସଂଖ୍ୟା ୮/୧/ ୮୪ 'ହ୍ରସ୍ୱ ସଂଯୋଗେ' ନୟମ (ଦୀର୍ଘସ୍ୱର ଆଗରେ ସଂଯୁକ୍ତ ଅକ୍ଷର ଥିଲେ, ଦୀର୍ଘସ୍ୱର ସ୍ଥାନରେ ହ୍ରସ୍ୱସ୍ୱର ହୋଇଥାଏ) ଅନୁସାରେ 'ପରୀଚ୍ଛା' ଶବ୍ଦଟି 'ପରିଚ୍ଛା'ରେ ପରିଣତ ହୋଇଛି।

**ସାଚ ।** 'ସାଚ' ଶବ୍ଦର ସଂସ୍କାରିତ ରୂପ 'ସତ୍ୟ'। ସୂତ୍ର ସଂଖ୍ୟା ୮/୨/୧୩ 'ତ୍ୟୋ ଅଚୈତ୍ୟେ' ନିୟମ (ଚୈତ୍ୟ ଶବ୍ଦ ବ୍ୟତୀତ ଅନ୍ୟ ଯେଉଁ ଶବ୍ଦରେ 'ତ୍ୟ' ସଂଯୁକ୍ତର ବ୍ୟବହାର ହୋଇଛି, ସେଠାରେ 'ତ୍ୟ' ସ୍ଥାନରେ 'ଚ' ହୋଇଥାଏ) ଅନୁସାରେ 'ସତ୍ୟ' ଶବ୍ଦର 'ତ୍ୟ' ସ୍ଥାନରେ 'ଚ' ହୋଇଛି। ୮/୨/୮୯ ସୂତ୍ର 'ଅନାଦୌ ଶେଷାଦେଶୈ ଦ୍ୱିତ୍ୱଂ' ନିୟମ (ସଂଯୁକ୍ତ ବ୍ୟଞ୍ଜନରୁ ଗୋଟିଏ ବ୍ୟଞ୍ଜନ ଲୋପହେବା ପରେ ଲୋପ ପାଇନଥିବା ବ୍ୟଞ୍ଜନଟି ଦ୍ୱିତ୍ୱ ହୁଏ) ଅନୁସାରେ 'ସଚ' ଶବ୍ଦଟି 'ସଚ୍ଚ'ରେ ପରିଣତ ହୋଇଛି। ଏକକୀଭବନ ହେତୁ 'ସଚ୍ଚ' ଶବ୍ଦର 'ଚ୍ଚ' ସ୍ଥାନରେ 'ଚ' ହେବାରୁ କ୍ଷତିପୂରଣଦୀର୍ଘୀଭବନ ଦ୍ୱାରା ପୂର୍ବବର୍ତ୍ତୀ ବ୍ୟଞ୍ଜନ 'ସ' ରେ ଥିବା 'ଅ' ସ୍ୱର ସ୍ଥାନରେ 'ଆ' ହୋଇଛି। ଅର୍ଥାତ୍ ସଚ୍ଚ > ସାଚ। ମହାଭାରତରେ ଏହାର ସ୍ୱରୂପ ଲକ୍ଷ୍ୟକରାଯାଏ। ଯଥା- ବିସ୍ତର ଉଦର ଯାହାର ଗ୍ୟାନ ସଚ୍ଚା।

**ମିଚ୍ଛା ।** 'ମିଚ୍ଛା' ଶବ୍ଦର ସଂସ୍କାରିତ ରୂପ 'ମିଥ୍ୟା'। ସୂତ୍ର ୮/୨/୨୧ 'ହ୍ରସ୍ୱାତ୍ ଥ୍ୟ-ଶ୍ଚ-ତ୍ସ-ପ୍ସାମନିଶ୍ଚଲେ' (ନିଶ୍ଚଳ ଶବ୍ଦର 'ଶ୍ଚ' ବ୍ୟତୀତ କୌଣସି ଶବ୍ଦର ହ୍ରସ୍ୱ ସ୍ୱର ପରେ ଥ୍ୟ-ଶ୍ଚ-ତ୍ସ ସଂଯୁକ୍ତ ବ୍ୟଞ୍ଜନ ଥିଲେ ପ୍ରାକୃତ ଭାଷାରେ ସେଠାରେ 'ଛ' ହୋଇଥାଏ) ଅନୁସାରେ 'ମିଥ୍ୟା' ଶବ୍ଦର 'ଥ୍ୟ' ସ୍ଥାନରେ 'ଛ' ହୋଇଛି। ସୂତ୍ର ସଂଖ୍ୟା ୮/୨/୯୦ 'ଦ୍ୱିତୀୟ-ତୁର୍ଯୟୋରୁପରି ପୂର୍ବଃ' ନିୟମ (ସଂଯୁକ୍ତ ବ୍ୟଞ୍ଜନରୁ ଗୋଟିଏ ବ୍ୟଞ୍ଜନ

ଲୋପହେବା ପରେ ଲୋପ ପାଇନଥିବା ବ୍ୟଞ୍ଜନଟି ଦ୍ୱିତ୍ୱ ହୁଏ। ଯଦି ଲୋପ ପାଇ ନଥିବା ବ୍ୟଞ୍ଜନଟି ମହାପ୍ରାଣ ହୋଇଥାଏ ବା ଯଦି ଆଦେଶ ଫଳରେ ମହାପ୍ରାଣ ବର୍ଣ୍ଣ ହୋଇଥାଏ ତେବେ ମଧ୍ୟ ସେ ତାହାର ପୂର୍ବବର୍ତ୍ତୀ ଅଳ୍ପପ୍ରାଣ ସହ ଦ୍ୱିତ୍ୱ ହୋଇଥାଏ) ଅନୁସାରେ 'କ୍ଷ' ସ୍ଥାନରେ ଆଦେଶ ହୋଇଥିବା 'ଛ' ମହାପ୍ରାଣଟି ତାର ପୂର୍ବବର୍ତ୍ତୀ ଅଳ୍ପପ୍ରାଣ ବ୍ୟଞ୍ଜନ 'ଚ' ସହିତ ଦ୍ୱିତ୍ୱହୋଇ 'ଚ୍ଛ' ରୂପ ପ୍ରାପ୍ତ କରିଛି।

**ଅବ୍ୟୟ: ନିଚ୍ଚିତ ।** ନିଶ୍ଚିତ > ନିଚ୍ଚିତ। ସୂତ୍ର ସଂଖ୍ୟା ୮/୨/୭୭ 'କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ପାମୁଦ୍ଧ୍ୱର୍ ଲୁକ୍' ନିୟମ (ପ୍ରାକୃତ ଭାଷାରେ ସଂଯୁକ୍ତ ବ୍ୟଞ୍ଜନର ଆଦିରେ କ-ଗ-ଟ-ଡ-ତ-ଦ-ପ-ଶ-ଷ-ସ ବର୍ଣ୍ଣ ଥିଲେ ତାହା ଲୋପ ପାଇଥାଏ) ଅନୁସାରେ 'ଶ୍ଚି' ସଂଯୁକ୍ତ ବ୍ୟଞ୍ଜନର ଆଦି/ଉର୍ଦ୍ଧ୍ୱରେ 'ଶ' ଥିବାରୁ ତାହାର ଲୋପ ହୋଇଛି। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏହାର ସ୍ୱରୂପ ଲକ୍ଷ୍ୟକରାଯାଏ। ଯଥା-

ନିଚୟେ ଆମ୍ଭର ଏ ନୋହଇ ବଲ୍ଲଭୀ। (ମହାଭାରତ) ମାତୃଗଣ ନିଚିନ୍ତ ହୋଇଣ ରହିଲେ। (ରାମାୟଣ)

**ପଞ୍ଚବି ।** ପଞ୍ଚଅପି > ପଞ୍ଚବି । ପ୍ରାକୃତ ବ୍ୟାକରଣ ୮/୧/୪୧ ସୂତ୍ର 'ପଦାଦପେର୍ବା' (ପ୍ରାକୃତ ଭାଷାରେ ଶବ୍ଦର ପରେ ରହୁଥିବା 'ଅପି' ଅବ୍ୟୟର ଆଦି ସ୍ୱର 'ଅ' ଲୋପ ହୋଇଥାଏ) ଅନୁସାରେ 'ଅ' ବର୍ଣ୍ଣର ଲୋପ ହୋଇଛି। ସୂତ୍ର ସଂଖ୍ୟା ୮/୧/୨୩୧ 'ପୋ ବଃ' ନିୟମ (ସଂସ୍କୃତ ଶବ୍ଦର ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା 'ପ' ବ୍ୟଞ୍ଜନ ସ୍ଥାନରେ ପ୍ରାକୃତ ଭାଷାରେ 'ବ' ହୋଇଥାଏ) ଅନୁସାରେ 'ପି' ସ୍ଥାନରେ 'ବି' ହୋଇଛି। ଏତଏବ ପଞ୍ଚଅପି > ପଞ୍ଚପି > ପଞ୍ଚବି/ ପଞ୍ଚ+ଅପି > ପଞ୍ଚ+ପି > ପଞ୍ଚ+ବି।

**ବେଣି ।** ବେନି > ବେଣି । ପ୍ରାକୃତ ବ୍ୟାକରଣର ସୂତ୍ର ସଂଖ୍ୟା ୮/୧/୨୨୮ 'ନୋ-ଣଃ' ନିୟମ (ପ୍ରାକୃତରେ 'ନ' ସ୍ଥାନରେ 'ଣ' ହୋଇଥାଏ) ଅନୁସାରେ 'ବେନି' ଶବ୍ଦର 'ନ' ସ୍ଥାନରେ 'ଣ' ହୋଇ 'ବେଣି' ଶବ୍ଦ ନିର୍ମିତ ହୋଇଛି।

**ସର୍ବନାମ: ଆମ୍ହେ ।** ଅସ୍ମେ > ଆମ୍ହେ । ପ୍ରାକୃତ ବ୍ୟାକରଣର ସୂତ୍ର ସଂଖ୍ୟା ୮/୨/୭୪ ପକ୍ଷ୍ମ-ଶ୍ମ-ଷ୍ମ-ସ୍ମ-ହ୍ମାଂ ମ୍ହଃ (ସଂସ୍କୃତ ଶବ୍ଦର ସଂଯୁକ୍ତ ବ୍ୟଞ୍ଜନରେ ଥିବା ଶ୍ମ,ଷ୍ମ,ସ୍ମ,ହ୍ମ ଏବଂ 'ପକ୍ଷ୍ମ' ଶବ୍ଦର 'କ୍ଷ୍ମ'କୁ ପ୍ରାକୃତ ଭାଷାରେ 'ମ୍ହ' ଆଦେଶ ହୋଇଥାଏ) ଅନୁସାରେ 'ସ୍ମ' ସ୍ଥାନରେ 'ମ୍ହ' ଏବଂ ସଂଯୁକ୍ତ ବର୍ଣ୍ଣ ପୂର୍ବ ବର୍ଣ୍ଣଟି ଦୀର୍ଘୀ-ଭବନ ହେତୁ 'ଆ' ହୋଇଛି। ଅସ୍ମେ > ଅମ୍ହେ > ଆମ୍ହେ।

**ଏଉ ।** ଏଷୁ/ଏତେଷୁ>ଏହୁ । ସଂସ୍କୃତ 'ଇଦମ୍' ଏବଂ 'ଏତଦ' ଶବ୍ଦ ରୂପର ସପ୍ତମୀ ବହୁବଚନ ରୂପେ 'ଏଷୁ' ଏବଂ 'ଏତେଷୁ' । ଏହି ଏଷୁ/ଏତେଷୁର ପ୍ରାକୃତ ରୂପ ଏହୁ। ପ୍ରାକୃତ ଭାଷାର 'ଏହୁ' ଅବିକଳ ଓଡ଼ିଆ ଭାଷାରେ ପ୍ରବେଶ କରିଛି। ଏହୁ ସର୍ବନାମରୁ 'ହ' ଲୋପ ହେବା ପରେ ଏଉ ହୋଇଛି। ଅର୍ଥାତ୍ ଏଷୁ > ଏହୁ > ଏଉ ବା ଏତେଷୁ > ଏଏଷୁ > ଏହୁ > ଏଉ।

**କାହି ।** କସ୍ମିନ୍ > କାହି । ପ୍ରାକୃତ ବ୍ୟାକରଣର ସୂତ୍ର ସଂଖ୍ୟା ୮/୧/୧୧ ଅନ୍ତ୍ୟ ବ୍ୟଞ୍ଜନସ୍ୟ (ବ୍ୟଞ୍ଜନାନ୍ତ ସଂସ୍କୃତ ଶବ୍ଦ ପ୍ରାକୃତରେ ପରିବର୍ତ୍ତିତ ହେବା ସମୟରେ ଅନ୍ତ୍ୟ ବ୍ୟଞ୍ଜନର ଲୋପ ହୋଇଥାଏ) ଅନୁସାରେ କସ୍ମିନ୍ > କସ୍ମି। ସୂତ୍ର ସଂଖ୍ୟା ୮/୧/୮୪ 'ହ୍ରସ୍ୱ ସଂଯୋଗେ' ନୟମ (ଦୀର୍ଘସ୍ୱର ଆଗରେ ସଂଯୁକ୍ତ ଅକ୍ଷର ଥିଲେ, ଦୀର୍ଘସ୍ୱର ସ୍ଥାନରେ ହ୍ରସ୍ୱସ୍ୱର ହୋଇଥାଏ) ଅନୁସାରେ 'କସ୍ମି' ଶବ୍ଦଟି 'କାସ୍ମି'ରେ ପରିଣତ ହୋଇଛି। ସୂତ୍ର ସଂଖ୍ୟା ୮/୨/୭୮ 'ଅଧୋମନୟାମ୍' ନିୟମ (ପ୍ରାକୃତ ଭାଷାରେ ସଂଯୁକ୍ତ ବ୍ୟଞ୍ଜନର ଦ୍ୱିତୀୟ/ନିମ୍ନରେ ଯୁକ୍ତ ହୋଇଥିବା ମ-ନ-ୟ ବ୍ୟଞ୍ଜନ ଲୋପ ହୋଇଥାଏ) ଅନୁସାରେ ସଂଯୁକ୍ତ 'ସ୍ମ' ବ୍ୟଞ୍ଜନରୁ 'ମ' ଲୋପ ହୋଇ କାସି ହୋଇଛି। ସୂତ୍ର ସଂଖ୍ୟା ୮/୧/୨୬୪ 'ଦିବସେ ସଃ' ନିୟମ (ଦିବସ ଶବ୍ଦର 'ସ' ସ୍ଥାନରେ 'ହ' ହୋଇଥାଏ) ଅନୁସାରେ 'ସ' ସ୍ଥାନରେ 'ହ' ହୋଇଛି।

**କୋ ।** କଃ > କୋ। 'କୋ'-ର ସଂସ୍କାରିତ ରୂପ 'କଃ'। ସୂତ୍ର ସଂଖ୍ୟା ୮/୧/୩୭ 'ଅତୋ ଡୋ ବିସର୍ଗସ୍ୟ' ନିୟମ (ପ୍ରାକୃତ ଭାଷାରେ ବିସର୍ଗ ସ୍ଥାନରେ 'ଓ-କାର' ହୋଇଥାଏ) ଅନୁସାରେ 'କଃ' ସ୍ଥାନରେ 'କୋ' ହୋଇଛି।

**କ୍ରିୟାପଦ: ଭଣଇ।** ଭଣତି > ଭଣଇ । ପ୍ରାକୃତ ଭାଷାରେ ବର୍ତ୍ତମାନ କାଳରେ ପ୍ରଥମ ପୁରୁଷ (ଓଡ଼ିଆରେ ତୃତୀୟ ପୁରୁଷ) ଏକବଚନର ରୂପ 'ଭଣଇ' । ସୂତ୍ର ସଂଖ୍ୟା ୮/୧/୧୭୭ 'କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋ ଲୁକ୍' ନିୟମ (କ-ଗ-ଚ-ଜ-ତ-ଦ-ପ-ୟ-ବ ବ୍ୟଞ୍ଜନଗୁଡ଼ିକ ଅସଂଯୁକ୍ତ ଅବସ୍ଥାରେ ଶବ୍ଦର ଆରମ୍ଭରେ ନଥାଇ ଅନ୍ୟ ସ୍ଥାନରେ ଥିଲେ ଲୋପ ପାଏ) ଅନୁସାରେ ଅନାଦି ଅବସ୍ଥାରେ ଥିବା 'ତ' ବର୍ଣ୍ଣ ଲୋପ ହେବା ହେତୁ 'ଭଣତି' ଶବ୍ଦଟି 'ଭଣଇ'ରେ ପରିଣତ ହୋଇଛି।

**କରିଅଇ ।** ଏହାର ମୂଳ ରୂପ ସଂସ୍କୃତର 'କୃ' ଧାତୁ। 'କୃ' ଧାତୁକୁ ପ୍ରାକୃତରେ 'କର୍' ଆଦେଶ ହୋଇଥାଏ। 'କର' ସହ ଓଡ଼ିଆ ଭବିଷ୍ୟତ କାଳର 'ଇବି' ପ୍ରତ୍ୟୟ ଯୋଗେ ସୃଷ୍ଟ ଶବ୍ଦ କରିବି । 'କରିବି' କ୍ରିୟାର ସ୍ୱର ସମ୍ପ୍ରସାରଣ ରୂପ 'କରିବଇ'। ସୂତ୍ର ସଂଖ୍ୟା ୮/୧/୧୭୭ 'କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋ ଲୁକ୍' ନିୟମ (କ, ଗ, ଚ, ଜ, ତ, ଦ, ପ, ୟ, ବ ବ୍ୟଞ୍ଜନଗୁଡ଼ିକ ଅସଂଯୁକ୍ତ ଅବସ୍ଥାରେ ଶବ୍ଦର ଆରମ୍ଭରେ ନଥାଇ ଅନ୍ୟ ସ୍ଥାନରେ ଥିଲେ ଲୋପ ପାଏ) ଅନୁସାରେ ଅନାଦି ଅବସ୍ଥାରେ ଥିବା 'ବ' ବର୍ଣ୍ଣ ଲୋପ ହେବା ହେତୁ 'କରିବଇ' ଶବ୍ଦଟି 'କରିଅଇ'ରେ ପରିଣତ ହୋଇଛି। ଅର୍ଥାତ୍ କୃ > କର୍ > କରିବି > କରିବଇ> କରିଅଇ।

ହେବା ଅର୍ଥରେ ସଂସ୍କୃତରେ ଯେଉଁଠି 'ଭୂ' ବା 'ଭବ୍' ଧାତୁ ବ୍ୟବହାର ହୋଇଥାଏ, ପ୍ରାକୃତରେ ସେହି ସ୍ଥାନରେ 'ହୋ', 'ହୁବ' ଏବଂ 'ହବ' ଧାତୁର ବ୍ୟବହାର ହୋଇଥାଏ। (ଭୁବେ ର୍ହୋ-ହୁବ-ହବାଃ ୮/୪/୬୦) ହୋ, ହୁବ, ହବ ଆଦି ଧାତୁକୁ ନେଇ ଗଠିତ କ୍ରିୟାପଦର ବ୍ୟବହାର ଅଭିଲେଖରେ ରହିଛି।

**ଜାଣି ।** ସଂସ୍କୃତ 'ଜ୍ଞା' ଧାତୁ ସ୍ଥାନରେ ପ୍ରାକୃତ ଭାଷାରେ 'ଜାଣ' ଏବଂ 'ମଣ' ଧାତୁର ବ୍ୟବହାର ହୋଇଥାଏ (ଜ୍ଞୋ ଜାଣ ମୁଣୌ ୮/୪/୭)। ପ୍ରାକୃତ ଭାଷାର 'ଜାଣି' ଅବିକଳ ଓଡ଼ିଆ ଭାଷାରେ ପ୍ରବେଶ କରିଛି। ଭାଗବତରେ ଏହାର ସ୍ୱରୂପ ଲକ୍ଷ୍ୟକରାଯାଏ। ଯଥା- ମନେ ଜାଣିଲେ ବନମାଳି। ୧୦/୨୬/୧୨୩।

ଲୁଇପାଙ୍କ ଚର୍ଯ୍ୟାଗୀତୀୟ ପ୍ରାକୃତ ଭାଷାର ସାମ୍ୟ ପ୍ରାଚୀନ ଓଡ଼ିଆ ଭାଷା ସହିତ ରହିଛି। ଏହାକୁ ନିମ୍ନମତେ ଆଲୋଚନା କରାଯାଇ ପାରେ। ଯଥା- ଲୁଇପା ଚର୍ଯ୍ୟା-୨୯ରେ 'କିସ' ସର୍ବନାମର ପ୍ରୟୋଗ କରିଛନ୍ତି। ଏହା କେବଳ ଓଡ଼ିଆ ଭାଷାରେ ବ୍ୟବହୃତ ହେଉଥିବା ସର୍ବନାମ ପଦ। ବଙ୍ଗଳା ଭାଷାରେ ଏହାର ବ୍ୟବହାର ନାହିଁ। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏହାର ବ୍ୟବହାର ହୋଇଛି। ଯଥା- କିସ ଅର୍ଥେ ରୋଳ କରୁ ଅନମିତି। (ସାରଳା ମହାଭାରତ, ଆ.ପ)

କିସ ମାତ୍ର ରାବଣ କିସ ଲଙ୍କାଗଡ଼। (ଦାଣ୍ଡି ରାମାୟଣ)

ନିଶ୍ଚିତ ଅର୍ଥରେ 'ବି' ଅବ୍ୟୟର ପ୍ରୟୋଗ କେବଳ ଓଡ଼ିଆ ଭାଷାରେ ପ୍ରୟୋଗ ହୋଇଥାଏ। ଲୁଇପା ଚର୍ଯ୍ୟା-୧ରେ 'ବି' ଅବ୍ୟୟର ପ୍ରୟୋଗ କରିଛନ୍ତି। ବଙ୍ଗଳା ଭାଷାରେ ଏହାର ବ୍ୟବହାର ନାହିଁ। ମାନକ ଓଡ଼ିଆ ଭାଷାରେ ଏହାର ବ୍ୟବହାର ହୋଇଛି। ଯଥା- ସୀତା ଖେଳକୁଦ କଲେ ବି ଭଲ ପାଠ ପଢ଼େ।

ପ୍ରାକୃତ ଧାତୁରେ ବର୍ତ୍ତମାନ କାଳର ତୃତୀୟ ପୁରୁଷ ଏକବଚନରେ 'ଇ' ପ୍ରତ୍ୟୟ ଯୋଗ କରାଯାଇଥାଏ। ଲୁଇପାଙ୍କ କବିତାରେ ଏହାର ସ୍ୱରୂପ ଦେଖିବାକୁ ମିଳେ। ଯଥା- ଭଣ+ଇ(ଭଣଇ), ଭିଡ଼+ଇ(ଭିଡ଼ି), ଜାଣ+ଇ(ଜାଣି), ବଖାଣ+ଇ(ବଖାଣି)..

ଏହି ସମସ୍ତ କ୍ରିୟାପଦ ଉଭୟ ପ୍ରାକୃତ ଏବଂ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇଥାଏ।

ନିସ୍ତାର ହୋଇବା ଯେମନ୍ତେ। ଭଣଇ ବିପ୍ର ଜଗନ୍ନାଥେ। ୧୦/୨୦/୩୮ (ଭାଗବତ)

ତାହା ମୁଁ ତୁମ୍ଭ ଆଗେ କରୁଛି ବଖାଣ। (କୃଷ୍ଣସିଂହ ମହାଭାରତ)

ଲୁଇପାଙ୍କ 'ସୁନୁପାଖ ଭିଡ଼ି ଲେହୁରେ ପାସ' (ପ୍ରବୋଧ ଚନ୍ଦ୍ର ବାଗଚୀ, ଚର୍ଯାଗୀତିକୋଷ) କବିତାଂଶରେ ବ୍ୟବହୃତ 'ଭିଡ଼ି' କ୍ରିୟାପଦଟି କେବଳ ଓଡ଼ିଆ ଭାଷାରେ ବ୍ୟବହୃତ। ବଙ୍ଗଳା ଭାଷାରେ 'ଭିଡ଼ି' କ୍ରିୟାପଦର ବ୍ୟବହାର ନାହିଁ। ପାଦେ ପାଦ ଭିଡ଼ିଣ ମହାଗାଢ଼େ ବାନ୍ଧି (ମହାଭାରତ, ଗଦା ପର୍ବ), ଗଡ଼ାଗଡ଼ି ଭିଡ଼ାଭିଡ଼ି କଚଡ଼ା କଚଡ଼ି (କୀଚକ ବଧ, ଗଙ୍ଗାଧର ମେହେର)।

ପ୍ରାକୃତରେ 'ନ' ସ୍ଥାନରେ 'ଲ' ହୋଇଥାଏ । ଯଥା- ନିମ୍ବ> ଲିମ୍ବ, ନାପିତ > ଲାପିତ । ସେଥି ନିମନ୍ତେ ହେମଚନ୍ଦ୍ର 'ନିମ୍ବ-ନାପିତେ-ଲ-ଣହଂ ବା' ୮/୧/୨୩୦ ସୂତ୍ରର ବ୍ୟବହାର କରିଛନ୍ତି। ଓଡ଼ିଆ ଭାଷାରେ ଏହାର ରୂପ ପରିଲକ୍ଷିତ। ବିଶେଷକରି କଟକିଆମାନେ 'ନ' ସ୍ଥାନରେ 'ଲ' ବର୍ଣ୍ଣର ବ୍ୟବହାର କରିଥାନ୍ତି। ସେଥି ପାଇଁ କଟକିଆମାନଙ୍କୁ ବ୍ୟଙ୍ଗ କଲାବେଳେ ଅନ୍ୟମାନେ କୁହନ୍ତି, - 'ଲ ଟଙ୍କାରେ ଲ'ଟା ଲଡ଼ିଆ ଲବୁ ଯଦି ଲେ'। ଲୁଇପାଙ୍କ କବିତାରେ ନ-କାର ସ୍ଥାନରେ ଲ-କାର ପ୍ରୟୋଗ ହୋଇଛି। ଯଥା- ଲେହୁ, ଲେଇ।

ଲୁଇପା ଦ୍ୱିତୀୟା ବିଭକ୍ତିରେ 'ରେ' ପ୍ରତ୍ୟୟର ପ୍ରୟୋଗ କରିଛନ୍ତି। ଯଥା- କାହେରେ କିସ ଭଣି ଅଇ ଦିବି ପରିଚ୍ଛା। ବଙ୍ଗଳା ଭାଷାରେ ଏହାର ବ୍ୟବହାର ନାହିଁ। ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏହାର ବ୍ୟବହାର ହୋଇଛି। ଯଥା- ସ୍ନାହାନ ସାରି ସାୟେନ୍ତନୁ ଅଇଲେ ରାଜ୍ୟରେ। (ସାରଳା ମହାଭାରତ)

ଲୁଇପା ଚର୍ଯ୍ୟା-୧ରେ 'ବଇଠା' ଶବ୍ଦର ପ୍ରୟୋଗ କରିଛନ୍ତି। ବଇଠା ଶବ୍ଦଟି ଓଡ଼ିଆ ଭାଷାରେ ଦୀପରୁଖା, ଦୀପ ଅର୍ଥରେ ବ୍ୟବହୃତ ହୋଇଥାଏ। ବଙ୍ଗଳାରେ ବଇଠା ଶବ୍ଦର ଏହି ଅର୍ଥରେ ପ୍ରୟୋଗ ନାହିଁ। ଓଡ଼ିଆ ଲୋକୋକ୍ତିରେ ଏହାର ବ୍ୟବହାର- ସଦଗୁରୁ ଯେବେ ମାରେ ଗୋଇଠା/ ଅନ୍ଧାର ଘରେ ଜଳେ ବଇଠା।

ଲୁଇପାଙ୍କ ବ୍ୟବହୃତ 'ସୁନ', 'ପାଖ', 'ଡାଳ' ଆଦି ଶବ୍ଦର ପ୍ରୟୋଗ ମାନକ ଓଡ଼ିଆ ଭାଷାରେ ହେଉଛି। ବଙ୍ଗଳା ଭାଷାରେ ଏହାର ବ୍ୟବହାର ନାହିଁ।

'କ' ପରପ୍ରତ୍ୟୟ ଯୁକ୍ତ ଶବ୍ଦର ପ୍ରୟୋଗ ଲୁଇପାଙ୍କ ଚର୍ଯ୍ୟାରେ ହୋଇଛି। ଯଥା- କରଣକ, ଛାନ୍ଦକ। ପ୍ରାଚୀନ ଓଡ଼ିଆ ସାହିତ୍ୟରେ 'କ' ପରପ୍ରତ୍ୟୟ ଯୁକ୍ତ ଶବ୍ଦର ପ୍ରୟୋଗ- ଶୁଣି ଇନ୍ଦ୍ରଜିତ ଯେ ଗଲାକ ତଡ଼ତି।/ ଶାର୍ଦ୍ଦୋଳ ନାମ ଧରି ରାଇଲାକ ଧାତି। (ଦାଣ୍ଡି ରାମାୟଣ, ଲଙ୍କା କାଣ୍ଡ)

ଭାଷା ଦୃଷ୍ଟିରୁ ଆଲୋଚନା କଲେ ଜଣାଯାଏ, ଲୁଇପାଙ୍କ ଚର୍ଯ୍ୟାପଦର ପ୍ରାକୃତ ଶବ୍ଦ ସହିତ ପ୍ରାଚୀନ ଓଡ଼ିଆ ଭାଷାର ଅନେକ ସଂପର୍କ ରହିଛି। ତାଙ୍କ ଚର୍ଯ୍ୟାପଦରେ କେତେକ ଓଡ଼ିଆ ଶବ୍ଦର ଅବିକଳ ପ୍ରୟୋଗ ବି ଲକ୍ଷ୍ୟ କରାଯାଏ। ଏଣୁ ସେ ଓଡ଼ିଶା ନିବାସୀ ଥିଲେ ବୋଲି କୁହାଯାଇ ପାରିବ। ପ୍ରାଚୀନ ଓଡ଼ିଆ ଗ୍ରନ୍ଥ, ବିଭିନ୍ନ ଭାଷାବିତ୍ ତଥା ସାହିତ୍ୟିକଙ୍କ ମତ ବି ପ୍ରମାଣ କରେ ଲୁଇପା ଓଡ଼ିଶା ବାସୀ ଥିଲେ।

ପାଦଟୀକା:

୧) ପାଗ୍-ସମ୍-ଜୋନ୍-ଜାଙ୍ଗ ଅନୁସାରେ ସିଦ୍ଧ ଲୁଇପା ଉଡ୍ଡୀୟାନ ପ୍ରଦେଶର ଏକ ମତ୍ସଜୀବୀ କୁଳରେ ଜନ୍ମଗ୍ରହଣ କରିଥିଲେ।

୨) ତାରା ନାଥଙ୍କ ମତାନୁସାରେ ଲୁଇପା ଓଡ଼ିଆଣ ରାଜାଙ୍କର କରଣ ଥିଲେ। (Jonang School of Tibetan Buddhism)

୩) ବ୍ୟୁଟନ ରିଞ୍ଚେନ ଡ୍ରବଙ୍କ ମତରେ ଲୁଇପା ଓଡ଼ିଆଣର ରାଜା ଲଳିତ ଚନ୍ଦ୍ରଙ୍କ ପୁତ୍ର ଥିଲେ। (History of Buddism)

୪) ରାମପ୍ରସାଦ ମିଶ୍ରଙ୍କ ମତରେ "As it has been seen earlier, historians have already proved the afforescene of two Luipas- the Elder Luipa and younger Luipa. The Elder Luipa flourishing before Santarakshita was a sidda of Sahajayana a while the younger Luipa born at Chandradvipa of Sahajayana of Orissa was a siddha of Natha sent." (Sahajayana: A study of Tantric Buddhism)

୫) ପ୍ରତ୍ୟୁଷ କୁମାର ରୀତଙ୍କ ମତରେ – ଯାଇ ହୋକ୍, ଲୁଇପାଦ ଦଶମ ଶତାବ୍ଦୀର କୋନୋ ସମୟ ଉପସ୍ଥିତ ଛିଲେନ ଏବଂ ବାଂଲା ବା ଉଡ଼ିଷ୍ୟାୟ ଜନ୍ମଗ୍ରହଣ କରେ ଛିଲେନ୍- ଏମନ ଅନୁମାନଇ ଠିକ୍। (ଚର୍ଯ୍ୟାର କବି: ଚର୍ଯ୍ୟାର ସିଦ୍ଧାଚାର୍ଯ୍ୟ, ବିଷୟ: ଚର୍ଯ୍ୟାପଦ, ଦଶଦିଶି, ପ୍ରଥମ ବର୍ଷ, ସଂଖ୍ୟା-୨ ପୃ- ୧୩୫)

୬) ଅମରକୋଷ ଗ୍ରନ୍ଥରେ ଲୁଇପାଙ୍କ ବର୍ଣ୍ଣନା- ଶୁଣ ପୁତା ଲୋଇରେ ନବ ନଟୀର ବାଟ।/ ଶୁଣ ପୁତା ଲୋଇରେ ଶରୀର ବିଚାର।/ ଲୋଇ ପଚାରଇ ଶୁଣ ଅଣାକାର ପୁରୁଷ।/ ଲୋଇ ପଚାରଇ ଶୁଣିବା ଗୋସାଇଁ।/ ଶୁଣଶୁଣ ପୁତା ଲୋଇରେ ପିମ୍ପୁଡ଼ି ହାତେ ବାଟ କଢ଼ାଇ।

୭) ଅଚ୍ୟୁତାନନ୍ଦଙ୍କ ଶୂନ୍ୟସଂହିତାର ଦ୍ୱାଦଶ ଅଧ୍ୟାୟରେ ଲୁଇପାଙ୍କ ବର୍ଣ୍ଣନା- ଲୋଇ ଦାସଙ୍କର ମଠ ଅଟଇ ଏ ପୁଣ। ଲୟ କରିଥାନ୍ତି ଏକା ନିରାକାର ବ୍ରହ୍ମ।। ୭୪।।/ ଲୋଇ ଦାସ କପିଳଙ୍କ ସାକ୍ଷୀ ମନ୍ତ୍ର ଯେତେ। କହିଲେ ସେ ଯେ ଯେମନ୍ତ ହୋଇଛି ଜଗତେ ।। ୧୮୨।।

୮) ଶିଶୁ ଅନନ୍ତଙ୍କ ଗୁପ୍ତଗୀତାରେ ଲୁଇପାଙ୍କ ବର୍ଣ୍ଣନା- କାହ୍ନୁପା ହାଡ଼ୀପା ବିରୂପା ଲୋଇ। ସର୍ବା ଋଷି ବଶିଷ୍ଠ ଜାବାଳି କହି।।

ସହାୟକ ଗ୍ରନ୍ଥସୂଚୀ:

୧) କର, କରୁଣାକର। ୨୦୧୭। ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ। ଭୁବନେଶ୍ୱର: ଓଡ଼ିଶା ସାହିତ୍ୟ ଏକାଡ଼େମୀ।
୨) ଦାଶ, ଗୌରାଙ୍ଗ ଚରଣ ଓ ଅନ୍ୟାନ୍ୟ। ୨୦୨୧। ସାରୋଳଦାସ ମହାଭାରଥ। ଭୁବନେଶ୍ୱର: ଶିକ୍ଷା ଓ ଅନୁସନ୍ଧାନ।
୩) ନାୟକ, କଳ୍ପତରୁ। ୨୦୧୭। ଭାଗବତର ଭାଷା ବିଶ୍ଳେଷଣ। କଟକ: ମିତା ବୁକସ୍।
୪) ନାୟକ, ମୃତ୍ୟୁଞ୍ଜୟ। ୧୯୯୨। ସନ୍ଥ ଅଚ୍ୟୁତାନନ୍ଦ ଓ ଶୂନ୍ୟ ସଂହିତା। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ।
୫) ବାଗ୍‌ଚୀ, ପ୍ରବୋଧ ଚନ୍ଦ୍ର ଏବଂ ଶାସ୍ତ୍ରୀ ଶାନ୍ତି ଭିକ୍ଷୁ। ୧୯୫୬। ଚର୍ଯ୍ୟାଗୀତିକୋଷ। ବିଶ୍ୱଭାରତୀ: ଶାନ୍ତିନିକୋତନ।
୬) ମହାନ୍ତି, ଯତୀନ୍ଦ୍ର ମୋହନ। ୨୦୧୨। ପ୍ରାଚୀନ ଓଡ଼ିଆ କବିତା ସମ୍ଭାର। ଭୁବନେଶ୍ୱର: ବିଦ୍ୟା।
୭) ମହାନ୍ତି, ବଂଶୀଧର। ୨୦୧୯। ଓଡ଼ିଆ ସାହିତ୍ୟର ଇତିହାସ(ପ୍ରାକ୍ ସାରଳା ସାହିତ୍ୟ)। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ।
୮) ମହାପାତ୍ର, ଖଗେଶ୍ୱର। ୧୯୯୯। ଚର୍ଯ୍ୟାଗୀତିକା। କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ।
୯) ମୁଖୋପାଧ୍ୟାୟ, ଅତନୁଶାସନ।୨୦୧୨। ବିଷୟ ଚର୍ଯାପଦ। କଲିଲକା: ଦଶଦିଶି।
୧୦) ଷଡ଼ଙ୍ଗୀ, ବଂଶୀଧର(ସଂ)। ୨୦୨୧। ଜଗନ୍ନାଥ ଦାସଙ୍କ ଭାଗବତ (ଦଶମ ସ୍କନ୍ଧ, ଗୋପଲୀଳା)। କଟକ: ଆର୍ଯ୍ୟ ପ୍ରକାଶନ।
୧୧) ସାହୁ, କୃଷ୍ଣ ଚରଣ(ସଂ)। ୨୦୧୨। 'ବଳରାମ ଦାସ ରଚନା ସମ୍ଭାର'। ଭୁବନେଶ୍ୱର: ବିଜୟ ସେନାପତି ପବ୍ଲିକେଶନ।
୧୨) ସେନ୍, ନୀଳରତନ। ୨୦୧୦। ଚର୍ଯାଗୀତିକୋଷ, କଲିକତା: ସାହିତ୍ୟ ଲୋକ।
୧୩) ହରିଚନ୍ଦନ, ନୀଳାଦ୍ରିଭୂଷଣ। ୨୦୧୭। ସାରଳା ଶବ୍ଦକୋଷ, ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା।

**Funding**

No funding was received for conducting this study.

**Does this article screened for similarity?**

Yes

**Conflict of interest**

The Author has no conflicts of interest to declare that they are relevant to the content of this article.

**About the Licenses**

© Lt. Dr. Kalpataru Nayak 2024. The text of this article is open access and licensed under a Creative Commons Attribution 4.0 International License

**Cite this Article :**

Lt. Dr. Kalpataru Nayak, Luipaanka Charjyagitiya Prakruta : Prachina Odia Bhasa, Bageesha, Vol. No. 02, Issue No. 05, September - October 2024, Article No: BM2024/05-A002 | Page- 19-24

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର - ଅକ୍ଟୋବର ୨୦୨୪
Volume No. 02 | Issue No. 05 | Sep - Oct 2024
Refereed Peer-Reviewed Journal
BM2024/05-A003
https://bageesha.in
OPEN ACCESS

# ଓଡ଼ିଆ ନାଟକରେ ରୂପାନ୍ତର ଶୈଳୀର ପ୍ରୟୋଗ

■ ଡ. ମମତା ସାହୁ

ଓଡ଼ିଆ ଅଧ୍ୟାପିକା, ଶାନ୍ତିଲତା ମହାବିଦ୍ୟାଳୟ, ଉଇଟିକିରି, ବାଲେଶ୍ୱର

Article Received : 15.08.2024 | Accepted : 25.10.2024 | Published : 25.11.2024

**ସାରାଂଶ**

ABSTRACT

ସାହିତ୍ୟର ବିଭିନ୍ନ ବିଭାବ ମଧ୍ୟରେ ନାଟକ ସ୍ୱତନ୍ତ୍ର। ନାଟକର ମୂଲ୍ୟାୟନ ହୁଏ ମଞ୍ଚରେ। ଲୋକ ରୁଚି ଓ ସମୟର ପରିବର୍ତ୍ତନ ନାଟକର ଗଢ଼ଣ ଓ ମଞ୍ଚାୟନରେ ଅନେକ ନୂତନ କଳା ଓ କୌଶଳକୁ ଜନ୍ମ ଦେଇଛି। ସେସବୁ ମଧ୍ୟରେ ରୂପାନ୍ତର ଶୈଳୀ ଅନ୍ୟତମ। ଏହି ପ୍ରବନ୍ଧରେ ପ୍ରଥମେ ରୂପାନ୍ତର ଶୈଳୀ ସଂପର୍କରେ ଉଲ୍ଲେଖ କରିଛି। ପରେ ୧୯୭୦ ମସିହାରୁ ୨୦୨୦ ମସିହା ପର୍ଯ୍ୟନ୍ତ ଦର୍ଶକୀୟ ରୁଚି ଓ ମୂଲ୍ୟବୋଧକୁ ଆଧାର କରି ଯେଉଁ ନାଟକ ସବୁ ରଚନା ହୋଇଛି ସେଥିରେ କିପରି ରୂପାନ୍ତର ଶୈଳୀ ପ୍ରୟୋଗ କରାଯାଇଛି ତାହା ସୂଚନା ଦେବା ସହ ଏହି ଶୈଳୀକୁ ଗ୍ରହଣ କରିବାର ଯେଉଁ କାରଣ ଓ ଆଭିମୁଖ୍ୟ ରହିଛି ତାହା ପ୍ରକାଶ କରିଛି। ନାଟକରେ କିପରି ସ୍ଥାନ-କାଳ-ପାତ୍ର ଓ ଚେତନାଗତ ରୂପାନ୍ତର ଘଟୁଛି ତାହା କିପରି ସହଜରେ ବୁଝି ହେବ ସେଥିପାଇଁ ମୁଁ ଦୁଇଟି ନାଟକର ଉଦାହରଣ ନେଇ ତାହା ପ୍ରମାଣ କରିଛି। ତେବେ ଏହି ଉତ୍ତର ସଂରଚନାବାଦୀ କାଳଖଣ୍ଡରେ ସୃଷ୍ଟି ହୋଇଥିବା ରୂପାନ୍ତର ଶୈଳୀ ବା ପ୍ରକ୍ରିୟାକୁ ଭିତ୍ତିକରି ୧୯୭୦ ପରବର୍ତ୍ତୀ ଓଡ଼ିଆ ନାଟକର ବିଶ୍ଳେଷଣ କରିବା ମୋ ପ୍ରବନ୍ଧର ମୁଖ୍ୟ ଲକ୍ଷ୍ୟ।

BM2024/05-A003

ମୂଳଶବ୍ଦ: ଓଡ଼ିଆ ନାଟକ, ରୂପାନ୍ତର ଶୈଳୀ, ମୁକ୍ତଧାରାର ନାଟକ, ଓପନ ଥିଏଟର, କାର୍ଯ୍ୟକାରଣଗତ ଉଲ୍ଲଂଘନ

ଜୀବନର ଯେତେବେଳେ ପରିବର୍ତ୍ତନ ହୁଏ ସେତେବେଳେ ତା ସହିତ ବ୍ୟକ୍ତି ଓ ସମାଜର ମନୋଭଙ୍ଗୀ ଓ ଦିଗ୍‌ଦର୍ଶନ ମଧ୍ୟ ବଦଳିଯାଏ। ସେହି ମନୋଭଙ୍ଗୀ ଓ ଦିଗ୍‌ଦର୍ଶନକୁ ସାହିତ୍ୟରେ ପ୍ରତିଫଳନ କରିବା ପାଇଁ ପାରମ୍ପରିକ ଶୈଳୀକୁ ଛାଡ଼ି ନୂତନ ଆଙ୍ଗିକ ଶୈଳୀର ଉଦ୍ଭାବନ ମଧ୍ୟ ଘଟେ। ନାଟ୍ୟ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେହିପରି ବହୁ ପରିବର୍ତ୍ତନ ଘଟିଛି। ଷାଠିଏ ଦଶକରୁ ଓଡ଼ିଆ ନାଟକରେ ପାଶ୍ଚାତ୍ୟ ପରୀକ୍ଷାଧର୍ମୀ ନାଟକଗୁଡ଼ିକର ଜନ୍ମ ଘଟିଲା। ୧୯୭୦ ମସିହା ପର୍ଯ୍ୟନ୍ତ ଯେଉଁ ନାଟକ ସବୁ ରଚନା ହୋଇଥିଲା ତାହା ସଂଖ୍ୟାତ୍ମକ ଓ ଗୁଣାତ୍ମକ ବିଚାର ଦୃଷ୍ଟିରୁ ଯଥେଷ୍ଟ ଉନ୍ନତ ଧରଣର ଥିଲା। କିନ୍ତୁ କେବଳ ମାର୍କ୍ସୀୟ, ଫ୍ରଏଡ଼ୀୟ ମନସ୍ତତ୍ତ୍ୱଧର୍ମୀ ଓ ସ୍ୱାଧୀନ ଚେତନାଧର୍ମୀ ବହୁ ଓଡ଼ିଆ ନାଟକ ସଂପୂର୍ଣ୍ଣ ଭାବେ ପାଶ୍ଚାତ୍ୟ ନାଟ୍ୟଶୈଳୀ ଦ୍ୱାରା ପ୍ରଭାବିତ।

ରୂପାନ୍ତର ଶୈଳୀଟି ଜୋସେଫ୍ ଚାଇକିନ୍ 'Open Theater Group'ର 'Second city workshop'ରେ ଉଦ୍ଭାବନ କରିଥିଲେ। ଏହି ଓପନ୍ ଥିଏଟର ଗ୍ରୁପ୍‌ଟି ଜୋସେଫ୍ ଚାଇକିନ ଓ ମ୍ୟାଗେନ୍ ଟେରିଙ୍କଦ୍ୱାରା ୧୯୬୩ରୁ ୧୯୭୩ ମସିହା ପର୍ଯ୍ୟନ୍ତ ଏକ ପରୀକ୍ଷା ମୂଳକ ଥିଏଟର ଭାବେ ସକ୍ରିୟ ଥିଲା। 'ରୂପାନ୍ତର' ଏକ ଅଭିନୟ କୌଶଳ ଯାହା ଆମେ ନାଟକରେ ପ୍ରୟୋଗ କରିଥାଉ। ଇଂରାଜୀରେ ଏହାକୁ 'Transformation Technique' କୁହାଯାଏ। 'Trans' ହେଉଛି ଏକ ଉପସର୍ଗ। ଏହାର ଅର୍ଥ 'across' (ଏ ପାଖରୁ ସେ ପାଖ) ଏବଂ 'beyond' (ଊର୍ଦ୍ଧ୍ୱରେ ବା ଆରପାଖରେ)। 'Form'ର ଅର୍ଥ ହେଉଛି 'ଗଠନ' ବା 'ରୂପ' ବା 'ରୂପରେଖ'। ସାଧାରଣ ଅର୍ଥରେ 'ରୂପାନ୍ତର' କହିଲେ ଗୋଟିଏ ରୂପରୁ ଅନ୍ୟ ଏକ ରୂପରେ ପରିବର୍ତ୍ତନକୁ ହିଁ ବୁଝାଇଥାଏ। ଜୋସେଫ୍ ଚାଇକିନ ଆମେରିକା ଦେଶର ଜଣେ ପ୍ରସିଦ୍ଧ ନାଟ୍ୟକାର ଓ ନିର୍ଦ୍ଦେଶକ ଭାବରେ ସୁପରିଚିତ। 'Open Theater Group'ରେ ସେ ରୂପାନ୍ତର ଶୈଳୀକୁ ପ୍ରଥମ ଥର ପାଇଁ ଏହା ଆବିଷ୍କାର କରିବା ସହିତ ତାଙ୍କର ବିଭିନ୍ନ ନାଟକରେ ସେହି ରୂପାନ୍ତର ଶୈଳୀକୁ ପ୍ରୟୋଗ ମଧ୍ୟ କରିଛନ୍ତି। ପରେ ପରେ ବିଭିନ୍ନ ଦେଶରେ ଏହି ଶୈଳୀ ଆଦୃତ ହେଲା ଏବଂ ଓଡ଼ିଶାର ନାଟ୍ୟକାରମାନେ ମଧ୍ୟ ଏହାକୁ ଗ୍ରହଣ କଲେ।

ନାଟ୍ୟକାର ଓ ସମାଲୋଚକ ରମେଶ ପ୍ରସାଦ ପାଣିଗ୍ରାହୀ ରୂପାନ୍ତର ଶୈଳୀ ସଂପର୍କରେ କୁହନ୍ତି – "ଏହା ଏକ ଅଭିନୟ ଶୈଳୀ। ଏହି ଶୈଳୀଟି ଉତ୍ତର-ଆଧୁନିକ ନାଟ୍ୟ ପ୍ରୟୋଗର ଅନ୍ତର୍ଗତ। ଏଥିରେ ଜଣେ ଅଭିନେତା ବାରମ୍ବାର ନିଜର ଭୂମିକା ଓ ଚରିତ୍ର ବଦଳାଇ ଥାଏ। ଏହି ଚରିତ୍ର ବଦଳ ବିନା କାରଣ ଓ ବିନା ଯୁକ୍ତିରେ ଘଟିପାରେ। ଏପରି କରିବା ଫଳରେ ନାଟ୍ୟ ଚରିତ୍ର ତା'ର ଏକକତ୍ୱ ହରାଏ ଏବଂ ଅନେକ ଚରିତ୍ରର ଏକ କୋଲାଜ (Collage) ବା ସମାହାର ଚରିତ୍ରରେ ପରିଣିତ ହୁଏ।"(୧)

ଜୋସେଫ୍ ଚାଇକିନ୍ ତାଙ୍କର ପୁସ୍ତକ 'The Presence of the Actor'ରେ ରୂପାନ୍ତର ପ୍ରକ୍ରିୟା ସଂପର୍କରେ କହିଛନ୍ତି – "When we as actions, are performing we, as person, are also present and the performance is testimony of ourselves. Each role, each work, each performance changes us as persons. The actor doesn't start out with answers about civing but with wordless questions about experience. Later as the actor advances in the process of work, the person is transformed through the working process, which himself, guides, the actor recreates himself. ଅତଏବ ରୂପାନ୍ତର ପ୍ରକ୍ରିୟାରେ କେବଳ ଅଭିନେତା ରୂପାନ୍ତରିତ ହୁଏନାହିଁ, ଅଭିନୟ କରୁଥିବା ବ୍ୟକ୍ତିବିଶେଷ ମଧ୍ୟ ରୂପାନ୍ତରିତ ହୁଏ। ଏହା ଏକ ବିଖଣ୍ଡିତ/ ଆଂଶିକ ରୂପାନ୍ତର ନୁହେଁ, ଭୂମିକାଟି ଚରିତ୍ରର ଜୀବନକୁ ମଧ୍ୟ ପ୍ରଭାବିତ କରେ। ଏ ପ୍ରକାର ଅଭିନୟ କାଳରେ ଚେତନାର ସ୍ଥିତି କ'ଣ? ଚେତନା ହ୍ରାସ ପାଏ। ତୀବ୍ରତା ନଥାଏ। ମଝିରେ ମଝିରେ ଚେତନାର ଐକ୍ୟଭଂଗ ହୁଏ କିମ୍ବା ଚେତନାଟି ମେଘାଚ୍ଛନ୍ନ ହୋଇଯାଏ। ଏହିପରି ଅବସ୍ଥାରେ ଗୋଟିଏ ଭୂମିକାର ଚେତନା ଅଂଶ ଆଉ ଏକ ଭୂମିକାର ଚେତନା ଅଶଂର ଖବର ରଖିପାରେ ନାହିଁ। ଯାହା ସବୁ ଘଟେ ବାହାରକୁ କେବଳ ନାଟକୀୟ ଦେଖାଯାଏ।"(୨) ଏହିପରି ରୂପାନ୍ତର ପ୍ରକ୍ରିୟା ସଂପର୍କରେ ନାଟ୍ୟକାର ଶଙ୍କର ତ୍ରିପାଠୀ 'ରାବଣ ଛାୟା' (୨୦୦୦) ନାଟକର 'ସୁବର୍ଣ୍ଣରେଖା' ସାହିତ୍ୟ ସାମୟିକୀ ପତ୍ରିକାରେ ସମାଲୋଚିକା ସଂଘମିତ୍ରା ମିଶ୍ର ନିଜର ମତ ପ୍ରକାଶ କରିଛନ୍ତି।

ଆଲୋଚ୍ୟ ରୂପାନ୍ତର ଶୈଳୀ ଏକ ପୁରୁଣା ପ୍ରକ୍ରିୟା। ତ୍ରେତୟାଯୁଗରୁ ଲୋକ ନାଟକ ପର୍ଯ୍ୟନ୍ତ ବହୁ ଉଦାହରଣ ରହିଛି। ରାମାୟଣଠାରୁ ଆରମ୍ଭ କରି ଭାରତର ପୂର୍ବାଞ୍ଚଳୀୟ ପରମ୍ପରାରେ ମଧ୍ୟ ରୂପାନ୍ତର ପ୍ରକ୍ରିୟାଟି ଦେଖୁ। ବ୍ୟାସଦେବ କୃତ 'ଆଧ୍ୟାତ୍ମ ରାମାୟଣ'ର 'ଅରଣ୍ୟକାଣ୍ଡ'ରେ ବର୍ଣ୍ଣିତ 'ରାବଣର ମାରୀଚ ନିକଟକୁ ଗମନ, ମାୟାମୃଗ ରୂପେ ମାରୀଚର ପଞ୍ଚବଟୀ ପ୍ରବେଶ'। ଅନୁରୂପ ଭାବରେ ଅହଲ୍ୟା ଉଦ୍ଧାର ପ୍ରସଙ୍ଗ, ମହାଭାରତରେ ଥିବା କୁବୁଜା, ପୁତନା, ହୋଲିକା, ଯାମାଳାର୍ଜ୍ଜୁନ ଏବଂ ନବଗୁନଞ୍ଜର ପ୍ରସଙ୍ଗ ପ୍ରଭୃତିରେ ଦେଖିବାକୁ ପାଉ। ଅନୁରୂପ ଭାବେ ଏପରି ଉଦାହରଣ ଅନେକ ଲୋକ କାହାଣୀରେ ଲକ୍ଷ୍ୟ କରୁ। ଯେପରିକି 'ଚମ୍ପାବତୀ କଥା' ଓ 'ମୁଣ୍ଡ ଖପୁରୀ କଥା' କାହାଣୀ। ସେହିପରି ପାଶ୍ଚାତ୍ୟ ସାହିତ୍ୟରେ ଥିବା ଓଭିଡ଼ଙ୍କ ଆପୋଲ ଓ ଡାଫିନ୍ କାହାଣୀ ପ୍ରସଙ୍ଗ।

ଓଡ଼ିଆ ନାଟ୍ୟ ସାହିତ୍ୟରେ ପ୍ରଥମେ ମନୋରଞ୍ଜନ ଦାସ, ବିଜୟ ମିଶ୍ର ଓ ରମେଶ ପ୍ରସାଦ ପାଣିଗ୍ରାହୀ ୧୯୭୨ ମସିହାରେ ରୂପାନ୍ତର ପ୍ରକ୍ରିୟାକୁ ନାଟକରେ ପ୍ରୟୋଗ କଲେ। ରମେଶ ପ୍ରସାଦ ପାଣିଗ୍ରାହୀ 'ମହାନାଟକ' ନାଟକକୁ ପ୍ରଥମେ କୃଷ୍ଣଚନ୍ଦ୍ର ଗଜପତି ଭେଷଜ ବିଦ୍ୟାଳୟ ବ୍ରହ୍ମପୁରଠାରେ ୧୯୭୨ ମସିହାରେ 'ପଞ୍ଚମସ୍ୱର' ନାମରେ ଅଭିନୀତ କରାଇଥିଲେ ଚାରିଦିନ ଧରି। ପରେ ୧୯୭୩ ମସିହାରେ ସଂଗୀତ ନାଟକ ଏକାଡେମୀର ରାଉଲକେଲା ଉତ୍ସବରେ ଏବଂ ବ୍ରହ୍ମପୁର ଗଞ୍ଜାମ କଳାପରିଷଦ ଠାରେ ମଞ୍ଚସ୍ଥ ହୋଇଥିଲା। ପରବର୍ତ୍ତୀ ସମୟରେ ୧୯୭୫ ଓ ୧୯୭୮ ମସିହାରେ ଯଥାକ୍ରମେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀଠାରେ ଓ 'ଭଞ୍ଜବିହାର' ନାଟ୍ୟସଂସଦ ଦ୍ୱାରା ଅଭିନୀତ ମଧ୍ୟ ହୋଇଥିଲା। କିନ୍ତୁ ପୁସ୍ତକ ଆକାରରେ ପ୍ରକାଶ ପାଇଲା ଠିକ୍ ୧୧ ବର୍ଷପରେ ଅର୍ଥାତ୍ ୧୯୮୧ ମସିହାରେ। ଏହି ନାଟକରେ ବିଦୂଷକ ନଂ୧ (କୁମୁଦ କାନ୍ତ ରଥ) ଓ ବିଦୂଷକ ନଂ ୨ (କୈଳାସ ଚନ୍ଦ୍ର ରାଉତ) ଅଭିନେତା ଦୁଇଜଣ ଦାସକାଠିଆ ଅଭିନୟରୁ ରାଜା ବକ୍ରବାବୁଙ୍କ ପ୍ରମୋଦଶାଳରେ ବିଦୂଷକ ଚରିତ୍ରରେ ରୂପାନ୍ତରିତ ହୋଇଯାଇଛନ୍ତି। ସେହିପରି ନାଟ୍ୟକାର ବିଜୟ ମିଶ୍ରଙ୍କ 'ଦୁଇଟି ସୂର୍ଯ୍ୟ ଦଗ୍ଧ ଫୁଲକୁ ନେଇ' ନାଟକଟି ୧୯୭୨ ମସିହାରେ ମଞ୍ଚସ୍ଥ ହୋଇଥିଲା। କିନ୍ତୁ କେଉଁଠାରେ ବା କେଉଁ ନାଟ୍ୟ ସଂସଦ ଦ୍ୱାରା ଅଭିନୀତ ତା'ର କୌଣସି ତଥ୍ୟ ନାହିଁ। ନାଟକଟି ଅଭିନୀତ ହୋଇଥିଲା ସତ କିନ୍ତୁ ପୁସ୍ତକ ଆକାରରେ ଆଜି ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ କି ପାଣ୍ଡୁଲିପି ମିଳି ନାହିଁ ।

ଆଲୋଚ୍ୟ ନାଟକରେ ମାତ୍ର ଦୁଇଟି ଚରିତ୍ର ଭିନ୍ନ ଭିନ୍ନ ଚରିତ୍ରରେ ରୂପାନ୍ତରିତ ହୋଇ ନାଟକ ପରିବେଷଣ କରିଛନ୍ତି। ଏ ସଂପର୍କରେ ସମାଲୋଚକ ନିତ୍ୟାନନ୍ଦ ଶତପଥୀ 'ନବରବି' (୧୯୭୫, ଜାନୁଆୟୀ ସଂଖ୍ୟା) ପତ୍ରିକାରେ 'ସାମ୍ପ୍ରତିକ ଓଡ଼ିଆ ନାଟକ ଓ ନବନାଟ୍ୟ ଆନ୍ଦୋଳନ' ପ୍ରବନ୍ଧରେ ମତ ଦେଲେ "ଦୁଇଟି ଚରିତ୍ରକୁ ନେଇ ରଚିତ ଏହି ନାଟକ ବହୁତ ବେଶୀ ବକ୍ତବ୍ୟଧର୍ମୀ, ନାଟକର କଳାଗତ ଦୃଷ୍ଟି ଓ ରଙ୍ଗମଞ୍ଚ ସଫଳତା ଦୃଷ୍ଟିରୁ ଏହା ବିଫଳ ସୃଷ୍ଟି। ମୋର ଯେପରି ମନେହୁଏ ପ୍ରୟୋଗବାଦୀତାର ଚୂଡ଼ାନ୍ତ ପରୀକ୍ଷା ଏହି ନାଟକଟିକୁ ଅନାଟକ (No – Drama) ରେ ପରିଣିତ କରି ଦେଇଛି ଏବଂ ଦର୍ଶକ ତଥା ପାଠକ ପାଖରେ ଗୁଡ଼ାଏ ବକ୍ତବ୍ୟଧର୍ମୀ ସରମନ୍ ପ୍ରଚାର କରିଛି। ଅବଶ୍ୟ Dramatic effect ସୃଷ୍ଟି କରିବା ପାଇଁ ସ୍ଥାନେ ସ୍ଥାନେ ଏହି ଦୁଇଟି ଚରିତ୍ର ନିଜର ସ୍ମୃତିଚାରଣ କରିଛନ୍ତି। ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଉଥିବା ଚରିତ୍ର ପରି ସିନାମାରେ Flash back ଓ ନାଟକର ନିର୍ଦ୍ଦିଷ୍ଟ ଏକ ମଞ୍ଚରେ ପଟ୍ଟ ପରିବର୍ତ୍ତନରେ ବହୁତ ତଫାତ୍ ଅଛି। ଏହି ନାଟକରେ ରାଜା ରାଣୀ ଯଥାକ୍ରମେ ସେମାନଙ୍କର ଶୈଶବ,

କୈଶୋର, ଯୌବନ, ପୁଣି ପୁତ୍ରକନ୍ୟା, ପୁଣି ବୃଦ୍ଧବୃଦ୍ଧା ଭୂମିକାରେ ଅଭିନୟ କରୁଛନ୍ତି। କେବଳ ବାଚନିକ effect ବ୍ୟତୀତ ଦୃଷ୍ଟିଗତ କୌଣସି ପରିବର୍ତ୍ତନ ଘଟୁନଥିବାରୁ ଏହି ନାଟକ ରେଡ଼ିଓରେ ହୁଏତ ଶ୍ରୋତା ପାଇଁ କିଛି ସମ୍ଭାବନା ଯୋଗାଇପାରେ; କିନ୍ତୁ ଦର୍ଶକ ପାଇଁ ଏଥିରେ ମଞ୍ଚମାୟାର ସଫଳତା କାହିଁ? ଶୈଳୀ ବା ଟେକ୍‌ନିକ୍ ଦୃଷ୍ଟିରୁ ଏହି ନାଟକରେ କିଛି ନୂତନ ପରୀକ୍ଷା କରାଗଲେ ମଧ୍ୟ ଏହାକୁ ପୂର୍ଣ୍ଣାଙ୍ଗ ନାଟକ (ଅବଶ୍ୟ traditional ଦୃଷ୍ଟିରୁ ନୁହେଁ) କହିବାକୁ ସମାଲୋଚକର କୁଣ୍ଠା ରହିବ ।"[୩]

ଠିକ୍ ଏହିପରି ମନ୍ତବ୍ୟ ମଧ୍ୟ ନାଟ୍ୟ ସମାଲୋଚକ ହେମନ୍ତ କୁମାର ଦାସ ରଖନ୍ତି। ସେ କୁହନ୍ତି "ମାତ୍ର ଦୁଇଟି ଚରିତ୍ରର ନାଟକ। ନାଟକଟି ଅତି ମାତ୍ରାରେ ବ୍ୟଞ୍ଜନାଧର୍ମୀ,ପାରମ୍ପାରିକ। ନାଟକ କଥା ବାଦ୍ ଦିଆଯାଉ, ନୂତନ ପରୀକ୍ଷାଧର୍ମୀ ନାଟକ ଭାବରେ ଏହାର କଳାଗତ ମୂଲ୍ୟ ସମ୍ପର୍କରେ ପ୍ରଶ୍ନ ଉଠାଇବାର ଯଥେଷ୍ଟ କାରଣ ଅଛି। ପ୍ରୟୋଗବାଦର ସ୍ୱେଚ୍ଛା ପ୍ରୟୋଗ ଏହାକୁ ସ୍ଲୋଗାନଧର୍ମୀ କରି ପକାଇଛି। ଜଣେ ଅଭିନେତା ବିଭିନ୍ନ ଭୂମିକାରେ ଅଭିନୟ କରିବାର ଟେକ୍‌ନିକ୍ ଓଡ଼ିଆ ନାଟକ ପାଇଁ ନୂତନ ସତ୍ୟ, ଏହା ସହିତ ବୁଦ୍ଧିଜୀବୀ ଓଡ଼ିଆ ଦର୍ଶକମାନେ ପୂର୍ବରୁ ପରିଚିତ। ଏଥିପାଇଁ ନାଟ୍ୟକାରଙ୍କୁ ଅବଶ୍ୟ କିଛି ସ୍ୱୀକୃତି ମିଳିଥାଇପାରେ। ମାତ୍ର ସେ ସ୍ୱୀକୃତି ଏକାନ୍ତ ଭାବରେ ଏକାଡ଼େମୀକାଲ। କଳାର ଦରବାରରେ ଏ ସୃଷ୍ଟିର ଯାବତୀୟ ଆଲୋଚନା ସମ୍ପୂର୍ଣ୍ଣ ବ୍ୟର୍ଥ।"[୪] ସେହିପରି ମନୋରଞ୍ଜନ ଦାସଙ୍କ 'କାଠଘୋଡ଼ା' (୧୯୭୨) ନବରବି ପତ୍ରିକାରେ ପ୍ରକାଶ କରି ସେଇ ବର୍ଷ ପୁରୀଠାରେ ଅଭିନୀତ ହୋଇଥିଲା। ଏହି ନାଟକରେ ଦୁଇଟି ଚରିତ୍ର ପୀତାମ୍ବର ଓ ଦୀପା କାଳକ୍ରମେ ଅରୁଣ ଓ ଶିଖା ଚରିତ୍ରରେ ରୂପାନ୍ତରିତ ହୋଇ ଅଭିନୟ କରିଛନ୍ତି। ନାଟକଟି ପୁସ୍ତକ ଆକାରରେ ପ୍ରକାଶ ପାଏ ୧୯୭୪ ମସିହାରେ।

ତେବେ ଏଇ ରୂପାନ୍ତର ଶୈଳୀ ବା ପ୍ରକ୍ରିୟାଟି ନାଟକରେ ବେଶୀ ପ୍ରୟୋଗ ହୋଇଛି ୧୯୭୦ ମସିହା ପରେ ପରେ। କାରଣ ସମଗ୍ର ବିଶ୍ୱରେ ନାଟକକୁ ବଞ୍ଚେଇ ରଖିବା ପାଇଁ, ଦର୍ଶକ ପ୍ରତି ଆଗ୍ରହ ସୃଷ୍ଟିକରିବା ପାଇଁ ଯେଉଁ ନୂତନ ପ୍ରୟାସ ଜାରି ରହିଛି ସେଥିମଧ୍ୟରୁ ମିଶ୍ରଧାରାର ନାଟକ, ମୁକ୍ତଧାରର ନାଟକ ପ୍ରଭୃତି ନାଟ୍ୟ ଶୈଳୀ ବିକାଶ ହେଲା। ତେଣୁ ସତୂରୀ ଦଶକ ପରେ ଯେଉଁ ମୁକ୍ତଧାରା ଶୈଳୀ, ମହାକାବ୍ୟିକ ନାଟ୍ୟଧାରା ପ୍ରଭୃତି ପ୍ରୟୋଗ କରାଗଲା ସେଇଠାରୁ ବେଶୀ ବିକଶିତ ହେଲା ଏଇ ରୂପାନ୍ତର ଶୈଳୀ ବା ପ୍ରକ୍ରିୟାଟି। ନାଟ୍ୟ ସମାଲୋଚକ ନାରାୟଣ ସାହୁଙ୍କ ମତରେ – "ମୁକ୍ତଧାରା ରୂପାନ୍ତରକରଣକୁ ପ୍ରଶ୍ରୟ ଦେଇଥାଏ। ଗୋଟିଏ ଅଭିନେତା ଏକାଧିକ ଭୂମିକାରେ ଅଂଶ ଗ୍ରହଣ କରିଥାଏ। ଏଠି ସବୁ ଚରିତ୍ରର ମାନସିକତା ପ୍ରାୟତଃ ଏକା ଥାଏ। ଅଭିନେତାଟିଏ ବିଭିନ୍ନ ସମୟର ବିଭିନ୍ନ ପରିସ୍ଥିତିକୁ ଆୟତ୍ତ କରି ନିଜସ୍ୱ ଢଙ୍ଗରେ ଉପସ୍ଥାପନ କରିଥାଏ। ଚରିତ୍ର ଗୋଟିଏ ସାମାଜିକ ଆବେଷ୍ଟନୀ ଭିତରୁ ଆଉ ଗୋଟିଏ ଅବସ୍ଥାକୁ ଗଲାବେଳେ କାର୍ଯ୍ୟକାରଣ ଦ୍ୱାରା ନିୟନ୍ତ୍ରିତ ହୋଇନଥାଏ।"[୫]

ତେବେ ୧୯୭୦ ମସିହା ପରବର୍ତ୍ତୀ ସମୟରେ ଯେଉଁ ସବୁ ନାଟକ ଗୁଡ଼ିକରେ ଏହି ଶୈଳୀ ପ୍ରୟୋଗ ହୋଇଛି ସେଇ ନାଟକ ଗୁଡ଼ିକ ହେଉଛି - ମନୋରଞ୍ଜନ ଦାସଙ୍କ 'କାଠଘୋଡ଼ା'-୧୯୭୩, 'ନନ୍ଦିକା କେଶରୀ'-୧୯୮୫। ହରିହର ମିଶ୍ରଙ୍କ 'ନିନ୍ଦିତ ଗଜପତି'-୧୯୭୫। ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ମହାନାଟକ'-୧୯୮୧, 'ଶେଷ ପାହାଚ'–୧୯୮୦, 'ଅନ୍ଧନଦୀର ସୁଅ'-୧୯୮୦, 'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ'-୧୯୯୫, 'କାନୀନ'-୨୦୨୦। ରତ୍ନାକର ଚଇନିଙ୍କ 'ଅଥଚ୍ୟ ଚାଣକ୍ୟ'-୧୯୮୨। ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ 'ସ୍ୱର୍ଗାରୋହଣ'-୧୯୮୭, 'ଭୀମଭୋଇଙ୍କ ସନ୍ଧାନରେ'-୧୯୮୮, 'କଲମ୍ବସ'-୧୯୯୦। ସୁବୋଧ ପଟ୍ଟନାୟକଙ୍କ 'ହୋ ଭଗତେ' -୧୯୯୧। କାର୍ତ୍ତିକ ଚନ୍ଦ୍ର ରଥଙ୍କ 'ବହ୍ନିମାନ' -୧୯୭୭। ରତି ରଞ୍ଜନ ମିଶ୍ରଙ୍କ 'ହଂସ ଶିକାର'–୧୯୭୬, 'ଦେଖ ! ବର୍ଷା ଆସୁଛି'-୧୯୮୦, 'ଅତି ଆଚମ୍ବିତ କଥା' -୧୯୮୦, 'ସୀତା'–୧୯୮୩, 'ସଂରକ୍ଷିତ'-୧୯୮୫, 'ରୁଦ୍ଧଦ୍ୱାର'-୧୯୯୪, 'ଚାଞ୍ଚଲ୍ୟକର'। ବିଜୟ ଶତପଥୀଙ୍କ 'କଂସର ଆତ୍ମା'-୧୯୮୦, 'ଏଇ ଯେ ସୂର୍ଯ୍ୟ ଉଁଏ'-୧୯୮୭, 'କର୍ଣ୍ଣ'-୧୯୯୫, 'ମଙ୍ଗଳ ଅମଙ୍ଗଳ ବିଲ୍ୱମଙ୍ଗଳ'-୨୦୧୧। ନବୀନ ପରିଡ଼ାଙ୍କ 'ଅନ୍ଧପୁତୁଳିର ଖେଳ'-୨୦୧୩। ନାରାୟଣ ସାହୁଙ୍କ 'ଆଶ୍ରା ଖୋଜି ବୁଲୁଥିବା ଈଶ୍ୱର'-୧୯୯୦, 'କାହାଣୀ ସବା ଶେଷ ଲୋକର'–୧୯୯୨, 'ସୁବର୍ଣ୍ଣ ସକାଳ'-୧୯୯୮। ପ୍ରମୋଦ ତ୍ରିପାଠୀଙ୍କ 'ଗୋଟିଏ ବୁଲା କୁକୁରର ଜନ୍ମ ବୃତ୍ତାନ୍ତ'-?, 'ଯେଉଁ ବନସ୍ତରେ ମଣିଷ ନାହିଁ'-୧୯୯୯। ଶଙ୍କର ପ୍ରସାଦ ତ୍ରିପାଠୀଙ୍କ 'ପୃଥିବୀ ଶରଶଯ୍ୟା'-୧୯୮୮, 'ଶୁଣିବା ହେଉ ଏ କାହାଣୀ'–୧୯୯୩, 'ସାମ୍ରାଜ୍ୟ ପତନର ବେଳ'–୧୯୯୫, 'ଗାନ୍ଧୀ ଭୂମିକାରେ'–୧୯୯୮, 'ରାବଣ ଛାୟା'–୨୦୦୦, ସୁବୋଧ ପଟ୍ଟନାୟକଙ୍କ 'ଫୁଲ'–୨୦୧୧, 'ମାଟି'–୨୦୧୧, ଗୋକୁଳି ମିଶ୍ରଙ୍କ 'ବିଷାଦ ବୃତ୍ତରେ ବୃହନ୍ନଳା'-୨୦୧୯। ଏତେ ସବୁ ନାଟକରେ ପ୍ରୟୋଗ ହୋଇଥିବା ପ୍ରମୁଖ କାରଣ ଗୁଡ଼ିକ କ'ଣ?

ପ୍ରଥମତଃ ଗ୍ରୁପ୍ ଥିଏଟରର ଆବଶ୍ୟକତାରୁ ହିଁ ରୂପାନ୍ତର ଶୈଳୀର ଉଦ୍ଭବ। ଯାହାକୁ ପରବର୍ତ୍ତୀ ସମୟରେ ମଞ୍ଚରେ ପ୍ରୟୋଗ କରାଗଲା। କାରଣ ନାଟ୍ୟକାର, ନିର୍ଦ୍ଦେଶକମାନେ ସେମାନଙ୍କ ନାଟ୍ୟଜୀବନ ଆରମ୍ଭ କରିଥିଲେ ଷ୍ଟ୍ରିଟ୍ ଥିଏଟରରୁ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଖ୍ୟାତ ମଞ୍ଚ ନାଟ୍ୟକାର ଭାବରେ ପ୍ରତିଷ୍ଠିତ ହୋଇଛନ୍ତି। ସେମାନଙ୍କ ପରୀକ୍ଷାମୂଳକ ପ୍ରୟୋଗଟି ପରବର୍ତ୍ତୀ ସମୟରେ ଗୃହୀତ, ଆଦୃତ ତଥା ପ୍ରତିଷ୍ଠିତ କଳା ରୂପରେ ପରିଚିତ ଲାଭ କଲା। ସେମାନଙ୍କର ଅଭାବ ଥିଲା ଅନେକ, ଆବଶ୍ୟକତା ଥିଲା ତା'ଠୁ ଅଧିକ। ତେଣୁ ଚରିତ୍ର, ସ୍ଥାନ, ମଞ୍ଚ ବସ୍ତୁ ଏ ସବୁଥିରେ ସେମାନେ ଆଣିଥିଲେ ଏ ପ୍ରକାର ବୈପ୍ଲବିକ ପରିବର୍ତ୍ତନ। ବ୍ୟାବସାୟିକ ରଙ୍ଗମଞ୍ଚରେ ଗତାନୁଗତିକ ଶୈଳୀ ପ୍ରତି ଦର୍ଶକଙ୍କ ରୁଚି ମଧ୍ୟ ଧୀରେ ଧୀରେ କମି ଆସୁଥିଲା। ସୌଖୀନ ନାଟ୍ୟ ସଂସ୍ଥାର ପରବର୍ତ୍ତୀ ପ୍ରୟୋଗ ଆଉ କିଛି କରୁ ବା ନକରୁ ଅନ୍ତତଃ ଲୋକଙ୍କୁ ନୂତନ ଖୋରାକ କିଛି ଦେଖାଇ ପାରିଲା।

ପେଷାଦାର ରଙ୍ଗମଞ୍ଚ ପୁନର୍ବାର ନିଜକୁ ପ୍ରତିଷ୍ଠା କରିବାକୁ ବହୁ ପରିଶ୍ରମ କରିବାକୁ ଲାଗିଲେ। ନାଟକଟିଏ ଦର୍ଶକ ନିକଟରେ ଏବଂ ଦର୍ଶକୀୟ ରୁଚି ଅନୁଯାୟୀ ପହଞ୍ଚାଇବାର ଅଛି ଏହା ଥିଲା ସଂକଳ୍ପ। ମଞ୍ଚ, ପାତ୍ରପାତ୍ରୀଙ୍କ ସଂଖ୍ୟା, ପ୍ରଯୋଜନା ଖର୍ଚ୍ଚ ଏସବୁକୁ କିପରି ଅତିକ୍ରମ କରାଯାଇପାରିବ, ଯାହା ଥିଲା ପ୍ରୟୋଗ ଓ ପରୀକ୍ଷାର କାରଣ। ବିଶ୍ୱ ପରିପ୍ରେକ୍ଷୀରେ ପାଶ୍ଚାତ୍ୟ ନାଟ୍ୟକାରମାନେ ନୂଆ ନୂଆ ଶୈଳୀରେ ନାଟକ ପରିବେଷଣ କରି ସମଗ୍ର ବିଶ୍ୱକୁ ଆଲୋଡ଼ିତ କରିବାକୁ ଲାଗିଲେ। ସୌଖୀନ୍ କଳାକାରମାନେ ନାଟକ କଲାବେଳେ ମଞ୍ଚସଜ୍ଜା, ଆଲୋକ, ଅଭିନେତ୍ରୀ, ମେକ୍‌ଅପ ଇତ୍ୟାଦି ପାଇଁ ଅନେକ ପଇସା ଖର୍ଚ୍ଚ କରିବା ପାଇଁ ଅର୍ଥ ନଥାଏ ବା ସହାୟତା ମଧ୍ୟ ନଥାଏ। ତେଣୁ ସ୍ୱଳ୍ପ ଖର୍ଚ୍ଚରେ ବେଶ ଭୂଷା, ମଞ୍ଚସଜ୍ଜା, ଦୃଶ୍ୟସଜ୍ଜା, ସେଟ୍ ବିଭାଜନ, ନକରି ନାଟକରେ ରୂପାନ୍ତର ପ୍ରକ୍ରିୟା ବା ରୂପାନ୍ତର କୌଶଳ ଦ୍ୱାରା ନିରୋଳା ମନୋରଞ୍ଜନ ଏବଂ ତା ମାଧ୍ୟମରେ ଦର୍ଶକ ନିକଟରେ ବକ୍ତବ୍ୟକୁ ଉପସ୍ଥାପିତ କରିପାରେ। ଏହି ନୂତନ ଶୈଳୀ ମାଧ୍ୟମରେ ନାଟ୍ୟକାର ଯେହେତୁ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହୋଇଥାଏ ତେଣୁ ଏଇ ଶୈଳୀ ଦ୍ୱାରା ତା'ର ସମସ୍ୟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରେ। ନାଟକରେ ଏହି ରୂପାନ୍ତର ଶୈଳୀର ପ୍ରୟୋଗ ମୁଖ୍ୟତଃ ଆମେ ତିନି ପ୍ରକାରର ଦେଖୁ। ଯଥା :

(୧) ଚରିତ୍ରଗତ ରୂପାନ୍ତର (Transformation of Character)

(୨) ସ୍ଥାନ ଓ କାଳଗତ ରୂପାନ୍ତର (Transformation of Space & Moment)

(୩) ଚେତନାଗତ ରୂପାନ୍ତର (Transformation of Consciousness)

ଉପରୋକ୍ତ ତିନୋଟି ରୂପାନ୍ତର ମଧ୍ୟରୁ ଚରିତ୍ରଗତ ରୂପାନ୍ତର ଖୁବ୍ ଗୁରୁତ୍ୱ ପୂର୍ଣ୍ଣ ଏବଂ ନାଟ୍ୟକାର ପ୍ରାୟତଃ ଏହି ଶୈଳୀକୁ ନାଟକରେ ଗ୍ରହଣ କରି ନାଟକ ପରିବେଷଣ କରିଛନ୍ତି। ଏହାର ମୁଖ୍ୟ କାରଣ ହେଉଛି ସହଜ, ସୁଲଭ ଉପାୟରେ ଦର୍ଶକଙ୍କ ସହିତ ନାଟକକୁ ବାନ୍ଧି ରଖିବାର ପ୍ରୟାସଟି ଜାରି ରହିଲା ଫଳରେ ଦୁର୍ବୋଧ୍ୟତା ଅପେକ୍ଷା ବ୍ୟକ୍ତବ୍ୟଧର୍ମୀ ନାଟକ କରିବା ନାଟ୍ୟକାରଙ୍କ ମୁଖ୍ୟ ଲକ୍ଷ୍ୟ ଦେଖିବାକୁ ମିଳିଲା। ସ୍ଥାନ, କାଳ, ପାତ୍ର ବା ଚେତନାଗତ ରୂପାନ୍ତର ମଧ୍ୟରେ ପାର୍ଥକ୍ୟ ବା ଭିନ୍ନତା ମଧ୍ୟ ରହିଛି।

"ଗୋଟିଏ ପ୍ରକାର ପରିବେଶ ମଧ୍ୟରେ ମଞ୍ଚରେ ଏକ ଚରିତ୍ରର ଅନ୍ୟ ଏକ ଚରିତ୍ରକୁ ପରିବର୍ତ୍ତିତ ହେବା ପ୍ରକ୍ରିୟା ହେଉଛି ଚରିତ୍ରର ରୂପାନ୍ତରୀକରଣ। ଏହା ଦ୍ୱାରା ସ୍ୱଳ୍ପ ଅଭିନେତାଙ୍କଦ୍ୱାରା ମଧ୍ୟ ଗୋଟିଏ ନାଟକକୁ ସହଜରେ ଅଭିନୀତ କରାଯାଇ ପାରେ। ଗୋଟିଏ ଅଭିନେତା ଏଥିରେ ଏକାଧିକ ଚରିତ୍ରରେ ଅଭିନୟ କରିବାର ସୁଯୋଗ ପାଇଥାଏ। ଦର୍ଶକକୁ ମଞ୍ଚ ମାୟା ଠାରୁ ଦୂରରେ ରଖି ନାଟ୍ୟକାର ନିଜ ନାଟକକୁ ପ୍ରଭାବଶାଳୀ କରିବା ନିମିତ୍ତ ଏହି ପ୍ରକାର ପଦ୍ଧତିକୁ ଆପଣେଇଥାନ୍ତି। ଏହା ଦ୍ୱାରା ନାଟ୍ୟ ଚରିତ୍ର ବ୍ୟାଖ୍ୟାକାର ବା ସୂତ୍ରଧର ଭୂମିକାକୁ ଅବତାରଣ କରିଯାଇଥାନ୍ତି। ଫଳ ସ୍ୱରୂପ ନାଟକର ପରିସୀମା ଓ ଦିଗନ୍ତ ବିସ୍ତାରିତ ହୋଇଥାଏ"(୬)। କେତେକ ନାଟକରେ ଜଣେ ଚରିତ୍ର ମୂଳ ଚରିତ୍ରରୁ ରୂପାନ୍ତିତର ହୋଇ ପୁନର୍ବାର ମୂଳ ଚରିତ୍ରକୁ ଫେରି ଆସେ କିନ୍ତୁ ଆଉ କେତେକ ନାଟକରେ ମୂଳ ଚରିତ୍ରଟି ବିଭିନ୍ନ ଭୂମିକାରେ ଅଭିନୟ କଲେ ମଧ୍ୟ ମୂଳ ଭୂମିକାକୁ ଫେରେ ନାହିଁ। ପୁନଶ୍ଚ ଆଉ କେତେକ ନାଟକରେ ଜଣେ ଚରିତ୍ର ବାରମ୍ବାର ପ୍ରତି ରୂପାନ୍ତରିତ ହୋଇଥାଏ। ଯେହେତୁ ନାଟକରେ ମଞ୍ଚର ଭୂମିକା ବେଶ୍ ଗୁରୁତ୍ୱ ପୂର୍ଣ୍ଣ ତେଣୁ ମଞ୍ଚାୟନର ସୁବିଧା ଦୃଷ୍ଟିରୁ ମଞ୍ଚକୁ ବହୁ ସରଳୀକରଣ କରାଯାଉଛି। ପୂର୍ବେ ଗୋଟିଏ ମଞ୍ଚରେ ଭିନ୍ନ ଭିନ୍ନ ଦୃଶ୍ୟ ବା ସ୍ଥାନର ପରିବେଷଣ ପାଇଁ ଅଲଗା ଅଲଗା ପରଦା ବା ସ୍କ୍ରିନ୍‌ର ବ୍ୟବସ୍ଥା ରହୁଥିଲା କିନ୍ତୁ ତାହା ଧୀରେ ଧୀରେ ବନ୍ଦ ହୋଇଗଲା। ତେଣୁ ସହଜ ଉପାୟରେ ଏବଂ କମ୍ ସମୟ, କମ୍ ଖର୍ଚ୍ଚରେ ନାଟକ ମଞ୍ଚସ୍ଥର ଯେଉଁ ଲକ୍ଷ୍ୟ ରହିଥିଲା ତାହାକୁ ପୂରଣ କରିବା ପାଇଁ ଆବଶ୍ୟକ ବେଳେ ସ୍ଥାନର ପରିବର୍ତ୍ତନ ଆବଶ୍ୟକତା ପଡ଼ିଲା ବେଳେ ନାଟ୍ୟକାରମାନେ ସିଧାସଳଖ ମଞ୍ଚକୁ ବିଭିନ୍ନ ସ୍ଥାନରେ ପରିବର୍ତ୍ତନ କଲେ ଏଇ ସ୍ଥାନଗତ ରୂପାନ୍ତର ମାଧ୍ୟମରେ।

ଚେତନା ସ୍ତରୀୟ ରୂପାନ୍ତର ଯେତେବେଳେ ନାଟକରେ ପ୍ରଦର୍ଶିତ ହୁଏ ସେତେବେଳେ ନିର୍ଦ୍ଦିଷ୍ଟ ଭୂମିକାରେ ଅଭିନୟ କରୁଥିବା ଚରିତ୍ରର ପ୍ରାଣିକ ସ୍ୱଭାବ ଓ ମାନସିକ ସ୍ୱଭାବରେ ରୂପାନ୍ତର ଦେଖାଦିଏ। ମଣିଷର ମାନସିକ ବ୍ୟବସ୍ଥା ହେଉଛି ଅତ୍ୟନ୍ତ ବିଚିତ୍ର ଧରଣର। ମଣିଷ ମନ ମଧ୍ୟରେ ଧାରଣା, ଅଭିମତ, ଅଭିରୁଚି ଅଭ୍ୟାସ ପରିକଳ୍ପନା ଇତ୍ୟାଦି ରହିଥାଏ। ଏହି ଉପାଦାନ ଗୁଡ଼ିକ ମଣିଷର ମନକୁ ସଂକୀର୍ଣ୍ଣତା ଏବଂ ସୀମିତତା ମଧ୍ୟରେ ବାନ୍ଧିଦେବା ପାଇଁ ପ୍ରୟାସ କରିଥାଏ। ଯେତେବେଳେ ନାଟକରେ ଅଭିନୟ କରୁଥିବା ଚରିତ୍ରର ତାତ୍‌କାଳିକ ମାନସିକ ପ୍ରାରୂପର ରୂପାନ୍ତର ଦେଖାଦିଏ ସେତେବେଳେ ଉପରୋକ୍ତ ସଂକୀର୍ଣ୍ଣତାଯୁକ୍ତ ମାନସିକ ଗତିକୃତ ଗୁଡ଼ିକ ମଧ୍ୟ ରୂପାନ୍ତରିତ ହୋଇଯାନ୍ତି। ଅପରପକ୍ଷରେ ନାଟକରେ ଅଭିନୟ କରୁଥିବା ଚରିତ୍ରର ପ୍ରାଣସ୍ତରରେ ମଜଭୁତ୍ ଥିବା ତାତ୍‌କାଳିକ କାମନା, ବାସନା, କ୍ଷୁଧା, ଉତ୍ତେଜନା, ଆବେଗ, ସ୍ୱାର୍ଥ, ଗର୍ବ, କାମ, ଈର୍ଷା, ଆସ୍ୱୟା, ଲୋଭ ପ୍ରଭୃତିରେ ଯେତେବେଳେ ରୂପାନ୍ତରିତ ସାଧିତ ହୁଏ ସେତେବେଳେ ନାଟ୍ୟ ଚରିତ୍ରର ପ୍ରାଣିକ ଚେତନା ସ୍ତରର ରୂପାନ୍ତର ଲକ୍ଷ୍ୟ କରାଯାଏ ।

ନାଟକରେ ଚରିତ୍ରଗତ ରୂପାନ୍ତର କିପରି ହୋଇଛି ତାହା ନାଟକର କଥାବସ୍ତୁ ଅନୁଯାୟୀ ବର୍ଣ୍ଣନା କଲେ ବୁଝିବା ପାଇଁ ସୁବିଧା ହେବ ତେଣୁ ନିମ୍ନରେ ସମଗ୍ର ସୀତା ନାଟକର କାହାଣୀ ଅନୁଯାୟୀ ଚରିତ୍ରଗତ ରୂପାନ୍ତର ଦେଖାଯାଇଛି। ଅଙ୍କ ଓ ଦୃଶ୍ୟ ବିହୀନ 'ସୀତା' ନାଟକଟି ଆରମ୍ଭ ହୋଇଛି ଅରଣ୍ୟର କାହାଣୀରୁ ସେଇ କାହାଣୀ ଅରଣ୍ୟର, ଆଲୋକର କାହାଣୀ ଏବଂ ଚାରିମିତଙ୍କର କାହାଣୀ। ମଞ୍ଚରେ ୪ଜଣ ଚରିତ୍ର। ସେମାନେ ହେଉଛନ୍ତି ରାଜପୁଅ ବ୍ରହ୍ମଦତ୍ତ, କଟୁଆଳପୁଅ ସମରସେନ, ମନ୍ତ୍ରୀ ପୁଅ ମନ୍ଦର ଦେବ ଓ ବଢ଼େଇ ପୁଅ ଜଗନ୍ନାଥ। ୪ଜଣ ଜୀବନର ବାଲ୍ୟ ଅବସ୍ଥାରେ ଉପନୀତ ହୋଇ ଗୁରୁକୂଳ ଆଶ୍ରମରେ ଶିକ୍ଷା କରିବା , ସମସ୍ତ ବିଦ୍ୟାରେ

ପାରଙ୍ଗମ ଓ ମଣିଷ ହେବା ଉଦ୍ଦେଶ୍ୟ ପହଞ୍ଚିଛନ୍ତି। ବିଦ୍ୟା ଗ୍ରହଣ ପରେ ବିଦାୟ ନେବା ସମୟରେ ଆଚାର୍ଯ୍ୟ ବିଷ୍ଣୁଶର୍ମାଙ୍କୁ ଶେଷ ପ୍ରଶ୍ନ ପଚାରିବାର ଅନୁମତି ନେଇଛନ୍ତି। ଏହାପରେ ସମସ୍ତେ ଅନୁଭୂତି ସଂଗ୍ରହ କରିବା ପାଇଁ ଅରଣ୍ୟ, ଅରଣ୍ୟରୁ ଦିଗନ୍ତକୁ ଓ ଦିଗନ୍ତରୁ ଆଲୋକକୁ ଯାତ୍ରା କରିଛନ୍ତି। ଯାତ୍ରା ସମୟରେ ଯେଉଁ ବନସ୍ତରେ ରାତ୍ରି ଯାପନ କରିଛନ୍ତି ସେଇଠାରେ କାଠଖଣ୍ଡ ସହିତ ସମ୍ମୁଖୀନ ହୋଇଛନ୍ତି। ଜଗନ୍ନାଥ ଯେହେତୁ ବଢ଼େଇ ଘରର ପୁଅ ତେଣୁ ସେଇ କାଠ ଖଣ୍ଡକୁ ନେଇ ତାର ସମସ୍ତ ଜ୍ଞାନକୁ ବିନିଯୋଗ କରି ସୃଷ୍ଟି କରିଛି ଏକ ପ୍ରତିମା ପରେ ପରେ ସମର ସେନ ସେଇ ଉଲଗ୍ନ ପ୍ରତିମାକୁ ଭୂଷଣରେ ପରିପୂର୍ଣ୍ଣ କରିଛି, ମନ୍ତ୍ରୀ ପୁଅ ମନ୍ଦର ଦେବ ପ୍ରତିମାକୁ ସ୍ପର୍ଶ କରି ଜୀବନ୍ତ ନାରୀ ମୂର୍ତ୍ତୀର ନାମ ସୀତା ରଖିଛନ୍ତି। ଯାହାଙ୍କ କଣ୍ଠରେ ଶବ୍ଦ ନଥିଲା, ପାଦରେ ଗତି ନଥିଲା ତାଙ୍କୁ ସ୍ପର୍ଶ କରି ବ୍ରହ୍ମଦତ୍ତ ସୀତାଙ୍କ ଓଠରେ ଶବ୍ଦ ଓ ଶରୀରରେ ସ୍ପନ୍ଦନ ଆଣି ପରିପୂର୍ଣ୍ଣ ଯୁବତୀଟି ଗଢ଼ି ତୋଳିପାରିଥିଲେ। ଘଟଣାକ୍ରମେ ସେଇ ନାରୀ ଜଣକ କାହାର ହେବ ବୋଲି ୪ ଜଣ ମିତଙ୍କ ମଧ୍ୟରେ ସଂଘର୍ଷ ଲାଗି ରହିଲା। ଫଳ ସ୍ୱରୂପ ନ୍ୟାୟର ଆଶା ରଖି ରାଜାଙ୍କ ନିକଟକୁ ସମସ୍ତେ ଯାଇଛନ୍ତି ଏବଂ ରାଜା ସୀତାଙ୍କୁ ଦୁଲର୍ଭ ପଦାର୍ଥ ମନେ କରି ଆଦର କରି ନେଇଛନ୍ତି ଶେଷରେ ୪ ମିତଙ୍କୁ ବନ୍ଦୀଶାଳାରେ ଗୃହବନ୍ଦୀ କରିଛନ୍ତି। ପରେ ସେମାନେ ଅନ୍ୟ ରାଜ୍ୟର ଗୁପ୍ତଚର ହୋଇ ଥାଇପାରନ୍ତି ତେଣୁ ସେଇ ସନ୍ଦେହ ନେଇ ରାଜା ଚାରିଜଣଙ୍କୁ ବନ୍ଦୀ କରିବା ସମୟରେ କାରାଗାର ଭାଙ୍ଗିଦିଅ ଓ ଶୃଙ୍ଖଳା ଛିଡ଼େଇ ଦିଅ ବୋଲଇ ବାରମ୍ବାର ଘୋଷଣା କରିଛନ୍ତି। "ଯୁଗେ ଯୁଗେ ସୀତାମାନେ ଅଶୋକ ବନରେ ବନ୍ଦୀ ହୋଇ ରହିଯାନ୍ତି। ନିର୍ଯ୍ୟାତିତ ହେଉଥାନ୍ତି। ଏଠାରେ ସମ୍ଭାବନାର ବିପ୍ଳବ କାହାଣୀ ସବୁ ଯୁଗରେ ସଂଗଠିତ ହୁଏ ବନ୍ଧୁଗଣ! ଏ ପରିକି ଏଇ ଯୁଗରେ। କେତେବେଳେ କାରାଗାର ଭାଙ୍ଗିଯାଏ। ସବୁ କାହାଣୀ ହାରିଯିବାର କାହାଣୀ ନୁହଁ ବନ୍ଧୁଗଣ। ବେଳେ ବେଳେ ଅରଣ୍ୟର ଅନ୍ଧାର ଭିତରୁ ଆଲୋକକୁ ଗତି କରେ କାହାଣୀ। ସମୁଦ୍ର ଗର୍ଭରୁ ସୂର୍ଯ୍ୟ ବିନ୍ଦୁଟିଏ ପରି କାରାଗାର ଭାଙ୍ଗି ବାହାରି ଆସେ ବିପ୍ଳବ।"[୭] ମଞ୍ଚଟି ପରିବର୍ତ୍ତନ ହୁଏ ଆଧୁନିକ ଯୁଗରେ। ସମୟର ପରିବର୍ତ୍ତନ ଅନୁଯାୟୀ ସେଇ ପୌରାଣିକ ଯୁଗର ଚାରୋଟି ଚରିତ୍ର ବର୍ତ୍ତମାନ ମଞ୍ଚରେ ଆଧୁନିକ ଯୁବକରେ ପରିବର୍ତ୍ତନ ବା ରୂପାନ୍ତରିତ ହୋଇଯାଇଛନ୍ତି ଯଥାକ୍ରମେ ପ୍ରକାଶ, ବିକାଶ, ନରେନ୍ଦ୍ର ଓ ନିରଞ୍ଜନ ରୂପରେ। ମଞ୍ଚରେ ଆଲୋକ ଆସିବା ବେଳକୁ ଚାରିଜଣ ବନ୍ଦୀ ଅବସ୍ଥାରେ ସେଇ ଏକ ପ୍ରକାର ଘୋଷଣା ଜାରି ରହିଛି କାରାଗାର ଭାଙ୍ଗିଦିଅ, ଶୃଙ୍ଖଳା ଛିଡ଼େଇ ଦିଅ। ନିରଞ୍ଜନ ଚରିତ୍ରର କଚେରୀରେ ବିଚାର ଚାଲିଛି। ପ୍ରକାଶ ଓକିଲ, ବିକାଶ ଦରୱାନ, ନରେନ୍ଦ୍ର ଓକିଲ ଏବଂ ନିରଞ୍ଜନ ଗୁଣ୍ଡା ଚରିତ୍ରରେ ରୂପାନ୍ତରିତ ହୋଇଯାଇଛନ୍ତି। ଘଟଣାକ୍ରମରେ ସେମାନେ ପରବର୍ତ୍ତୀ ସମୟରେ ୪ଜଣ କଲେଜ ଛାତ୍ରରେ ରୂପାନ୍ତରିତ। ଚରିତ୍ରର ଯେତେବେଳେ ରୂପାନ୍ତର ଘଟୁଛି ଏହାକୁ ବୁଝିବା ପାଇଁ ନାଟ୍ୟକାର ଏକ କୋରସ୍ ମାଧ୍ୟମରେ ସୂଚନା ଦେଇଛନ୍ତି ଯେପରିକି – "କୋରସ୍ - ଆମେ ପ୍ରକାଶ ବିକାଶ ନରେନ୍ଦ୍ର ନିରଞ୍ଜନ/ ଆମେ କାରାରୁଦ୍ଧ ଯୁବକ ବୃନ୍ଦ/ ଆମେ ଅତ୍ୟାଚାରିତ ନିଷ୍ପେସିତ/ ଆମେ ବିପ୍ଳବ କରି ପାରୁନୁ/ ଆମକୁ ଶୃଙ୍ଖଳିତ କରାଯାଇଛି/ ଆମକୁ ଆଦେଶ ଦିଆଯାଇଛି/ ଅତୀତର କାହାଣୀ କହିବାକୁ/ ଆମେ ପ୍ରକାଶ ବିକାଶ ନରେନ୍ଦ୍ର ନିରଞ୍ଜନ/ ଆମେ ଯୁବକମାନେ ଏକ ଓ ଅଭିନ୍ନ/ ଆମେ ଅତୀତର କାହାଣୀ କହୁଛୁ।"[୮]

ପରବର୍ତ୍ତୀ ସମୟରେ କଲେଜ ଯୁବକ ଅବସ୍ଥାରେ ସୀତା ମଧ୍ୟ ଆଧୁନିକ ସମୟରେ କଲେଜରେ ପଢୁଥିବା ଝିଅ। ଯାହାକୁ ହାସଲ କରିବା ପାଇଁ ଚାରିଜଣଙ୍କ ମଧ୍ୟରେ ଦ୍ୱନ୍ଦ ଓ ସଂଘର୍ଷ ଦେଖାଯାଇଛି। ସୀତାକୁ ପାଇବା ପାଇଁ ଯେଉଁ ସବୁ ସର୍ତ୍ତ ରଖିବାକୁ ସେମାନେ ଚେଷ୍ଟା କରିଥିଲେ ସେଇ ସବୁ ସର୍ତ୍ତକୁ ସଫଳ କରିବା ପାଇଁ ରାଜାଘର ସୁଯୋଗ ଦେଇ ନାହାନ୍ତି ବଂର ସେମାନଙ୍କର ଅଧିକାରକୁ ଛଡ଼େଇ ନେଇଛନ୍ତି। ଆଉ ସୀତା ହୋଇ ନାହିଁ, ସ୍ୱପ୍ନ ମଧ୍ୟ ହୋଇ ନାହିଁ, ବଂର ସେ ମୂଳ ଚରିତ୍ର ଅର୍ଥାତ୍ କାଠଗଣ୍ଡିରେ ରୂପାନ୍ତରିତ ହୋଇଯାଇଛି।

'ସୀତା' ନାଟକରେ ସ୍ଥାନ ଓ କାଳଗତ ରୂପାନ୍ତର ମଧ୍ୟ ଘଟିଛି। ଏହା ଗୋଟିଏ ଗୋଟିଏ ବାଚିକ ଅଭିନୟ ଏବଂ ସଂଳାପ ମାଧ୍ୟମରେ ରୂପାନ୍ତର ଘଟିଛି। ନାଟକଟି ଆରମ୍ଭ ହୋଇଛି ଚାରିମିତ କାହାଣୀରୁ ଯାହାଙ୍କର କାହାଣୀ ଅରଣ୍ୟର ଆଲୋକର। ରାଜପୁଅ, ମନ୍ତ୍ରୀପୁଅ, କଟୁଆଳ ପୁଅ ଏବଂ ବଢ଼େଇ ପୁଅ ପୁରାତନ ଯୁଗର ଚରିତ୍ର ଯେଉଁମାନେ ମଞ୍ଚରେ କ୍ରୀଡ଼ାରତ ବାଲ୍ୟ ଅବସ୍ଥାରେ, ସଙ୍ଗେ ସଙ୍ଗେ ଗୁରୁକୁଳକୁ ଯାତ୍ରା, ଅଧ୍ୟୟନରତ ଶିଷ୍ୟବୃନ୍ଦ, ଯୁଦ୍ଧ ଶିକ୍ଷାର ଦୃଶ୍ୟ ଅର୍ଥାତ୍ ଗୁରୁକୂଳର ସ୍ଥାନଟି ପରବର୍ତ୍ତୀ ସମୟରେ ରାଜ ଦରବାରର ଦୃଶ୍ୟରେ ରୂପାନ୍ତର। ଚାରିମିତ ଘଟଣା ଅନୁଯାୟୀ ଆଧୁନିକ ଯୁଗର ପ୍ରକାଶ, ବିକାଶ, ନରେନ୍ଦ୍ର, ନିରଞ୍ଜନ ଚରିତ୍ରରେ ରୂପାନ୍ତର ହେଲା ବେଳକୁ ସମଗ୍ର ମଞ୍ଚଟିରେ କାଳଗତ ରୂପାନ୍ତର ଘଟୁଛି ଅର୍ଥାତ୍ ପ୍ରଥମେ ପୁରାତନ କାଳ ଥିବାବେଳେ ବର୍ତ୍ତମାନ ସେହି ମଞ୍ଚଟି ଆଧୁନିକ କାଳରେ ରୂପାନ୍ତରିତ। ନାଟକରେ କଲେଜର ଛାତ୍ରଭାବେ ଅଭିନୟ କରିଛନ୍ତି। ପୁନଶ୍ଚ ଅରଣ୍ୟରୁ ଆଲୋକକୁ ଚକ୍ରାକାରରେ ଏମାନେ ଗତି କରି ପୁରାତନ କାଳର ଚାରିମିତ ନିରଞ୍ଜନ, ନରେନ୍ଦ୍ର, ବିକାଶ ଓ ପ୍ରକାଶ ଚରିତ୍ରରେ ରୂପାନ୍ତରିତ ହୋଇଯାଇଛି। ସ୍ଥାନଗତ ରୂପାନ୍ତର ଦୃଷ୍ଟିରୁ ଯେଉଁ ମଞ୍ଚ ପ୍ରଥମେ ଅରଣ୍ୟର ପରିବେଶ ଥିଲା ତାହା ପରବର୍ତ୍ତୀ ସମୟରେ କଲେଜର ସ୍ଥାନ, କଚେରୀ ଗୃହର ସ୍ଥାନ, ପ୍ରଭୃତିରେ ରୂପାନ୍ତରିତ ହୋଇଛି। ମଞ୍ଚ ଗୋଟିଏ କିନ୍ତୁ ବିଭିନ୍ନ କାଳଖଣ୍ଡର ଦୃଶ୍ୟ ଓ ସ୍ଥାନର ପରିବର୍ତ୍ତନ ଅତି ସହଜରେ ଗୋଟିଏ ଲମ୍ଫରେ ରୂପାନ୍ତର ହୋଇଯାଉଛି।

ନାଟକରେ ଯେତେବେଳେ ଚେତନା ସ୍ତରରେ ରୂପାନ୍ତର ଘଟେ ସେତେବେଳେ ଚରିତ୍ର ଯେଉଁ ଚେତନାରେ ରହିଥିଲା ତାର ଉଚ୍ଚତର ସ୍ଥିତିକୁ ବା ନିମ୍ନତର ସ୍ଥିତିକୁ ଗତିଶୀଳ ହୁଏ। ଗୋଟିଏ ଚେତନାରୁ ଆଉ ଏକ ଚେତନାକୁ ପରିବର୍ତ୍ତନ ହୋଇଯିବାକୁ ଚେତନାର ରୂପାନ୍ତର କୁହାଯାଏ। ୧୯୭୦ ପରବର୍ତ୍ତୀ ନାଟକରେ ସ୍ଥାନ-କାଳ-ପାତ୍ରଗତ ରୂପାନ୍ତର ଦୃଷ୍ଟାନ୍ତ ଯେତିକି ରହିଛି ଚେତନାଗତ ରୂପାନ୍ତର ଦୃଷ୍ଟାନ୍ତ ଅତ୍ୟନ୍ତ

ସ୍ୱଳ୍ପ ମନେହୁଏ। ତେବେ କିଛି କିଛି ନାଟକରେ ଆମେ ଚେତନାଗତ ରୂପାନ୍ତର ଲକ୍ଷ୍ୟ କରୁ। ଯେପରିକି ଶଙ୍କର ତ୍ରିପାଠୀଙ୍କର 'ଗାନ୍ଧୀ ଭୂମିକାରେ'(୧୯୯୮), ବିଜୟ କୁମାର ଶତପଥୀଙ୍କର 'ମଂଗଳ ଅମଂଗଳ ବିଲ୍ୱମଂଗଳ'(୨୦୧୧), ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ଶେଷ ପାହାଚ' (୧୯୮୦), 'ମହାନାଟକ' (୧୯୭୨) ହରିହର ମିଶ୍ରଙ୍କର 'ନିନ୍ଦିତ ଗଜପତି' (୧୯୭୫) ପ୍ରଭୃତି ନାଟକରେ। ନିମ୍ନରେ ଶଙ୍କର ତ୍ରିପାଠୀଙ୍କର 'ଗାନ୍ଧୀ ଭୂମିକାରେ' ନାଟକଟିକୁ ଆଲୋଚନା କରିବା ବେଳେ କେତେକ ସଂଳାପକୁ ଉଦାହରଣ ନେଇ ଦର୍ଶାଇବାକୁ ଚାହିଁଛି ଯେ ଯେତେବେଳେ ୩ୟ ଅଭିନେତାରୁ ଗୁଣ୍ଡା ରାମଦାସ ଚରିତ୍ର, ଗୁଣ୍ଡା ରାମଦାସ ଚରିତ୍ରରୁ ଗାନ୍ଧୀ ଭୂମିକାରେ ଅଭିନୟ କଲାବେଳେ ସେ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଛି ଶେଷ ପର୍ଯ୍ୟନ୍ତ। ଗୁଣ୍ଡା ରାମଦାସ ଗାନ୍ଧୀଙ୍କ ଆଚରଣ, ବିଚାର, ଦର୍ଶନକୁ ମାନସିକ ସ୍ତରରେ ସଜ୍ଞାନ ଅବସ୍ଥାରେ ଆପେଣଇ ନେଇଛି, ସେ ଆଉ ଗୁଣ୍ଡା ଭୂମିକାକୁ ଫେରିନାହିଁ।

"୩ୟ-(ରାଗି ଯାଇଛି) ସଦାନନ୍ଦ ବଳିଆର ସିଂହ। ଏ ପର୍ଯ୍ୟନ୍ତ ତୁମେ ରାମଦାସକୁ ଅପମାନିତ କରୁଥିଲେ। ମୁଁ ସହିଥିଲି। କିନ୍ତୁ ତୁମେ ଏବେ ଗାନ୍ଧୀ ମହାତ୍ମାଙ୍କ ପୋଷାକକୁ ଅପମାନିତ କରିଚ। ଯୋଉ ଆଭରଣ ମୁଁ ପିନ୍ଧିଚି, ସେ ଗୋଟେ ମହାତ୍ମାର। ଆଉ ତମେ ତା ଉପରେ ମଦ ଢାଳିଚ।

(ରାମଦାସ, ତାର ଚଷମା, ଚାଦର ପ୍ରଭୃତି କାଢ଼ି ଥୋଇ ଦେଇଛି। ଲାଠିଟି ଭଲ କରି ଧରିଛି।)

ରବି/ସୋମ/ମଙ୍ଗଳ-ଏଇ , କଣ ତମେ କରୁଛ ?

୩ୟ-ଯୋଉ ରାମଦାସକୁ ତମେ ଚାହେଁ,ସେଇ ଭୂମିକାକୁ ଓହ୍ଲେଇ ଯିବି।

ମନ୍ତ୍ରୀ-ରାମଦାସ ।

(୩ୟ ଅଭିନେତା ଉର୍ଦ୍ଧ୍ୱକୁ ହାତ ଟେକି ଅସହାୟ ହୋଇ ଚାହିଁଛି)

୩ୟ-ହେ ମହାତ୍ମା ! ମତେ କ୍ଷମା କର। ବହୁ ଚେଷ୍ଟା କରି,ମୁଁ ବଞ୍ଚିପାରିଲିନି। ମୁଁ ମୋର ଅପମାନ ସହିପାରେ,ମାତ୍ର ତମର ଅପମାନ ସହି ପାରିବିନି। ଏଇ ଲାଠି-ଯାହା ଉପରେ ଭରା ଦେଇ ତମେ ଦେଶକୁ ସ୍ୱାଧିନତା ଦେଇଥିଲ ଅହିଂସାର ମନ୍ତ୍ର ଶିଖାଇ ଥିଲ,ଆଜି ତାହା ହିଂସାର ଅସ୍ତ୍ର ହେବାକୁ ଯାଉଛି ।

ମନ୍ତ୍ରୀ-ଏଇ କଣ କରୁଚ?

(୩ୟ ଅଭିନେତା ଲାଠି ଧରି ଆଗେଇ ଆସିଛି)

୩ୟ-ଆଉ,ମୁଁ ଗାନ୍ଧୀ ନୁହେଁ,ମୁଁ ରାମଦାସ। ଗୁଣ୍ଡା ରାମଦାସ। ଗାନ୍ଧୀର ଖୋଳ ମୁଁ କାଢ଼ି ଦେଇଛି। ମୁଁ ରାସ୍ତାକୁ ଓହ୍ଲାଇ ଆସିଛି। ଜୟ ମା କାଳୀ।"[୯]

ଏପରି ଉଚ୍ଚତର ଚେତନାରୁ ନିମ୍ନତର ଚେତନାକୁ ଆସିଲାବେଳେ ଚନ୍ଦ୍ରମୁଖୀ(ରାମଦାସର ପତ୍ନୀ)ଚରିତ୍ରର ପ୍ରବେଶ କରିଛି ଏବଂ ଏପରି କରିବା ପାଇଁ ମନା କରି କହିଛି-ତୁମକୁ ମୋ ରାଣ ଗାନ୍ଧୀ,କୌଣସି ପରିସ୍ଥିତିରେ ବି ରାମଦାସ ହବନି। ପରିଶେଷରେ ଗୁଣ୍ଡା ରାମଦାସ ଗାନ୍ଧୀ ଚେତନାରୁ ଆଉ ଫେରି ଆସି ନାହିଁ। ସ୍ତ୍ରୀକୁ ହରେଇ ବସିବା ପରେ ବି ତା ଭିତରେ ଯେଉଁ ହିଂସା ଭାବ ଜାଗ୍ରତ ହୋଇଛି ତାକୁ ପ୍ରକାଶ ନକରି ଅହିଂସା ନୀତିକୁ ଗ୍ରହଣ କରିଛି ।

ଏହିପରି ଭାବେ ବିଭିନ୍ନ ନାଟକରେ ସ୍ଥାନ-କାଳ-ପାତ୍ରଗତ ଓ ଚେତନାଗତରୂପାନ୍ତର ହୋଇଛି। ସବୁଠୁ ବଡ଼ କଥା ଲକ୍ଷ୍ୟ କରାଯାଏ ଯେ ଏଇ ରୂପାନ୍ତର ପ୍ରକ୍ରିୟାଟି ୧୯୭୦ ମସିହା ପରଠାରୁ ୨୦୧୦ ମସିହା ପର୍ଯ୍ୟନ୍ତ ପ୍ରାୟ ନାଟକରେ ଦେଖାଯାଏ ତା'ପରଠାରୁ ଆଉ ବେଶୀ ନାଟକରେ ପ୍ରୟୋଗ ଦେଖାଯାଏ ନାହିଁ। ଏହାର କାରଣ ହେଉଛି ପୂର୍ବ ଅପେକ୍ଷା ବର୍ତ୍ତମାନ ସମୟର ଗ୍ରୁପ୍ ଥିଏଟରମାନେ ବହୁସଂଖ୍ୟାରେ ବଢ଼ିଲେଣି। ଚରିତ୍ରର ଆଉ ଅଭାବ ନାହିଁ। ୨୦୧୯ ମସିହାରେ 'ଓଡ଼ିଶା ନାଟ୍ୟସଂଘ'ର ସଦସ୍ୟ ଭୁକ୍ତ ହୋଇଥିବା ଗ୍ରୁପ ଥିଏଟର ମାନଙ୍କର ସଂଖ୍ୟା ଯଦି ଦେଖାଯାଏ ତେବେ ହାରାହାରି ୧୪୨ରୁ ଉର୍ଦ୍ଧ୍ୱ।

ପରିଶେଷରେ ଏତିକି କହିବାକୁ ଚାହେଁ ନାଟକରେ ପରୀକ୍ଷା ଏବଂ ପ୍ରୟୋଗ ଏକ ଚିରାଚରିତ ପ୍ରକ୍ରିୟା। ବିଭିନ୍ନ ସମୟରେ ଓଡ଼ିଆ ନାଟ୍ୟ ସାହିତ୍ୟରେ ବିଭିନ୍ନ ପ୍ରକାରର ପରୀକ୍ଷାନିରୀକ୍ଷା କରାଯାଇଛି। ଏହି ପରୀକ୍ଷାନିରୀକ୍ଷା ମୂଳରେ ବିଶେଷ କରି ନୂଆ ନୂଆ ଦିଗ ଦିଗନ୍ତକୁ ଆଣି ଦର୍ଶକମାନଙ୍କ ପାଖରେ ଉପସ୍ଥାପନା କରାଯାଇଛି। ଫଳରେ ଆମ ନାଟ୍ୟ ସାହିତ୍ୟ ନୂଆ ନୂଆ ନାଟ୍ୟଧାରା, ନୂଆ ନୂଆ ଚେତନା, ନୂଆ ନୂଆ ନାଟ୍ୟାଦର୍ଶ ଦ୍ୱାରା ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ତା'ର ଅନ୍ତର୍ନିହିତ ବିଶେଷତ୍ୱକୁ ମଧ୍ୟ ପୂର୍ଣ୍ଣପ୍ରାଣରେ ଉପଭୋଗ କରିଛନ୍ତି। ତେଣୁ ସର୍ବଶେଷରେ ମୁଁ ଏତିକି କହି ରଖୁଛି ଯେ ଏଇ ଯେଉଁ ରୂପାନ୍ତର ଶୈଳୀର ପ୍ରୟୋଗ ତାହା ସାଂପ୍ରତିକ ନାଟ୍ୟ ବ୍ୟବସ୍ଥାକୁ ଅତ୍ୟନ୍ତ ସହଜ ସରଳ, ନମନୀୟ ଏବଂ ସର୍ବଜନ ବୋଧ କରିବାରେ ସହାୟକ ହୋଇଛି। ନାଟକରେ ଆଗରୁ ଯେଉଁଭଳି ଭାବରେ ଚରିତ୍ରମାନଙ୍କର ଭିଡ଼, ବିଭିନ୍ନ ପ୍ରକାରର ସେଟ୍, ବିଭିନ୍ନ ପ୍ରକାରର ଉପକରଣର ଆବଶ୍ୟକ ହେଉଥିଲା ତାହା ଆଉ ହେଉନାହିଁ। ଅଭିପ୍ରାୟ ଯାହା ରହୁଥିଲା ତାହା ମଧ୍ୟ ଏବେ ରହିଛି ଅର୍ଥାତ୍ ନାଟକର ବକ୍ତବ୍ୟ ଉପସ୍ଥାପନ ପ୍ରକ୍ରିୟା ତାହା ପୂର୍ବଠାରୁ ଆହୁରି ଅଧିକ ସ୍ପଷ୍ଟତାଯୁକ୍ତ ହେଇଛି। ଏଇ ଧରଣର ନାଟକ ଦର୍ଶନ କରି ଦର୍ଶକମାନେ ବିଭିନ୍ନ ଭାବରେ ଉପକୃତ ହେଉଛନ୍ତି ।

ପ୍ରାନ୍ତଟୀକା:

୧. ପାଣିଗ୍ରାହୀ, ରମେଶ ପ୍ରସାଦ। ମୁକ୍ତଧାରାର ନାଟକ। ଓଡ଼ିଆ ନାଟକର ଭାବକଳ୍ପ ଓ ରୂପବିନ୍ୟାସ। ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାର କଟକ। ୨୦୧୬, ପୃଷ୍ଠା-୩୨୫।

୨. ତତ୍ରୈବ, ପୃଷ୍ଠା-୩୨୬।

୩. ଶତପଥୀ, ନିତ୍ୟାନନ୍ଦ। ସାଂପ୍ରତିକ ଓଡ଼ିଆ ନାଟକ ଓ ନବନାଟ୍ୟ ଆନନ୍ଦୋଳନ। ନବରବି, ପତ୍ରିକା,ପଞ୍ଚମ ବର୍ଷ,ସପ୍ତମ ସଂଖ୍ୟା, ଜାନୁୟାରୀ। ୧୯୭୫,ପୃଷ୍ଠା-୧୫୦।

୪. ଦାସ, ହେମନ୍ତ କୁମାର। ଓଡ଼ିଆ ନାଟକର ଐତିହାସିକ ବିବର୍ତ୍ତନ(୨ୟ ଭାଗ)। ଏସ୍‌ବି ପବ୍ଲିକେଶନ, ବିନୋଦ ବିହାରୀ,

କଟକ। ୨୦୦୬, ପୃଷ୍ଠା-୪୨୩।
୫. ସାହୁ, ନାରାୟଣ। ସ୍ୱାଧୀତ୍ତୋର ଓଡ଼ିଅ ନାଟକ ଓ ଅନ୍ୟ ପ୍ରସଙ୍ଗ। ସତ୍ୟନାରାୟଣ ବୁକ୍ ଷ୍ଟୋର,ବିନୋଦ ବିହାରୀ, କଟକ। ୨୦୧୭, ପୃଷ୍ଠା-୧୮୮ ।
୬. ପ୍ରଧାନ, କୃଷ୍ଣଚନ୍ଦ୍ର। ଆଲୋଚନା ଓ ସିଦ୍ଧାନ୍ତ। ଚିନ୍ମୟ ପ୍ରକାଶନ, ବିନୋଦ ବିହାରୀ, କଟକ। ୨୦୧୫, ପୃଷ୍ଠା – ୧୩୬।
୭. ମିଶ୍ର, ମିନତି। ରତି ମିଶ୍ରଙ୍କ ରଚନା ସମଗ୍ର (ପ୍ରଥମ ଭାଗ),ସୀତା ନାଟକ। ଆର୍ଯ୍ୟ ପ୍ରକାଶନ, ବାଦମବାଡ଼ି, କଟକ। ୨୦୧୨, ପୃଷ୍ଠା – ୫୧।
୮. ତତ୍ରୈବ।
୯. ତ୍ରିପାଠୀ, ଶଙ୍କର। ଗାନ୍ଧୀ ଭୂମିକାରେ। ଆର୍ଯ୍ୟ ପ୍ରକାଶନ, ବାଦମବାଡ଼ି, କଟକ। ୧୯୯୮, ପୃଷ୍ଠା-୬୪।

Funding
No funding was received for conducting this study.

Does this article screened for similarity?
Yes

Conflict of interest
The Author has no conflicts of interest to declare that they are relevant to the content of this article.

About the Licenses
© Dr. Mamata Sahoo 2024. The text of this article is open access and licensed under a Creative Commons Attribution 4.0 International License

Cite this Article :
Dr. Mamata Sahoo, Odia Natakare Rupaantara Sailira Prayoga, Bageesha, Vol. No. 02, Issue No. 05, September - October 2024, Article No: BM2024/05-A003 | Page- 25-31

●

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର - ଅକ୍ଟୋବର ୨୦୨୪
Volume No. 02 | Issue No. 05 | Sep - Oct 2024
Refereed Peer-Reviewed Journal
BM2024/05-A004
https://bageesha.in
OPEN ACCESS

# ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷାଶିଳ୍ପ

■ ଡ. ଖଗେଶ୍ୱର ମେହେର
ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବଣାଇଗଡ଼ ମହାବିଦ୍ୟାଳୟ, ବଣାଇଗଡ଼

Article Received : 13.10.2024 | Accepted : 25.10.2024 | Published : 25.11.2024

**ସାରାଂଶ**

ABSTRACT

ଆଲୋଚ୍ୟ ପ୍ରବନ୍ଧଟିରେ ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷିକ ବୈଚିତ୍ର୍ୟ ଉପରେ ଅଧ୍ୟୟନ ତଥା ବିଶ୍ଳେଷଣ ନିମିତ୍ତ ପ୍ରୟାସ କରାଯାଇଅଛି । ସଂପ୍ରତି ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ଏକ ସ୍ୱତନ୍ତ୍ର ଆଲୋଚନାର ବିଷୟ । ପୁଣି, 'ଭାଷାତତ୍ତ୍ୱ' ବା 'ଭାଷାବିଜ୍ଞାନ (Linguistics) ମଧ୍ୟ ଏକ ସ୍ୱତନ୍ତ୍ର ଅଧ୍ୟୟନର ବିଷୟ । କାରଣ, ଭାଷାର ଏକ ତାତ୍ତ୍ୱିକ ଅଥଚ ବୈଜ୍ଞାନିକ ଅନୁଶୀଳନ ହେଉଛି 'ଭାଷାତତ୍ତ୍ୱ' ବା 'ଭାଷାବିଜ୍ଞାନ' । ଏହି ଭାଷାବୈଜ୍ଞାନିକ ଅନୁଶୀଳନର ଏକ ସ୍ୱତନ୍ତ୍ର ଧାରା ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ଲକ୍ଷଣୀୟ । କହିବା ବାହୁଲ୍ୟ, ଉକ୍ତ କାଳରେ ମୁଖ୍ୟତଃ ଲେଖନୀ ଚାଳନା କରିଥିବା ଔପନ୍ୟାସିକ ପ୍ରମୁଖ ଉପନ୍ୟାସର ଭାବ, ଭାଷା ଓ ଶୈଳୀରେ ନୂତନ ପରୀକ୍ଷା-ନିରୀକ୍ଷା ତଥା ପ୍ରୟୋଗମାନ କରି ପାଠକକୁ ସମ୍ମୁଖୀକୃତ (Fore-grounded) କରାଇବାରେ ସମର୍ଥ ହୋଇଛନ୍ତି । ଫଳରେ ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ପାଠକ-ସମାଜକୁ ଏକ ନୂତନ ଦିଶା ଦେଖାଇବାରେ ସର୍ବଦା ହୋଇଉଠିଛି ତତ୍ପର । ଏହି ସମସ୍ତ ଆଭିମୁଖ୍ୟକୁ ନେଇ ଶଂସିତ ପ୍ରବନ୍ଧଟି ପ୍ରସ୍ତୁତ ହୋଇଅଛି ।

BM2024/05-A004

ମୂଳଶବ୍ଦ: ଭାଷା ଓ ଭାଷାତତ୍ତ୍ୱ, ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ, ଭାଷିକ ବୈଚିତ୍ର୍ୟ, ଭାଷାଶିଳ୍ପ, ପରୀକ୍ଷା-ନିରୀକ୍ଷା

'ସାହିତ୍ୟ' ଏକ କଳା, ଭାଷିକ କଳା। ଏହା ଭାଷା ନିର୍ମିତ, ଭାଷା ଆଶ୍ରିତ ତଥା ଭାଷାର ଏକ ଶିଳ୍ପ। କହିବାର ତାତ୍ପର୍ଯ୍ୟ ହେଲା, ସାହିତ୍ୟର ଏକ ସୂକ୍ଷ୍ମ କଳାତ୍ମକ ବିଭବଟି ହେଉଛି 'ଭାଷା' ତଥା 'ଉପସ୍ଥାପନଗତ ଶୈଳୀ'। ଅନ୍ୟ ଭାବରେ କହିଲେ, ଭାଷାର ଏକ ଲଳିତ ଅଥଚ ଆବେଗପୂର୍ଣ୍ଣ ରୂପ ହେଉଛି 'ସାହିତ୍ୟ'। ଏହା ଏକ ଅନନ୍ୟ କଳାରୂପ; ଯାହାର ଏକମାତ୍ର ସମ୍ବଳ ହେଉଛି 'ଭାଷା'। ସୁତରାଂ, ଭାଷା-ସଂରଚନା (Structure of Language)ର ଏକ ଶୈଳ୍ପିକ ବିଦ୍ୟା ହେଉଛି 'ସାହିତ୍ୟ'। ଅର୍ଥାତ୍, ଯାହା ଭାଷାକୁ ଏକ ଶିଳ୍ପରୂପ ପ୍ରଦାନ କରେ, ତାହାହିଁ 'ସାହିତ୍ୟ'। ଏହି ସାହିତ୍ୟ-ଶିଳ୍ପ ତଥା ଭାଷାଶିଳ୍ପର ଏକ ଉଲ୍ଲେଖନୀୟ ବିଭବ ହେଉଛି 'ଉପନ୍ୟାସ'। କାରଣ, କଳା ବା ଶିଳ୍ପର ସୂକ୍ଷ୍ମତର ସୋପାନରେ ଭାଷାକୁ ଉନ୍ନୀତ କରିବାରେ ଉପନ୍ୟାସ ନେଇଛି ଏକ ପ୍ରମୁଖ ଭୂମିକା। ଏହାର ଏକ ସ୍ପଷ୍ଟ ନିଦର୍ଶନ ହେଉଛି '୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ' ।

ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଭାଷା-ପ୍ରୟୋଗର ଏକ କ୍ରମବିବର୍ତ୍ତନ ଧାରା ପରିଲକ୍ଷିତ ହୋଇଥାଏ। ଓଡ଼ିଆ ଉପନ୍ୟାସର ପୂର୍ବସୂରୀ ଫକୀରମୋହନଙ୍କଠୁ ଆରମ୍ଭକରି କାଳିନ୍ଦୀଚରଣ, କାହ୍ନୁଚରଣ, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ଉପନ୍ୟାସରେ ଏକ ଭାଷିକ ବିବର୍ତ୍ତନ ଘଟିଥିବା ଲକ୍ଷଣୀୟ। "ସ୍ଥୂଳତଃ ଭାଷା ପ୍ରୟୋଗ ଦୃଷ୍ଟିରୁ ଫକୀରମୋହନଙ୍କଠାରୁ ଶାନ୍ତନୁ କୁମାରଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ଓଡ଼ିଆ ଔପନ୍ୟାସିକ ସମକାଳୀନ ସମାଜ, କଳାଦର୍ଶ, ଶିଳ୍ପରୀତି, ଭାଷାର ବ୍ୟାବହାରିକ ବିକାଶ, ଜାତୀୟ ଓ ଆନ୍ତର୍ଜାତୀୟ ଚିନ୍ତାଧାରା ଓ ପାଠକର ଅଭିରୁଚି ତଥା ଆବଶ୍ୟକତା ପ୍ରତି ସଚେତନ ରହି ଶବ୍ଦ ପ୍ରତୀକ ଓ ଭାଷା ବିନ୍ୟାସ ସଂଯୋଜନା କରିଛନ୍ତି ।"[୧] ତେବେ, ପ୍ରାକ୍-ସ୍ୱାଧୀନତା କାଳଠୁ ଆରମ୍ଭକରି ସ୍ୱାଧୀନତୋତ୍ତର କାଳ; ଏପରିକି ୧୯୮୦ ପରବର୍ତ୍ତୀ କାଳ ପର୍ଯ୍ୟନ୍ତ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଭାଷା-ପ୍ରୟୋଗର ବିବର୍ତ୍ତନକୁ ସ୍ପଷ୍ଟ ଅନୁଭବ କରିହୁଏ। କହିବା ବାହୁଲ୍ୟ, ସମୟ-ସ୍ରୋତରେ ଉପନ୍ୟାସର ଭାଷାଶିଳ୍ପରେ ଦେଖାଦେଇଛି ଏକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ। ଉପନ୍ୟାସ ରୋମାନ୍ସକୁ ପରିହାର କରି ବାସ୍ତବତା (Reality)କୁ ଗ୍ରହଣ କରିଛି; ପୁଣି ସଂସ୍କୃତାୟିତ କୃତ୍ରିମ ଅଳଙ୍କାର ବହୁଳ ଭାଷା, ଶବ୍ଦ ପରିବର୍ତ୍ତେ ନିଛକ ଗ୍ରାମୀଣ ବା ଲୌକିକ ଭାଷା-ସଂଳାପକୁ ନେଇ ଉପନ୍ୟାସ ରଚନା କରାଯାଇଅଛି। ଏଇ ଧରଣର ବୈଶିଷ୍ଟ୍ୟ ଓଡ଼ିଆ ଉପନ୍ୟାସ

ସାହିତ୍ୟରେ ପ୍ରଥମକରି ଫକୀରମୋହନଙ୍କ ଉପନ୍ୟାସରେ ପରିଲକ୍ଷିତ ହୋଇଥିଲା। ପରବର୍ତ୍ତୀ କାଳରେ କାଳିନ୍ଦୀଚରଣ ପାଣିଗ୍ରାହୀ, କାହ୍ନୁଚରଣ ମହାନ୍ତି, ଗୋପୀନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରମୁଖଙ୍କ ପର୍ଯ୍ୟନ୍ତ ଉପନ୍ୟାସର ଭାଷା-ସୃଷ୍ଟିରେ ଲୌକିକତା, ଆଞ୍ଚଳିକତା, କାବ୍ୟିକତା ଆଦିର ସ୍ପର୍ଶ ଅନୁଭୂତ ହେଲା। ଏହି ପରିପ୍ରେକ୍ଷୀରେ ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ପ୍ରସଙ୍ଗ ବିଚାର୍ଯ୍ୟ।

୧୯୮୦ ପରବର୍ତ୍ତୀ କାଳରେ ଓଡ଼ିଆ ଉପନ୍ୟାସର ଭାଷାଶିଳ୍ପରେ ଏକ ଉଲ୍ଲେଖଯୋଗ୍ୟ ପରିବର୍ତ୍ତନ ଆସିଛି। ଯାହାକି, ଉକ୍ତ କାଳରେ ଔପନ୍ୟାସିକମାନେ ଭାଷା କ୍ଷେତ୍ରରେ ଅନେକ ପରୀକ୍ଷା-ନିରୀକ୍ଷା ତଥା ପ୍ରୟୋଗ କରିଅଛନ୍ତି। ଯେପରି- ଶବ୍ଦସୃଷ୍ଟିରେ ପୌନଃପୁନିକତା, ଧ୍ୱନିସୃଷ୍ଟିରେ ବିପ୍‌ସାତ୍ମକତା, ବାକ୍ୟ-ସଂରଚନାରେ ବିଚ୍ୟୁତି, ବ୍ୟାକରଣ ବହିର୍ଭୂତ ଭାଷା-ସଂଳାପର ପ୍ରୟୋଗ, ମୁକ୍ତ-ଗଦ୍ୟଛନ୍ଦର ଆଙ୍ଗିକ, କାବ୍ୟାତ୍ମକ ଶୈଳୀର ବ୍ୟବହାର ଭଳି ଅନେକ ବୈଶିଷ୍ଟ୍ୟରେ ଋଦ୍ଧିମନ୍ତ ଉକ୍ତ କାଳର ଉପନ୍ୟାସ। ପୁଣି, ଉକ୍ତ କାଳରେ ଲେଖନୀ ଚାଳନା କରିଥିବା ମନୋଜ ଦାସ, ହୃଷୀକେଶ ପଣ୍ଡା, ଜଗଦୀଶ ମହାନ୍ତି, ରାମଚନ୍ଦ୍ର ବେହେରା, କିଶୋରୀ ଚରଣ ଦାସ, ପଦ୍ମଜ ପାଳ, ଭୀମ ପୃଷ୍ଟି, ଗୌରହରି ଦାସ, କୃପାସାଗର ସାହୁ, ରାଜେନ୍ଦ୍ର କିଶୋର ପଣ୍ଡା ପ୍ରମୁଖ ଔପନ୍ୟାସିକ ଉପନ୍ୟାସର ଭାଷାଶିଳ୍ପ ବା ଭାଷାଶୈଳୀରେ ଅନେକ ପରିବର୍ତ୍ତନ ଆଣିଛନ୍ତି ତଥା ପରୀକ୍ଷା ନିରୀକ୍ଷା କରିଛନ୍ତି। ଫଳରେ ଧ୍ୱନିସୃଷ୍ଟି, ଶବ୍ଦବୈଚିତ୍ର୍ୟ, ଅର୍ଥବୈଚିତ୍ର୍ୟ, ବାକ୍ୟବିନ୍ୟାସ, ରୂପକଳ୍ପନା ଆଦି କ୍ଷେତ୍ରରେ ବିପୁଳ ପରିବର୍ତ୍ତନ ପରିଲକ୍ଷିତ ହୋଇଅଛି ଉକ୍ତ କାଳର ଉପନ୍ୟାସରେ; ଯାହା ଏକ ଭାଷାତାତ୍ତ୍ୱିକ ଅନୁଶୀଳନର ଅପେକ୍ଷା ରଖେ।

୧୯୮୦ ପରବର୍ତ୍ତୀ ସମୟ ପରୀକ୍ଷା-ନିରୀକ୍ଷାର ସମୟ; ଯାହାକୁ ଅନେକାଂଶରେ ଉତ୍ତର-ଆଧୁନିକ କାଳ (Post-modern age)ର ଆଖ୍ୟା ଦିଆଯାଇପାରେ। ଉକ୍ତ କାଳରେ ରଚିତ ସାହିତ୍ୟ, ଯଥା- ଉପନ୍ୟାସ (Novel) ବିବିଧ ରୂପବୈଚିତ୍ର୍ୟରେ ଋଦ୍ଧିମନ୍ତ। ଉପନ୍ୟାସର ଭାବବସ୍ତୁ (Theme), ଭାଷା (Language) ଓ ଶୈଳୀ (Style) କ୍ଷେତ୍ରରେ ହୋଇଛି ନୂତନ ପରୀକ୍ଷା-ନିରୀକ୍ଷା ତଥା ପ୍ରୟୋଗ। ଚିରାଚରିତ ଉପନ୍ୟାସ (Traditional Novel) ରଚନାର ଧାରା ବ୍ୟାହତ ହୋଇ ପରୀକ୍ଷାଧର୍ମୀ ବା ପ୍ରୟୋଗଧର୍ମୀ ଉପନ୍ୟାସ (Experimental Novel) ରଚନାର ଧାରା ଓ ଶୈଳୀକୁ ଆପଣେଇ ନେଇଛି ଉକ୍ତ କାଳର ଉପନ୍ୟାସ। ଲେଖକମାନେ ନୂତନ ଚିନ୍ତନ ଓ ଶୈଳୀ ସୃଷ୍ଟିକରି ପାଠକକୁ ସମ୍ମୁଖୀକୃତ କରାଇବାପାଇଁ ବିଶେଷ ଯତ୍ନଶୀଳ ହୋଇଅଛନ୍ତି। ଫଳରେ ଉତ୍ତର-ଅଶୀ ଓଡ଼ିଆ ଉପନ୍ୟାସ ସାହିତ୍ୟ ଏକ ନୂତନ ପ୍ରତିଶ୍ରୁତି ଓ ସମ୍ଭାବନା ଆଣିଦେଇଛି ପାଠକ-ସମାଜକୁ। ଔପନ୍ୟାସିକମାନେ ଉପନ୍ୟାସର ଭାଷିକ ବୈଚିତ୍ର୍ୟରେ ନୂତନତା ଆଣିବାରେ ବେଶ୍ ତତ୍ପର। ଚିରାଚରିତ ଭାଷା-ବିନ୍ୟାସ କୌଶଳରୁ ଓହରିଯାଇ ପ୍ରୟୋଗବାଦୀ ଭାଷା-ବିନ୍ୟାସ ଶୈଳୀକୁ ଆପଣେଇ ଉପନ୍ୟାସର ଭାଷିକ ସଂରଚନାରେ ଅଭିନବତ୍ୱ ଆଣିବାପାଇଁ ସର୍ବଦା ଚେଷ୍ଟିତ ହୋଇଅଛନ୍ତି ଏହି ସମୟର ଔପନ୍ୟାସିକମାନେ। ତନ୍ମଧ୍ୟରେ ମନୋଜ ଦାସ, ହୃଷୀକେଶ ପଣ୍ଡା, କିଶୋରୀ ଚରଣ ଦାସ, ପଦ୍ମଜ ପାଳ, ରାମଚନ୍ଦ୍ର ବେହେରା, ଜଗଦୀଶ ମହାନ୍ତି ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ। ମନୋଜ ଦାସଙ୍କ 'ଅମୃତଫଳ' (୧୯୯୬), ହୃଷୀକେଶ ପଣ୍ଡାଙ୍କ 'ହରିଣ ପିଠିରେ ଅଜଣା ସୂର୍ଯ୍ୟାସ୍ତକୁ' (୧୯୮୬), କିଶୋରୀ ଚରଣ ଦାସଙ୍କ 'ସାତୋଟି ଦିନର ସତୀ' (୧୯୯୩), ପଦ୍ମଜ ପାଳଙ୍କ 'ହାଏ ମୁନି! କେମିତି ଅଛ?' (୨୦୧୩), ରାମଚନ୍ଦ୍ର ବେହେରାଙ୍କ 'ମନିକା ଏବେ କେଉଁଠି?' (୨୦୦୦), ଜଗଦୀଶ ମହାନ୍ତିଙ୍କ 'କନିଷ୍ଠ କନିଷ୍ଠ' (୧୯୮୬) ପ୍ରଭୃତି ଉପନ୍ୟାସ ଏହି କ୍ରମରେ ଉଲ୍ଲେଖନୀୟ। ତେବେ, ବର୍ତ୍ତମାନ ୧୯୮୦ ପରବର୍ତ୍ତୀ କତିପୟ ଓଡ଼ିଆ ଉପନ୍ୟାସକୁ ଭିତ୍ତିକରି ଏକ ଭାଷାତାତ୍ତ୍ୱିକ ବିଶ୍ଳେଷଣ ନିମ୍ନରେ କରାଗଲା।

୧) **ବ୍ୟଞ୍ଜନାଧର୍ମୀ ଭାଷା**: ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷା-ବିଚାରରେ 'ବ୍ୟଞ୍ଜନାଧର୍ମୀ ଭାଷା' ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରେ। କାରଣ, ଆସ୍ତେ ଆସ୍ତେ ଉପନ୍ୟାସର ଭାଷା ବର୍ଣ୍ଣନାଧର୍ମୀ ହେବା ପରିବର୍ତ୍ତେ ବ୍ୟଞ୍ଜନାଧର୍ମୀ ହୋଇପଡ଼ିଛି; ଅର୍ଥାତ୍ ବର୍ଣ୍ଣନାଧର୍ମିତା ବନାମ୍ ବର୍ଣ୍ଣନାଧର୍ମିତାକୁ ଲେଖକ ମୁଖ୍ୟତଃ ଆପଣେଇ ନେଇଛି। ଆଉ ଗୋପୀନାଥ ମହାନ୍ତିଙ୍କ ଦୀର୍ଘ ବର୍ଣ୍ଣନା ନାହିଁ ଅଶୀ ପରବର୍ତ୍ତୀ କାଳରେ; ବରଂ ମନୋଜ ଦାସ, ହୃଷୀକେଶ ପଣ୍ଡା, ଜଗଦୀଶ ମହାନ୍ତି, କିଶୋରୀ ଚରଣ ଦାସ ପ୍ରମୁଖଙ୍କ ବ୍ୟଞ୍ଜନାଧର୍ମିତାକୁ ବେଶୀ ଲକ୍ଷ୍ୟ କରୁଛି ପାଠକ ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ପରିପ୍ରେକ୍ଷୀରେ। ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଔପନ୍ୟାସିକ ଉପେନ୍ଦ୍ର କିଶୋର ଦାସଙ୍କ 'ମଲାଜହ୍ନ' (୧୯୨୮) ଠାରୁ ଆରମ୍ଭକରି ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ 'ନର-କିନ୍ନର' (୧୯୬୨), ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାର ଚନ୍ଦ୍ର' (୧୯୬୪) ପ୍ରଭୃତି ଉପନ୍ୟାସ ପର୍ଯ୍ୟନ୍ତ ବ୍ୟଞ୍ଜନାଧର୍ମିତାର ଏକ କ୍ରମିକ ବିବର୍ତ୍ତନକୁ ଲକ୍ଷ୍ୟକରେ ପାଠକ। ଗୋପୀନାଥ ମହାନ୍ତିଙ୍କ 'ମାଟିମଟାଳ' (୧୯୬୪)ର ଦୀର୍ଘ ବର୍ଣ୍ଣନା ଆସ୍ତେ ଆସ୍ତେ ଧିମେଇ ଯାଇଛି ହୃଷୀକେଶ ପଣ୍ଡାଙ୍କ 'ଗର୍ବ କରିବାର କଥା' (୨୦୧୦) କିମ୍ବା ମନୋଜ ଦାସଙ୍କ 'ଶେଷ ତାନ୍ତ୍ରିକର ସନ୍ଧାନରେ' (୨୦୧୮) ଭଳି ଉପନ୍ୟାସରେ। କାରଣ, 'ଗର୍ବ କରିବାର କଥା' କିମ୍ବା 'ଶେଷ ତାନ୍ତ୍ରିକର ସନ୍ଧାନରେ' ପ୍ରଭୃତି ଉପନ୍ୟାସରେ ଭାଷାଗତ, ଶୈଳୀଗତ ପରୀକ୍ଷା-ନିରୀକ୍ଷା ତଥା ପ୍ରୟୋଗମାନ ପରିଲକ୍ଷିତ। ଯେପରି- ମେଟାଫିକ୍ସନ, କୁହୁକ-ବାସ୍ତବତା ଆଦିର ଅଭିନବ ପ୍ରୟୋଗ ସବୁ ଏଥିରେ ବିଦ୍ୟମାନ। 'ଗର୍ବ କରିବାର କଥା' ଉପନ୍ୟାସ ସଂପର୍କରେ ବିଶିଷ୍ଟ ସମାଲୋଚକ ପ୍ରଫେସର ଅଶୋକ କୁମାର ଦାଶ କୁହନ୍ତି- "'ଗର୍ବ କରିବାର କଥା' ଉପନ୍ୟାସର ଶୈଳୀରେ ଆଉ ଏକ ଦିଗ ହେଲା ଏହାର ବର୍ଣ୍ଣନାବାହୁଲ୍ୟ ଏବଂ ବ୍ୟଞ୍ଜନାଧର୍ମିତା କିମ୍ବା ସଂକ୍ଷିପ୍ତତା। ଏ ଉପନ୍ୟାସଟିରେ ସ୍ଥାନେ ସ୍ଥାନେ ବର୍ଣ୍ଣନାଧର୍ମିତା(ବାହୁଲ୍ୟ) ଏତେବେଶୀ ଯେ ପାଠକକୁ ଅସହ୍ୟ ମନେହୁଏ, ଗୋପୀନାଥ ମହାନ୍ତିଙ୍କ ଶୈଳୀ ଭଳି। ଏହା

ହୃଷିକେଶୀୟ ଶୈଳୀ ବିରୋଧି X X X କାରଣ ତାଙ୍କ ଅନ୍ୟ ଉପନ୍ୟାସଗୁଡ଼ିକର ଶୈଳୀ ବର୍ଣ୍ଣନାଧର୍ମୀ (Descriptive) ନୁହେଁ। ଆଲୋଚ୍ୟ ଉପନ୍ୟାସଟି ସେ ଦୃଷ୍ଟିରୁ ଏକ ବ୍ୟତିକ୍ରମ ।"(୨) ତେବେ, ୧୯୮୦ ପରବର୍ତ୍ତୀ କାଳରେ ଔପନ୍ୟାସିକ ହୃଷୀକେଶ ପଣ୍ଡାଙ୍କ 'ହରିଣ ପିଠିରେ ଅଜଣା ସୂର୍ଯ୍ୟାସ୍ତକୁ' (୧୯୮୬), ଜଗଦୀଶ ମହାନ୍ତିଙ୍କ 'କନିଷ୍ଠ କନିଷ୍ଠ' (୧୯୮୬), କିଶୋରୀ ଚରଣ ଦାସଙ୍କ 'ସାତୋଟି ଦିନର ସତୀ' (୧୯୯୩), 'କୁଆଁରୀ ଓ କୁହୁଡ଼ି' (୨୦୦୭), ରାମଚନ୍ଦ୍ର ବେହେରାଙ୍କ 'ମନିକା ଏବେ କେଉଁଠି?' (୨୦୦୦), ମନୋଜ ଦାସଙ୍କ 'ବୁଲ୍‌ଡୋଜର୍ସ' (୧୯୮୯), ଗୋଧୂଳିର ବାଘ (୧୯୯୫)', 'ଅମୃତଫଳ' (୧୯୯୬); ଭୀମ ପୃଷ୍ଟିଙ୍କ 'କୁଆଡ଼େ ଚାଲିଛ ରୁହ' (୨୦୧୧) ପ୍ରଭୃତି ଉପନ୍ୟାସରେ ବ୍ୟଞ୍ଜନାଧର୍ମୀ ଭାଷାର ପ୍ରୟୋଗ ଘଟିଅଛି। ତନ୍ମଧ୍ୟରୁ କିଛିଟା ଉଦାହରଣ ନିମ୍ନରେ ଦିଆଗଲା-

କ) "ହରିଣ କୁନ୍ତୀ ଘରେ ପହଂଚିଲା ବେଳକୁ କୁନ୍ତୀ କୁନିଝିଅଟିଏ ପରି ଦିଶୁଥିଲା, ତା ଶାଢ଼ି ଗୁଡ଼େଇ ସେ ଏପରି ପିନ୍ଧିଥିଲା ଯେ ତା ହାତ ଗୋଡ଼ ଦିଶୁନଥିଲା। ହାତ ପାଖରେ ଦୁଇଟି ପକ୍ଷ ଥିଲା। ସେ ଏଥର ଆଉ ଅପେକ୍ଷା କଲା ନାହିଁ। ହରିଣ ପିଠିରେ ବସିପଡ଼ିବା ମାତ୍ରେ ହରିଣ ଦୌଡ଼ି ଦୌଡ଼ି ଚାଲିଗଲା ଜଙ୍ଗଲ ଭିତରେ ଅନେକ ଦୂରକୁ। ସେତେବେଳେ ସୂର୍ଯ୍ୟାସ୍ତ ହୋଇଆସୁଥିଲା।" (ପୃ- ୮୩, 'ହରିଣ ପିଠିରେ ଅଜଣା ସୂର୍ଯ୍ୟାସ୍ତକୁ' - ହୃଷୀକେଶ ପଣ୍ଡା)

ଖ) "ସେ ଝରକା ପାଖରେ ଆସି ଠିଆହେଲା ଏବଂ ହସିବାକୁ ଲାଗିଲା। ସେଇଠୁଁ କୁହୁଡ଼ିକୁ ହାତରେ ତୋଳିଆଣି ମୁହଁରେ ମାଖିଲା ପରି ହେଲା। ...ହଁ, ମୋତେ କୁହୁଡ଼ି ଭଲ ଲାଗୁଛି। ଆଉ ଭଲ ଲାଗୁଛି, ସିଏ ଯାହା ଆଣିଦେଲା ମୋତେ, ଏଇ କିଛି ସମୟ ପୂର୍ବରୁ।" (ପୃ- ୧୧୭୯, 'କୁଆଁରୀ ଓ କୁହୁଡ଼ି: କିଶୋରୀ ଚରଣ ଉପନ୍ୟାସ ସମଗ୍ର' (ଦ୍ୱିତୀୟ ଭାଗ) - କିଶୋରୀ ଚରଣ ଦାସ)

ଗ) "ସେ ପ୍ରଥମେ ଆଖି ମିଟ୍ ମିଟ୍ କଲା। ତା' ପରେ ନିଜ ଦେହକୁ ହଟାଇ ଦେଲା ସଫେଦ୍ ଚାଦର ଦେଖଣାହାରୀ ମଣିଷମାନଙ୍କୁ ଚାହିଁ ସେ କେବଳ ଗୋଟେ ଅଲୌକିକ ହସ ହସିଲା ଓ ଶୋଇବା ଶେଜରୁ ଉଠି ଛିଡ଼ା ହେଲା ବେଳକୁ ସାରା ପୃଥିବୀରେ ସୂର୍ଯ୍ୟୋଦୟ ହୋଇ ସାରିଥିଲା ।" (ପୃ- ୫୭, 'କୁଆଡ଼େ ଚାଲିଛ ରୁହ' – ଭୀମ ପୃଷ୍ଟି)

ଉପର୍ଯ୍ୟୁକ୍ତ 'ଦୃଷ୍ଟାନ୍ତ-କ'ରେ ଔପନ୍ୟାସିକ ଉପନ୍ୟାସର ନାୟିକା କୁନ୍ତୀ ଜୀବନର ସୂର୍ଯ୍ୟାସ୍ତ କଥାକୁ ପ୍ରକାଶ କରିଅଛନ୍ତି ଏକ ବ୍ୟଞ୍ଜନା ସହାୟତାରେ। ଅର୍ଥାତ୍, ସେ ଜଣେ ମାଷ୍ଟ୍ରାଣୀ ହୋଇ ତା'ର ଜୀବନ କେମିତି ନିର୍ବାହ କରିଛି ଏବଂ ଜୀବନସାରା ଅବିବାହିତ ରହି ପରିଶେଷରେ କେମିତି ମୃତ୍ୟୁକୁ ଶ୍ରେୟ ମନେକରି ତ୍ରାଣକର୍ତ୍ତା ରୂପୀ ହରିଣ ପିଠିରେ ବସି ଚାଲିଯାଇଛି ଜୀବନର ସୂର୍ଯ୍ୟାସ୍ତ ଆଡ଼କୁ - ଏ କଥାଟିକୁ ଏକ ବ୍ୟଞ୍ଜନା ସହାୟତାରେ ଏଠି ପ୍ରକାଶ କରିଅଛନ୍ତି ଔପନ୍ୟାସିକ। ସେହିପରି 'ଦୃଷ୍ଟାନ୍ତ-ଖ'ରେ ଔପନ୍ୟାସିକ ଉପନ୍ୟାସର ନାୟିକା ନିରୁପମା ଜୀବନର କୁହୁଡ଼ି ଅବସ୍ଥାକୁ ଉପସ୍ଥାପନ କରିଅଛନ୍ତି ଏକ ବ୍ୟଞ୍ଜନା ସହାୟତାରେ। ଅର୍ଥାତ୍, ଉପନ୍ୟାସଟିରେ ରମାନାନୀର ଉପଦେଶକ୍ରମେ ସେ ବୁଝିପାରିଛି ଯେ, ନାରୀ-ଜୀବନର କୁଆଁରୀ ସମୟ ହେଉଛି ଘନ କୁହୁଡ଼ିର ସମୟ। କାରଣ, କୁହୁଡ଼ି ସମୟରେ ମଣିଷକୁ ଯେପରି ଆଗପଛ କିଛି ସ୍ୱଷ୍ଟ ଦେଖାଯାଏ ନାହିଁ; ଠିକ୍ ସେହିପରି ନାରୀଟିଏ ଯୌବନାବସ୍ଥାରେ ଉପନୀତ ହେଲେ ନିଜର କୁଆଁରୀପଣକୁ ଚରିତାର୍ଥ କରିବାପାଇଁ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହେ। ଫଳରେ ଅତୀତର ଆଦର୍ଶ ଓ ଭବିଷ୍ୟତର ପରିଣତିକୁ ସେ କଳନା କରିପାରେନାହିଁ। ନାୟିକା ନିରୁପମାର ଜୀବନରେ ଘଟିଥିବା ଏଭଳି ଘଟଣାକୁ ପ୍ରକାଶ କଲାବେଳେ ଉପନ୍ୟାସଟିରେ ଔପନ୍ୟାସିକ ବ୍ୟଞ୍ଜନାର ଆରୋପ କରିଅଛନ୍ତି। ଏହା ବ୍ୟତୀତ 'ଦୃଷ୍ଟାନ୍ତ-ଗ'ରେ ଏକ ନାୟକର ପ୍ରେତରୂପରୁ କାୟାରୂପକୁ ପୁନର୍ବାର ଫେରିବାର ଉଲ୍ଲେଖ ରହିଅଛି। ଯେପରିକି, ସେ ଜନ୍ମ ନିଏ ଗୋଟିଏ ମୁହୂର୍ତ୍ତରେ ଏ ପୃଥିବୀପୃଷ୍ଠରେ; ପୁଣି ପୁନର୍ଜନ୍ମ ପାଇଥାଏ ଆଉ ଗୋଟିଏ ମୁହୂର୍ତ୍ତର ଆବଶ୍ୟକତା ଅନୁସାରେ। ଅର୍ଥାତ୍, ସେଇ ଅଶରୀରୀ ପ୍ରେତଟି ତା' ଶବ ଭିତରେ ପ୍ରବେଶ କରିଛି ସେଇ ମୁହୂର୍ତ୍ତରେ, ଯେଉଁ ସମୟରେ; ମାଲଭାଇମାନେ କବାଟ ବାଡ଼େଇଛନ୍ତି ଓ ଶବଟିର ସ୍ତ୍ରୀ ତଥା ମା'ଙ୍କ ଭିତରୁ ପ୍ରଥମେ ମା'ହିଁ କବାଟ ଖୋଲିଛନ୍ତି। ଏଇ ଧରଣର ଏକ କଥାକୁ ପ୍ରକାଶ କଲାବେଳେ ପ୍ରସଙ୍ଗ ଭିତରେ ବ୍ୟଞ୍ଜନାର ଆରୋପ କରିଅଛନ୍ତି ଔପନ୍ୟାସିକ। ମୋଟାମୋଟି ଭାବରେ ଏହିପରି ବ୍ୟଞ୍ଜନାର ଛଟା ରହିଅଛି ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ; ଯାହାକି ଉପନ୍ୟାସର ଭାଷା ବ୍ୟଞ୍ଜନାଧର୍ମୀ ହୋଇପଡ଼ିଛି।

୨) **କାବ୍ୟିକ ଭାଷା**: 'କାବ୍ୟିକ ଭାଷା' (Poetical Language) ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷାତାତ୍ତ୍ୱିକ ବିଚାରର ଅନ୍ୟତମ ଉଲ୍ଲେଖନୀୟ ନିଦର୍ଶନ। ଉକ୍ତ କାଳରେ 'କାବ୍ୟୋପନ୍ୟାସ' (Poetic Novel) ରଚନାର ଏକ ସ୍ୱତନ୍ତ୍ର ଧାରା ଅନୁଭୂତ ହୋଇଅଛି; ଯାହାକି ଉପନ୍ୟାସର ଭାଷା ହୋଇପଡ଼ିଛି କାବ୍ୟଧର୍ମୀ। 'କାବ୍ୟୋପନ୍ୟାସ'ରେ ଲେଖକର କବିତ୍ୱ ଓ କଳ୍ପନା ମୁଖ୍ୟ ସ୍ଥାନ ଲାଭ କରିଥାଏ। କହିବା ବାହୁଲ୍ୟ, ଏଥିରେ କାବ୍ୟିକତାର ସ୍ପର୍ଶ ଉପନ୍ୟାସର ପ୍ରାରମ୍ଭରୁ ଉପସଂହାର ପର୍ଯ୍ୟନ୍ତ ପ୍ରଭାବ ବିସ୍ତାର କରିଥାଏ। ଏକ କାବ୍ୟିକ ଭାବାବେଗ ତଥା ପରିବେଶ ସୃଷ୍ଟିପାଇଁ କାବ୍ୟିକ ଭାଷା, ଶୈଳୀ ତଥା ବର୍ଣ୍ଣନା ଆଦିର ଏକାନ୍ତ ଆବଶ୍ୟକତା ଅନୁଭୂତ ହୋଇଥାଏ କାବ୍ୟୋପନ୍ୟାସରେ। ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ରାଜ୍ୟରେ ଔପନ୍ୟାସିକ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଚିଦାଭାସ' (୧୯୯୯), ଭୀମ ପୃଷ୍ଟିଙ୍କ 'କବିତାର ଉପନ୍ୟାସ' (୨୦୦୨), ପଦ୍ମଜ ପାଲଙ୍କ 'ହାଏ ମୁନି! କେମିତି ଅଛ?' (୨୦୧୩) ପ୍ରଭୃତି ଉପନ୍ୟାସ କାବ୍ୟୋପନ୍ୟାସ ପଦବାଚ୍ୟ। ଯାହାକି, ଉକ୍ତ ଉପନ୍ୟାସଗୁଡ଼ିକର ଭାଷା ଓ ଶୈଳୀ ମୁଖ୍ୟତଃ କାବ୍ୟଧର୍ମୀ ବା କାବ୍ୟାତ୍ମକ। ତେବେ, ବର୍ତ୍ତମାନ କାବ୍ୟଧର୍ମୀ ଉପନ୍ୟାସର ଭାଷାରୁ କେତୋଟି ଉଦାହରଣ ନିମ୍ନରେ ଦିଆଗଲା-

କ) "ଜୀବନର ଏଇ ଶେଷ ରାତ୍ରିରେ ତମସା-ବକ୍ଷ ଚିରି/ ବ୍ୟଥା ଅଶ୍ରୁରେ ପ୍ରୀତି-ସଳିତାରେ ଦୀପଟିଏ ଦିଅ ଜାଳି/ ଜଗତର

ଚାରୁ ଚତ୍ୱର ତଳେ ପ୍ରାଣର ପ୍ରଣତି ଢାଳି/ ଗାଇଯାଅ ପ୍ରେମେ ଶେଷ ସଂଗୀତ ହୃଦୟେ ଅମିୟ ଭରି ।" (ପୃ- ୩୨, 'ଚିଦାଭାସ' – ରାଜେନ୍ଦ୍ର କିଶୋର ପଣ୍ଡା)

ଖ) "ହାତ ଧରାଧରି ହୋଇ ସାଡ଼୍‌ଜା ଦୁଇ ପାହାଡ଼/ ଆଗୁଳାଇ ପାରିନି ନଦୀକୁ। ନଦୀ ଆପଣାର ।/ ଏକଲା ଦୁଃଖ ଆଦିମ ଦେବତା ହୋଇ/ ମଥା ପିଟିଛି ପଥରରେ ।/ ଟଳମଳ ପଦପାତରେ ଛଳ ଛଳ/ ରକ୍ତ ଝୁଣ୍ଟିଛି ଢେଉ।" (ପୃ- ୩୯୫, 'କବିତାର ଉପନ୍ୟାସ : ୪ଟି ଉପନ୍ୟାସ' – ଭୀମ ପୃଷ୍ଟି)

ଗ) "ବୁଝୁଛି କେବଳ,/ ଜୀବନର କ୍ଷେତ୍ର – ସଦା ଅସ୍ଥିର, ଚଞ୍ଚଳ। ମାତ୍ର/ ଭରା ଅସନ୍ତୋଷ, ସଦା ଊର୍ଦ୍ଧ୍ୱମୁଖୀ ।/ ଜୀବନର ଏ ମହାସମରେ/ ନିଜକୁ ଖୋଜୁଛି ମୁଁ / ଦେଖ ଦେଖ – ସମ୍ପୂର୍ଣ୍ଣ ନିର୍ବସ୍ତ୍ର,/ ମୁଁ ଦିଗମ୍ବରୀ!" (ପୃ- ୨୧୧, 'ହାଏ ମୁନି! କେମିତି ଅଛ?' - ପଦ୍ମଜ ପାଳ)

ଉପର୍ଯ୍ୟୁକ୍ତ 'ଦୃଷ୍ଟାନ୍ତ-କ'ରେ ଉପନ୍ୟାସର ନାୟକ କବି ଗୋଲାମ୍ ଦାସର ପ୍ରଥମ ମୁଦ୍ରିତ କବିତା 'ଶେଷରାତ୍ରି'କୁ ଉଦ୍ଧାର କରିଅଛନ୍ତି ଔପନ୍ୟାସିକ; ଯାହାକି ଦୃଷ୍ଟାନ୍ତଟିରେ ସୃଷ୍ଟି କରିଛି କାବ୍ୟାତ୍ମକ ଭାଷା ଓ ଶୈଳୀର ସ୍ପର୍ଶ। ସେହିପରି 'ଦୃଷ୍ଟାନ୍ତ-ଖ'ରେ କବି ସୋମନାଥ ଓଝା ଚରିତ୍ରର ସ୍ୱରଚିତ 'ହଦଗଡ଼' କବିତାକୁ ଲେଖକ ଉଦ୍ଧାର କରିଅଛନ୍ତି; ଯାହାକି ଦୃଷ୍ଟାନ୍ତଟିରେ ସୃଷ୍ଟି କରିଛି କାବ୍ୟଧର୍ମୀ ଭାଷା ଓ ଶୈଳୀର ସ୍ପର୍ଶ। ଏହା ବ୍ୟତୀତ 'ଦୃଷ୍ଟାନ୍ତ-ଗ'ରେ ଉପନ୍ୟାସର ନାୟିକା ମୁନି ମଲ୍ଲିକର ଜୀବନବୋଧ ଭିତରେ ନିଜକୁ ଖୋଜିବାର ସତ୍ତା ପ୍ରକାଶ ପାଇଛି। ଉପନ୍ୟାସଟିରେ ନାୟିକା ମୁନି ନର୍ତ୍ତକୀ ହେବାର ସ୍ୱପ୍ନ ଦେଖେ; କିନ୍ତୁ ଉତ୍କଟ ଦାରିଦ୍ର୍ୟ ଭିତରେ ତା'ର ସ୍ୱପ୍ନ ହୋଇଯାଏ ଚୁରମାର। ତଥାପି, ସେ ନିଜକୁ କେନ୍ଦ୍ରରେ ରଖି ନିଜର ସ୍ଥିତିକୁ ବଜାୟ ରଖିବାକୁ ଚେଷ୍ଟା କରେ। ସେ ପାଲଟିଯାଏ ନର୍ତ୍ତକୀ ମୁନିରୁ ମାଓବାଦୀ ମୁନି। ତା'ର ଅସ୍ତିତ୍ୱ ତଥା ସଂଘର୍ଷ ପ୍ରକାଶ ପାଇଛି ଉପନ୍ୟାସଟିରେ। ଫଳରେ ଉପନ୍ୟାସଟିର ଭାଷା ଓ ଶୈଳୀ ଏକ କାବ୍ୟିକ ରୀତିରେ ହୋଇଛି ଗତିମୁଖର। ଅତଏବ, ୧୯୮୦ ପରବର୍ତ୍ତୀ କାଳରେ ରଚିତ ଉକ୍ତ ଉପନ୍ୟାସଗୁଡ଼ିକର ଭାଷା ମୁଖ୍ୟତଃ ହୋଇଅଛି କାବ୍ୟାତ୍ମକ ବା କାବ୍ୟଧର୍ମୀ; ଯାହାକି ଭାଷା-ବିନ୍ୟାସରେ ଏକ ନବୀନ ସଂପୃକ୍ତି ଘଟିଅଛି ବୋଲି କୁହାଯାଇପାରେ।

୩) **ବ୍ୟାକରଣ ବହିର୍ଭୂତ ଭାଷା-ବିନ୍ୟାସ**: ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ବ୍ୟାକରଣ ବହିର୍ଭୂତ ଭାଷା-ବିନ୍ୟାସର ପ୍ରୟୋଗ ଖୁବ୍ ବେଶୀ। କାରଣ, ଉକ୍ତ କାଳରେ ଔପନ୍ୟାସିକମାନେ ସ୍ୱକୀୟ ଉପନ୍ୟାସର ଭାଷିକ-ସଂରଚନାରେ ବେଳେବେଳେ ବ୍ୟାକରଣିକ ନୀତିନିୟମକୁ ଉଲ୍ଲଂଘନ (Violation) କରିଥିବାର ମନେହୁଏ। ଫଳରେ ଭାଷା-ବିନ୍ୟାସରେ ବିଚ୍ୟୁତି (Deviation) ଘଟିଥିବାର ଦେଖାଯାଏ। 'ବିଚ୍ୟୁତି' ଶୈଳୀ-ସଂରଚନା ବା ଭାଷିକ ସଂରଚନାର ଏକ ଉଲ୍ଲେଖନୀୟ ଉପାଦାନ। କାରଣ, ଯେତେବେଳେ ଲେଖକ କୌଣସି ରଚନାର ବ୍ୟାକରଣିକ ମାନକରେ ଉଲ୍ଲଂଘନ ସୃଷ୍ଟି କରନ୍ତି, ସେତେବେଳେ 'ବିଚ୍ୟୁତି' ନିଷ୍ପନ୍ନ ହୁଏ। ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଔପନ୍ୟାସିକ ଜଗଦୀଶ ମହାନ୍ତିଙ୍କ 'କନିଷ୍ଠ କନିଷ୍ଠ' (୧୯୮୬), କିଶୋରୀ ଚରଣ ଦାସଙ୍କ 'ସାତୋଟି ଦିନର ସତୀ' (୧୯୯୩), ମନୋଜ ଦାସଙ୍କ 'ଅମୃତଫଳ' (୧୯୯୬), ରାମଚନ୍ଦ୍ର ବେହେରାଙ୍କ 'ମନିକା ଏବେ କେଉଁଠି?' (୨୦୦୦), ଗୌରହରି ଦାସଙ୍କ 'ଏଇଠୁ ଆରମ୍ଭ' (୨୦୦୫), କୃପାସାଗର ସାହୁଙ୍କ 'ଶେଷ ଶରତ' (୨୦୦୬), ପଦ୍ମଜ ପାଳଙ୍କ 'ହାଏ ମୁନି! କେମିତି ଅଛ?' (୨୦୧୩) ପ୍ରଭୃତି ଉପନ୍ୟାସରେ ଅନେକ ସ୍ଥଳରେ ବ୍ୟାକରଣ ବହିର୍ଭୂତ ଭାଷା-ବିନ୍ୟାସ ବା ବିଚ୍ୟୁତିର ପ୍ରୟୋଗକୁ ସ୍ପଷ୍ଟଭାବେ ଲକ୍ଷ୍ୟ କରିହୁଏ। ତନ୍ମଧ୍ୟରୁ କିଛିଟା ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଲା-

କ) "ଫ୍ଲାଟ୍। ଗନ୍ଧ ଗୋଟେ ତା ଭିତରେ। ଧୂଳି। ବିପର୍ଯ୍ୟସ୍ତ ଜିନିଷପତ୍ର। ସାଇକେଲ୍ ଚକରେ ପ୍ରେସର ନାହିଁ। ବାଥରୁମ୍। ଅଳସ ଭାବରେ, କୁଣ୍ଠିତ ହୋଇ ଟ୍ୟାପରୁ ପଡ଼ୁଚି ଟୋପା ଟୋପା ପାଣି। ରୋଷେଇଘର। କେତେଟା ପଚା ଆଳୁ। ଶୁଖିଲା ବାଇଗଣ। ଇତ୍ୟାଦି। ଶିବ ଦେଖିସାରିଥିଲା, ତା' ପାଇଁ ସମସ୍ତ ସରଞ୍ଜାମ ଅଛି କି ନାଇଁ ।" (ପୃ- ୧୩୮, 'ମନିକା ଏବେ କେଉଁଠି?' – ରାମଚନ୍ଦ୍ର ବେହେରା)

ଖ) "ତମ ମନ ତଳରେ ଦିଗନ୍ତବ୍ୟାପୀ ବର୍ଷା, ସ୍ମୃତି ଅସ୍ୱଚ୍ଛ ଗଛପତ୍ର। ସମୟଟା ସ୍ଥିର, ସଂପର୍କଟା ନିର୍ବିକାର, ସ୍ମୃତିର ପୃଷ୍ଠା ଭଳି ଆଲବମ୍ – କେଉଁ ଏକ କ୍ଳାନ୍ତ ଅଳସ ବର୍ଷାଭିଜା ଅଜଣା ଦ୍ୱିପ୍ରହର। ମନଦୁଆର ଖୋଲି ଛିଡ଼ାହେଲେ ଅସ୍ୱଚ୍ଛ ନଦୀଏ ବନ୍ୟା, ବିଲ ବାରି, ମାଛ ଓ ଶୁଖୁଆ – ମାଟିରେ ବର୍ଷାର ମାଡ଼ – କିଏ ଯେମିତି ଓଦା ହାତ ଥୋଇଦେଲା ସ୍ମୃତିର ପିଠିରେ ।" (ପୃ.- ୬୮, 'କନିଷ୍ଠ କନିଷ୍ଠ' – ଜଗଦୀଶ ମହାନ୍ତି)

ଉପର୍ଯ୍ୟୁକ୍ତ 'ଦୃଷ୍ଟାନ୍ତ-କ'ରେ ଉପନ୍ୟାସର ନାୟକ ଶେଖରର ଘରକରଣାର ବର୍ଣ୍ଣନା ଦିଆଯାଇଅଛି। କିନ୍ତୁ, ଦୃଷ୍ଟାନ୍ତଟିରେ ପ୍ରଯୁକ୍ତ ବାକ୍ୟଗୁଡ଼ିକ ସାଧାରଣତଃ ସଂକ୍ଷିପ୍ତ ପୁଣି; ଅନେକାଂଶରେ ବ୍ୟାକରଣିକ ନିୟମଠାରୁ ବିଚ୍ୟୁତ (Violated)। କେଉଁଠି ଏକ ପଦଯୁକ୍ତ ତ କେଉଁଠି ଦ୍ୱିପଦଯୁକ୍ତ ବାକ୍ୟଗୁଡ଼ିକ ସାଧାରଣତଃ ବ୍ୟବହୃତ। ତା' ସହିତ ସେହି ବାକ୍ୟଗୁଡ଼ିକରେ ଅନେକାଂଶରେ ସମାପିକା କ୍ରିୟାର ଉଚ୍ଛେଦ ପରିଲକ୍ଷିତ। ପୁନଶ୍ଚ, କେଉଁଠି କେଉଁଠି ବାକ୍ୟଜନିତ ଅନ୍ୱିତି ଉଲ୍ଲଂଘିତ। ସୁତରାଂ, ଦୃଷ୍ଟାନ୍ତଟିରେ ବାକ୍ୟସ୍ତରୀୟ ବିଚ୍ୟୁତି ନିହିତ; ଯାହା ବ୍ୟାକରଣ ବହିର୍ଭୂତ ଭାଷା-ବିନ୍ୟାସର ଏକ ଉଲ୍ଲେଖଯୋଗ୍ୟ ଦୃଷ୍ଟାନ୍ତ। ସେହିପରି 'ଦୃଷ୍ଟାନ୍ତ-ଖ'ରେ ଉପନ୍ୟାସର ନାୟକ ସଂଜୟର ମନଗହନର କଥା ପ୍ରକାଶିତ। ପ୍ରେମିକା ଗୌତମୀକୁ ନେଇ ନାୟକର ସ୍ମୃତିରେ ଯାହା ସବୁ ସଞ୍ଚରିଯାଇଛି, ସେସବୁକୁ ଏଠାରେ ପ୍ରକାଶ କରାଯାଇଅଛି। କିନ୍ତୁ, ଉକ୍ତ ଦୃଷ୍ଟାନ୍ତଟିରେ ବାକ୍ୟସ୍ତରୀୟ କିଛି ବିଚ୍ୟୁତି ପରିଲକ୍ଷିତ। କହିବା ବାହୁଲ୍ୟ, ଏଠାରେ ପ୍ରଯୁକ୍ତ ବାକ୍ୟ ବା ବାକ୍ୟାଂଶଗୁଡ଼ିକ ଅନେକାଂଶରେ ବ୍ୟାକରଣିକ ନିୟମଠାରୁ ଉଲ୍ଲଂଘିତ; ଯେଉଁଠି ସମାପିକା କ୍ରିୟା ବିଚ୍ୟୁତ। ସୁତରାଂ, ଉକ୍ତ ଦୃଷ୍ଟାନ୍ତଟିରେ ବ୍ୟାକରଣ ବହିର୍ଭୂତ ଭାଷା-ବିନ୍ୟାସ ପରିଲକ୍ଷିତ।

୪) **ସମାପିକା କ୍ରିୟାବିହୀନ ବାକ୍ୟ-ବିନ୍ୟାସ**: ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ପରିଲକ୍ଷିତ ଭାଷିକ

ବୈଚିତ୍ର୍ୟର ଏକ ଉଲ୍ଲେଖନୀୟ ଦିଗ ହେଉଛି 'ସମାପିକା କ୍ରିୟାବିହୀନ ବାକ୍ୟ-ବିନ୍ୟାସ'। ଏହି ଧରଣର ବାକ୍ୟ-ବିନ୍ୟାସ ସାଧାରଣତଃ ବ୍ୟାକରଣ ବହିର୍ଭୂତ। ଅର୍ଥାତ୍, ବ୍ୟାକରଣିକ ନିୟମକୁ ଉଲ୍ଲଂଘନ କରି ଏ ପ୍ରକାରର ବାକ୍ୟ-ବିନ୍ୟାସ କରାଯାଇଥାଏ। ଏହି ଶ୍ରେଣୀୟ ବାକ୍ୟ ଅନେକାଂଶରେ ରଚନା ମଧ୍ୟରେ ସୌନ୍ଦର୍ଯ୍ୟ ଆଣିଥାଏ। ତେଣୁ, ବେଳେବେଳେ ଲେଖକ କ୍ରିୟାଯୁକ୍ତ ବାକ୍ୟ ଅପେକ୍ଷା କ୍ରିୟାବିହୀନ ବାକ୍ୟର ପ୍ରୟୋଗ କରି ପାଠକକୁ ସମ୍ମୁଖୀକୃତ (Foregrounded) କରାଇଥାନ୍ତି। ଆଲୋଚକଙ୍କ ଭାଷାରେ, "କ୍ରିୟାଯୁକ୍ତ ବାକ୍ୟଠାରୁ କ୍ରିୟାହୀନ ବାକ୍ୟ ଶୈଳୀୟ-ସୌନ୍ଦର୍ଯ୍ୟ ପ୍ରକଟନ କରିବାରେ ଅଧିକ ସମର୍ଥ। X X X ବ୍ୟାକରଣିକ ନିୟମାନୁସାରେ କ୍ରିୟାହୀନ ବାକ୍ୟ ଅବୈଧ ହୋଇପାରେ; କିନ୍ତୁ ଶୈଳୀବୈଜ୍ଞାନିକ ଦୃଷ୍ଟିକୋଣରୁ ଏହାର ଭୂମିକା ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ।"(୩) ତେବେ, ୧୯୮୦ ପରବର୍ତ୍ତୀ ଓଡ଼ିଆ ଔପନ୍ୟାସିକମାନେ କ୍ରିୟାବିହୀନ; ଅର୍ଥାତ୍, ସମାପିକା କ୍ରିୟାବିହୀନ ବାକ୍ୟର ପ୍ରୟୋଗ କରି ବାକ୍ୟରଚନା କ୍ଷେତ୍ରରେ ଆପଣାର ମୌଳିକତା ପ୍ରଦର୍ଶନ କରିଅଛନ୍ତି। ତନ୍ମଧ୍ୟରେ ମନୋଜ ଦାସ, କିଶୋରୀ ଚରଣ ଦାସ, ପଦ୍ମଜ ପାଳ, ଭୀମ ପୃଷ୍ଟି, ରାମଚନ୍ଦ୍ର ବେହେରା ପ୍ରମୁଖଙ୍କ ନାମ ଉଲ୍ଲେଖଯୋଗ୍ୟ। ବର୍ତ୍ତମାନ ସମାପିକା କ୍ରିୟାବିହୀନ ବାକ୍ୟ-ବିନ୍ୟାସର କେତୋଟି ନମୁନା ନିମ୍ନରେ ପ୍ରଦତ୍ତ ହେଲା-

କ) "ଗତ ରାତିରୁ ସେ ଶଯ୍ୟାଶାୟୀ। ପ୍ରବଳ ଜ୍ୱର ।" (ପୃ- ୧୪, ବୁଲ୍‌ଡୋଜର୍ସ)

ଖ) "ବହୁତ ସୁନ୍ଦରୀ, ବହୁତ ଗୁଣବତୀ କନ୍ୟା!" (ପୃ- ୩୨, ତନ୍ତ୍ରୈବ)

ଗ) "ଆପଣ କର୍ମଫଳରୁ ଉତ୍ତୀର୍ଣ୍ଣ, ମୁକ୍ତ।" (ପୃ- ୨୦୦, ଅମୃତଫଳ)

ଘ) "ଖୁଲଣାର ବାଗେରହାଟ ଗାଁରେ ରାତି ବାରଟା ।" (ପୃ- ୫, ଜମ୍ବୁଲୋକ)

ଙ) "ତା' ନାଆଁ ନିରୁପମା, ଡାକ ନାଆଁ ନିରୁ। ସାନ ଗଢ଼ଣ, ଛୋଟିଆ ମୁହଁରେ ବୁଲୁବୁଲୁ ଆଖିର ଚାହାଣି, ଆଉ ସାବନା ରଙ୍ଗ।" (ପୃ- ୧୧୩୩, କୁଆଁରୀ ଓ କୁହୁଡ଼ି: କିଶୋରୀ ଚରଣ ଉପନ୍ୟାସ ସମଗ୍ର, ୨ୟ ଭାଗ)

ଉପର୍ଯ୍ୟୁକ୍ତ 'ଦୃଷ୍ଟାନ୍ତ-କ'ରେ ଉପନ୍ୟାସର ନାୟକ ରବି ଶଯ୍ୟାଶାୟୀ ଅବସ୍ଥାରେ ପଡ଼ିରହିଥିବାର ବର୍ଣ୍ଣନା ରହିଥିବାବେଳେ 'ଦୃଷ୍ଟାନ୍ତ-ଖ'ରେ ଉପନ୍ୟାସର ନାୟିକା ଗୀତାର ସୌନ୍ଦର୍ଯ୍ୟ ବର୍ଣ୍ଣନା ରହିଅଛି। ସେହିପରି 'ଦୃଷ୍ଟାନ୍ତ-ଗ'ରେ ରାଜା ଭର୍ତ୍ତୃହରି ଗୁରୁ ଗୋରଖନାଥଙ୍କୁ କର୍ମଫଳରୁ ଉତ୍ତୀର୍ଣ୍ଣ ତଥା ମୁକ୍ତ ହୋଇଥିବା କଥା କହୁଛନ୍ତି। 'ଦୃଷ୍ଟାନ୍ତ-ଘ'ରେ ଉପନ୍ୟାସରେ ବର୍ଣ୍ଣିତ ବାଂଲାଦେଶର ଖୁଲଣା ଜିଲ୍ଲାର ବାଗେରହାଟ ଗାଁର ବର୍ଣ୍ଣନା ଦିଆଯାଇଅଛି। ଏହା ବ୍ୟତୀତ 'ଦୃଷ୍ଟାନ୍ତ-ଙ'ରେ ଉପନ୍ୟାସର ନାୟିକା ନିରୁପମାର ପରିଚୟ ପ୍ରଦାନ କରାଯାଇଅଛି। କହିବା ବାହୁଲ୍ୟ, ଉକ୍ତ ଦୃଷ୍ଟାନ୍ତଗୁଡ଼ିକରେ ସମାପିକା କ୍ରିୟାର ପ୍ରୟୋଗ ଘଟିନାହିଁ ଯଦିଓ ବାକ୍ୟଗୁଡ଼ିକର ସୌନ୍ଦର୍ଯ୍ୟ ଅକ୍ଷୁଣ୍ଣ ରହିଅଛି। ତଥାପି ଏଗୁଡ଼ିକ ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ବାକ୍ୟ-ସଂରଚନାକୁ ବଜାୟ ରଖିବାରେ ବେଶ୍ ସହାୟକ ହୋଇଅଛି।

୫) **ଶବ୍ଦ-ସୃଷ୍ଟିରେ ପୌନଃପୁନିକତା**: 'ଶବ୍ଦ-ସୃଷ୍ଟିରେ ପୌନଃପୁନିକତା' ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷାତାତ୍ତ୍ୱିକ ବିଚାରର ଏକ ପ୍ରଣିଧାନଯୋଗ୍ୟ ବୈଶିଷ୍ଟ୍ୟ। କାରଣ, ଯେତେବେଳେ ଜଣେ ଲେଖକ ସ୍ୱକୀୟ ରଚନାରେ ଏକପ୍ରକାର ଶବ୍ଦର ବାରମ୍ବାର ପ୍ରୟୋଗ କରେ, ସେତେବେଳେ ଏହି ଧରଣର ବୈଶିଷ୍ଟ୍ୟ ନିଷ୍ପନ୍ନ ହୋଇଥାଏ। ଏହାକୁ 'ଶବ୍ଦସ୍ତରୀୟ ସମାନ୍ତରତା'ର ଆଖ୍ୟା ମଧ୍ୟ ଦିଆଯାଇପାରେ। ସଂପ୍ରତି ଶୈଳୀବିଜ୍ଞାନୀମାନେ 'ସମାନ୍ତରତା' (Parallelism)କୁ ଏକ ପ୍ରଧାନ ଉପାଦାନ ଭାବରେ ଶୈଳୀତାତ୍ତ୍ୱିକ ବିଶ୍ଳେଷଣର ଅନ୍ତର୍ଭୁକ୍ତ କରିଥାନ୍ତି। ଭାଷାତାତ୍ତ୍ୱିକ ବିଶ୍ଳେଷଣରେ ମଧ୍ୟ ଏହାକୁ ବିଚାର ପରିସରଭୁକ୍ତ କରାଯାଇପାରେ। ତେବେ, ବର୍ତ୍ତମାନ ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସରେ ପରିଲକ୍ଷିତ ଶବ୍ଦଗତ ପୌନଃପୁନିକତାକୁ ନିମ୍ନରେ ବିଶ୍ଳେଷଣ କରାଯାଉ-

କ) "ଏ ଫଳ ଯେଉଁ ବିଭୂତିର ବାହକ, ଦିନେ ସ୍ୱାଭାବିକ ଭାବରେ ସେ ବିଭୂତି ମଣିଷର ପ୍ରାପ୍ୟ ହେଉ – ତା'ର ଚେତନାଗତ ଆରୋହଣର ଏକ ଉତ୍ତୁଙ୍ଗ ପର୍ଯ୍ୟାୟରେ ।" (ପୃ- ୨୦୧, ଅମୃତଫଳ)

ଖ) "ଡ୍ରଇଂ ରୁମ୍‌ରେ ନୀଳ ପରଦା। ଚଟାଣରେ ନୀଳ ଗାଲିଚା। X X X ଅଣ୍ଡାକୃତି ଆଇନା ଉପରେ ନୀଳ ରଙ୍ଗର ପତଳା ପରଦାଟିଏ। ୱାର୍ଡ୍ରୋବର ଉପରେ ନୀଳ ସନ୍‌ମାଇକା।" (ପୃ- ୯୫-୯୬, କନିଷ୍ଠ କନିଷ୍ଠ)

ଗ) "ହେଲେ, ମୁନି ସ୍ୱପ୍ନ ଦେଖେ,/ ଆକାଶରେ ଉଡ଼ିବାର ସ୍ୱପ୍ନ।/ ଶ୍ରେଷ୍ଠ ଆଲବମ୍ ନର୍ତ୍ତକୀ ହେବାର ସ୍ୱପ୍ନ।/ ସଫଳ ସୁନ୍ଦର ବିଳାସୀ ଜୀବନର ସ୍ୱପ୍ନ।/ ଧନଶାଳୀ ପ୍ରେମମୟୀ ହେବାର ସ୍ୱପ୍ନ।" (ପୃ- ୧୩, ହାଏ ମୁନି! କେମିତି ଅଛ?)

ଉପର୍ଯ୍ୟୁକ୍ତ 'ଦୃଷ୍ଟାନ୍ତ-କ'ରେ ଉପନ୍ୟାସ ବର୍ଣ୍ଣିତ 'ଅମୃତଫଳ'କୁ ଏକ ବିଭୂତିର ବାହକ ଭାବରେ ବର୍ଣ୍ଣନା କରାଯିବା ଛଳରେ ସମଗ୍ର ବାକ୍ୟଟିର ମଝିରେ 'ବିଭୂତି' ଶବ୍ଦର ପୌନଃପୁନିକ ପ୍ରୟୋଗ ଘଟିଅଛି। ସେହିପରି 'ଦୃଷ୍ଟାନ୍ତ-ଖ'ରେ ଉପନ୍ୟାସର ନାୟକ ସଂଜୟର ବନ୍ଧୁ ଶିଶିରର ଘରକରଣାର ବର୍ଣ୍ଣନା ଦିଆଯିବା ପ୍ରସଙ୍ଗରେ ବାକ୍ୟଗୁଡ଼ିକର ମଝିରେ 'ନୀଳ' ଶବ୍ଦର ପୌନଃପୁନିକ ପ୍ରୟୋଗ କରାଯାଇଅଛି। ଏହା ବ୍ୟତୀତ 'ଦୃଷ୍ଟାନ୍ତ-ଗ'ରେ ଉପନ୍ୟାସର ନାୟିକା ମୁନି ମଲ୍ଲିକର ସ୍ୱପ୍ନ ଭାବନାକୁ ବର୍ଣ୍ଣନା କଲାବେଳେ ବର୍ଣ୍ଣନା ଭିତରେ 'ସ୍ୱପ୍ନ' ଶବ୍ଦର ବାରମ୍ବାର ପ୍ରୟୋଗ ହୋଇଅଛି। କାରଣ, ଉପନ୍ୟାସଟିରେ ନାୟିକା ମୁନି ଏକ ଶ୍ରେଷ୍ଠ ଆଲ୍‌ବମ୍ ନର୍ତ୍ତକୀ ହେବାର ସ୍ୱପ୍ନ ଦେଖେ। କିନ୍ତୁ, ଉତ୍କଟ ଦାରିଦ୍ର୍ୟ ଭିତରେ ତା'ର ସେହି ସବୁ ସ୍ୱପ୍ନ, ସ୍ୱପ୍ନରେ ରହିଯାଏ। ତଥାପି, ମୁନି ସ୍ୱପ୍ନ ଦେଖିଚାଲେ ଉପନ୍ୟାସଟିରେ।

୬) **ଅସଂଲଗ୍ନ ବାକ୍ୟର ପ୍ରୟୋଗ**: 'ଅସଂଲଗ୍ନ ବାକ୍ୟର ପ୍ରୟୋଗ' ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷା-ବିଚାରର ଏକ ଉଲ୍ଲେଖନୀୟ ଉପାଦାନ। କାରଣ, ଉକ୍ତ କାଳ

ଉପନ୍ୟାସରେ ଏମିତି କିଛି ବାକ୍ୟ ରହିଛି; ଯେଉଁ ବାକ୍ୟଗୁଡ଼ିକ ମୂଳତଃ ଅସଂଲଗ୍ନ ବାକ୍ୟ ବୋଲି ମନେହୁଏ। ଅର୍ଥାତ୍, ସେହି ବାକ୍ୟଗୁଡ଼ିକ ପରବର୍ତ୍ତୀ ବାକ୍ୟମାନଙ୍କ ସହିତ ସଂଶ୍ଳିଷ୍ଟ ନରହି ଏକକ ଅବସ୍ଥାରେ ରହିଅଛନ୍ତି। ସୁତରାଂ, ସେଗୁଡ଼ିକ ଅସଂଲଗ୍ନ ବାକ୍ୟ। ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ରାଜ୍ୟରେ ଔପନ୍ୟାସିକ କିଶୋରୀ ଚରଣ ଦାସଙ୍କ 'ସାତୋଟି ଦିନର ସତୀ' (୧୯୯୩), ପଦ୍ମଜ ପାଳଙ୍କ 'ଯିବୁ କି ଥିବୁ' (୧୯୯୪), ଭୀମ ପୃଷ୍ଟିଙ୍କ 'ଜମ୍ବୁଲୋକ' (୨୦୧୭) ପ୍ରଭୃତି ଉପନ୍ୟାସ ଏହାର ଉଲ୍ଲେଖନୀୟ ଦୃଷ୍ଟାନ୍ତ। ତେବେ, ବର୍ତ୍ତମାନ ଏହି ଧରଣର ବାକ୍ୟ-ପ୍ରୟୋଗର କିଛିଟା ନମୁନା ନିମ୍ନରେ ପ୍ରଦାନ କରାଗଲା-

କ) "ଯିବୁ କି ଥିବୁ?" (ପୃ- ୧, ଯିବୁ କି ଥିବୁ)

ଖ) "ଅନୁପମା ଓଢ଼ଣା ତଳୁ ହସିଲା ।" (ପୃ- ୧, ସାତୋଟି ଦିନର ସତୀ)

ଗ) "ଖୁଲଣାର ବାଗେରହାଟ ଗାଁରେ ରାତି ବାରଟା।" (ପୃ- ୫, ଜମ୍ବୁଲୋକ)

ଉପର୍ଯ୍ୟୁକ୍ତ 'ଦୃଷ୍ଟାନ୍ତ-କ'ରେ ଉପନ୍ୟାସର ନାୟକ ଶମ୍ଭୁ ନିକଟକୁ ଗୋଟେ ଉଲ୍ଲୁକ ଆସି ବାରମ୍ବାର ପଚାରୁଛି - 'ଯିବୁ କି ଥିବୁ' ଏବଂ ଉଲ୍ଲୁକର ପ୍ରତ୍ୟୁତ୍ତରରେ ନାୟକ ସବୁବେଳେ କହିଚାଲିଛି - 'ଯିବି'। ପିଲାଟି ଦିନରୁ ଶମ୍ଭୁ ଅସ୍ଥିର, ଉଦ୍‌ବେଳିତ ଜୀବନ ବିତାଇ ଆସିଛି। ସବୁବେଳେ ତା'ର ଇଚ୍ଛା ହୋଇଛି ଯେ, କୁଆଡ଼େ ଏକ ଅଜଣା ରାଜ୍ୟକୁ ପଳେଇଯିବାକୁ। ଏତିକିବେଳେ ଗୋଟେ ଉଲ୍ଲୁକ ଆସି ଉପନ୍ୟାସର ପ୍ରାରମ୍ଭରୁ ଶମ୍ଭୁକୁ 'ଯିବୁ କି ଥିବୁ' ବୋଲି ପଚାରିଛି। ତେବେ, ଏଠି ଉଲ୍ଲୁକର ଏହି ଯିବୁ କି ଥିବୁ ବାକ୍ୟଟି ଏକ ଅସଂଲଗ୍ନ ବାକ୍ୟ; ଯେଉଁ ବାକ୍ୟଟିରୁ ଉପନ୍ୟାସଟି ଆରମ୍ଭ ହୋଇଅଛି। ସେହିପରି, 'ଦୃଷ୍ଟାନ୍ତ-ଖ'ରେ ମଧ୍ୟ ପ୍ରଯୁକ୍ତ ବାକ୍ୟଟି ଏକ ଅସଂଲଗ୍ନ ବାକ୍ୟ କାରଣ, ଏହା ଏକ ବିରଳ ବାକ୍ୟ; ଯେଉଁ ବାକ୍ୟଟିରୁ ଉପନ୍ୟାସଟି ଆରମ୍ଭ ହୋଇଅଛି। କହିବା ବାହୁଲ୍ୟ, ଉପନ୍ୟାସର ନାୟିକା ଅନୁପମାର ଓଢ଼ଣା ତଳୁ ହସିବା ପ୍ରସଙ୍ଗଟିକୁ ଏକ ସାଭିପ୍ରାୟିକ ଭାବରେ ଲେଖକ ଏଠି ପ୍ରକାଶ କରିଅଛନ୍ତି ଯେ, ପ୍ରକୃତରେ ଅନୁପମା ଓଢ଼ଣା ତଳୁ ହସୁଛି କାହିଁକି? ତା'ରି ହସିବାର ଏହି ସାଭିପ୍ରାୟିକତା ଭିତରେ ତା' ଅନ୍ତରର ଏକ ବେଦନା ଚାପି ହୋଇରହିଛି, ତା'ର କୋହ ବା ଦୁଃଖକୁ ସତେଯେମିତି କେହି ଦେଖିପାରୁନାହାନ୍ତି। ଅନୁପମା ନିଜେହିଁ ନିଜ କୋହ ବା ଦୁଃଖକୁ ବା ତା' ଆଖିର ଲୁହକୁ ଚାପିଧରି ରଖିଛି। ତାକୁ ଯେମିତି ହସିବାଟାହିଁ ସାର ହୋଇଛି। ଏ କଥାଟିକୁ ପ୍ରକାଶ କଲାବେଳେ ଉପନ୍ୟାସର ପ୍ରାରମ୍ଭରୁହିଁ ଲେଖକ ଏହି ଧରଣର ଏକ ବାକ୍ୟ ସୃଷ୍ଟି କରିଅଛନ୍ତି; ଯାହା ଲେଖକୀୟ ସାଭିପ୍ରାୟିକତାକୁ ସୂଚିତ କରିଥାଏ। ଏହା ବ୍ୟତୀତ 'ଦୃଷ୍ଟାନ୍ତ-ଗ'ରେ ପ୍ରଯୁକ୍ତ ବାକ୍ୟଟି ମଧ୍ୟ ଏକ ଅସଂଲଗ୍ନ ବାକ୍ୟଭାବେ ବିବେଚିତ। କାରଣ, ଏହା ମଧ୍ୟ ପୂର୍ବୋକ୍ତ ବାକ୍ୟଟି ଭଳି ଏକ ବିରଳ ବାକ୍ୟ; ଯେଉଁ ବାକ୍ୟଟିରୁ ଉପନ୍ୟାସଟି ଆରମ୍ଭ ହୋଇଅଛି। ପୁଣି, ଏହି ବାକ୍ୟଟିରେ ମଧ୍ୟ ଲେଖକୀୟ ସାଭିପ୍ରାୟିକତା ପ୍ରକାଶ ପାଇଛି। କହିବାର ତାତ୍ପର୍ଯ୍ୟ ହେଲା ଯେ, ବାଂଲାଦେଶର ଖୁଲଣା ଜିଲ୍ଲାର ବାଗେରହାଟ ଗାଁରୁ ଉପନ୍ୟାସଟି ଆରମ୍ଭହୋଇ ଓଡ଼ିଶାର ଜମ୍ବୁଦ୍ୱୀପରେ ଶେଷ ହୋଇଅଛି। ଅର୍ଥାତ୍, ପୂର୍ବବଙ୍ଗର ବାଗେରହାଟ ଗାଁର ରିଫ୍ୟୁଜିମାନେ ସପରିବାର ଧରି ଓଡ଼ିଶାର କେନ୍ଦ୍ରପଡ଼ା ଜିଲ୍ଲାର ସମୁଦ୍ର କୂଳରେ ଗଢ଼ିଉଠିଥିବା ଜମ୍ବୁ ଅଞ୍ଚଳକୁ ବିସ୍ଥାପିତ ହେବାର କାହାଣୀ ଉପନ୍ୟାସଟିରେ ବର୍ଣ୍ଣିତ ହୋଇଅଛି। ଏଇ କଥାଟିକୁ ପ୍ରକାଶ କଲାବେଳେ ଉପନ୍ୟାସର ପ୍ରାରମ୍ଭରୁହିଁ ଲେଖକ ଏହି ଧରଣର ଏକ ଅସଂଲଗ୍ନ ବାକ୍ୟ ସୃଷ୍ଟିକରି ପାଠକକୁ ସମ୍ମୁଖୀକୃତ କରାଇଅଛନ୍ତି। ଫଳରେ ଏ ବାକ୍ୟଟି ଏକ ଅସଂଲଗ୍ନ ତଥା ବିରଳ ବାକ୍ୟ ଭାବରେ ବିବେଚିତ ହୋଇ ଉପନ୍ୟାସର ଭାଷିକ ସୌନ୍ଦର୍ଯ୍ୟକୁ ବଜାୟ ରଖିଅଛି।

୭) **<u>ମୁକ୍ତ-ଗଦ୍ୟଛନ୍ଦର ଆଙ୍ଗିକ ଗଠନ</u>**: ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷା ମୁକ୍ତ-ଗଦ୍ୟଛନ୍ଦର ଭାଷା। ଅର୍ଥାତ୍, ମୁକ୍ତ-ଗଦ୍ୟଛନ୍ଦରେ ଆଧୁନିକ କାବ୍ୟକବିତା ଲେଖା ହେଲା ଭଳି ଆଧୁନିକ ଗଳ୍ପ-ଉପନ୍ୟାସ ମଧ୍ୟ ରଚିତ ହେଲାଣି। ଆସ୍ତେ ଆସ୍ତେ ଉପନ୍ୟାସର ଭାଷା ବର୍ଣ୍ଣନା ବାହୁଲ୍ୟକୁ ଅତିକ୍ରମ କରି ବ୍ୟଞ୍ଜନାକୁ ଆପଣେଇବା ପରେ ତା'ର ଆଙ୍ଗିକରେ ଏକ ବୈପ୍ଳବିକ ପରିବର୍ତ୍ତନ ପରିଲକ୍ଷିତ ହୋଇଅଛି। ଉକ୍ତ କାଳରେ ମୁଖ୍ୟତଃ ଲେଖନୀ ଚାଳନା କରିଥିବା ରାଜେନ୍ଦ୍ର କିଶୋର ପଣ୍ଡା, ପଦ୍ମଜ ପାଳ, ଭୀମ ପୃଷ୍ଟି ପ୍ରମୁଖ ଔପନ୍ୟାସିକ ଏ ଦିଗରେ ଖୁବ୍ ସଚେତନ। ଔପନ୍ୟାସିକ ପଣ୍ଡାଙ୍କ 'ଚିଦାଭାସ' (୧୯୯୯), ଭୀମ ପୃଷ୍ଟିଙ୍କ 'କବିତାର ଉପନ୍ୟାସ' (୨୦୦୨) ଓ ପଦ୍ମଜ ପାଳଙ୍କ 'ହାଏ ମୁନି! କେମିତି ଅଛ?' (୨୦୦୩) ପ୍ରଭୃତି ଉପନ୍ୟାସ ଏ କ୍ରମରେ ଉଲ୍ଲେଖନୀୟ। ଏହା ବ୍ୟତୀତ ଔପନ୍ୟାସିକ ପାଳଙ୍କ 'ଯିବୁ କି ଥିବୁ' (୧୯୯୪), 'ପାପ ପରି ନିଜର' (୧୯୯୫), 'ପ୍ରତିସ୍ପର୍ଦ୍ଧା' (୨୦୧୬) ପ୍ରଭୃତି ଉପନ୍ୟାସର ମଝିରେ ମଝିରେ ମଧ୍ୟ ମୁକ୍ତ-ଗଦ୍ୟଛନ୍ଦର ଆଙ୍ଗିକଧର୍ମୀ ଭାଷା ପରିଲକ୍ଷିତ। ଦୃଷ୍ଟାନ୍ତସ୍ୱରୂପ-

"ଜୀବନ ଏମିତି ଶମ୍ଭୁ। ଅସ୍ଥିର, ଉଦ୍‌ବେଳିତ।/ କିଛି ଗୋଟାଏ ପାଇବାକୁ ବ୍ୟାକୁଳ ସେ/ ପ୍ରାପ୍ତି ବି ତାକୁ କରେ ସନ୍ତାପିତ।/ ଯେଉଁଠି ସେ ଠିଆ ହେବ, ଛଟପଟ ହେବ/ ଅପ୍ରାପ୍ତିର ଦେଖିବ ଛାୟା/ ଚିରକାଳ ଶୂନ୍ୟ-ଅନ୍ୱେଷଣ ।/ ଦୁଃଖ ତାର ଉପଲବ୍ଧି;/ ସ୍ଥାନ-କାଳ-ସମ୍ପର୍କ ସବୁ ଛନ୍ଦାଛନ୍ଦି।/ ଉପରେ କିଛି ନାହିଁ। ତଳେ କିଛି ନାହିଁ,/ ଭିତର ବି ଶୂନ୍ୟ-ଏହାହିଁ ଜୀବନ।" (ପୃ- ୧୨୫, ଯିବୁ କି ଥିବୁ)

ପୁଣି, "ମୁନିର ତ ସ୍ୱପ୍ନମଗ୍ନ ମନ।/ ମନ ତା'ର ନିଘଞ୍ଚ ଅରଣ୍ୟ।/ ସ୍ଫଟିକ ଝରଣାଟିରେ ନୃତ୍ୟରତା ନୀଳକଇଁଟିଏ/ ଅଥବା, ଆନମନା ଉଡ଼ନ୍ତା ପ୍ରଜାପତିଟିଏ।/ ଝିଙ୍କାରିର ଶେଷହୀନ ମଧୁର ଗୁଞ୍ଜନ। ଲାଗେ ଯେପରି- ପଦ୍ମପତ୍ରେ ଢଳଢଳ ଏକ ଜଳ ବିନ୍ଦୁ।/ ଏଇ ଅଛି, ଏଇ ନାହିଁ/ ଜୀବନ ଓ ମୃତ୍ୟୁର ନୃତ୍ୟରେ ପାଗଳ। (ପୃ- ୫, ହାଏ ମୁନି! କେମିତି ଅଛ?)

ଉପର୍ଯ୍ୟୁକ୍ତ 'ଦୃଷ୍ଟାନ୍ତ-କ'ରେ ଉପନ୍ୟାସର ନାୟିକା ଇଶା ନାୟକ ଶମ୍ଭୁକୁ ଜୀବନର ଅସ୍ଥିରତା, ବ୍ୟାକୁଳତା, ଶୂନ୍ୟତା ପ୍ରଭୃତି ବିଷୟରେ କହିବା ଓ 'ଦୃଷ୍ଟାନ୍ତ-ଖ'ରେ ଉପନ୍ୟାସର ନାୟିକା ମୁନି ମଲ୍ଲିକର ସ୍ୱପ୍ନଭାବନାକୁ ବର୍ଣ୍ଣନା କରାଯିବା ଆଦି

ପ୍ରସଙ୍ଗରେ ମୁକ୍ତ-ଗଦ୍ୟଛନ୍ଦର ଆଙ୍ଗିକଧର୍ମୀ ଭାଷା ପ୍ରଯୁକ୍ତ ହୋଇଅଛି। ତେଣୁ, 'ମୁକ୍ତ-ଗଦ୍ୟଛନ୍ଦର ଆଙ୍ଗିକ ଗଠନ'କୁ ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷାବିଚାରରେ ଏକାନ୍ତ ଭାବରେ ଅସ୍ୱୀକାର କରାଯାଇନପାରେ ।

**ନିଷ୍କର୍ଷ**: ବସ୍ତୁତଃ, ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ସାଂପ୍ରତିକ ପ୍ରେକ୍ଷାପଟ୍ଟରେ ଏକ ନୂତନ ପ୍ରତିଶ୍ରୁତି ଓ ସମ୍ଭାବନା ନେଇ ଆତ୍ମପ୍ରକାଶିତ। ଚିରାଚରିତ ଧାରା ଓ ଶୈଳୀକୁ ପରିବର୍ତ୍ତନ ଓ ପରିବର୍ଜ୍ଜନ ପୂର୍ବକ ପରୀକ୍ଷାଧର୍ମୀ ବା ପ୍ରୟୋଗବାଦୀ ଧାରା ଓ ଶୈଳୀକୁ ମୁଖ୍ୟତଃ ଆପଣେଇ ନେଇଛି ଉକ୍ତ କାଳର ଓଡ଼ିଆ ଉପନ୍ୟାସ। ଔପନ୍ୟାସିକମାନେ ଉପନ୍ୟାସର ଭାବ, ଭାଷା ଓ ଶୈଳୀର ନୂତନତା ଆଣିବାରେ ବେଶ୍ ତତ୍ପର। ଉପନ୍ୟାସର ଭାଷା ପାରମ୍ପରିକତାକୁ ପରିହାର କରି, ବ୍ୟାକରଣିକ ସଂରଚନାର ଉର୍ଦ୍ଧ୍ୱରେ ରହି ପ୍ରୟୋଗଲାଭ କରିଛି। ଧ୍ୱନି, ଶବ୍ଦ, ରୂପ, ବାକ୍ୟ ଆଦି ବ୍ୟାକରଣିକ ନୀତିନିୟମଠାରୁ ବିଚ୍ୟୁତ ହୋଇ ଶୈଳୀବୈଜ୍ଞାନିକ ପଦ୍ଧତିରେ ପ୍ରୟୋଗ କରିଛନ୍ତି ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ପରିପ୍ରେକ୍ଷୀରେ। ତେଣୁ, ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସର ଭାଷା ମୁଖ୍ୟତଃ ଶୈଳୀବିଜ୍ଞାନଧର୍ମୀ। ଅର୍ଥାତ୍, ଲେଖକମାନେ ସ୍ୱକୀୟ ଉପନ୍ୟାସରେ ଶୈଳୀବିଜ୍ଞାନ ପଦ୍ଧତିରେ ପ୍ରୟୋଗ କରିଥିବା ଲକ୍ଷଣୀୟ। ଫଳରେ ଧ୍ୱନିସୃଷ୍ଟିରେ ବିମ୍ବାତ୍ମକତା, ଶବ୍ଦସୃଷ୍ଟିରେ ପୌନଃପୁନିକତା, ରୂପରଚନାରେ ସମାନ୍ତରତା, ବ୍ୟାକରଣ ବହିର୍ଭୂତ ବାକ୍ୟ-ବିନ୍ୟାସ ଭଳି ଅନେକ ଭାଷିକ ବୈଚିତ୍ର୍ୟରେ ଋଦ୍ଧିମନ୍ତ ୧୯୮୦ ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ; ଯାହା ଏକ ସ୍ୱତନ୍ତ୍ର ଭାଷାତାତ୍ତ୍ୱିକ ତଥା ଶୈଳୀତାତ୍ତ୍ୱିକ ବିଶ୍ଳେଷଣର ଅପେକ୍ଷା ରଖେ ।

ପ୍ରାନ୍ତଟୀକା :


୧) ତ୍ରିପାଠୀ, ସନ୍ତୋଷ। 'କଥାକଳ୍ପ'। ପ୍ରଥମ ସଂସ୍କରଣ, ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର। ୨୦୨୧, ପୃ- ୩୫୪।

୨) 'ଝଙ୍କାର'। ୭୦ତମ ବର୍ଷ, ସଂଖ୍ୟା-୧, ମେଷ: ୧୪୨୫ ସାଲ, ଏପ୍ରିଲ: ୨୦୧୮। ପୃ-୯୯। (ଦ୍ରଷ୍ଟବ୍ୟ- ଅଶୋକ କୁମାର ଦାଶଙ୍କ 'ଗର୍ବ କରିବାର କଥା: କଥା ଓ ଶୈଳୀ' ଶୀର୍ଷକ ପ୍ରବନ୍ଧ)

୩) ଦାସ, ରବୀନ୍ଦ୍ର କୁମାର। 'ଶୈଳୀବିଜ୍ଞାନର ଆଲୋକରେ ଫକୀରମୋହନଙ୍କ ଉପନ୍ୟାସ'। ମୀରାମ୍ବିକା ପ୍ରକାଶନୀ, ବାଲେଶ୍ୱର। ପୃ- ୧୩୫ ।



**Funding**

No funding was received for conducting this study.

**Does this article screened for similarity?**

Yes

**Conflict of interest**

The Author has no conflicts of interest to declare that they are relevant to the content of this article.



**About the Licenses**

© Dr. Khageswar Meher 2024. The text of this article is open access and licensed under a Creative Commons Attribution 4.0 International License



**Cite this Article :**

Dr. Khageswar Meher, 1980 Parabarte Odia Upanyasara Bhasasilpa, Bageesha, Vol. No. 02, Issue No. 05, September - October 2024, Article No: BM2024/05-A004 | Page- 32-38

BAGEESHA
ବାଗୀଶ
ଦ୍ୱିତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର - ଅକ୍ଟୋବର ୨୦୨୪
Volume No. 02 | Issue No. 05 | Sep - Oct 2024
Refereed Peer-Reviewed Journal
BM2024/05-A005
https://bageesha.in
OPEN ACCESS

# ପଶ୍ଚିମ ଓଡ଼ିଶାର 'ଦଳ' ଜନଜାତିଙ୍କ ମୃତ ସଂସ୍କାର କର୍ମ: ଏକ ଅଧ୍ୟୟନ

■ ମହାଦେବ ଭୋଇ[୧], ଡ. ନିବେଦିତା ମହାନ୍ତି[୨]

ଗବେଷକ[୧], ସହକାରୀ ପ୍ରଫେସର[୨]

ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କିସ୍ ମାନିତ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

Article Received : 12.09.2024 | Accepted : 25.10.2024 | Published : 25.11.2024

BM2024/05-A005

**ସାରାଂଶ**

ABSTRACT

ଓଡ଼ିଶାରେ ୬୪ ପ୍ରକାର ଆଦିବାସୀ ସମ୍ପ୍ରଦାୟ ରହିଛନ୍ତି। ଏଥି ମଧ୍ୟରୁ ୧୩ ଗୋଟି ଜାତି ଆଦିମ ଜନଜାତି ଅଟନ୍ତି। ଏମାନଙ୍କ ମଧ୍ୟରୁ ଓଡ଼ିଶା।ର ପଶ୍ଚିମାଞ୍ଚଳ ଯଥା- ବଲାଙ୍ଗୀର, ବରଗଡ଼, ନୂଆପଡ଼ା ଓ ଛତିଶଗଡ଼ ରାଜ୍ୟର ମହାସମୁନ୍ଦ, ଦେଉରୀ ବ୍ଲକ୍ ର ହଣ୍ଡାପାଆ ଗ୍ରାମ ସହ କେତେକ ଗ୍ରାମାଞ୍ଚଳରେ 'ଦଳ' ଜନଜାତି ବସବାସ କରନ୍ତି। ଓଡ଼ିଶାରେ 'ଦଳ' ଜନଜାତି ବସବାସ କରୁଥିବା ୧୬୯ରୁ ଅଧିକ ଗ୍ରାମ ରହିଛି। ହାରାହାରି ୮ଟି ବ୍ଲକ ଓ ୩୨ ଗ୍ରାମପଞ୍ଚାୟତ, ୩ ଜିଲ୍ଲା ଓ ଛତିଶଗଡ଼ ୪ ଟି ଗ୍ରାମରେ 'ଦଳ' ଜନଜାତି ବସବାସ କରୁଛନ୍ତି। 'ଦଳ' ଜନଜାତିର ସାଂସ୍କୃତିକ ଜୀବନ ଅତି ଉନ୍ନତ ମାନର। 'ଦଳ' ଜନଜାତିଙ୍କର ନୀତି ନୀୟମ, ବସବାସ, ଚାଲି ଚଳଣି, ବିବାହ ପ୍ରଥା, ଜାନିଯାତ୍ରା, ପର୍ବପର୍ବାଣୀ, ଚିତା କୁଟା, ଜନ୍ମ ସଂସ୍କାର, ଜାତି ସଂସ୍କାର ଭଳି ମୃତ ସଂସ୍କାର କର୍ମଟି ଅନନ୍ୟ ଅଟେ। ପରିବାରରେ କୌଣସି ସଦସ୍ୟଙ୍କର ମୃତ୍ୟୁ ହେଲେ ତା'ର କିପରି ବିଧି ବିଧାନ ସହ, ଯେତେ ଅସୁବିଧା ଥିଲେ ମଧ୍ୟ ମୃତ ସଂସ୍କାର(ଦଶା କାମ୍) କାର୍ଯ୍ୟଟିକୁ ଅତି ଗୁରୁତ୍ୱର ସହ, ନିଷ୍ଠା ପର ଭାବରେ ପାଳନ କରାଯାଇଥାଏ। 'ଦଳ' ମାନେ ବିଶ୍ୱାସ କରନ୍ତି ଯେ- ଏ ସବୁ କରିବା ଦ୍ୱାରା ତାଙ୍କର ପରିବାରର, ସମାଜର ତଥା ସମସ୍ତଙ୍କର ମଙ୍ଗଳ ସାଧିତ ହୋଇପାରିବ। ଆଲୋଚ୍ୟ ପ୍ରବନ୍ଧଟିରେ ଏହି 'ଦଳ' ସଂପ୍ରଦାୟର ମୃତ ସଂସ୍କାର କର୍ମ ବିଷୟରେ ଏକ ଅଧ୍ୟୟନ କରାଯାଇ ସେ ବାବଦରେ ବର୍ଣ୍ଣନା କରାଯାଇଛି। ସଂସ୍କାର କର୍ମଟିର ଆରମ୍ଭରୁ ଶେଷ ଘଟଣାକୁ କିଛି ପ୍ରତ୍ୟକ୍ଷ ଫଟୋ ଚିତ୍ର ମାଧ୍ୟମରେ ଦର୍ଶା ଯାଇଛି।

ମୂଳଶବ୍ଦ: ପଶ୍ଚିମ ଓଡ଼ିଶା, 'ଦଳ' ଜନଜାତି, ସଂସ୍କୃତି ଓ ପରମ୍ପରା, ମୃତ ସଂସ୍କାର, ଜୀବନଚର୍ଯ୍ୟା, ଧାର୍ମିକ ଚିନ୍ତାଧାରା

ଓଡ଼ିଶାର ଆଦିବାସୀ ଲୋକସଂଖ୍ୟା ରାଜ୍ୟର ମୋଟ ଲୋକ ସଂଖ୍ୟାର ଏକ ଚତୁର୍ଥାଂଶ ବା ୨୨ ଭାଗ ଅଟେ। ଏହି ୨୨ ଭାଗ ଆଦିବାସୀ ଗୋଷ୍ଠୀ ସାରା ଓଡ଼ିଶାର ଅନେକ ଜିଲ୍ଲାରେ ହାରାହାରି ୭୦ ଶତକଡ଼ା ବସବାସ କରୁଥିବାର ଦେଖିବାକୁ ମିଳେ। ଯଥା- କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା, ଗଞ୍ଜାମ, କେନ୍ଦୁଝର, ବଲାଙ୍ଗିର, ବରଗଡ଼, ସୋନପୁର, ସମ୍ବଲପୁର, ନୂଆପଡ଼ା, କଳାହାଣ୍ଡି, ବୈାଦ୍ଧ, ମାଲକାନଗିରି ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଅଧିକ ପରିମାଣରେ ଆଦିବାସୀ ଓ ଆଦିମ ଜନଜାତିମାନେ ବସବାସ କରନ୍ତି।

ଅନ୍ୟାନ୍ୟ ଜାତି ଭଳି କନ୍ଧ ଆଦିବାସୀମାନେ ମଧ୍ୟ ଅନେକ ଭାଗରେ ବିଭକ୍ତ ହୋଇଛନ୍ତି। ଏଠାରେ କେତେକ ଗବେଷକଙ୍କ ମତ ଉପସ୍ଥାପନ କରୁଛି। ଏନ୍. ପଟ୍ଟନାୟକ ଓ ଏସ୍. ପି. ପଟ୍ଟନାୟକ କନ୍ଧ ଜାତିକୁ ତିନି ଭାଗରେ ବିଭକ୍ତ କରିଛନ୍ତି, "ସେ ଗୁଡ଼ିକ ହେଉଛି- କୁଟିଆକନ୍ଧ, ଡଙ୍ଗରିଆ କନ୍ଧ ଏବଂ ଦେଶିଆ କନ୍ଧ"। ଠିକ୍ ସେହି ଭଳି ଭାବରେ ତ୍ରିଶନ ଶର୍ମା ଓଡ଼ିଶାର କନ୍ଧମାନଙ୍କୁ ୬ ଭାଗରେ ବିଭକ୍ତ କରିଛନ୍ତି; ଯଥା-"କୁଟିଆ କନ୍ଧ, ଡଙ୍ଗରିଆ କନ୍ଧ, କୁଭି କନ୍ଧ, ଲାଙ୍ଗୁଲି କନ୍ଧ, ପେଙ୍ଗାକନ୍ଧ ଏବଂ ଝରଣୀଆକନ୍ଧ ।" ଓଡ଼ିଶାର ସମସ୍ତ କନ୍ଧ ଜାତିର ଜୀବନଚର୍ଯ୍ୟା, ସାମାଜିକ ଚଳଣୀ, ସଂସ୍କୃତି, ପରମ୍ପରା ସାହିତ୍ୟ ଇତ୍ୟାଦି ମଧ୍ୟରେ ଅନେକ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଓଡ଼ିଶାର ସମସ୍ତ କନ୍ଧ ଭାଷା ମଧ୍ୟ ଏକ ନୁହେଁ, କାରଣ ଆଞ୍ଚଳିକ ଭେଦରେ ସେମାନେ ଭିନ୍ନଭିନ୍ନ ଭାଷାମାନ ବ୍ୟବହାର କରିଥାନ୍ତି। ପୂର୍ବ-ଦକ୍ଷିଣ କେତେକ ଆଦିବାସୀ ଦୟାନିଧି ମଲ୍ଲିକଙ୍କ ପ୍ରଣୀତ କୁଇ ଭାଷା କହିଥାନ୍ତି ।[୧] ଠିକ୍ ସେହିଭଳି ଓଡ଼ିଶାର ପଶ୍ଚିମାଞ୍ଚଳର କନ୍ଧମାନେ କୋଶଳି ବା ସମ୍ବଲପୁରୀ ଭାଷା କହିଥାନ୍ତି।

ରାଜ୍ୟର ଆଦିବାସୀ ଅଞ୍ଚଳ ଗୁଡ଼ିକର ଜାଙ୍ଗଳିକ ସୁଷମା ଅତ୍ୟନ୍ତ ମନୋମୁଗ୍ଧକର। ଛୋଟ ଛୋଟ ରାସ୍ତା ଦେଇ, ଜଙ୍ଗଲର ଗଛମୂଳେ ଥିବା କୁଡ଼ିଆରେ ଆଦିବାସୀମାନେ ରହିଥାନ୍ତି। କେତେ ଗୁଡ଼ିଏ ପରିବାର ମିଶି ଛୋଟ ଛୋଟ ବସ୍ତି ବା ଆଶ୍ରୟସ୍ଥଳୀରେ ନିତ୍ୟ ନୈମିତିକ ଧାରା ପ୍ରବାହ ସ୍ୱରୂପ ଜୀବନକୁ ପଲ୍ଲବିତ କରିଥାନ୍ତି। ୧୮୨୦ ମସିହାରେ ଆମିଲାଇଟ୍ ସାହେବ ଭାରତର ବିଭିନ୍ନ ଜନଜାତି ସମ୍ପର୍କରେ

ଆଲୋଚନା କଲାବେଳେ ଓଡ଼ିଶାର ଜନଜାତି ଧାରା ଉପରେ ଚମକପ୍ରଦ ବିବରଣୀ ପ୍ରଦାନ କରିଥିଲେ। ସେତେବେଳେ ଏହି ଜନଜାତି ସମ୍ପର୍କରେ କୌଣସି ଆଲୋଚନା ବା ପର୍ଯ୍ୟାଲୋଚନା କରାଯାଉ ନ ଥିଲା। ଏଭଳି ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ଗୋପାଳବଲ୍ଲଭ ଦାସ ଏବଂ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅନେକ ଗବେଷକ ଓ ଲେଖକମାନେ ଜନଜାତି ଉପରେ ପୁସ୍ତକମାନ ରଚନା କରିଛନ୍ତି। ଗୋପୀନାଥ ମହାନ୍ତି, ରବିନ୍ଦ୍ରନାଥ ସାହୁ, ଗୌରାଙ୍ଗଚରଣ ଦାଶ, କୁଞ୍ଜବିହାରୀ ଦାଶ, ଡ଼.ଦେବେନ୍ଦ୍ର ମହାନ୍ତି, ଡ଼.ନଟବର ସାମନ୍ତରାୟ ପ୍ରଭୃତି ବ୍ୟକ୍ତି ବିଶେଷ ଆଦିବାସୀ ବା ଜନସାଧାରଣଙ୍କ ଉପରେ ତାଙ୍କ ସାହିତ୍ୟ, ସଂସ୍କୃତି, କଥା, ବିଶ୍ୱାସ ସମ୍ପର୍କରେ ରଚନାମାନ ଲେଖିଛନ୍ତି। ଡ଼. ଦେବେନ୍ଦ୍ର ମହାନ୍ତିଙ୍କ ଭାଷାରେ "ଲୋକ ସାହିତ୍ୟ ମଣିଷ ସମାଜର ଦୈନନ୍ଦିନ ଜୀବନର ଚଳଣି ମଧ୍ୟରେ ହୃଦୟର ଭାବୋଚ୍ଛ୍ୱାସ, ପରିବେଶ ଅନୁସାରେ ବହୁଭାବରେ ସ୍ୱତଃ ପ୍ରକାଶ ପାଇଛି। ଏଗୁଡ଼ିକ କେବେ କେହି ପୋଥି ପତ୍ରରେ ଲେଖି ନ ଥିଲେ; କେବଳ ତୁଣ୍ଡରୁ କାନ ପୁଣି କାନରୁ ତୁଣ୍ଡ, ବାଟରେ ଯାଇ ଯୁଗଯୁଗ ଧରି ଏଗୁଡ଼ିକ କେଉଁ ଅନାଦି କାଳରୁ ଏପର୍ଯ୍ୟନ୍ତ ଗତିଶୀଳ। ଲୋକ ସାହିତ୍ୟ ଲୋକ ଜୀବନ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିଥିବାରୁ,ନିଜର ପ୍ରସାର ପାଇଁ ସେ କୌଣସି ବିଜ୍ଞାପନର ସାହାଯ୍ୟ ନେଇ ନାହିଁ। ଲୋକ ସାହିତ୍ୟ ଯେତିକି ସରଳ ସହଜ, ସେତିକି ମନଛୁଆଁ ଓ ରସସିକ୍ତ। ଏଥିରେ ଭାଷାର କ୍ଲିଷ୍ଟତା ନଥାଏ। ଅଳଙ୍କାର ଝଙ୍କୃତ ନାହିଁ, ଉପମାର ଆତିଶଯ୍ୟ ନାହିଁ, କେବଳ ଅଛି ରସଭରା ଉଚ୍ଛୁଳ ପ୍ରାଣର ଛଳ ଛଳ ଭାବର ତରଙ୍ଗ ।"[୨]

ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ, ଏଠାରେ ୬୪ ପ୍ରକାର ଆଦିବାସୀ ବସବାସ କରନ୍ତି। ଏହି ବନବାସୀମାନେ ବହୁବର୍ଷ ଧରି ଜଙ୍ଗଲ ମାନଙ୍କରେ ଗୋଷ୍ଠୀ ଗୋଷ୍ଠୀ ହୋଇ ପଲ୍ଲୀ ଆକାରରେ ପୁରୁଷାନୁକ୍ରମେ ଅର୍ଥନୀତି ଏବଂ ଶିକ୍ଷାର ଅଭାବ ସହ ବସବାସ କରି ଆସୁଛନ୍ତି, ଯାହାଙ୍କୁ ସାଧାରଣ ଭାବେ ଆମେ ଆଦିବାସୀ କହୁଛେ। ଆଦିବାସୀ ଗ୍ରାମର ବିଭିନ୍ନ ପ୍ରସଙ୍ଗ ସମ୍ବନ୍ଧରେ ଆଲୋଚନା, ପର୍ଯ୍ୟାଲୋଚନା ଓ ଅନୁଶୀଳନ କରିବା ସସୟରେ ଅନେକ ସମସ୍ୟା ଆମର ଦୃଷ୍ଟି ଆକର୍ଷଣ କରିଥାଏ।

ଆଦିବାସୀ ଗ୍ରାମର ବାସଗୃହ ଗୁଡ଼ିକର ଅନୁଧ୍ୟାନ ଫଳରେ ଗୋଷ୍ଠୀ ସାମାଜିକ ଜୀବନ, ଅର୍ଥନୈତିକ ବ୍ୟବସ୍ଥା, ରାଜନୈତିକ ତଥା ନ୍ୟାୟିକ ବ୍ୟବସ୍ଥା ଓ ଧର୍ମୀୟ ଜୀବନଧାରା ସମ୍ପର୍କରେ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇଥାଏ। ଜଙ୍ଗଲରେ ରହୁଥିବା ଆଦିବାସୀମାନଙ୍କର ଗୃହ ମଧ୍ୟ ଭିନ୍ନ ଭିନ୍ନ ପ୍ରକାରରେ ଦେଖିବାକୁ ମିଳିଥାଏ। ଗୃହ ସହ ଅନେକ ପଶୁ ପକ୍ଷୀ ମଧ୍ୟ ସେମାନେ ପାଳନ କରିଥାନ୍ତି। ଦେବାଦେବୀ ପୀଠ ମଧ୍ୟ କାଠ ବା ପଥରରେ ନିର୍ମିତ ହୋଇଥାଏ।

**'ଦଳ' ଜନଜାତିଙ୍କ ମୃତ ସଂସ୍କାର କର୍ମ**: ଗୋଷ୍ଠୀ ଭେଦରେ ପରମ୍ପରା ଓ ସଂସ୍କାର ବଦଳିଯାଏ। ସେହିପରି ମୃତ ସଂସ୍କାର କର୍ମ ଆମ ସମାଜରେ ପ୍ରଚଳିତ ଏକ ପ୍ରମୁଖ ସଂସ୍କାର କର୍ମ। ଏହି ସଂସ୍କାର କର୍ମ ବିଭିନ୍ନ ଗୋଷ୍ଠୀ ଓ ସମ୍ପ୍ରଦାୟ ଭେଦରେ ଅନେକ ଭିନ୍ନତା ରହିଥିବାର ଦେଖାଯାଏ। ସେହିପରି 'ଦଳ' ଜନଜାତିର ଲୋକଙ୍କର ଯଦି କାହାରି ଦେହାନ୍ତ ହୁଏ, ତାହେଲେ ପରିବାରର ଲୋକଙ୍କୁ ଡାକି ଯେଉଁ ଖଟରେ ମୃତ ଲୋକଟି ଶୟନ କରିଥାଏ, ସେହି ଖଟକୁ ଓଲଟାକରି, ଶବକୁ ସେଥିରେ ଶୁଆଇ ଢାଙ୍କି ଦିଆଯାଏ, ଘର ଅଗଣାରେ ରଖାଯାଏ। ଯେପର୍ଯ୍ୟନ୍ତ ନିଜ ଲୋକମାନେ ନ ଆସିଥାନ୍ତି ସେ ପର୍ଯ୍ୟନ୍ତ ଶବଟି ସେଠାରେ ଥାଏ। ଏଠାରେ ଶବଙ୍କ ଖଟ ପାଖରେ ବସି ଅନେକ ମହିଳାଙ୍କ ସହ ମୃତକଙ୍କ ପତ୍ନୀ ବହୁତ ଜୋର୍‌ରେ କ୍ରନ୍ଦନ କରିଥାନ୍ତି। ସେଠାରେ ମୃତ ପତିଙ୍କ ଶବର ଖଟ ଉପରେ, ପତ୍ନୀଙ୍କର ଶଙ୍ଖା ଭାଙ୍ଗି, ସିନ୍ଦୂର ପୋଛାଯାଏ।

ଏ ପଟେ ଶବ ପାଇଁ କାଠ, କଦଳୀ ଚାରା, ଖଇର ବ୍ୟବସ୍ଥା କରାଯାଏ। ସମସ୍ତେ ଆସିଲା ପରେ ଶବଙ୍କ ଖଟର ମଚୁଆରେ ଚାରୋଟି କଦଳୀ ଚାରା ବନ୍ଧାଯାଏ ଏବଂ ଚାରି ଜଣ ନିଜ ଲୋକ, ଶବକୁ କାନ୍ଧେଇଥାନ୍ତି। ମୃତକଙ୍କ ପୁଅ ହାତରେ ପାଣି ହାଣ୍ଡି ଧରି ଆଗରେ ଚାଲିଥାଏ, ଆଉ ଅନ୍ୟ ଲୋକମାନେ ଭୁଗାରେ ଖଇ ଧରି, ଶବ ଉପରେ ବିଞ୍ଚି ବିଞ୍ଚି ଚାଲିଥାନ୍ତି। ତା'ପରେ ଗାଁର ଶେଷ ଗଛ ମୂଳରେ ଶବକୁ ରଖି ସେଠାରେ ପୂଜା କରାଯାଇଥାଏ। ଏହି ପୂଜାକୁ 'ଖନ୍ଦାକୁଲା' କୁହାଯାଏ।

ଆଗ କାଳରେ ଶବକୁ ମାଟିରେ ପୋତାଯାଉଥିଲା। ପ୍ରଥମେ ଶବ ଉଚ୍ଚର ଗାତ ଖୋଳି, ଶବକୁ ସମସ୍ତେ ଧରି ଗାତରେ ରଖି ପୂଜା କରନ୍ତି। ପ୍ରଥମେ ମୃତକଙ୍କ ପୁତ୍ର ସେଥିରେ ମାଟି ପକାଇଥାଏ। ତା' ପରେ ସମସ୍ତେ ଶବ ଉପରେ ମୁଠାଏ ମୁଠାଏ ମାଟି ଦେଇ, ତା' ଉପରେ ପଥର ଦେଇ, ପୁଣି ମାଟି ଦେଇ ପୋତି ଦିଆଯାଉଥିଲା। ବର୍ତ୍ତମାନ ଯୁଗରେ ପୂଜା ପରେ ଶବକୁ ପୋଡ଼ିବା ପାଇଁ, ମୃତକଙ୍କ କ୍ଷେତକୁ ନେଇ, ସେଠାରେ କାଠ ଆଣି ଶବକୁ କାଠରେ ଲଦନ୍ତି। ମୃତକଙ୍କ ନିଜ ପୁଅ ବାମ ହାତରେ ମଶାଲ ଧରି ଶବରେ ନିଆଁ ଲଗାଇଥାନ୍ତି। ନିଆଁରେ ଶବ ସଂପୂର୍ଣ୍ଣ ପୋଡ଼ି ହୋଇ ପାଉଁଶ ହେବା ପରେ ନିଆଁକୁ ପାଣିରେ ଲିଭାଇ,ଗୋଟିଏ ମାଟି କଳସ ଅବା ମାଟି ହାଣ୍ଡିରେ ଛୋଟ ଛୋଟ ଅସ୍ଥି ବା ହାଡ଼ ସହ ପାଉଁଶକୁ ପୁରାଇ, ଗୋଟିଏ ଗଛ ତଳେ ଗାତ ଖୋଳି ପୋତି ଦିଆଯାଇଥାଏ, ଯେ ପର୍ଯ୍ୟନ୍ତ ସେ ସବୁ ବିସର୍ଜନ କରାଯାଇ ନ ଥାଏ।

**ଶବ ସଂସ୍କାର ପରବର୍ତ୍ତୀ ବିଧିବିଧାନ**: ଶବ ସଂସ୍କାର ପରେ ସମସ୍ତେ ପୋଖରୀକୁ ଯାଇ, ମାଟିକୁ ଓଦା କରି ମୁଣ୍ଡ ବାଳ ସଫା କରିଥାନ୍ତି। ମୁଣ୍ଡରେ ମାଟି ଲଗାଇ ଭଲ ଭାବରେ ଗାଧୋଇ ପାଧୋଇ, ସମସ୍ତେ ଧାଡ଼ି ହୋଇ ଠିଆ ହୁଅନ୍ତି। ଆଗର ଲୋକ ଗୋଟିଏ ଛୋଟ ପଥର ବା ଗୋଡ଼ି ମୁଣ୍ଡ ଉପର ଦେଇ ବୁଲାଇ, ପଛ ଲୋକକୁ ଦିଏ। ଏଭଳି କରି କରି ସମସ୍ତେ ଘରକୁ ଫେରନ୍ତି। ମୃତକଙ୍କ ଘରେ ବନ୍ଧୁ ପରିବାରର ଲୋକ, ହାଣ୍ଡିରେ ନିଆଁ ଲଗାଇ, ଦନାରେ ତେଲ ସହ, ଧଳା ଲୁଗାରେ, ଗାଧୁଆ ଲୋକର ମୁଣ୍ଡରେ ତେଲ ଲେପନ କରିଥାନ୍ତି ଓ ନିଆଁରେ ହାତ, ପାଦ ସେକ ଦେଇଥାନ୍ତି। ଅନୁରୂପ ଭାବେ ସମସ୍ତ ମହିଳା ଏକାଠି ହୋଇ, ବନ୍ଧୁ ଘରର ଜଣେ ଦୁଇ ଜଣ ମହିଳା ପୂଜା ସାମଗ୍ରୀ ଧରି କ୍ରନ୍ଦନ କରି, ପୋଖରୀକୁ ଯାଇଥାନ୍ତି। ସେଠାରେ ବସି ଦୀପ ପୂଜା କରି, ସମସ୍ତେ ଗଧୋଇ ସାରିବା ପରେ ମୃତକଙ୍କ ପତ୍ନୀକୁ ଧଳା ଶାଢ଼ୀ ସହ, ତାଙ୍କ ପିଲା ଛୁଆଙ୍କୁ ଧଳା

ଗାମୁଛା ଦେଇଥାନ୍ତି। ସମସ୍ତେ ଏକାଠି ହୋଇ ଘରକୁ ଫେରନ୍ତି। ପୁରୁଷମାନଙ୍କ ଭଳି ଅନ୍ୟମାନେ ନିଆଁ ସେକ ଓ ତେଲ ଲଗାନ୍ତି। ବନ୍ଧୁ ପରିବାରର ଲୋକମାନେ, ମୃତ ପରିବାରଙ୍କ ପାଇଁ ଚା', ମୁଢ଼ି ଆଦି ଆଣି ଦେଇଥାନ୍ତି।

ଯେହେତୁ ମୃତକଙ୍କ ପରିବାରରେ ରୋଷେଇ ହୋଇପାରିବ ନାହିଁ, ମଧ୍ୟାହ୍ନ ଭୋଜନ ପାଇଁ ଭାତ ଡାଲି ବନ୍ଧୁମାନେ ଆଣି ଦିଅନ୍ତି। ଏ ଭଳି ତିନି ଦିନ ଯାଏଁ ପ୍ରାତଃ ଭୋଜନ, ମଧ୍ୟାହ୍ନ ଭୋଜନ ଓ ରାତ୍ରୀ ପାଇଁ ଖାଦ୍ୟ ଆଣିଦିଅନ୍ତି। ମୃତ୍ୟୁର ତିନିଦିନ ପରେ ତେଲ କର୍ମ କରାଯାଏ ଏବଂ ମୃତ ବ୍ୟକ୍ତିଙ୍କ ପରିବାରର କପଡ଼ା ସଫା ହୋଇଥାଏ। ତତ୍ ପରେ ନିଜ ବନ୍ଧୁ ରୋଷେଇ କରି, ସମସ୍ତ ମୃତ ପରିବାର ଲୋକଙ୍କ ମୁଣ୍ଡରେ ତେଲ ଲେପନ କରିଥାନ୍ତି। ଦୁବ ପତ୍ର ବା ତୁଳସୀ ପତ୍ର ସାହାଯ୍ୟରେ ଗଙ୍ଗା ଜଳ ଛିଞ୍ଚିଥାନ୍ତି। ଯାହା 'ଦଳ' ସଂପ୍ରଦାୟର ସଂସ୍କୃତି ଓ ପରଂପରାକୁ ସୂଚାଇଥାଏ।

ରୋଷେଇ ପାଇଁ ମୃତ ପରିବାରର ଲୋକ ଖାଦ୍ୟ ସାମଗ୍ରୀ ଦେଇଥାନ୍ତି। ବନ୍ଧୁ ପରିବାର ଲୋକ, ନିଜେ ରୋଷେଇ କରି ମୃତକଙ୍କ ପରିବାରର ଲୋକଙ୍କୁ ପରଷିଥାନ୍ତି। ଏହି ଦିନ ଠାରୁ ମୃତକଙ୍କ ଘରେ ଚୁଲି ଜଳେ ଏବଂ ସମସ୍ତଙ୍କ ସହ ସେମାନେ ମିଳାମିଶା ମଧ କରିଥାନ୍ତି। କେତେକ ସ୍ଥାନରେ ମୁଣ୍ଡର ବାଳ, ଏହି ଦିନରେ କାଟି ମୃତକଙ୍କ ପରିବାରର ପୁଅ, ନାତି ଆଦି ଲଣ୍ଡା ହୋଇଥାନ୍ତି। ଆଉ କେତେକ ସ୍ଥାନରେ ଦଶାହ ଦିନ ଲଣ୍ଡା ହୋଇଥାନ୍ତି। ବଲାଙ୍ଗିର ଜିଲ୍ଲାର 'ଦଳ' ଜନଜାତିରେ ଦଶାହ ଦିନ, ନିଜ ପୁଅ କିମ୍ବା ନାତି ବାଳ ପକାଇଥାନ୍ତି। ପରେ ବ୍ୟକ୍ତିଗତ ଭାବରେ ନିଜ ନିଜ ଘରେ ଚୁଲି ଜଳେ। ଏହି ଭଳି ଭାବରେ ମୃତ୍ୟୁର 'ତେଲ କର୍ମ' ପାରମ୍ପରିକ ଭାବରେ ସମାପ୍ତ ହୋଇଥାଏ।

**ଦଶାହ କ୍ରିୟା:** ମୃତ୍ୟୁର ୧୦ ଦିନ ପରେ କର୍ମ ବା ଦଶାହ କ୍ରିୟା କରାଯାଏ। କେତେକ ଲୋକଙ୍କ ଅର୍ଥ ଅଭାବରୁ ଏସବୁ କର୍ମ ସଂପନ୍ନ ହେବା ପାଇଁ, ବର୍ଷେ କିମ୍ବା ଦି ବର୍ଷ ମଧ ଲାଗିଯାଏ। ଦଶାହ କରିବାକୁ ହେଲେ, ପ୍ରଥମେ ହଳଦୀ ଗୁଣ୍ଡ ବା ନିମନ୍ତ୍ରଣ ପତ୍ର ଦେଇ ନିଜ ବନ୍ଧୁ ବାନ୍ଧବଙ୍କୁ ଆସିବା ପାଇଁ କୁହାଯାଏ। ଦଶାହ ଦିନ ଆସିଲା ବେଳେ ବନ୍ଧୁମାନେ ନିଜ ସାଥିରେ ଧଳା କପଡ଼ା, ନଡ଼ିଆ, ଚାଉଳ କିମ୍ବା ଟଙ୍କା ଆଣି ଦେଇଥାନ୍ତି। ସକାଳ ୯ଟା ବେଳକୁ ଭଣ୍ଡାରୀକୁ ଡାକି ମୃତକଙ୍କ ପୁଅ, ନାତିଙ୍କ ମୁଣ୍ଡରେ କ୍ଷୀର ଲଗାଇ, ମୁଣ୍ଡ ବାଳ ଲଣ୍ଡା କରି ନଖ କାଟିଥାନ୍ତି। ତା ପରେ ଗୋଟିଏ ସ୍ଥାନରେ ସେ ସବୁ ରଖି ପୋଖରୀରେ ବିସର୍ଜନ କରିଥାନ୍ତି।

ଏପଟେ ନିମନ୍ତ୍ରିତ ଲୋକଙ୍କ ପାଇଁ ଖାଇବା ବ୍ୟବସ୍ଥା କରାଯାଇଥାଏ। ପୂଜା ପାଇଁ ବ୍ରାହ୍ମଣ କିମ୍ବା ପୂଝାରୀକୁ ଡାକି ହୋମ ବା ପୂଜା କରାଯାଇଥାଏ। ବ୍ରାହ୍ମଣ ହୋମ ବା ପୂଜା କରି ସାରିଲା ପରେ ମୃତକଙ୍କ ପରିବାରକୁ ଧଳା କପଡ଼ା ଦିଆଯାଏ। ପରେ ପରେ ସମାଜର ବନ୍ଧୁ ଲୋକ ମୃତ ବ୍ୟକ୍ତିଙ୍କ ଫଟୋକୁ ପୂଜା କରିବା ସହ, ନିଜ ଜାତି ଦେବା ଦେବୀମାନଙ୍କୁ ପୂଜା କରି ସାରିବା ପରେ, ସମସ୍ତଙ୍କୁ ଧାନ ନଡ଼ା ଗୋଟିଏ ଗୋଟିଏ ଦେଇ, ସମସ୍ତ ବନ୍ଧୁମାନଙ୍କୁ ମୁଣ୍ଡିଆ ମାରିଥାନ୍ତି। ଏହାପରେ ପୂଝାରୀ ବା ବିଶାଳ, ତୁଳସୀ ଓ ଗଙ୍ଗା ଜଳ ଛିଞ୍ଚନ କରିଥାନ୍ତି। ଏହା ଦ୍ୱାରା ସମସ୍ତେ ପାପରୁ ମୁକ୍ତି ପାଇଥାନ୍ତି ବୋଲି ଦଳ ଜନଜାତି ବିଶ୍ୱାସ କରିଥାଏ।

ସମସ୍ତଙ୍କୁ ମଧ୍ୟାହ୍ନ ଭୋଜନରେ ଭାତ, ଡାଲି, ତରକାରୀ, ଖଟା ଓ ମିଠା ଦିଆଯାଇଥାଏ। ଏହି ଭଳି ଭାବରେ ଦଶାହ କର୍ମଟି ସମାପ୍ତ ହୁଏ। କେତେଦିନ ଯାଏ ମୃତକଙ୍କ ପତ୍ନୀ, ତାଙ୍କ ସ୍ୱାମୀଙ୍କୁ ମନେ ପକାଇ କ୍ରନ୍ଦନ କରିଥାନ୍ତି। କେତେଦିନ ଯାଏ ଏକ ଦନାରେ 'ଚା' ଠାରୁ ଆରମ୍ଭ କରି ଭାତ ପର୍ଯ୍ୟନ୍ତ, ସ୍ୱାମୀଙ୍କ ନାମରେ ଦେଇଥାନ୍ତି। ବିଶ୍ୱାସ ରହିଛି ଯେ, ମୃତ ବ୍ୟକ୍ତି ଅନ୍ୟ ରୂପରେ, ଅନ୍ୟ କେଉଁଠି ବି ଜନ୍ମ ନେଇଥାନ୍ତି। ମୃତ ସଂସ୍କାର କର୍ମଟି ଅତି ଦୁଃଖଦାୟକ ଓ କରୁଣ ପରିସ୍ଥିତି ଭିତରେ ସମାପ୍ତ ହୋଇଥାଏ।

ଏହି ଦିନର ସନ୍ଧ୍ୟା ସମୟରେ ପୂଜା କରାଯାଇଥିବା 'ଖନ୍ଦା କୁଲା' ପାଖକୁ ପୂଝାରି ଯାଇ, ନିଜ ମୃତ ବନ୍ଧୁ ବ୍ୟକ୍ତି ଜଣକ, କେଉଁ ରୂପରେ ଜନ୍ମ ନେଇଛନ୍ତି ତାହା ଦେଖନ୍ତି। ତାହାର ଚିହ୍ନ ଦେଖି ସେଠାରୁ, ସେହି ଚିହ୍ନର ବାଲି ଅବା ମାଟିକୁ ଗୋଟେଇ ଆଣିଥାନ୍ତି। ଏହାକୁ ମୃତ ବ୍ୟକ୍ତିଙ୍କ ପୂଜା ଗୃହରେ ଆଣି ସ୍ଥାପନା କରାଯାଇଥାଏ। ରାସ୍ତାରେ ଆସିଲା ବେଳେ ଠେଙ୍ଗା ବା ବାଡ଼ି ସାହାଯ୍ୟରେ ରାସ୍ତାରେ, ଠେଙ୍ଗାକୁ ବାଡ଼େଇ ବାଡ଼େଇ ଶବ୍ଦ କରି ଏହି ବାଲି ବା ମାଟିକୁ ଆଣିଥାନ୍ତି।

**ଅସ୍ଥି ବିସର୍ଜନ ବା ଗଙ୍ଗା ଶ୍ରାଦ୍ଧ**: ଦଳ ଜନଜାତିର ମୃତ ସଂସ୍କାର ମଧ୍ୟରେ ଅସ୍ଥି ବିସର୍ଜନ ବା ଗଙ୍ଗା ଶ୍ରାଦ୍ଧର ମଧ ଏକ ପରମ୍ପରା ରହିଛି। କୌଣସି ବ୍ୟକ୍ତି ଯଦି ତାଙ୍କର ମୃତ ବାପା ମାଆଙ୍କ ଅଗ୍ନି ଦାହ ପାଉଁଶ, ମାଟିରେ ପୋତା ହୋଇଥିବା ଅସ୍ଥିକୁ ଗଙ୍ଗା ନଦୀ, ପବିତ୍ର ସାଗର, ଦର୍ଶନୀୟ ପବିତ୍ର ସ୍ଥାନ, ଝରଣା ବା ନଦୀରେ ବିସର୍ଜନ କରି, ସ୍ନାନ କରନ୍ତି ତାକୁ 'ଗଙ୍ଗା ଶ୍ରାଦ୍ଧ' କୁହାଯାଏ। ଏହି ଦିନରେ ନିଜ ପୁତ୍ର, ପିତା ମାତାଙ୍କ ଅସ୍ଥି, ବିସର୍ଜନ ପରେ ଘରକୁ ଫେରିଲେ, ସମାଜର ନିଜ ସମ୍ପର୍କୀୟ ଲୋକମାନେ ଅରୁଆ ଚାଉଳ ଓ କ୍ଷୀରରେ ତାଙ୍କ ପାଦ ଧୋଇଥାନ୍ତି। ଏହା ପରେ ବ୍ରାହ୍ମଣଙ୍କ ଦ୍ୱାରା ହୋମ କରାଯାଇଥାଏ। ଏହା ଦ୍ୱାରା ତାଙ୍କ ପିତା ମାତାଙ୍କୁ ମୁକ୍ତି ମିଳିଥାଏ ବୋଲି ଦଳ ସମାଜ ବିଶ୍ୱାସ କରିଥାଏ। ତା' ପରେ ସମସ୍ତ ନିମନ୍ତ୍ରିତ ଲୋକଙ୍କୁ ଗଙ୍ଗା ଭୋଜି ଦିଆ ଯାଇଥାଏ। ଭୋଜିରେ ସବୁ ଦ୍ରବ୍ୟ ନିରାମିଷ ହୋଇଥାଏ, ତା ସହ କିଛି ମିଠାର ବ୍ୟବସ୍ଥା ମଧ କରାଯାଇଥାଏ। ଶୁଦ୍ଧି କ୍ରିୟାରେ ଦିଆଯିବା ଭଳି ଏଥିରେ ମଧ ସେପରି ହୋଇଥାଏ। ବିଭିନ୍ନ ପ୍ରଥା ଅନୁଯାୟୀ, ଗଙ୍ଗା ଶ୍ରାଦ୍ଧଟି ସଂପୂର୍ଣ୍ଣ ହୋଇଥାଏ।

**ଉପସଂହାର:** 'ଦଳ' ଜନଜାତିଙ୍କ ଭିତରେ ଭ୍ରାତୃତ୍ୱ ଭାବ ଏବେ ବି ରହିଅଛି। ପିଢ଼ି ପରେ ପିଢ଼ି, ମୃତ ସଂସ୍କାର (ଦଶା କାମ୍‌ର ଏହି ସବୁ ନିୟମାବଳୀକୁ ଗୁରୁତ୍ୱର ସହ ଏମାନେ ପାଳନ କରିଆସିଛନ୍ତି। ଏହି ମହତ୍ କର୍ମ ଭିତରେ ଦେବାଦେବୀ, ପୂର୍ବପୁରୁଷ, ମୃତ ବ୍ୟକ୍ତି ଓ ତା'ର ପରିବାର ବର୍ଗଙ୍କ ପ୍ରତି ଥିବା ଅହେତୁକ ଭକ୍ତି, ସମ୍ମାନ ଓ ଭଲପାଇବା ଦୃଷ୍ଟିଗୋଚର ହୋଇଥାଏ। ଆଧୁନିକତାର ବାତାବରଣ ଏହି ମୃତ ସଂସ୍କାର କର୍ମରେ କୌଣସି କୁ ପ୍ରଭାବ ପକାଇ ପାରିନାହିଁ। ଯୁବ ପିଢ଼ିଠାରୁ

ଆରମ୍ଭ କରି ବୟସ୍କ ଯାଏଁ ସମସ୍ତେ ଏହି କାର୍ଯ୍ୟଟିକୁ ସମ୍ମାନର ସହ ନିର୍ବାହ କରିଥାନ୍ତି। ପରସ୍ପରକୁ ସମ୍ମାନ ଦେଇ ଏହି ମହତ୍ କାର୍ଯ୍ୟ ପରମ୍ପରା କ୍ରମେ ଚଳିଆସୁ ଅଛି।

ପ୍ରାନ୍ତଟୀକା :


୧) ମହାନ୍ତି, କୃଷ୍ଣ କୁମାର ଓ ବେହୁରା, ନବକିଶୋର- ଓଡ଼ିଶାର ଜନଜାତି, ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ-ଭୁବନେଶ୍ୱର-୨୦୧୯, ପୃଷ୍ଠା-୧୦୮।

୨) ସେନାପତି, ରବୀନ୍ଦ୍ର ମୋହନ-ଓଡ଼ିଶାର ଆଦିବାସୀ, ବିଦ୍ୟା ଭାରତୀ ଆଲାମ ଚାନ୍ଦ ବଜାର-କଟକ- ୨,୨୦.୦୯.୨୦୦୬, ପୃଷ୍ଠା-୧୧।


ସହାୟକ ଗ୍ରନ୍ଥସୂଚୀ:


୧) ପସାୟତ, ଚିତ୍ରସେନ୍ (ସଂକଳନ ଓ ସଂମ୍ପାଦନା)। ୨୦୧୬। ଆଦିବାସୀ ମୌଖିକ ସାହିତ୍ୟ ପରମ୍ପରା, ଦ୍ୱିତୀୟ ମୁଦ୍ରଣ। ନୂଆ ଦିଲ୍ଲୀ: ସାହିତ୍ୟ ଅକାଦେମି, ରବିନ୍ଦ୍ର ଭବନ, ୩୫ ଫିରୋଜ୍ ସାହ ରୋଡ୍ । ପୃଷ୍ଠା-୧୩୧, ୧୩୪।

୨) ବେଶ୍ରା, ଦମୟନ୍ତୀ। ୨୦୨୦। ଆଦିବାସୀ ସମାଜ ଓ ସଂସ୍କୃତି। ପ୍ରଥମ ପ୍ରକାଶ। ଭୁବନେଶ୍ୱର: ଏନ୍-୬/୪୨୮, ଆଇ.ଆର୍.ସି ଭିଲେଜ୍, ନୟାପଲ୍ଲୀ।

୩) Ota, A.B., Mohanty, S.C.- DAL Photo Handbook on Tribes of Odisha Series 49, Page- 27, DAL@ SCSTRTI Development Department, Government of Odisha, CRP Square, Bhubaneswar-751003, 2018.

୪) ମଲ୍ଲିକ, ଶ୍ରୀ ସୁବନ। ୨୦୦୪। ଆଦିକନ୍ଧ ସମାଜ ନିୟମାବଳୀ। ପ୍ରଥମ ସଂସ୍କରଣ। ନୂଆପଡ଼ା: ରାଜବୋଡ଼ା ସମ୍ବର ଆଦିକନ୍ଧ ସମାଜ, ଝାରବନ୍ଧ, ଖଡ଼ିଆଲ ରୋଡ଼।



Funding

No funding was received for conducting this study.

Does this article screened for similarity?

Yes

Conflict of interest

The Author has no conflicts of interest to declare that they are relevant to the content of this article.



About the Licenses

© Mahadev Bhoi, Dr. Nivedita Mohanty 2024. The text of this article is open access and licensed under a Creative Commons Attribution 4.0 International License



Cite this Article :

Mahadev Bhoi, Dr. Nivedita Mohanty, Paschima Odisara 'Dala' Janajatinka Mruta Sanskaara Karma: Eka Adhyayana, Bageesha, Vol. No. 02, Issue No. 05, September - October 2024, Article No: BM2024/05-A005 | Page- 39-42

ALOCHANA
ସମାଲୋଚନା
ବିବିଧ ଚର୍ଚ୍ଚା

ଦ୍ୱିତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର - ଅକ୍ଟୋବର ୨୦୨୪
Volume No. 02 | Issue No. 05 | Sep - Oct 2024
Refereed Peer-Reviewed Journal

# ଊନବିଂଶ ଶତାବ୍ଦୀର ଧର୍ମୀୟ ଆନ୍ଦୋଳନ ଓ ଓଡ଼ିଶାର ସାମାଜିକ-ସାଂସ୍କୃତିକ ପରିପ୍ରେକ୍ଷ୍ୟ: ମହିମାଧର୍ମ

■ ଡ. ସତ୍ୟପ୍ରିୟ ମହାଲିକ
ଅଧ୍ୟକ୍ଷ, ଜାମସେଦପୁର ୱାର୍କର୍ସ ମହାବିଦ୍ୟାଳୟ, ଜାମସେଦପୁର, ଝାଡ଼ଖଣ୍ଡ

https://bageesha.in
OPEN ACCESS

**ମୂଳ ଶବ୍ଦ: ଊନବିଂଶ ଶତାବ୍ଦୀ**, ଓଡ଼ିଶା, ସାମାଜିକ ବିଦ୍ରୋହ, ଭୀମଭୋଇ, ଧର୍ମଦର୍ଶନ ମହିମାଧର୍ମ, ସାମାଜିକ ଆନ୍ଦୋଳନ, ସାମାଜିକ- ସାଂସ୍କୃତିକ ଆନ୍ଦୋଳନ

ABSTRACT

**ସାରାଂଶ:** ଊନବିଂଶ ଶତାବ୍ଦୀର ଓଡ଼ିଶାରେ ଏପରି ସାମାଜିକ ବିଦ୍ରୋହର ପରିଣାମ ଯାହାହେବା କଥା ତାହା ଅନୁମାନ କରି ହେଉଛି। ଭୀମଭୋଇ ଓ ତାଙ୍କ ଧର୍ମଦର୍ଶନ ତଥା ସାହିତ୍ୟକୃତିଗୁଡ଼ିକର ମୂଲ୍ୟାୟନ କରିବାକୁ ଗଲାବେଳେ ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ-ସାଂସ୍କୃତିକ ଇତିହାସ, ଆଲୋଚ୍ୟ ଇତିହାସ ପରିପ୍ରେକ୍ଷୀରେ ସାମାଜିକ- ସାଂସ୍କୃତିକ ଆନ୍ଦୋଳନ ଭାବରେ ମହିମାଧର୍ମର ସ୍ୱରୂପ ଇତ୍ୟାଦି ପ୍ରସଂଗକୁ ବିଚାର କହି ଦେଖିବାକୁ ପଡ଼ିବ। ଏକ ସାମାଜିକ- ସାଂସ୍କୃତିକ ଆନ୍ଦୋଳନ ସହ ସଂପୃକ୍ତ ସୃଜନଶୀଳ ଶିଳ୍ପୀଭାବରେ ଭୀମଭୋଇଙ୍କ ବ୍ୟକ୍ତିଗତ ଜୀବନ, ସାଂଗଠନିକ କାର୍ଯ୍ୟକଳାପ ଓ ସାହିତ୍ୟ ସାଧନାର ବିଭିନ୍ନ ଦିଗଗୁଡ଼ିକୁ ମଧ୍ୟଏହି ପରିପ୍ରେକ୍ଷୀରେ ଆଲୋଚନା କରି ଦେଖିବା ଉଚିତ।

ସମୟ ଓ ସମାଜ ସହିତ ସ୍ରଷ୍ଟାର ସଂପର୍କର ଜଟିଳ ସମୀକରଣ ବୁଝିବାରେ ଏହା ସହାୟକ ହୋଇ ପାରୁଥିବା ଯୋଗୁଁ ଏବଂ ମହିମାଧର୍ମ ଓ ତତ୍‌କାଳୀନ ସାମାଜିକ- ସାଂସ୍କୃତିକ ପୃଷ୍ଠଭୂମିରେ ଭୀମଭୋଇଙ୍କୁ ଅଧ୍ୟୟନ କରାଯାଉଥିବା ଯୋଗୁଁ ସେ ସମସ୍ତ ପୃଷ୍ଠଭୂମିର ବହୁ ଅନାବିଷ୍କୃତ ଦିଗ ମଧ୍ୟ ଆଲୋଚନାର ପରିସରଭୁକ୍ତ ହୋଇପାରିବ। ଏ ଆଲୋଚନା ସେଇ ଦିଗରେ ଏକ କ୍ଷୁଦ୍ର ପ୍ରୟାସ ।

ଊନବିଂଶ ଶତାବ୍ଦୀ ନାନାକାରଣରୁ ଭାରତ ବର୍ଷ କାହିଁକି; ସମଗ୍ର ବିଶ୍ୱଇତିହାସରେ ଗୁରୁତ୍ୱପୂର୍ଣ୍ଣ କାଳ ଭାବେ ଗୃହୀତ। ସାମାଜିକ - ସାଂସ୍କୃତିକ ନାନାବିଧ ଆନ୍ଦୋଳନ ଓ ଆଧ୍ୟାତ୍ମିକ ବିପ୍ଳବର ବୈଚିତ୍ର୍ୟ ଏହି କାଳଖଣ୍ଡରେ ସମାଦୃତ ହୋଇଛି। ବିଶ୍ୱ ପରିପ୍ରେକ୍ଷୀରେ ନାନାପ୍ରକାର ସାମାଜିକ ବିପ୍ଳବ ଯେପରି ଭାବେ ବ୍ୟକ୍ତି ଓ ସମାଜର ଅଭିପ୍ରାୟଗୁଡ଼ିକୁ ଭିନ୍ନଭିନ୍ନ ଅବବୋଧଦ୍ୱାରା ଅନୁପ୍ରେରିତ କରିଛନ୍ତି। ଠିକ୍ ସେଇପରି ଭାରତୀୟ ସମାଜ ବ୍ୟବସ୍ଥାରେ ମଧ୍ୟ ଅନୁରୂପ ସାଂସ୍କୃତିକ ଓ ସାମାଜିକ ଆନ୍ଦୋଳନମାନ ପାରଂପାରିକ ମୂଲ୍ୟବୋଧଗୁଡ଼ିକୁ ନୂଆଭାବେ ପରିଭାଷିତ କରିବାର ସୂତ୍ର ତିଆରି କରିଛନ୍ତି।

ଭାରତୀୟ ସମାଜ ବ୍ୟବସ୍ଥା ମୁଖ୍ୟତଃ ଏକ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅବବୋଧ ଦ୍ୱାରା ନିର୍ମିତ। ଏଣୁ ବ୍ୟକ୍ତି ଓ ସମାଜର ନାନାବିଧ ସ୍ୱୀକୃତି ଓ ପ୍ରତ୍ୟୟକୁ ବିଚାର କଲାବେଳେ ଏହି ମୌଳିକ ଅବଧାରଣାଗୁଡ଼ିକ ଦେଇ ବୁଝିବାକୁ ପଡ଼ିଥାଏ। କାଳେ କାଳେ ଭାରତୀୟ ଜନଜୀବନରେ ଧାର୍ମିକ ଓ ଆଧ୍ୟାତ୍ମିକ ଅଭିଲକ୍ଷ୍ୟ ବ୍ୟକ୍ତି ଓ ସମାଜର ନିୟାମକ ହୋଇଆସିଛି। ରାଜନୀତିକ ବ୍ୟବସ୍ଥା ମଧ୍ୟ ଏହି ଧାର୍ମିକ। ଆଧ୍ୟାତ୍ମିକ ପ୍ରକାର୍ଯ୍ୟଗୁଡ଼ିକୁ ଅଧିକ ବିସ୍ତାରିତ କରିବାରେ ସାହାଯ୍ୟ କରିଛନ୍ତି।

ବ୍ରିଟିଶ ଶାସନାଧୀନ ଭାରତବର୍ଷରେ ସର୍ବପ୍ରଥମେ ଏହି ସାମାଜିକ ବ୍ୟବସ୍ଥାର ସଂକଟ ଓ ସ୍ୱରୂପକୁ ନେଇ ମନ୍ଥନ କରାଯାଇଥିଲା। ପରାଧୀନ ଏକ ଜାତୀୟ ଜୀବନ ନାନାକାରଣରୁ ଧର୍ମୀୟ ଶ୍ରେଣୀ ସଂଘର୍ଷ ଦ୍ୱାରା ଉତ୍ପୀଡ଼ିତ ହୋଇ ଆସିଥିଲେ ହେଁ ମୂଳତଃ ଏକ ଆଧ୍ୟାତ୍ମିକ ସୂତ୍ରରେ କେଉଁଠିନା କେଉଁଠି ଗୁନ୍ଥି ହୋଇରହିଥିଲା। କାଳ କାଳର ସାମାଜିକ ଅସଗଂତି ଓ ବୈଷମ୍ୟ ସତ୍ତ୍ୱେ କେଉଁ ସାଂସ୍କୃତିକ ଯୋଗସୂତ୍ରରେ ଏହି ସଂପର୍କଟି ସମଗ୍ର ଭାରତବର୍ଷର ଭିନ୍ନଭିନ୍ନ ଜାତି, ଧର୍ମ, ସଂପ୍ରଦାୟ ଓ ସାମାଜିକ ବର୍ଗର ମଣିଷମାନଙ୍କୁ ଏକାଠି କରାଇ ପାରିଥିଲା।

ଊନବିଂଶ ଶତାବ୍ଦୀର ଭାରତବର୍ଷରେ ଯେଉଁ ସାମାଜିକ ଆନ୍ଦୋଳନ ସବୁ ମୁଣ୍ଡ ଟେକି ଉଠିଥିଲେ; ତାହା ମୁଖ୍ୟତଃ ସାଂସ୍କୃତିକ ଭିତି ତଥା ଧାର୍ମିକ / ଆଧ୍ୟାତ୍ମିକ ବିଚାର ଓ ଦୃଷ୍ଟିଦ୍ୱାରା ପ୍ରେରିତ ହୋଇଥିଲେ। ଭାରତବର୍ଷରେ ଏହି କାରଣରୁ ହିଁ ଆଧୁନିକ ଯୁଗର ଆରମ୍ଭ ବୋଲି ଧରିନିଆଯାଇଛି। ଖ୍ରୀ. ୧୫୬୮ରୁ ୧୮୦୩ କାଳଖଣ୍ଡକୁ ଓଡ଼ିଶାର ସାମାଜିକ-

ସାଂସ୍କୃତିକ ଇତିହାସର ଏକ ସଂକଟମୟ ସମୟଭାବେ ଗ୍ରହଣ କରାଯାଏ। ପ୍ରାୟ ଅଢ଼େଇଶ ବର୍ଷର ଏହି ଅବଧିରେ ମୁସଲମାନ, ମୋଗଲ ଓ ମରାଠିମାନେ ଓଡ଼ିଶାକୁ ଭୋଗ ଦଖଲ କରିଥିଲେ। ଏହି କାଳରେ ଓଡ଼ିଶାର ସାଂସ୍କୃତିକ ଜୀବନ କ୍ଷେତ୍ରରେ ଯେଉଁ ଉତ୍‌ଥାନ ପତନ ହୋଇଥିଲା, ତାହା ପରବର୍ତ୍ତୀ ବ୍ରିଟିଶ ଶାସନକାଳରେ ସାମାଜିକ ଆନ୍ଦୋଳନ ପାଇଁ ଏକ ଏକ ଭିତିଭାବେ କାମ କରିବାକୁ ଲାଗିଲେ।

ଭିନ୍ନଭିନ୍ନ ଗଡ଼ଜାତ ଓ ମୋଗଲବନ୍ଦୀରେ ରାଜା ଓ ଜମିଦାରଙ୍କ ଅନ୍ଧାରୁଆ ଶାସନ, ବ୍ରାହ୍ମଣବାଦୀ ଧର୍ମସଂସ୍କାର ଓ ଆର୍ଥିକ ବିସଙ୍ଗତି ତଥା ଯୁଗଯୁଗର ସାମାଜିକ ବର୍ଗୀକରଣ ମଣିଷ ଭିତରେ ଜାତି, ଧର୍ମ ଓ ସଂପ୍ରଦାୟକୁ ନେଇ ସୁଦୃଢ଼ ପାଚିରୀ ଠିଆ କରାଇ ଦେଇଥିଲା। ଓଡ଼ିଶାର ଗଜପତି ପରଂପରାଟି ଭାଂଗିଯିବା ପରେ ପରେ ସ୍ଥାନୀୟ ରାଜାମାନଙ୍କର ଉଦ୍‌ଭବ ଓ ସାମାଜିକ ସ୍ତରରେ ଜାତିବ୍ୟବସ୍ଥାର ତୀବ୍ର ପ୍ରଚଳନ, ନିମ୍ନବର୍ଗର ଓ ଦଳିତ, ଅସ୍ପୃଶ୍ୟ ଜାତିର ଲୋକଙ୍କପାଇଁ ସବୁଠୁ ବଳୀ ସାମାଜିକ ବିସଙ୍ଗତିକୁ ହିଁ ଡାକି ଆଣିଲା।

ଶିକ୍ଷା, ଧର୍ମ, ବୃତି ଓ ସଂସ୍କାର ପରି ସାମାଜିକ ଆବଶ୍ୟକତା କ୍ଷେତ୍ରରେ ଏହି ବିସଙ୍ଗତି ଏତେ ତୀବ୍ର ହେବାକୁ ଲାଗିଲା ଯେ, ତଳସ୍ତରର ମଣିଷ ଅଧିକରୁ ଅଧିକ ନିଷ୍ପେଷିତ ଓ ଶୋଷିତ ହେବାକୁ ଲାଗିଲେ। ସାମାଜିକ- ଆର୍ଥିକ ବ୍ୟବସ୍ଥା ଭିତରେ ଉଚ୍ଚବର୍ଗର ଲୋକ ନିମ୍ନବର୍ଗର ଲୋକଙ୍କୁ ଅଧିକରୁ ଅଧିକ ଘୃଣା କରିବାକୁ ଲାଗିଲେ।[୧] ଏହି ଘୃଣା, ନକାରାତ୍ମକ ବିଚାର ଓ ସାମାଜିକ ବୈଷମ୍ୟଦ୍ୱାରା ଉତ୍ପୀଡ଼ିତ ଅଧିକାଂଶ ନିମ୍ନବର୍ଗର ଲୋକ ସର୍ବଦା ଏକ ବିକଳ୍ପର ସଂଧାନରେ ଥିଲେ।

ଏହି ବିକଳ୍ପଟି ସାମାଜିକସ୍ତରରେ ଧାର୍ମିକ ଅଭିଲକ୍ଷ୍ୟରୁ ହିଁ ନିସୃତ ହେବାକୁ ଲାଗିଲା। ଆର୍ଯ୍ୟ ସଭ୍ୟତାରୁ ଆନୀତ ଏହି ଅସ୍ପୃଶ୍ୟ ଜାତି ଭେଦ, ବର୍ଣ୍ଣଭେଦ ବ୍ୟବସ୍ଥାଟି କାଳକ୍ରମେ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ଅବଧାରଣାଗୁଡ଼ିକୁ ମଧ୍ୟ ସଂକ୍ରମିତ କରିବାକୁ ଲାଗିଲା। ଯଦିଓ ଏହି ଅସ୍ପୃଶ୍ୟ ମାନେ ହିନ୍ଦୁ ଧର୍ମାଚାରରେ ବିଶ୍ୱାସ ରଖୁଥିଲେ ଓ ହିନ୍ଦୁ ଦେବଦେବୀଙ୍କ ଉପାସନା କରୁଥିଲେ; ତଥାପି ସେମାନଙ୍କୁ ପୂଜାପାଠ, ମନ୍ଦିର ପ୍ରବେଶ ଓ ଧାର୍ମିକ ସଂସ୍କାର ବା ନାନାବିଧ ଧର୍ମାଚାରଠାରୁ ଦୂରରେ ରଖାଯାଉଥିଲା।[୨]

ଏହିଭଳି ନାନା ବୈଷମ୍ୟ ଓ ବିସଙ୍ଗତି ଦ୍ୱାରା ପୀଡ଼ିତ, ସଂକ୍ରମିତ ଓ ପ୍ରଭାବିତ ହେବାଦ୍ୱାରା ସମଗ୍ର ଭରତବର୍ଷରେ ଧର୍ମ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ସର୍ବପ୍ରଥମେ ଏକ ସାମାଜିକ ଆନ୍ଦୋଳନର ସୂତ୍ରପାତ ହେଲା। ଏହି ବିକଳ୍ପ ଧର୍ମବ୍ୟବସ୍ଥା ଭିତରକୁ ହୁଏତ ସର୍ବପ୍ରଥମେ ଏହି ଅସ୍ପୃଶ୍ୟ ବା ନିମ୍ନବର୍ଗର ସାଧୁ- ସନ୍ଥମାନେ ପ୍ରବେଶ କଲେ ଓ ଏକ ବିପ୍ଳବର ସୂତ୍ରଧର ଭାବେ ଧାର୍ମିକ ଆନ୍ଦୋଳନ ଦ୍ୱାରା କାଳକାଳର ଦୃଢ଼ୀଭୂତ ସାମାଜିକ ଆଟୋପଗୁଡ଼ିକୁ ଭାଂଗିଦେବାର ନେତୃତ୍ୱ ନେଲେ। ଦାଦୁ, ରଇଦାସ, ଭୀମଭୋଇ ଓ ଅନ୍ୟାନ୍ୟ ବହୁ ସନ୍ଥ ଏହି ବର୍ଗର ପ୍ରତିନିଧିତ୍ୱ କରିବାକୁ ଲାଗିଲେ।

ଏହିଭଳି ଏକ ପୃଷ୍ଠଭୂମି ଭିତରୁ ମହିମାର୍ଧର ଉଦ୍‌ଭବ ଓ ବିକାଶ ହୋଇଥିଲା। ଯୋଗାଚାର ପଣ୍ଡିତ, ଜ୍ଞାନମିଶ୍ରା ଭକ୍ତିଭିତିକ ପିଣ୍ଡବ୍ରହ୍ମାଣ୍ଡ ସାଧନା- ଯାହା ଉତ୍କଳୀୟ ବୈଷ୍ଣବ ଧର୍ମ ନାମରେ ଓଡ଼ିଶାର ଆଧ୍ୟାତ୍ମିକ ଇତିହାସରେ ପରିଚିତ ରାଗାନୁଗା ପ୍ରେମଭକ୍ତିରେ ନିମଜ୍ଜିତ ହୋଇ ରହିଥିଲା; ତାହାର ପୁନରାବିର୍ଭାବ ଘଟିଲା ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଦୁଇଟି ସ୍ୱତନ୍ତ୍ର ଧର୍ମଧାରାରେ। ଯଥାକ୍ରମେ 'ସତ୍‌ନାମୀ' ଓ 'ମହିମାଧର୍ମ' ଭାବରେ।[୩]

ମହିମାଧର୍ମର ପୃଷ୍ଠଭୂମି ସଂପର୍କରେ ଜାଣିବାକୁ ହେଲେ ମୂଳତଃ ଓଡ଼ିଶାର ଧର୍ମଧାରାଟିକୁ ଖୋଜି ଦେଖିବାକୁ ପଡ଼ିବ। ବୌଦ୍ଧଧର୍ମ, ବ୍ରାହ୍ମଣ୍ୟ ଧର୍ମ ଓ ନିର୍ଗୁଣ ତଥା ନାଥ-ସିଦ୍ଧଧର୍ମ ଓ ସର୍ବୋପରି ପଞ୍ଚସଖାଙ୍କ ଯୋଗ ପଣ୍ଡିତ ଶୂନ୍ୟବାଦୀ- ନିର୍ଗୁଣ ପରଂପରାର ଏକ ସମନ୍ୱିତ ରୂପହେଉଛି ମହିମାଧର୍ମ। ମହିମାପନ୍ଥୀମାନେ ଜାତି ଓ ପୌତ୍ତଳିକତାର ଘୋର ପରିପନ୍ଥୀ ଥିଲେ।

ଶବର ପୂଜିତ ବୁଦ୍ଧରୂପୀ ଜଗନ୍ନାଥ ବ୍ରାହ୍ମଣ୍ୟ ଧର୍ମଧୀଶଙ୍କ ଦ୍ୱାରା କବଳିତ ହୋଇ ପଡ଼ିଥିବା ଯୋଗୁଁ ଓ ପତିତ ଜଗତ ଠାରୁ ଦୂରେଇ ଯାଇ ଉଚ୍ଚବର୍ଗର ଜଗତ ଭିତରେ ସୀମିତ ରହିଥିବା ଯୋଗୁଁ ସମ୍ଭବତଃ ୧୮୮୦ ମସିହାରେ ମହିମାପନ୍ଥୀମାନେ ପୁରୀ ମନ୍ଦିର ଆକ୍ରମର କରିଥିଲେ। ଏହି ଆକ୍ରମଣ ଯୁଗଯୁଗର ରୂଢ଼ିବାଦୀ, ପାରଂପରିକ ସମାଜ ବ୍ୟବସ୍ଥା ବିରୋଧରେ ଏକ ସଶକ୍ତ ସାଂସ୍କୃତିକ ବିଦ୍ରୋହ ଥିଲା। ଚିତ୍ତରଞ୍ଜନ ଦାସଙ୍କ ଭାଷାରେ "...is also ascribed to be the system who had inspired an attack of the puri temple by the new sect of mahima Gosain's followers, claiming that lord Jaganantha did not belong to the brahmins and the higher castes, but to the orignal habitants of the land, the Adivasis"[୪]

ଯଥାର୍ଥରେ କହିବାକୁ ଗଲେ ଊନବିଂଶ ଶତାବ୍ଦୀରେ ସାଂସ୍କୃତିକ ଓ ସାମାଜିକ ଆନ୍ଦୋଳନ ପରିପ୍ରେକ୍ଷୀରେ ସମଗ୍ରଭାରତବର୍ଷରେ ଧର୍ମ ଓ ଆଧ୍ୟାତ୍ମିକତାକୁ ନେଇ ଯେଉଁ ବିଦ୍ରୋହର ସୂତ୍ରପାର ହୋଇଥିଲା ଓ ଯେଉଁ ବିକଳ୍ପର ସଂଧାନ ଖୋଜିବାକୁ ଯାଇ ନିମ୍ନବର୍ଗର ମଣିଷମାନେ ବିଦ୍ରୋହକୁ ଆପଣେଇ ନେଇଥିଲେ; ତାହାରି ଫଳସ୍ୱରୂପ ଓଡ଼ିଶାରେ ମହିମାଧର୍ମର ପ୍ରତିଷ୍ଠା ଓ ପ୍ରସାର ସମ୍ଭବ ହୋଇଥିଲା।

ମହିମାପନ୍ଥୀମାନେ ମହିମାଗୋସେଇଁଙ୍କୁ ବୁଦ୍ଧସ୍ୱାମୀ ବୋଲି କହୁଥିଲେ। ଭାବାତ୍ମକ ଭାଷାରେଏହି ବୁଦ୍ଧସ୍ୱାମୀଙ୍କୁ କେହି କେହି ଆଲୋଚକ ବୌଦ୍ଧଧର୍ମ ସହିତ ଯୋଡ଼ି ଦେଖିଛନ୍ତି। ଆଉ କେହି ଆଲୋଚକ ମହିମା ଗୋସେଇଁ ସ୍ୱୟଂ ଖ୍ରୀଷ୍ଟିଆନ ମିଶନାରୀମାନଙ୍କ ସଂସ୍ପର୍ଶରେ ଆସିଥିବା କଥା ମଧ୍ୟ ଚର୍ଚ୍ଚା କରିଥାନ୍ତି।[୫] ୧୮୦୩ ମସିହାପରେ ଖ୍ରୀଷ୍ଟିଆନ ମିଶନାରୀମାନେ ଓଡ଼ିଶାକୁ ଆସିବାପାଇଁ ସୁଯୋଗ ପାଇଲେ। କଲିକତାର ଶ୍ରୀରାମପୁରଠାରେ ମିଶନାରୀମାନେ ନିଜର କେନ୍ଦ୍ର

ସ୍ଥାପନ କରି ସାରିଥିଲେ। ସମୁଦ୍ର ଦେଇ ପ୍ରଥମେ ସେମାନେ ଉପକୂଳ ଅଂଚଳରେ ହିଁ ନିଜର ଧର୍ମପ୍ରଚାର କରିବାକୁ ସହଜ ମଣିଲେ।

ଖ୍ରୀଷ୍ଟିଆନ ଧର୍ମଧାରାର ଭାତୃଭାବ, ସମାନତାର ବାଣୀ ପ୍ରଚାରିତ ହେଉଥିଲା। ସବୁ ମଣିଷ ଈଶ୍ୱରଙ୍କର ସନ୍ତାନ ଓ ଏଣୁ ପ୍ରତ୍ୟେକ ସମ୍ମାନର ଅଧିକାରୀ। ହିନ୍ଦୁଧର୍ମାଚାରର କଠୋର କଡ଼ି ଭିତରେ ଛନ୍ଦି ହୋଇରହିଥିବା ଅଧିକ ପରିମାଣର ଦଳିତ, ବଂଚିତ ଓ ନିଷ୍ପେଷିତ ନିମ୍ନବର୍ଗର ମଣିଷଙ୍କ ପାଇଁ ସତେ ଯେପରି ଖ୍ରୀଷ୍ଟଧର୍ମ ମୁକ୍ତିର ଏକ ସ୍ୱପ୍ନ ଭୂଇଁ ପରି ମନେହେଲା। ଏହି ବର୍ଗର ମଣିଷ ଯେ ସେତେବେଳେ ଏହି ଅଭିନବ ଧର୍ମ ବିଶ୍ୱାସଟି ପ୍ରତି ଅଧିକ ଢଳି ଯିବାକୁ ମନକରିଥିବେ ଏଥିରେ ସନ୍ଦେହ ନାହିଁ।

ହୁଏତ ତାହାରି ପ୍ରତିକ୍ରିୟା ସ୍ୱରୂପ ସେତେବେଳେ ଆର୍ଯ୍ୟସମାଜ ଓ ବ୍ରାହ୍ମସମାଜପରି ଦୁଇଟି ବିକଳ୍ପ ଧର୍ମ-ଧାରା ପ୍ରତିଷ୍ଠିତ ହେବାକୁ ଲାଗିଲା। ଜାତିଭେଦ ଓ ବର୍ଣ୍ଣଭେଦର ଯେଉଁ ଦୁର୍ଗମ୍ୟ ରାସ୍ତା ନିମ୍ନବର୍ଗର ଲୋକଙ୍କପାଇଁ ତିଆରି ହୋଇଥିଲା ଓ ଆକଟ ହୋଇ ରହିଥିଲା, ତାହାର ଏକ ପ୍ରତିବାଦ ଓ ବିକଳ୍ପ ସଂଧାନ ଭାବେ ହୁଏତ ଏପରି ଧାର୍ମିକ / ଆଧ୍ୟାତ୍ମିକ ଆନ୍ଦୋଳନ ସବୁ ମୁଣ୍ଡ ଟେକି ଉଠିଲେ। ସେହିସବୁ ଆନ୍ଦୋଳନ ହିନ୍ଦୁ ରକ୍ଷଣଶୀଳତାର ଉଗ୍ରମୂଳଗୁଡ଼ାକୁ ଦୋହଲାଇ ଦେଇ ପାରିବାକୁ ଯେତେଦୂର ସମର୍ଥ ହୋଇନଥିଲା, ଲୋକ ସାଧାରଣଙ୍କର ଖ୍ରୀଷ୍ଟଧର୍ମ ପ୍ରତି ରହିଥିବା ଆକର୍ଷଣ-କ୍ଷେତ୍ରରେ ତାହା ହୁଏତ ତାହାଠାରୁ ଅଧିକ ପରିମାଣରେ ଏକ ଅବରୋଧକ ପରି କାର୍ଯ୍ୟ କରି ପାରିଥିଲା। ନାନାକାରଣରୁ ବଂଗର ବ୍ରାହ୍ମଧର୍ମ ବୁଦ୍ଧିଜୀବୀମାନଙ୍କର ପ୍ରାୟ ଏକ ଧର୍ମୀୟ ବିନୋଦ ରୂପେ ସୀମାବଦ୍ଧ ହୋଇରହିଥିଲା। ତତ୍କାଳୀକ ସମାଜର ସମ୍ଭ୍ରାନ୍ତମାନଙ୍କ ମଧ୍ୟରେ ଆଧୁନିକ ଧର୍ମୀୟ ରୁଚିର ଏକ ସନ୍ତକ ହୋଇ ରହିଲା।[୬]

ଭାରତୀୟ ସମାଜ ବ୍ୟବସ୍ଥାରେ ସର୍ବଦା ନିମ୍ନବର୍ଗର ମଣିଷମାନେ ଏକ ମୁଷ୍ଟିମେୟ ଶ୍ରେଣୀଦ୍ୱାରା ନାନାଭାବେ ବିତାଡ଼ିତ, ନିଷ୍ପେଷିତ ହୋଇ ଆସିଥିବା ଯୋଗୁଁ ସମାଜର ତୃଣମୂଳ ଆବେଦନ କ୍ଷେତ୍ରରେ ଦୁଇଟି ପରସ୍ପର ପରିପୂରକ ବିଚାରଧାରାର ଉନ୍ମେଷ ଘଟିଥିଲା। ପ୍ରଥମଟି ହେଲା 'ବିଦ୍ରୋହ' ଓ ଦ୍ୱିତୀୟଟି ହେଲା 'ବିକଳ୍ପ'।

ଆର୍ଯ୍ୟମାନଙ୍କ ଦ୍ୱାରା ଆର୍ଯ୍ୟେତର ମାନେ ବିତାଡ଼ିତ ହୋଇ ବଣଜଙ୍ଗଲ ଆଡ଼କୁ ଚାଲିଯାଇଥିବା ଓ ଏକ ସ୍ୱତନ୍ତ୍ର ଗୋଷ୍ଠୀରେ ବିଭାଜିତ ହୋଇପଡ଼ିଥିବା। ଏହି ମଣିଷ ସମାଜ ମୁଖ୍ୟତଃ ବିକଳ୍ପଟିକୁ ହିଁ ଆପଣେଇ ନେବାର ପକ୍ଷରେ ଥିଲେ। ଆର୍ଯ୍ୟେତର ଏହି ଜନସମୂହ ଓଡ଼ିଶା, ବଂଗ ଓ ବିହାର ପ୍ରଦେଶରେ ସବା ଆଗ ବୌଦ୍ଧଧର୍ମ ଦ୍ୱାରା ଆକୃଷ୍ଟ ହୋଇପଡ଼ିଥିଲେ। ଠିକ୍ ଅନୁରୂପଭାବେ ଏହି ବର୍ଗଟି ସବାଆଗ ଇସ୍‌ଲାମ ଧର୍ମଦ୍ୱାରା ମଧ୍ୟ ପ୍ରଭାବିତ ହୋଇପଡ଼ିଥିଲେ। ଅଧିକାଂଶ ଦଳିତବର୍ଗର ଲୋକ ଖ୍ରୀଷ୍ଟିଆନ ହେବା ପଛରେ ଏହି ସିଦ୍ଧାନ୍ତଟିର ସମର୍ଥନକୁ ଅସ୍ୱୀକାର କରାଯାଇପାରେ।

ସାମାଜିକ ସଂରଚନାର ଏହି ସ୍ଥୂଳ ଆବେଦନଟି ଯେ ଏକ ବିଶାଳ ଜନସମୂହକୁ ଧର୍ମାନ୍ତରୀତ କରିବାକୁ ଅନୁପ୍ରେରିତ କରିଥିଲା ଓ ସେହି କାରଣରୁ ହୁଏତ ଆଉ କିଛି ଦୁଃସାହସୀ ଜନତା ଏକ ବିକଳ୍ପଭାବେ ଏହି ଧର୍ମାନ୍ତରଣକୁ ଆପଣେଇ ନେଇଥିଲେ ଏଥିରେ ସନ୍ଦେହ ନାହିଁ।[୭]

ଠିକ୍ ଏହାର ଅନ୍ୟ ବିକଳ୍ପଭାବେ ମଧ୍ୟ କିଛି ଲୋକ ପ୍ରଚଳିତ ସମାଜବ୍ୟବସ୍ଥାରେ ଉଦବୃତ ଜାତିପ୍ରଥା, ବର୍ଗଭେଦ ଓ ଶୋଷଣଦ୍ୱାରା ଉତ୍ପୀଡ଼ିତ ହୋଇ ବିଦ୍ରୋହ କରିବାକୁ ମନ ବଳାଇ ଥିଲେ। ଏହି ବିଦ୍ରୋହ ରାଜ୍ୟ ଓ ଜମିଦାର ତଥା ଉଚ୍ଚବର୍ଗର ମଣିଷମାନଙ୍କ ବିରୋଧୀରେ ଆରମ୍ଭ ହେଲା। ଧର୍ମୀୟ ଅଭିଚାର ଓ ଦିଅଁ ଦେବତାଙ୍କୁ ମଧ୍ୟ ଏ ବିଦ୍ରୋହ ଦ୍ୱାରା ଆକ୍ରାନ୍ତ କରାଗଲା। ସମାଜର ନାନାବିଧ ଭେଦଭାବ ଓ ଅସମାନତାକୁ ଅସ୍ୱୀକାର କରୁଥିବା ଯୋଗଁ ହୁଏତ ମହିମାପନ୍ଥୀ ପରି କିଛି ଆନ୍ଦୋଳନକୁ ତତ୍କାଳୀନ ଉଚ୍ଚବର୍ଗର ଲୋକ କିରସ୍ତାନୀ ଓ ବିଧର୍ମୀ ବୋଲି କହିବାକୁ ପଛେଇନଥିଲେ। ଏସବୁ ସତ୍ତ୍ୱେ ମହିମାଧର୍ମ ଲୋକସମାଜରେ ଯଥେଷ୍ଟ ଆଦର ଲାଭ କରିଥିଲା ଓ କ୍ରମେ ସଂଘ ତଥା ସମାଜ ଭିତରୁ ଯାଇ ଏ ଧର୍ମ ଗୃହୀମାନଙ୍କ ନିକଟରେ ମଧ୍ୟ ପହଂଚି ପାରିଥିଲା।

ସୂକ୍ଷ୍ମଭାବରେ ବିଚାର କରି ଦେଖିଲେ ଊନବିଂଶ ଶତାବ୍ଦୀର ସାମାଜିକ ସଂରଚନାରେ ମହିମାଧର୍ମର ଯୋଗଦାନ ଅତି ବିସ୍ମୟକର।ଏହି ଧର୍ମଧାରାଟି ସର୍ବୋଦୌ କୌଣସି ରାଜନୁଗ୍ରହ ବିନା କିମ୍ବା କୌଣସି ପୃଷ୍ଠପୋଷକତା ବିନା ଲୋକମୁଖୀ ହୋଇ ପାରିଥିଲା। ଏହି କଥାଟିର ସତ୍ୟତା ଭୀମଭୋଇଙ୍କ ନିମ୍ନ ବକ୍ତବ୍ୟରୁ ମିଳେ।[୮]

"ରାଜାର ପରଜା ନୋହୁ ସିନା ଆମ୍ଭେ ନୋହୁ ସାହୁର ଖାତକ
ଯହିଁ ଗୁରୁ ନେବେ ତହିଁ ଯାଇ ଆମ୍ଭେ କେଅବା କରୁ ଅଟକ।"

ଊନବିଂଶ ଶତାବ୍ଦୀର ଓଡ଼ିଶାରେ ଏପରି ସାମାଜିକ ବିଦ୍ରୋହର ପରିଣାମ ଯାହାହେବା କଥା ତାହା ଅନୁମାନ କରି ହେଉଛି। ଭୀମଭୋଇ ଓ ତାଙ୍କ ଧର୍ମଦର୍ଶନ ତଥା ସାହିତ୍ୟକୃତିଗୁଡ଼ିକର ମୂଲ୍ୟାୟନ କରିବାକୁ ଗଲାବେଳେ ଊନବିଂଶ ଶତାବ୍ଦୀର ଓଡ଼ିଶାର ସାମାଜିକ- ସାଂସ୍କୃତିକ ଇତିହାସ, ଆଲୋଚ୍ୟ ଇତିହାସ ପରିପ୍ରେକ୍ଷୀରେ ସାମାଜିକ-ସାଂସ୍କୃତିକ ଆନ୍ଦୋଳନ ଭାବରେ ମହିମାଧର୍ମର ସ୍ୱରୂପ ଇତ୍ୟାଦି ପ୍ରସଂଗକୁ ବିଚାର କହି ଦେଖିବାକୁ ପଡ଼ିବ। ଏକ ସାମାଜିକ-ସାଂସ୍କୃତିକ ଆନ୍ଦୋଳନ ସହ ସଂପୃକ୍ତ ସୃଜନଶୀଳ ଶିଳ୍ପୀଭାବରେ ଭୀମଭୋଇଙ୍କ ବ୍ୟକ୍ତିଗତ ଜୀବନ, ସାଂଗଠନିକ କାର୍ଯ୍ୟକଳାପ ଓ ସାହିତ୍ୟ ସାଧନାର ବିଭିନ୍ନ ଦିଗଗୁଡ଼ିକୁ ମଧ୍ୟ ଏହି ପରିପ୍ରେକ୍ଷୀରେ ଆଲୋଚନା କରି ଦେଖିବା ଉଚିତ।

ସମୟ ଓ ସମାଜ ସହିତ ସ୍ରଷ୍ଟାର ସଂପର୍କର ଜଟିଳ ସମୀକରଣ ବୁଝିବାରେ ଏହା ସହାୟକ ହୋଇ ପାରୁଥିବା ଯୋଗୁଁ ଏବଂ ମହିମାଧର୍ମ ଓ ତତ୍କାଳୀନ ସାମାଜିକ-ସାଂସ୍କୃତିକ ପୃଷ୍ଠଭୂମିରେ ଭୀମଭୋଇଙ୍କୁ ଅଧ୍ୟୟନ କରାଯାଉଥିବା ଯୋଗୁଁ ସେ ସମସ୍ତ ପୃଷ୍ଠଭୂମିର ବହୁ ଅନାବିଷ୍କୃତ ଦିଗ ମଧ୍ୟ ଆଲୋଚନାର ପରିସରଭୁକ୍ତ ହୋଇପାରିବ।

**ପ୍ରାନ୍ତଟୀକା :**

୧) ଦାସ, ଚିତ୍ତରଞ୍ଜନ, ସନ୍ଥ (ଭକ୍ତି) ସାହିତ୍ୟ, ଓ.ସା.ଏ/ ଭୁବନେଶ୍ୱର, ୧୯୮୨, ପୃ-୫୫୫

୨) Pradhan, A.C, The Emergences of Depressed classes, Bookland International, Bhubaneswar, 1986, P.3

୩) ମହାନ୍ତି, ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର କ୍ରମବିକାଶ, ଅଗ୍ରଦୂତ, କଟକ, ୧୯୯୩, ପୃ. ୨୧୪

୪) Das Chitta Ranjan, A Glimpse in to Oriya Literature, Orissa sahitya Akademi, Bhubaneswar, 1982, P-158

୫) ଦାସ, ଚିତ୍ତରଞ୍ଜନ, ସନ୍ଥ (ଭକ୍ତି) ସାହିତ୍ୟ, ପୃ. ୫୫୯

୬) ତତ୍ରୈବ, ପୃ-୫୫୯

୭) ପାତ୍ର, ପ୍ରଫୁଲ୍ଲ କୁମାର, ଓଡ଼ିଶାରେ ବାପଟିଷ୍ଟ ମିଶନାରୀ ସୋସାଇଟିର କାର୍ଯ୍ୟ ଏବଂ ଖ୍ରୀଷ୍ଟୀୟ ମଣ୍ଡଳୀ ସ୍ଥାପନାର ଇତିହାସ (୧୮୨୨- ୧୯୪୨), ଓଡ଼ିଶା ମିଶନ ପ୍ରେସ୍, କଟକ, ୧୯୪୩, ପୃ-୯୯

(୮) ଭୋଇଭୀମ, ସ୍ତୁତିଚିନ୍ତାମଣି (ଚଉଷଠୀ ବୋଲି) ଧର୍ମଗ୍ରନ୍ଥ ଷ୍ଟୋର୍, କଟକ, ୧୯୭୭, ପୃ. ୧୨୮

●

ALOCHANA
ସମାଲୋଚନା
ନୂ ଆ ଫ ର୍ଦ୍ଦ
ଦ୍ୱିତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର - ଅକ୍ଟୋବର ୨୦୨୪
Volume No. 02 | Issue No. 05 | Sep - Oct 2024
Refereed Peer-Reviewed Journal
OPEN ACCESS
https://bageesha.in

# ହାଇପୋଥେସିସ୍/ଅନୁମାନତତ୍ତ୍ୱ (ନମୁନା: ରେବତୀ)

■ ଡ. ରବୀନ୍ଦ୍ର କୁମାର ଦାସ

ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ, ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

**ମୂଳ ଶବ୍ଦ: ଅନୁମାନ ତତ୍ତ୍ୱ, ପ୍ରସ୍ତାବିତ ପରିକଳ୍ପନା, ଗବେଷକର ବତୀଘର, ସମ୍ଭାବ୍ୟ ବ୍ୟାଖ୍ୟାନ, ଗବେଷଣା ପରୀକ୍ଷଣ ଆୟୁଧ, ହାଇପୋଥେସିସ୍, ଭାଷାସାହିତ୍ୟ ଗବେଷଣା କ୍ଷେତ୍ରୀୟ ଆଭିମୁଖ୍ୟ।**

ABSTRACT

**ସାରାଂଶ:** ଏଇ ଗବେଷଣା ପତ୍ରଟିରେ ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପଟିକୁ ନମୁନା ଭାବରେ ଗ୍ରହଣପୂର୍ବକ ହାଇପୋଥେସିସକୁ ସରଳ ଭାବରେ ବ୍ୟାଖ୍ୟା କରିବା ଲାଗି ଚେଷ୍ଟା କରାଯାଇଛି। 'ରେବତୀ' ଗଳ୍ପଟି ୧୮୯୮ ମସିହାରେ 'ଉତ୍କଳ ସାହିତ୍ୟ' ପତ୍ରିକାରେ ପ୍ରକାଶ ପାଇଥିଲା। ଏଇ ଗଳ୍ପଟିରେ ପାଟପୁର ଗ୍ରାମର କରଣ ଶ୍ୟାମବନ୍ଧୁ ମହାନ୍ତି, ତାଙ୍କ ସ୍ତ୍ରୀ, ତାଙ୍କ ଦଶବରଷର ଝିଅ ରେବତୀ, ରେବତୀର ଜେଜୀମା, ଯୁବଶିକ୍ଷକ ବାସୁଦେବ, ଦୁଇଗୋଟି ଗାଈ ପ୍ରଭୃତି ଚରିତ୍ର ରହିଛନ୍ତି । ଗଳ୍ପର ଆରମ୍ଭରେ ଶ୍ୟାମବନ୍ଧୁଙ୍କ ଘର ହସଖୁସିରେ ପୂରି ଉଠିଛି । ତେବେ ପାଟପୁର ଗ୍ରାମରେ ଯେତେବେଳେ ଅପର ପ୍ରାଇମେରୀ ବିଦ୍ୟାଳୟ ବାସଯାଇଛି ଏବଂ ସେଇ ବିଦ୍ୟାଳୟର ଶିକ୍ଷକ ଭାବରେ ବାସୁଦେବ ଯୋଗ ଦେଇ ଶ୍ୟାମବନ୍ଧୁଙ୍କ ପରିବାର ସହିତ ଜଡ଼ିତ ହୋଇ ରେବତୀ ପାଠ ପଢୁ ବୋଲି ପରାମର୍ଶ ଦେଇଛନ୍ତି ଓ ସେଥିରେ ଶ୍ୟାମବନ୍ଧୁ ସମ୍ମତି ପ୍ରଦାନ କରିଛନ୍ତି- ଠିକ୍ ସେଇଠାରୁ ଗଳ୍ପର ମୋଡ଼ ବଦଳିଯାଇଛି । ଅପରିବର୍ତ୍ତନୀୟ ପାରମ୍ପରିକତାର ପ୍ରତିନିଧି ଜେଜୀମା ତିରିଲା ଝିଅ ରେବତୀର ପାଠପଢ଼ାକୁ ଘୋର ବିରୋଧ କରିଛି । ତାହାରି ଭିତରେ ବାସୁ ଭାଇ ସହିତ ରେବତୀର ନୀରବ ପ୍ରେମ ସମ୍ପର୍କ ଗଢ଼ି ଉଠିଛି । ରେବତୀ ଘର ଲୋକ ସେଥିରେ ମଧ୍ୟ ସମ୍ମତ ହୋଇଛନ୍ତି । କିନ୍ତୁ ହଠାତ ଶ୍ୟାମବନ୍ଧୁଙ୍କ ପରିବାରରେ କଳାମେଘ ଘୋଟି ଆସିଛି । ପ୍ରଥମେ ଶ୍ୟାମବନ୍ଧୁ, ତାପରେ ରେବତୀର ମାଆ, ତାପରେ ବାସୁ ଭାଇ ଏବଂ ଗଳ୍ପର ଶେଷ ଭାଗରେ ରେବତୀ ଓ ଜେଜୀମା ମୃତ୍ୟୁ ବରଣ କରିବାର ଅବିଚ୍ଛିନ୍ନ ବିୟୋଗାନ୍ତକତା ଏ ଗଳ୍ପଟିକୁ ଅନନ୍ତ କାରୁଣ୍ୟ ଆଡ଼କୁ ପଥ କଢ଼ାଇନେଇଛି ।

ଧରାଯାଉ ଜଣେ ଗବେଷକ ବା ଆଲୋଚକ ଫକୀରମୋହନ ସେନାପତିଙ୍କର ଏଇ ଗଳ୍ପଟିକୁ ପଢ଼ିଲା। ଏ ଗଳ୍ପରେ ଘଟିଥିବା ବିଭିନ୍ନ ଆନୁକ୍ରମିକ ଘଟଣାକୁ ପର୍ଯ୍ୟବେକ୍ଷଣ(Step:1-make an observation) କଲା। ତାପରେ ସେଇ ଅନୁଭବୀ ପାଠକ/ଗବେଷକ/ବିଚାରକ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କିମାରିଲା(Step:2- ask questions)। ଯଥା:

ପ୍ରଶ୍ନ-୧: ଗଳ୍ପର ଆରମ୍ଭ ପୂର୍ବରୁ ଜେ. ଏଚ୍. ଗୁର୍ଣ୍ଣିଙ୍କ କବିତାର ଉଦ୍ଧୃତାଂଶ(But oft some shining April morn/Is//)ରେ ଉଲ୍ଲେଖ କରାଯାଇଥିବା 'shining April morn'(ଶ୍ୟାମବନ୍ଧୁଙ୍କ ପରିବାରର ମାନବୀୟ ସୁଖସୌଭାଗ୍ୟର ଉଷାକାଳ) ହଠାତ୍ ଘନକୃଷ୍ଣ ଅନ୍ଧକାର ଦ୍ୱାରା ଆଚ୍ଛାଦିତ ହେଇ ଦୁଃଖଦୁର୍ଭାଗ୍ୟରେ ପରିଣତ ହେଇଗଲା କ'ଣ ପାଇଁ ? ଏହା କ'ଣ ସେଇ ତଥାକଥିତ ଅଦୃଷ୍ଟ ଏବଂ ମାନବୀୟ ସଂଘର୍ଷର ଏକ ବିପର୍ଯ୍ୟସ୍ତ ତଥା ଭୟଙ୍କର କୁପରିଣାମ?

ପ୍ରଶ୍ନ-୨ : ତତ୍କାଳୀନ ଉପନିବେଶୀୟ ଶାସନ ବ୍ୟବସ୍ଥାରେ ଡାକ୍ତରୀ ଚିକିତ୍ସା ଏତେ ମାତ୍ରାରେ ଉଦାସୀନ ଏବଂ ଅସଜଡ଼ା ହେଇପଡ଼ିବାର କାରଣ କ'ଣ ଥିଲା?

ପ୍ରଶ୍ନ-୩: ରେବତୀ ପାଠ ପଢ଼ିବାରୁ ବାସୁଦେବଙ୍କ ସମେତ ଶ୍ୟାମବନ୍ଧୁଙ୍କ ପରିବାରର ପ୍ରତ୍ୟେକ ସଦସ୍ୟ ମୃତ୍ୟୁବରଣ କରିବା କ'ଣ ଏକ ଅନ୍ଧବିଶ୍ୱାସାଚ୍ଛନ୍ନ ପରିଣାମ ଥିଲା ନା ଆଉ କିଛି?

ପ୍ରଶ୍ନ-୪ : ନାରୀଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଗାଳ୍ପିକଙ୍କର ସାଧୁ ଉଦ୍ୟମ ଶେଷରେ ବିଫଳୀକୃତ ପ୍ରତ୍ୟାଶାରେ ପର୍ଯ୍ୟବସିତ ହେଇଗଲା କ'ଣ ପାଇଁ?

ପ୍ରଶ୍ନ-୫: ପାଶ୍ଚାତ୍ୟ ଟ୍ରାଜେଡିକୁ ପ୍ରାଚ୍ୟ ପ୍ରେକ୍ଷାପଟରେ ପ୍ରତିଷ୍ଠା କରାଇବା ପାଇଁ ଏ ଧରଣର ପଦକ୍ଷେପ ଫକୀରମୋହନଙ୍କ ଦ୍ୱାରା ଜ୍ଞାତବ୍ୟତାର ସହିତ ସମ୍ପାଦନ କରାଯାଇ ନାହିଁ ତ?

ଗବେଷକ ମନରେ ଅନେକ ସମସ୍ୟା, ଅନେକ ପ୍ରଶ୍ନ। ସେ ଜାଣେନା କେଉଁ ପ୍ରଶ୍ନ ବା ସମସ୍ୟାକୁ ପାଥେୟ କରି

ଏକ ତର୍କସିଦ୍ଧ ପରିସମାପ୍ତି ଦିଗରେ ଅଗ୍ରସର ହେବା ତଥାପି ପର୍ଯ୍ୟବେକ୍ଷଣ ଜାରି ରହିଛି। ଅନୁସନ୍ଧାନ ଅବ୍ୟାହତ। ଗବେଷଣା କ୍ଷେତ୍ରରେ ଏହି ଧରଣର ଅନିର୍ଦ୍ଦିଷ୍ଟ ତଥା ଅନୁମାନସର୍ବସ୍ୱ ଆନ୍ତରିକ ସଂପୃକ୍ତିକୁ ହାଇପୋଥେସିସ ବା ପରିକଳ୍ପନା ବା ଅନୁମାନ ସିଦ୍ଧାନ୍ତ ବା ଅନୁମିତିବାଦ (Step: 3- form a hypothesis)କୁହାଯାଏ।

ଏବେ 'ରେବତୀ' ଗଳ୍ପଟିକୁ ଏକ ନମୁନା ଭାବେ ଅବଲମ୍ବନ କରି ହାଇପୋଥେସିସର ସାମଗ୍ରିକ ଅନୁଷଙ୍ଗକୁ ବିଶ୍ଳେଷଣ କରାଯାଉ ।

**ଉପକ୍ରମ:** ସମକାଳୀନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯେତେବେଳେ ଗବେଷଣା କାର୍ଯ୍ୟ ଆରମ୍ଭ ହୁଏ, ସେତେବେଳେ ବିଷୟ ନିର୍ବାଚନ ଏବଂ ବିଷୟ ସର୍ବେକ୍ଷଣର ପରବର୍ତ୍ତୀ ସ୍ତରଭାବରେ 'ହାଇପୋଥେସିସ୍' ବା ଅନୁମାନତତ୍ତ୍ୱର ଭୂମିକାକୁ ବିଚାରକୁ ନିଆଯାଏ। ହାଇପୋଥେସିସ୍ ଶବ୍ଦରେ ଦୁଇଟି ଶବ୍ଦାଂଶ ରହିଛି। ଯଥା : 'ହାଇପୋ' (hypo) ଏବଂ 'ଥେସିସ୍' (thesis)। 'ହାଇପୋ'ର ଅର୍ଥ 'tentative' ବା 'subject to the verification'। ଅର୍ଥାତ୍ ଯାହା ଅନିର୍ଦ୍ଦିଷ୍ଟ ବା ଯଥାର୍ଥତା ନିରୂପଣ ପାଇଁ ଅପେକ୍ଷା ରଖେ, ତାହାକୁ 'ହାଇପୋ' କୁହାଯାଏ। 'ଥେସିସ୍'ର ଅର୍ଥ ହେଉଛି 'statement about solution of a problem' ବା ଏକ ସମସ୍ୟା(ଗବେଷଣା ବିଷୟ)ର ସମାଧାନ ସମ୍ପର୍କିତ ବ୍ୟାଖ୍ୟାନ । ମୋଟ ଉପରେ ଯଥାର୍ଥତାଯୁକ୍ତ ଜ୍ଞାନ ବା ସତ୍ୟଠାରୁ ନ୍ୟୁନତାଯୁକ୍ତ (less than thesis) ଅନୁଷଙ୍ଗକୁ 'hypo' କୁହାଯାଏ ଏବଂ ଯଥାର୍ଥତାଯୁକ୍ତ ଜ୍ଞାନ ବା ସତ୍ୟକୁ ଅନ୍ୱେଷଣ କରି ତାହାକୁ ପ୍ରତିଷ୍ଠିତ ସିଦ୍ଧାନ୍ତ ତଥା ସାଧରଣୀକରଣତା ପ୍ରଦାନ କରିବାକୁ 'thesis' କୁହାଯାଏ। ଅନ୍ୟ ଭାବରେ କହିଲେ ବାର୍ତ୍ତମାନିକ ଜ୍ଞାନ ଓ ତତ୍ତ୍ୱ ମଧ୍ୟରୁ ଆହରିତ ଓ ସମସାମୟିକ ଅନୁମାନ ଦ୍ୱାରା ସଂଚାଳିତ ପ୍ରକ୍ରିୟାକୁ ହାଇପୋଥେସିସ୍ କୁହାଯାଏ। ଏହା ଗବେଷଣାର ପ୍ରାରମ୍ଭିକ ସ୍ତରରେ ଅଜ୍ଞାତ ଘଟଣାର ଜ୍ଞାତବ୍ୟତା ନିରୂପଣ ଓ ତଥ୍ୟ ଅନୁସନ୍ଧାନର ରୂପରେଖ ହିସାବରେ ବ୍ୟବହୃତ ହୋଇଥାଏ। ସଂକ୍ଷେପରେ ଜଣାଶୁଣା ତଥ୍ୟ ଆଧାରିତ ଆନୁମାନିକତା ବା ପରିକଳ୍ପନାକୁ ହୋଇପୋଥେସିସ୍ ବୋଲି ମଧ୍ୟ କହିହେବ।

ଅନୁମାନ ତତ୍ତ୍ୱର ପରିଭାଷା, ପରିସର ଏବଂ ପ୍ରକୃତି: ଗ୍ରୀକ ଶବ୍ଦ "hupotithemi" ରୁ ହାଇପୋଥେସିସ୍ ଶବ୍ଦ ବ୍ୟୁପତ୍ତିଲାଭ କରିଛି ବୋଲି କୁହାଯାଏ। ଏହି ଶବ୍ଦଟି ପ୍ରଥମେ 'to put under' ବା 'to suppose'(ଅନ୍ଦାଜ) ଅର୍ଥରେ ବ୍ୟବହୃତ ହେଉଥିଲା। ଅର୍ଥାତ୍ ଏହି ମୂଳ ଗ୍ରୀକ୍ ଶବ୍ଦ ମଧ୍ୟ ଅନୁମାନକୁ ହିଁ ସୂଚିତ କରୁଥିଲା। କେହି କେହି ହାଇପୋଥେସିସକୁ ଗବେଷଣାର ଦ୍ୱିତୀୟ ସ୍ତର ଭାବରେ ମଧ୍ୟ ଗ୍ରହଣ କରିଥାନ୍ତି। ବିଷୟ ନିର୍ବାଚନ(selection of a problem) ପରେ ଏହି ହାଇପୋଥେସିସ୍ ଗବେଷକକୁ ଗବେଷଣା କାର୍ଯ୍ୟରେ କ୍ରମଶଃ ଅଗ୍ରସର ହେବାରେ ଯଥେଷ୍ଟ ସହଯୋଗ କରିଥାଏ।

ଗବେଷକ 'ରେବତୀ' ଗଳ୍ପ ପାଠକରିସାରିବା ପରେ ତା' ମନ ମଧ୍ୟରେ ବିଭିନ୍ନ ବିଷୟାଶ୍ରୟୀ ପ୍ରଶ୍ନ ଜିଜ୍ଞାସା ସୃଷ୍ଟିକଲା। ଏହି ଜିଜ୍ଞାସାକୈନ୍ଦ୍ରିକ ବହୁମୁଖୀ ପ୍ରଶ୍ନଶୀଳ ଅନୁସନ୍ଧାନ ହିଁ ପରିକଳ୍ପନା ବା ଅନୁମାନ ସିଦ୍ଧାନ୍ତ। 'ରେବତୀ' ଗଳ୍ପ ବିମର୍ଶ ପ୍ରସଙ୍ଗରେ ଯେଉଁ ପାଞ୍ଚ/ଛଅ ପ୍ରକାରର ପ୍ରଶ୍ନ ପ୍ରବନ୍ଧର ଆରମ୍ଭରେ ପ୍ରଦାନ କରାଯାଇଛି, ସେ ସବୁ ହେଉଛି ଗୋଟିଏ ଗୋଟିଏ ଅନୁମାନ ବିଶେଷ। ଯେତେବେଳେ ଗବେଷକ ବିଜ୍ଞାନସମ୍ମତ ତଥା ତର୍କପୂର୍ଣ୍ଣ ଦୃଷ୍ଟିକୋଣ ନେଇ ସେଇ ପ୍ରଶ୍ନ ବା ସମସ୍ୟାସମୂହର ସମୀକ୍ଷାତ୍ମକ ମୂଲ୍ୟାଙ୍କନ କରେ ସେତେବେଳେ ତନ୍ମଧ୍ୟରୁ କିଛି ନାକଚ(reject hypothesis) ହେଇଯାଏ ଏବଂ ଆଉ କିଛି ଗୃହୀତ(accept hypothesis) ହୋଇଥାଏ। ଯେଉଁ ଗୁଡ଼ିକ ଗୃହୀତ ହୁଏ, ସେଗୁଡ଼ିକ ଏକ ସମୀକ୍ଷାତ୍ମକ ମୂଲ୍ୟାୟନ ଦ୍ୱାରା ପ୍ରମାଣସିଦ୍ଧ ଯଥାର୍ଥତା ଲାଭକରି ସର୍ବଜନାଦୃତି ଅର୍ଜନ କରେ। ସେତେବେଳେ ତାହାକୁ 'ଥେସିସ' ବା 'ଗବେଷଣାଲବ୍ଧ ବିଜ୍ଞାନସମ୍ମତ ସମୀକ୍ଷାତ୍ମକ ମୂଲ୍ୟାୟନ' (step:4 - conduct an experiment)ବୋଲି କୁହାଯାଏ। ଏଠାରେ ଯେଉଁ ପରୀକ୍ଷଣ ସ୍ତର କଥା ସୂଚିତ, ତହିଁରେ ଗ୍ରହଣ ଏବଂ ପ୍ରତ୍ୟାଖ୍ୟାନ ଉଭୟ ଅନ୍ତର୍ଭୁକ୍ତ ହୋଇଥାନ୍ତି। ଗବେଷଣା ସମୟରେ ଗବେଷକକୁ ଯେଉଁ ପରିବର୍ତ୍ତନଶୀଳ ଉପାଦାନଗୁଡ଼ିକ (variables) ବିଜ୍ଞାନସମ୍ମତ ବୋଧ ହୁଅନ୍ତି, ସେଗୁଡ଼ିକ ଗବେଷଣା ସନ୍ଦର୍ଭଭୁକ୍ତ ହୁଅନ୍ତି ଆଉ ଯେଉଁ ଗୁଡ଼ିକ ଅଯୌକ୍ତିକ ସେଗୁଡ଼ିକୁ ଗବେଷଣା ସନ୍ଦର୍ଭଭୁକ୍ତ କରାଯାଏ ନାହିଁ। କେହି କେହି ପର୍ଯ୍ୟବେକ୍ଷଣ, ପ୍ରଶ୍ନାବଳୀ, ପରିକଳ୍ପନା, ପରୀକ୍ଷଣ, ବିଶ୍ଳେଷଣ ଓ ଉପସଂହାର ସାହିତ୍ୟ ଗବେଷଣା କ୍ଷେତ୍ରରେ ବିଶେଷ କରି ପ୍ରଥମେ ପର୍ଯ୍ୟବେକ୍ଷଣ; ତାପରେ ପରିକଳ୍ପନା ଗଠନ; ତାପରେ ଗବେଷଣାର ରୂପରେଖ ପ୍ରସ୍ତୁତି; ତାପରେ ସଂଗୃହୀତ ତଥ୍ୟ ବିଶ୍ଳେଷଣ; ତାପରେ ମୂଲ୍ୟାୟନର ସ୍ତରାନୁକ୍ରମ ରହିଥାଏ ।

**ପରିକଳ୍ପନାର ସଂଜ୍ଞା ନିରୂପଣ:** ବିଭିନ୍ନ ସମାଲୋଚକ ପରିକଳ୍ପନା ବା ଅନୁମାନ ତତ୍ତ୍ୱର ଭିନ୍ନ ଭିନ୍ନ ସଂଜ୍ଞା ପ୍ରଦାନ କରିଛନ୍ତି। ସେ ସବୁକୁ ଆନୁକ୍ରମିକ ରୀତିରେ ନିମ୍ନରେ ସଂଯୁକ୍ତ କରାଗଲା। ଯଥା:

ସଂଜ୍ଞା: ୧- Ordinarily, when one talks about hypothesis, one simply means a mere assumption or some supposition to be proved or disproved. But for a researcher hypothesis is a formal question that he intends to resolve. Thus a hypothesis may be defined as a proposition or set of proposition set forth as an explanation for the occurrence of some specified group of phenomena either asserted merely as a provisional conjuncture to guide some investigation or accepted as highly probable in the light of established facts. (C R Kothari and

Gaurav Garg ).

ସଂଜ୍ଞା: ୨- Any supposition which we make in order to endeavour to deduce conclusions (J S Mill )

ସଂଜ୍ଞା: ୩- It is a tentative supposition or provisional guess which seems to explain the situation under observation. (J E Greighton )

ସଂଜ୍ଞା: ୪- It is a tentative generalisation the validity of which remains to be tested. (Lundberg)

ସଂଜ୍ଞା: ୫- A theory when stated as a testable proposition formally and clearly and subjected to empirical or experimental verification is known as hypothesis. (M Verma )

ସଂଜ୍ଞା : ୬- A hypothesis is a conjectural statement of the relationship between two or more variables. (Kerlinger)

ଉପରେ ଦିଆଯାଇଥିବା ଅନୁମାନତତ୍ତ୍ୱର ଇଂରାଜୀ ପରିଭାଷାସମୂହରେ ପ୍ରାୟତଃ ଗୋଟିଏ କଥାକୁ ବିଭିନ୍ନ ଭଙ୍ଗୀରେ କୁହାଯାଇଛି। ସେଗୁଡ଼ିକୁ ଯଦି ଓଡ଼ିଆରେ ବ୍ୟାଖ୍ୟା କରାଯାଏ, ତେବେ ତାହା ନିମ୍ନୋକ୍ତ ପ୍ରକାରେ ହେବ। ଯଥା :

୧. "ସାଧାରଣ ଭାବେ କହିଲେ ପ୍ରମାଣସିଦ୍ଧ କିମ୍ବା ପ୍ରମାଣଅସିଦ୍ଧ ବୋଲି ଘୋଷିତହେବାକୁ ଯାଉଥିବା କିଛି ପରିକଳ୍ପନାକୁ ବା ଆନୁମାନିକତାକୁ ଆମେ ବୁଝିଥାଉ। ତେବେ ଜଣେ ଗବେଷକ କ୍ଷେତ୍ରରେ ହାଇପୋଥେସିସ କହିଲେ ଗବେଷଣାଗତ ସାଧାରଣ ପ୍ରଶ୍ନାବଳୀର ସମାଧାନ ପ୍ରସଙ୍ଗକୁ ସୂଚିତ କରିଥାଏ। ଅତଏବ ହାଇପୋଥେସିସକୁ ଏକ ପ୍ରସ୍ତାବ ବା ପ୍ରସ୍ତାବସମୂହ ରୂପରେ ପରିଭାଷିତ କରାଯାଇପାରେ, ଯାହା କୌଣସି ନିର୍ଦ୍ଦିଷ୍ଟ ଘଟଣାସମୂହ ଘଟିତ ହେବାଲାଗି ଏକ ସ୍ପଷ୍ଟୀକରଣ ଭାବରେ ପ୍ରସ୍ତୁତ କରାଯାଇଥାଏ କିମ୍ବା କୌଣସି ଅନୁସନ୍ଧାନକୁ ନିର୍ଦ୍ଦେଶିତ କରିବା ଲାଗି ଏକ ସମ୍ଭାବ୍ୟ ସଂଯୋଜନ ଭାବରେ ଏହାକୁ ଗ୍ରହଣ କରାଯାଇଥାଏ କିମ୍ବା ପ୍ରସ୍ଥାପିତ ତଥ୍ୟାବଳୀର ପରିପ୍ରକାଶନ ଲାଗି ଅଧିକ ସମ୍ଭାବନାଶୀଳ ଉପାଦାନ ଭାବେ ଏହାକୁ ସ୍ୱୀକୃତି ଦିଆଯାଇଥାଏ ।"(କୋଠାରି ଏବଂ ଗର୍ଗ)।

୨. କୌଣସି ଅନୁମାନ, ଯାହା ଆମକୁ ନିଷ୍କର୍ଷ ନିର୍ଣ୍ଣୟ କରିବା ପାଇଁ ପ୍ରୟାସଶୀଳ କରାଇଥାଏ, ତାହାକୁ ହାଇପୋଥେସିସ କୁହାଯାଏ। (ମିଲ୍)।

୩. ଏହା ଏକ ଅସ୍ଥାୟୀ ଅନୁମାନ ଯେଉଁଥିରେ ପର୍ଯ୍ୟବେକ୍ଷଣ ଅଧୀନରେ ଥିବା ଆନୁଷଙ୍ଗିକ ପରିସ୍ଥିତିର ବ୍ୟାଖ୍ୟା କରିବା ଭଳି ପ୍ରତୀୟମାନ ହେଇଥାଏ।"(ଗ୍ରେଗଟନ)।

୪. "ଏହା ଏକ ସାମୟିକ ସାଧାରଣୀକରଣତା, ଯାହାର ବୈଧତା ପରୀକ୍ଷଣ ପାଇଁ କେବଳ ଅପେକ୍ଷା କରାଯାଇଥାଏ।"(ଲୁଣ୍ଡବର୍ଗ )।

୫. "ଯେତେବେଳେ କୌଣସି ସିଦ୍ଧାନ୍ତକୁ ଔପଚାରିକ ଏବଂ ପ୍ରାଞ୍ଜଳ ଭାବରେ ଏକ ପରୀକ୍ଷାଯୋଗ୍ୟ ପ୍ରସ୍ତାବ ରୂପେ ପ୍ରସ୍ତୁତ କରାଯାଇଥାଏ ଏବଂ ସେହି ପ୍ରସ୍ତାବ ଅଭିଜ୍ଞତା ସାପେକ୍ଷତା କିମ୍ବା ପରୀକ୍ଷଣଧର୍ମୀ ଯଥାର୍ଥତାକୁ ଅବଲମ୍ବନ କରି ସଂଚାଳିତ ହୋଇଥାଏ, ତାହାକୁ ହାଇପୋଥେସିସ କୁହାଯାଏ।" (ବର୍ମା )।

୬. "ଦୁଇ ବା ତହିଁରୁ ଅଧିକ ପରିବର୍ତ୍ତନଶୀଳ ଉପାଦାନସମୂହ ମଧ୍ୟରେ ଆନୁମାନିକ କଥନ ହେଉଛି ପରିକଳ୍ପନା।"(କାଲିଞ୍ଜର)

**<u>ଅନୁମାନ ତତ୍ତ୍ୱର ପରିସର ଏବଂ ସ୍ୱରୂପ :</u>** ଅନୁମାନ ତତ୍ତ୍ୱ ବା ପରିକଳ୍ପନା ସର୍ବଦା ଏକ ଆଗ୍ରହାନୁସନ୍ଧିତ୍ସୁ କାରକ ଭାବରେ ଗବେଷଣା କ୍ଷେତ୍ରରେ କାର୍ଯ୍ୟ କରିଥାଏ। ଏଥିରେ ଆନୁମାନିକ ସତ୍ୟତା ହିଁ ପ୍ରମୁଖ ସଂଚାଳକ ହୋଇଥାଏ। ସତ୍ୟାନ୍ୱେଷୀ ଅନୁଶୀଳନଶୀଳତା ଏହାର କେନ୍ଦ୍ରବିନ୍ଦୁ। ସାଧାରଣ ଜ୍ଞାନ ଏବଂ ଅନୁମାନକୁ ଅବଲମ୍ବନ କରି ଅନୁମାନ ତତ୍ତ୍ୱ ନିର୍ମାଣ ହୋଇଥାଏ। ଗବେଷଣାଗତ ସୈଦ୍ଧାନ୍ତିକ ପରିଣତିର ଏ ହେଉଛି ବତୀଘର ସଦୃଶ। ଏହା ହେଉଛି ଏକ ସୁଦୃଢ଼ ସାଧାରଣୀକରଣତା, ଯାହା ଗୋଟିଏ ଜ୍ଞାନ ଆଧାରିତ ସିଦ୍ଧାନ୍ତ ଦ୍ୱାରା ନିୟନ୍ତ୍ରିତ ହେଇଥାଏ। ଗବେଷକ ଅନୁସନ୍ଧାନ ସାହାଯ୍ୟରେ ଯେଉଁ ବିଷୟରେ ଗବେଷଣାକରି ଅନ୍ତିମ ନିଷ୍କର୍ଷ ପ୍ରାପ୍ତହେବା ଲାଗି ଚାହିଁଥାନ୍ତି, ସେହି ଚାହିଁବା ବା ଅନୁସନ୍ଧାନ କରିବା ହିଁ ଅନୁମାନ ସିଦ୍ଧାନ୍ତର ମୁଖ୍ୟ ପରିସର ରୂପେ କଥିତ ହୋଇଥାଏ।

ଅନୁମାନ ତତ୍ତ୍ୱକୁ 'power of prediction' ବା ପ୍ରାକପରିକଳ୍ପନାର ଶକ୍ତି ବୋଲି କୁହାଯାଏ। ଏହା ସର୍ବଦା ପର୍ଯ୍ୟବେକ୍ଷଣୀୟ ଉପାଦାନସମୂହ ସହିତ ନିବିଡ଼ ଭାବରେ ଜଡ଼ିତ ହୋଇ ରହିଥାଏ। ସନ୍ଦିଗ୍ଧତା ବା ଜଟିଳ ସ୍ଥିତିକୁ ଏହା ସର୍ବଦା ସରଳତା ଓ ପରିଚ୍ଛନ୍ନତାକୈନ୍ଦ୍ରିକ ପରିମଣ୍ଡଳରେ ସ୍ଥାପନ କରେ। ପରୀକ୍ଷାଧର୍ମୀତା, ପ୍ରାମାଣିକତା, ଦୃଢ଼ନିଷ୍ଠତା, ପ୍ରାସଙ୍ଗିକତା ପ୍ରଭୃତି ହେଉଛି ହାଇପୋଥେସିସ୍‌ର ଗୋଟିଏ ଗୋଟିଏ ସ୍ୱରୂପ। ନୂତନ ଜ୍ଞାନ ଅନ୍ୱେଷା ତଥା ଆବିଷ୍କାର ଲାଗି ଏହା ଏକ ଫଳପ୍ରଦ କାରକ ରୂପରେ ଗବେଷକ ବା ତତ୍ତ୍ୱ ଅନ୍ୱେଷକକୁ ସାହାଯ୍ୟ କରିଥାଏ।

ମାନସିକଧାରଣା, ବର୍ଣ୍ଣନାତ୍ମକପ୍ରାରୂପ, ପରମୌଖିକବିବରଣୀ ପ୍ରଦାନ, ତଥ୍ୟାତ୍ମକ ପରିବେକ୍ଷଣଧର୍ମୀତା, ପରୀକ୍ଷଣଧର୍ମୀତା, ସମ୍ମୁଖମନସ୍କତା, ଆଗ୍ରଗାମୀ ମଧ୍ୟସ୍ଥୀକରଣତା ପ୍ରଭୃତି ହାଇପୋଥେସିସର ଗୋଟିଏ ଗୋଟିଏ ଗୁଣଧର୍ମ ରୂପେ ଚିହ୍ନିତ। ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପକୁ ପଢ଼ି ସାରିବା ପରେ ପ୍ରଥମେ ଗୋଟିଏ ମାନସିକ ଧାରଣା ନିର୍ମାଣ ହେବ। ସେ ଗଳ୍ପରେ ସମସ୍ତ ଚରିତ୍ର କାହିଁକି ମୃତ୍ୟୁ ବରଣକଲେ ତାକୁ ନେଇ ଆଲୋଚକ ମନରେ ବିଭିନ୍ନ ଆନୁମାନିକତା ସୃଷ୍ଟି ହେବ। ତାପରେ ସେଇ ଗଳ୍ପରେ ଥିବା ବର୍ଣ୍ଣନାତ୍ମକ ପ୍ରାରୂପକୁ ନେଇ ଗବେଷକ ଚିନ୍ତାମଗ୍ନ ହେବ। ତାପରେ ଆରମ୍ଭ ହେବ ଖୋଜାଲୋଡ଼ା, ପର୍ଯ୍ୟବେକ୍ଷଣ ଆଉ ଅନ୍ୱେଷଣ। ବିଭିନ୍ନ ପରୀକ୍ଷାନିରୀକ୍ଷା ପରେ ଗବେଷକ ଗବେଷଣା କରିବାକୁ ସମ୍ମୁଖମନସ୍କ ହେବ। ଆଗକୁ ଆଗକୁ ପାଦ ବଢ଼େଇବ। ବିଭିନ୍ନ

ପରିବର୍ତ୍ତନଶୀଳ ଉପାଦାନ ଗବେଷକ ସମ୍ମୁଖରେ ତରଙ୍ଗ ସୃଜିବେ। ତାପରେ ଗଳ୍ପର କଥନକାଳ, କଥାକାଳ, ଆଭିମୁଖ୍ୟ, ଅଭିପ୍ରାୟ ଆଦିକୁ ଦୃଷ୍ଟିରେ ରଖି ଗବେଷକ ଗୋଟେ ପରେ ଗୋଟେ ଆକଳନ ଜାରିରଖିବ। ତତ୍କାଳୀନ ପ୍ରେକ୍ଷାପଟ, ଅନ୍ଧବିଶ୍ୱାସ, କୁସଂସ୍କାର, ସଂସ୍କାରଧର୍ମିତା, ନିୟତି ନିର୍ଦ୍ଦିଷ୍ଟତା ପ୍ରଭୃତିକୁ ଗୋଟିଏ ଗୋଟିଏ ଆଗ୍ରଗାମୀ ମଧ୍ୟସ୍ଥି ଭାବରେ ନିର୍ଣ୍ଣୟ କରି ଗବେଷଣାକୁ ଚୂଡ଼ାନ୍ତ ପରିଣତି ଆଡ଼କୁ ଘେନିଯିବ। ଏହା ହିଁ ହେଉଛି ହାଇପୋଥେସିସର ପ୍ରମୁଖ ପରିପଥ। ଏହି ପରିପଥରେ ଗବେଷକ ଧୈର୍ଯ୍ୟ ଓ ଚତୁରତାର ସହିତ ବିଜ୍ଞାନସମ୍ମତ ରୀତିରେ ଗତି କରି କରି ଶେଷରେ ଜ୍ଞାତବ୍ୟତା ତଥା ଉପସଂହାରରେ ପଦାର୍ପଣ କରିଥାଏ। ସେଥିପାଇଁ ଅନୁମାନ ତତ୍ତ୍ୱକୁ pivot of scientific research ବା ବିଜ୍ଞାନସମ୍ମତ ଗବେଷଣାର ଅକ୍ଷବିନ୍ଦୁ ବୋଲି ମଧ୍ୟ କୁହାଯାଏ। ଏହାକୁ ସମ୍ଭାବ୍ୟ ସମାଧାନର ପନ୍ଥା ବୋଲି ମଧ୍ୟ କୁହାଯାଏ।

ବିଭ୍ରାନ୍ତି ବା ସନ୍ଦେହମୁକ୍ତ ଆକଳନ ପରିକଳ୍ପନାର ଅନ୍ୟତମ ସ୍ୱରୂପ ଭାବେ ବିଚାର୍ଯ୍ୟ। ବିଭିନ୍ନ ପରିବର୍ତ୍ତନଶୀଳ ଉପାଦାନ(variables)ଗୁଡ଼ିକ ମଧ୍ୟରେ ଯେତେବେଳେ ଏହା ସହଯୋଗୀ ଭୂମିକାରେ ଅବତୀର୍ଣ୍ଣ ହୁଏ, ସେତେବେଳେ ବାର୍ତ୍ତମାନିକ ଆବଶ୍ୟକତାକୁ ଆଖି ଆଗରେ ରଖି କ୍ରମଶଃ ଅସ୍ଥାୟୀ ବା ସାମୟିକ ମନେ ହେଉଥିବା ଆକଳନରୁ ଏହା ଉଦବର୍ତ୍ତିତ ହୋଇ ଯୁକ୍ତିସଂଗତ ସିଦ୍ଧାନ୍ତ ଦିଗରେ ଅଗ୍ରସର ହୋଇଥାଏ। ତାପରେ ପ୍ରତ୍ୟକ୍ଷ ଭାବରେ ପ୍ରମାଣଯୋଗ୍ୟ ଘଟଣା ସହିତ ସମ୍ବନ୍ଧିତ ହୋଇଥାଏ। ଜ୍ଞାନ ବା ତତ୍ତ୍ୱ ପ୍ରତିଷ୍ଠା କ୍ଷେତ୍ରରେ ଉପୁଜିଥିବା ମୌଳିକ ସମସ୍ୟାକୁ ସମାଧାନ କରି ଗବେଷଣା କାର୍ଯ୍ୟକୁ ତ୍ୱରାନ୍ୱିତ କରେ।

ହାଇପୋଥେସିସ ହେଉଛି ଗବେଷକର ଚକ୍ଷୁ ପରି। ଏହା କେବଳ ଗବେଷଣା ଉପରେ ଏକାଗ୍ରତା ନିର୍ମାଣକରେ। ଏହା ସ୍ୱଷ୍ଟ ଓ ସ୍ୱତନ୍ତ୍ର ଲକ୍ଷ୍ୟ ପଥରେ ବ୍ରତୀ ହୋଇଥାଏ। ପାରସ୍ପରିକ ସମ୍ପୃକ୍ତି ଦ୍ୱାରା ସଂଚାଳିତ ତଥ୍ୟରାଜି ମଧ୍ୟରେ ଏହା ସଂଯୋଗ ସେତୁ ପରି କାର୍ଯ୍ୟ କରେ। ଉପରଠାରିଆ ଭାବରେ ଯୋଡ଼ାତାଳି ଦେଇ ଗବେଷଣା କାର୍ଯ୍ୟକୁ ଯେନତେନ ପ୍ରକାରେଣ ସମାପନ କରିଦେବାକୁ ଏହା ଘୋର ବିରୋଧ କରେ।

**<u>ଅନୁମାନତତ୍ତ୍ୱର ବୈଶିଷ୍ଟ୍ୟ:</u>** ପରୀକ୍ଷଣଯୋଗ୍ୟତା, ତାର୍କିକତା, ସକାରାତ୍ମକତା, ସ୍ୱଷ୍ଟତା, ପ୍ରାସଙ୍ଗିକତା ପ୍ରଭୃତି ଅନୁମାନ ତତ୍ତ୍ୱର ବୈଶିଷ୍ଟ୍ୟ ରୂପେ ସ୍ୱୀକାର୍ଯ୍ୟ। ଗବେଷକ ଯେତେବେଳେ ଅନୁମାନ ତତ୍ତ୍ୱକୁ ସ୍ୱୀକାର କରୁଛି ବା ଅସ୍ୱୀକାର କରୁଛି ସେତେବେଳେ ସେ କାହିଁକି ଏବଂ କେଉଁ କାରଣରୁ ସ୍ୱୀକାର ବା ଅସ୍ୱୀକାର କରୁଛି, ତାହାର ବିଜ୍ଞାନସମ୍ମତ କାରଣ ଦେବାକୁ ପଡ଼େ। ସେଥିପାଇଁ ବିଜ୍ଞାନସମ୍ମତ ଉପାୟ ମଧ୍ୟ ଗବେଷକକୁ ଅବଲମ୍ବନ କରିବାକୁ ପଡ଼େ। ଗବେଷକକୁ ବହୁ ସମୟରେ ପରୀକ୍ଷଣଅଯୋଗ୍ୟ ତଥ୍ୟଗୁଡ଼ିକୁ ଏକତ୍ର କରିବାକୁ ହୁଏ। ଗବେଷଣାକୁ ଚୂଡ଼ାନ୍ତ ରୂପରେଖ ପ୍ରଦାନ କରିବା ପାଇଁ ଗବେଷକକୁ ଯଥେଷ୍ଟ ପରିମାଣରେ ବିଚାର ବିମର୍ଶ କରିବାକୁ ହୁଏ। ଅନୁମାନ ତତ୍ତ୍ୱ ଯାଦୃଚ୍ଛିକ ନହୋଇ ତାର୍କିକତାଯୁକ୍ତ ହେଲେ ଭଲ। ସେଥିରେ ଯଥାର୍ଥତା ମଧ୍ୟ ସମ୍ପାଦିତ ହେବା ବିଧେୟ। ସକାରାତ୍ମକ ମାର୍ଗରେ ଗବେଷଣା କର୍ମ ସମାପ୍ତ ହେବା ଆବଶ୍ୟକ। ଆଲୋଚନା ବା ବିଶ୍ଳେଷଣ ଅସ୍ୱଷ୍ଟ ନ ହୋଇ ସ୍ୱଷ୍ଟ ହେଲେ ଗବେଷକ ତାର ଉପଯୁକ୍ତ ଲକ୍ଷ୍ୟ ସ୍ଥଳରେ ଉପନୀତ ହୋଇପାରିବ। ପ୍ରାସଙ୍ଗିକତା ବିହୀନ ଗବେଷଣା ପ୍ରକୃତ ଗବେଷଣାର ପଦବାଚ୍ୟ କେବେ ବି ହୋଇପାରିବ ନାହିଁ। ଏଥିରେ ସମସ୍ତ ତତ୍ତ୍ୱ ସମ୍ମିଳିତ ହେବା ଆବଶ୍ୟକ। ଗବେଷଣା ସୁସଂରଚିତ ହେଲେ ପରବର୍ତ୍ତୀ ପିଢ଼ି ପାଇଁ ତାହା ମାଇଲ ଖୁଣ୍ଟ ପାଲଟିଯାଏ।

**<u>ଅନୁମାନ ତତ୍ତ୍ୱର ପ୍ରକାର୍ଯ୍ୟ:</u>** ଯେ କୌଣସି ସମସ୍ୟାର ସାମୟିକ ସମାଧାନ ପାଇଁ ଏହା ପଥ ଫିଟାଇବା ସହିତ ଗବେଷକକୁ ଗୋଟିଏ ପରିକଳ୍ପନା ଭୂମିରୁ ଆଉ ଗୋଟିଏ ପରିକଳ୍ପନା ଭୂମିକୁ ନେଇଯାଇଥାଏ। ଯୁକ୍ତିଯୁକ୍ତ ପର୍ଯ୍ୟବେକ୍ଷଣ ଓ ସୁନିର୍ଦ୍ଦିଷ୍ଟ ମାର୍ଗ ଚୟନରେ ଗବେଷକକୁ ଏହା ସମ୍ବେଦିତ କରେ। ଜଟିଳତାରୁ ସରଳତା ଆଡ଼କୁ ପଥ କଢ଼ାଇ ନିଏ। ଗବେଷଣା କ୍ଷେତ୍ରରେ ଏହା ବତୀଘରର ଦିଗବାରେଣୀ ଆଲୋକ ସଦୃଶ କାର୍ଯ୍ୟ କରେ। ତଥ୍ୟ ସଂଗ୍ରହ ପରେ ସତ୍ୟତା ନିର୍ଣ୍ଣୟ ପାଇଁ ଗବେଷକକୁ ସ୍ୱଚ୍ଛ ଏବଂ ଯଥାର୍ଥ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବାରେ ସହାୟକ ହୋଇଥାଏ। ବିରୋଧଭାସରୁ ଗବେଷକକୁ ନିବୃତ୍ତ କରାଇ ବୈଜ୍ଞାନିକ ବ୍ୟବସ୍ଥିତ ଏବଂ ସୁନିୟୋଜିତ ଗବେଷଣା କର୍ମ ଦିଗରେ ଅଗ୍ରଗ କରାଇବାରେ ଏହାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ସମ୍ଭାବିତ ସମାଧାନ ହେଉଛି ଅନୁମାନ ତତ୍ତ୍ୱର ମୁଖ୍ୟ ପ୍ରକାର୍ଯ୍ୟ। ଏହା ଦ୍ୱାରା ଗବେଷଣା ସମସ୍ୟା(ବିଷୟ)ର ପ୍ରକୃତି, ବୈଶିଷ୍ଟ୍ୟ, ସୀମା ନିର୍ଦ୍ଧାରଣ, ପଦ୍ଧତି ଚୟନ, ନୀତି ନିର୍ଦ୍ଧାରଣ ଆଦି ସ୍ଥିରୀକୃତ ମଧ୍ୟ ହୁଏ।

**<u>ଅନୁମାନ ତତ୍ତ୍ୱର ଭିତ୍ତିଭୂମି ଓ ଉତ୍ସମୂଳ ନିରୂପଣ:</u>** ହାଇପୋଥେସିସ ଗଠନର ଭିତ୍ତିଭୂମି ଭାବରେ ପର୍ଯ୍ୟବେକ୍ଷଣ, ପ୍ରତିଫଳନ, ନିଗମନ ଓ ଯଥାର୍ଥତାଯୁକ୍ତ ନିର୍ଣ୍ଣୟକୁ ବିଚାରକୁ ନିଆଯାଇଥାଏ। ଧରାଯାଉ ଜଣେ ଗବେଷକ 'ରେବତୀ' ଗଳ୍ପକୁ ପର୍ଯ୍ୟବେକ୍ଷଣ କଲା। ତାକୁ ପାଶ୍ଚାତ୍ୟ ନବଜାଗରଣକାଳୀନ ସାହିତ୍ୟର ଆତ୍ମିକ ବିଭବ ସହିତ ସାଦୃଶ୍ୟାୟିତ କଲା। ସଂଯୋଗ, ବିଯୋଗ ମାଧ୍ୟମରେ ସେ ଗଳ୍ପକୁ ବୌଦ୍ଧିକତାର ତରାଜୁରେ ତଉଲିଲା। ତାପରେ ସେ ଦେଖିଲା ଯେ ପାଶ୍ଚାତ୍ୟ ନବଜାଗରଣକାଳୀନ ସାହିତ୍ୟରେ "ମଣିଷକୁ ନିଜ ଭାଗ୍ୟର ନିର୍ମାତା (man is the creator of his own destiny)" ବୋଲି କୁହାଯାଇଛି। ମଣିଷକୁ ସବୁ କିଛିର ଊର୍ଦ୍ଧ୍ୱରେ ବୋଲି ପ୍ରତିଷ୍ଠା ଦିଆଯାଇଛି। ମଣିଷର ଆଶାବିଶ୍ୱାସ, ଦୁଃଖଦୁର୍ଭାଗ୍ୟ, ସୁଖସୌଭାଗ୍ୟ ଆଦି ମାନବୀୟ ଗୁଣଧର୍ମକୁ ସାହିତ୍ୟର କେନ୍ଦ୍ର ଭାବରେ ଗ୍ରହଣ କରାଯାଇଛି। ଈଶ୍ୱର ପରିବର୍ତ୍ତେ ମଣିଷକୁ; ସ୍ୱର୍ଗ ପରିବର୍ତ୍ତେ ମର୍ତ୍ତ୍ୟକୁ ସାହିତ୍ୟର କେନ୍ଦ୍ରୀୟ ବିଭବ ଭାବରେ ସ୍ୱୀକୃତି ପ୍ରଦାନ କରାଯାଇଛି। ତେବେ 'ରେବତୀ' ଗଳ୍ପରେ ସେଇ ନବଜାଗରଣକାଳୀନ ବିବିଧ ଗୁଣଧର୍ମ ରହିଥିଲେ ମଧ୍ୟ ଆଲୋଚ୍ୟ ଗଳ୍ପରେ ମଣିଷ ଏବଂ ନିୟତି/ ଅଦୃଷ୍ଟ (unseen) ମଧ୍ୟରେ ଚାଲିଥିବା ହାତାହାତି ଲଢ଼େଇରେ ମଣିଷ ପରାଜିତ ହୋଇଛି। ତେଣୁ 'ଉତ୍କଳ ସାହିତ୍ୟ'

ପତ୍ରିକାରେ ଫକୀରମୋହନଙ୍କ ଦ୍ୱାରା ପ୍ରତିଷ୍ଠାପିତ ହୋଇଥିବା Rev. J. H. Gurney ଙ୍କର କବିତାଂଶରେ ଯେଉଁ("But oft some shining April morn /Is darkened in an hour /And blackest griefs o'er Joyous home /Alas ! unseen may lower.") ଆଭିପ୍ରାୟିକତା ରହିଛି, ତାହାକୁ ଜ୍ଞାତସାରରେ ପ୍ରତିଫଳିତ କରାଇଛନ୍ତି ସେହି 'ରେବତୀ' ଗଳ୍ପରେ। ଅତଏବ ମାନବବାଦ ଏଇ ଗଳ୍ପରେ ବିପର୍ଯ୍ୟସ୍ତ ରୂପ ଧାରଣ କରିଛି। ସେ ସ୍ଥାନରେ ନିୟତିବାଦ ହିଁ ଗଳ୍ପର ଉତ୍ସମୂଳ ଭାବରେ ଚିହ୍ନିତ ହୋଇଛି। ଏ ଧରଣର ବିଶ୍ଳେଷଣରେ ଯାହା ପ୍ରଥମେ ନିଗମନ(based on incomplete evidence) ଉପରେ ପର୍ଯ୍ୟବସିତ ଥିଲା, ବର୍ତ୍ତମାନ ତାହା ଯଥାର୍ଥ ଆକଳନ(thesis)ଭାବରେ ନିର୍ଣ୍ଣିତ ହେଲା। ରେବତୀ ଗଳ୍ପକୁ ପର୍ଯ୍ୟବେକ୍ଷଣ କରିବା ପରେ ଯେଉଁ ଅନିର୍ଦ୍ଦିଷ୍ଟତାଯୁକ୍ତ ଆକଳନ ବା 'ହାଇପୋ' ଗବେଷକକୁ ସମ୍ବେଦିତ କରିଥିଲା, ତାହା ଏବେ ନିର୍ଦ୍ଦିଷ୍ଟତାଯୁକ୍ତ ନିର୍ଣ୍ଣିତି ବା 'thesis'ରେ ପରିଣତ ହେଲା।

**ହାଇପୋଥେସିସର ପ୍ରକାରଭେଦ:** ଅନୁମାନ ତତ୍ତ୍ୱ ମୁଖ୍ୟତଃ ଦୁଇ ପ୍ରକାରର। ଯଥା:ବିକଳ୍ପାତ୍ମକ (alternative) ଅନୁମାନ ତତ୍ତ୍ୱ ଏବଂ ନାସ୍ତିସୂଚକ(negetive/ null ) ଅନୁମାନ ତତ୍ତ୍ୱ। ବିକଳ୍ପାତ୍ମକ ଅନୁମାନ ତତ୍ତ୍ୱରେ ଦୁଇଟି ପରିବର୍ତ୍ତନଶୀଳ ନମୁନା ମଧ୍ୟରେ ସମ୍ବନ୍ଧ ରହିଥାଏ। ଏଇ ଦୁଇ ନମୁନାରେ ଯୁକ୍ତାତ୍ମକ ସମ୍ବନ୍ଧ ରହିଥାଏ। ଏହି ଅନୁମାନ ତତ୍ତ୍ୱରେ ଗବେଷକକୁ ଯାହା ସମ୍ଭାବନାପୂର୍ଣ୍ଣ ବୋଧ ହୁଏ, ତାହାକୁ ସେ ଗ୍ରହଣ କରିଥାଏ। ନାସ୍ତିସୂଚକ(null) ବା ଶୂନ୍ୟ ପରିକଳ୍ପନାରେ ପାରିସାଂଖ୍ୟିକ ପରୀକ୍ଷଣ ଲାଗି ନାସ୍ତିଧର୍ମୀ ପ୍ରକଳ୍ପକୁ ଗ୍ରହଣ କରାଯାଇଥାଏ। ଦୁଇ ବା ତହିଁରୁ ଅଧିକ ପରିବର୍ତ୍ତନଶୀଳ ଉପାଦାନ ମଧ୍ୟରେ କୌଣସି ତାତ୍ପର୍ଯ୍ୟପୂର୍ଣ୍ଣ ବା ଉପାଦାନ ମଧ୍ୟରେ ଥିବା ପାରସ୍ପରିକ ସଂପୃକ୍ତିକୁ ଆକଳନ କରାଯାଇଥାଏ। ଏହି ଅନୁମାନ ତତ୍ତ୍ୱରେ ଗବେଷକକୁ ଯାହା ଅସତ୍ୟ (disprove ) ବା ଅବୈଜ୍ଞାନିକ ବୋଧ ହୁଏ, ତାହାକୁ ପ୍ରତ୍ୟଖ୍ୟାନ କରେ। ଏହାକୁ Ho ଦ୍ୱାରା ଚିହ୍ନିତ କରାଯାଇଥାଏ।

ଅନୁମାନ ତତ୍ତ୍ୱର ଗଠନ, ପ୍ରକୃତି, ପ୍ରସଙ୍ଗ ପ୍ରୟୋଗର ଗଢ଼ଣ ଆଦିକୁ ଦୃଷ୍ଟିରେ ରଖି ନିମ୍ନରେ ପ୍ରଦତ୍ତ ଅନୁମାନ ତତ୍ତ୍ୱର ଦୃଷ୍ଟାନ୍ତମୂଳକ ପ୍ରକାରଭେଦକୁ ମଧ୍ୟ ଦୃଷ୍ଟି ପଥାରୂଢ଼ କରାଯାଇପାରେ। ଯଥା:

୧. ସରଳ (simple )ଅନୁମାନ ତତ୍ତ୍ୱ: ଏଥିରେ ଗୋଟିଏ ସ୍ୱତନ୍ତ୍ର ନିର୍ଭରଶୀଳ ପରିବର୍ତ୍ତନୀୟ ଉପାଦାନ ଏବଂ ଗୋଟିଏ ଏକକ ଅନିର୍ଭରଶୀଳ ପରିବର୍ତ୍ତନୀୟ ଉପାଦାନ ମଧ୍ୟରେ ଘଟୁଥିବା ସମ୍ପୃକ୍ତିର ଆନୁମାନିକ ଆକଳନ କରାଯାଇଥାଏ।

୨. ଜଟିଳ ପରିକଳ୍ପନା(compex hypothesis ): ଏକାଧିକ ଅନିର୍ଭରଶୀଳ ଉପାଦାନ ବା ଏକାଧିକ ନିର୍ଭରଶୀଳ ଉପାଦାନ ମଧ୍ୟରେ ଘଟୁଥିବା ଅନୁମାନଯୁକ୍ତ ବ୍ୟାଖ୍ୟାନକୁ ଜଟିଳ ପରିକଳ୍ପନା କୁହାଯାଏ।

୩. ନିର୍ଦ୍ଦେଶାତ୍ମକ (directional) ପରିକଳ୍ପନା: ଏଥିରେ ଅନୁସୃତ ହେଉଥିବା ଅପେକ୍ଷିତ ଦିଗକୁ ହ୍ରସ୍ୱୀକରଣ ନହେଲେ ବର୍ଦ୍ଧନ କରାଯାଇଥାଏ। ଏଥିରେ ସମ୍ଭାବିତ ନିର୍ଦ୍ଦେଶକୁ ସୂଚିତ କରିବା ସହିତ ବିଜ୍ଞାନସମ୍ମତ ଉପାଦାନଗୁଡ଼ିକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଥାଏ।

୪. ଅନିର୍ଦ୍ଦେଶାତ୍ମକ ପରିକଳ୍ପନା: ଉପାଦାନ ଓ ଉପଲବ୍ଧ ପ୍ରମାଣ ମଧ୍ୟରେ ଯେତେବେଳେ ଯଥାର୍ଥ ସମ୍ପୃକ୍ତି ଓ ପାର୍ଥକ୍ୟ ନିର୍ଣ୍ଣୟ ହୋଇପାରେ ନାହିଁ, ସେତେବେଳେ ତାହାକୁ non-directional hypothesis କୁହାଯାଏ।

୫. କାର୍ଯ୍ୟକାରଣ(cause and effect)କୈନ୍ଦ୍ରିକ ପରିକଳ୍ପନା: କାର୍ଯ୍ୟକାରଣ ପ୍ରଭାବୀ ଉପାଦାନସମୂହର ଆକଳନ ଯେଉଁ ଅନୁମାନ ତତ୍ତ୍ୱରେ ହୋଇଥାଏ, ତାହାକୁ କାର୍ଯ୍ୟକାରଣକୈନ୍ଦ୍ରିକ ପରିକଳ୍ପନା କୁହାଯାଏ।

୬. ପ୍ରଶ୍ନରୂପମୂଳକ(question form)ପରିକଳ୍ପନା: ଗବେଷକ ନିକଟରେ ପରିକଳ୍ପନା ଯେତେବେଳେ ଗୋଟିଏ ପ୍ରଶ୍ନସୂଚୀ ଭାବରେ ରହିଥାଏ, ସେତେବେଳେ ସେ ପ୍ରମାଣସିଦ୍ଧ ପର୍ଯ୍ୟବେକ୍ଷଣ ଦ୍ୱାରା ଅତି ସହଜ ଏବଂ ସରଳ ରୀତିରେ ତାର ସମାଧାନ କରିଥାଏ।

୭. ବିକଳ୍ପ(alternative) ପରିକଳ୍ପନା: କେତେକ ଯାଦୃଚ୍ଛିକ କାରଣ ଦ୍ୱାରା ସରଳ ପର୍ଯ୍ୟବେକ୍ଷଣସମୂହ ଅତି ସହଜରେ ପ୍ରଭାବିତ ହେଲେ, ତାହାକୁ ବିକଳ୍ପ ପପରିକଳ୍ପନା କୁହାଯାଏ ।

୮. ପ୍ରମାଣସିଦ୍ଧ(empirical) ପରିକଳ୍ପନା: ପ୍ରାମାଣିକତା ଏବଂ ପରୀକ୍ଷଣ ଭିତ୍ତିରେ ଗଠିତ ହାଇପୋଥେସିସକୁ ପ୍ରମାଣସିଦ୍ଧ ହାଇପୋଥେସିସ କୁହାଯାଏ ।

୯. ପାରିସାଂଖ୍ୟିକ(statistical ପରିକଳ୍ପନା: ବ୍ୟାଖ୍ୟା ଯୌକ୍ତିକ କିମ୍ବା ଅଯୌକ୍ତିକ ହେବା ବାଞ୍ଛନୀୟ। ଏଥିରେ ପାରିସାଂଖ୍ୟିକ ଦୃଷ୍ଟିରୁ ଯାଥାର୍ଥ୍ୟ ନିରୂପଣ ହୋଇଥାଏ।

ହାଇପୋଥେସିସର ଯେତେବେଳେ ପରୀକ୍ଷଣ ପରିସରଭୁକ୍ତ ହୁଏ, ସେତେବେଳେ ଗବେଷକ ଯେଉଁ ତଥ୍ୟସବୁ ସଂଗ୍ରହ କରିଥାଏ ତାହାକୁ ଅବଲମ୍ବନ କରି ସେଇ ପରୀକ୍ଷଣ କାର୍ଯ୍ୟ ଆରମ୍ଭ କରାଯାଏ। ତାହାର ଯଥାର୍ଥ ଏବଂ ଅଯଥାର୍ଥ ଦିଗ ପ୍ରତି ଗବେଷକ ସଚେତନ ହୁଏ। ଗ୍ରହଣ ଏବଂ ପ୍ରତ୍ୟାଖ୍ୟାନକୁ ପାଥେୟ କରି ଗବେଷଣା ପ୍ରକାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଏ। ପ୍ରଥମେ ପରିବର୍ତ୍ତନଶୀଳ ଉପାଦାନଗୁଡ଼ିକୁ ଏକତ୍ର କରି ସମ୍ମିଳିତ କରାଯାଏ। ତତ୍ପରେ ତାହାର ତାତ୍ପର୍ଯ୍ୟଗତ ସ୍ତରସମୂହକୁ ଚୟନ କରାଯାଏ। ତାପରେ ତାହାକୁ ଆନୁପାତିକ ଏବଂ ବିବିଧତାଭିତ୍ତିକ ରୀତିରେ ଆବଶ୍ୟକ ସ୍ଥଳେ ନିର୍ଦ୍ଦେଶାତ୍ମକ କିମ୍ବା ଅନିର୍ଦ୍ଦେଶାତ୍ମକ ଦୃଷ୍ଟିରୁ ଆକଳନ କରାଯାଏ। ଏଇ ସ୍ଥାନରେ ଅଭିପ୍ରାୟଗତ ପ୍ରାସଙ୍ଗିକତା ଏବଂ ଅନୁସନ୍ଧାନଗତ ପ୍ରକୃତିକୁ ଆଖିରେ ରଖି ଗବେଷକ ଅଗ୍ରସର ହୁଏ। ତାପରେ ତାହାର ପାରିସାଂଖ୍ୟିକ ପରୀକ୍ଷଣ ହୁଏ। ତାପରେ ସମୀକ୍ଷାତ୍ମକ ମୂଲ୍ୟାୟନ ଜ୍ଞାତ, ଅଜ୍ଞାତ, ନାସ୍ତ୍ୟର୍ଥକ, ବିକଳ୍ପ, ଏକ ବା ଏକାଧିକ ଆନୁପାତିକ ନମୁନା ଆଦି ଭିତ୍ତିରେ ସମ୍ପାଦିତ ହୁଏ। ଏକ ବା ଏକାଧିକ ବା ବହୁ ପରିବର୍ତ୍ତନୀୟ ନମୁନା/ଉପାଦାନ ମଧ୍ୟରୁ ଗବେଷକ କେଉଁଗୁଡ଼ିକୁ ଗ୍ରହଣ, କେଉଁଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିବ ସ୍ଥିର କରେ। ଏହି ପରି ଭାବରେ ଗବେଷଣା କର୍ମ

ଆଗକୁ ଆଗକୁ ଗତିକରି ଶେଷରେ ଚୂଡ଼ାନ୍ତ ପରିଣତିରେ ଉପନୀତ ହୁଏ।

ମୁଁ ଯଦି ଜଣେ ଗବେଷକ ଭାବରେ 'ରେବତୀ' ଗଳ୍ପ ଅଧ୍ୟୟନ କରି ତାହାକୁ ବିଶ୍ଲେଷଣ କରେ, ତେବେ ପ୍ରବନ୍ଧର ଆରମ୍ଭରେ ପ୍ରଶ୍ନ-୧ ରୁ ପ୍ରଶ୍ନ -୫ ପର୍ଯ୍ୟନ୍ତ ସ୍ଥାନିତ ହୋଇଥିବା ପ୍ରଶ୍ନସମୂହ ମଧ୍ୟରୁ କେବଳ ପ୍ରଶ୍ନ-୧କୁ ଗ୍ରହଣ କରି ଅନ୍ୟ ଚାରିଟିକୁ ଅନିର୍ଦ୍ଦିଷ୍ଟ ବା ହାଇପୋରେ ସ୍ଥାପନ କରି ଗବେଷଣା କର୍ମକୁ ଚୂଡ଼ାନ୍ତ ପରିଣତି ପ୍ରଦାନ କରିବି।

କାରଣ ପ୍ରଶ୍ନ-୨ରେ ତତ୍କାଳୀନ ଉପନିବେଶୀୟ ଶାସନ ବ୍ୟବସ୍ଥାରେ ଡାକ୍ତରୀ ଚିକିତ୍ସା ଯେଉଁଭଳି ଭାବରେ ଉଦାସୀନ ଏବଂ ଅସଜଡ଼ା ହେଇପଡ଼ିବାର କାରଣ କଥା ଅପ୍ରତ୍ୟକ୍ଷ ଭାବେ(ଯଥା: ବାଡ଼ିରୋଗରେ ବଂଶ ଉଚ୍ଛନ୍ନ ହେଇଯିବା କୁହାଯାଇଛି, ତାହା ମଧ୍ୟ ଏକ ସୁଦୃଢ଼ ଭିତ୍ତିଭୂମି ଭାବରେ ଏ ଗଳ୍ପରେ ପ୍ରତ୍ୟକ୍ଷତା ଅର୍ଜନ କରିପାରି ନାହିଁ। ତେଣୁ ଏହାକୁ ଆନୁମାନିକତାରେ ସ୍ଥାପନ କଲେ କିଛି ମତଦ୍ୱୈଧତା ନାହିଁ ବୋଲି ମୋର ମତ।

ପ୍ରଶ୍ନ-୩ରେ ଯେଉଁଭଳି ଭାବରେ ରେବତୀ ପାଠ ପଢ଼ିବାରୁ ବାସୁଦେବଙ୍କ ସମେତ ଶ୍ୟାମବନ୍ଧୁଙ୍କ ପରିବାରର ପ୍ରତ୍ୟେକ ସଦସ୍ୟ ମୃତ୍ୟୁବରଣ କରିବା ପ୍ରସଙ୍ଗ ସୂଚିତ, ତାହା ମଧ୍ୟ ଜଣେ ଗବେଷକ ଦୃଷ୍ଟିରେ ଅପ୍ରାସଙ୍ଗିକ ମନେହେଇ ପାରେ। ଏ ସବୁ ଘଟଣା ଅନ୍ଧବିଶ୍ୱାସାଚ୍ଛନ୍ନ ପରିଣାମ ମଧ୍ୟ ହେଇ ନପାରେ। କାରଣ ଏଭଳି ମତର ବଳିଷ୍ଠ ସମର୍ଥକା ହେଉଛନ୍ତି କେବଳ ଜେଜୀମା (ଯଥା :ଏତେ ଯେ ଦୁଃଖ,ଏତେ ଯେ ଦୁର୍ଦ୍ଦଶା ସବୁର ମୂଳ କାରଣ ରେବତୀ, ଏହା ସେ ମନ ମଧ୍ୟରେ ସ୍ଥିର ସିଦ୍ଧାନ୍ତ କରିସାରିଲାଣି। ରେବତୀ ପାଠ ପଢ଼ିବାରୁ ପୁଅ ମଲା, ବୋହୂ ମଲା, ହଳିଆ ଛାଡ଼ିଗଲା, ବଳଦ ବିକାଗଲା, ଜମିଦାର ଘର ଗାଈ ବାନ୍ଧି ଘେନିଗଲା। ** ବୁଢ଼ୀ ଆଖିକୁ ଯେ ଦିଶୁନାହିଁ, ତାହାର କାରଣ ରେବତୀର ପାଠପଢ଼ା।)। ଜେଜୀମା ଜଣେ ମରହଟ୍ଟୀ ମଣିଷ ହେଇଥିବାରୁ ସେ ରେବତୀର ପାଠପଢ଼ାକୁ ସବୁ ବିପର୍ଯ୍ୟର କାରଣ ବୋଲି ମନେ କରିବା ଆଦୌ ଅସ୍ୱାଭାବିକ ନୁହେଁ। ସେଥିପାଇଁ ଏହା କିଛି ମାତ୍ରାରେ ଉଦ୍ଦେଶ୍ୟ ପ୍ରଣୋଦିତ ମନେ ହେଲେ ମଧ୍ୟ ଥେସିସର ସାମଗ୍ରିକ ସିଦ୍ଧାନ୍ତ ହେଇପାରିବ ନାହିଁ। କାରଣ ଜେଜୀମାର ଇଚ୍ଛା କିମ୍ବା ଅନିଚ୍ଛା ଏ ଗଳ୍ପର କେନ୍ଦ୍ରୀୟ ଉପାଦାନ ନୁହେଁ। ତେଣୁ ଏ ପରିବର୍ତ୍ତନଶୀଳ ଉପାଦାନ(variable)ଟି ଏଠାରେ ଚୂଡ଼ାନ୍ତ ସମିଚୀନତା ହାସଲ କରି ପାରୁନାହିଁ।

ପ୍ରଶ୍ନ-୪ରେ ଉଲ୍ଲେଖିତ ନାରୀଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଗାଳ୍ପିକଙ୍କର ସାଧୁ ଉଦ୍ୟମ ପ୍ରସଙ୍ଗ ମଧ୍ୟ ଯୁକ୍ତିଯୁକ୍ତ ଲାଗେନାହିଁ। କାରଣ ଏଠାରେ ନାରୀଶିକ୍ଷା ଗଳ୍ପର କେନ୍ଦ୍ରୀୟ ଭାବସାର ନୁହେଁ। ନାରୀ ଶିକ୍ଷାର କେନ୍ଦ୍ରୀୟ ମର୍ଯ୍ୟାଦା ସେତେବେଳେ ଅତୁଟ ରହିଥାନ୍ତା ଯେତେବେଳେ ରେବତୀର ପାଠପଢ଼ା ଅବ୍ୟାହତ ରହିଥାନ୍ତା ଓ ରେବତୀ ବଞ୍ଚି ରହିଥାନ୍ତା। ଯଦି ତାହା ହୋଇଥାନ୍ତା ତେବେ ଏହି ପ୍ରଶ୍ନଟିକୁ ଯଥାର୍ଥ ବୋଲି ଗ୍ରହଣ କରାଯାଇ ତାହାର ପ୍ରାମାଣିକତାକୁ ଜାହିର କରାଯାଇଥାନ୍ତା ଏବଂ ତାହା ହୁଏତ ହାଇପୋ ନ ହୋଇ ଥେସିସରେ ପରିଣତ ହୋଇଥାନ୍ତା। କିନ୍ତୁ ତାହା ହେଇ ପାରି ନାହିଁ।

ପ୍ରଶ୍ନ-୫ରେ ପାଶ୍ଚାତ୍ୟ ଟ୍ରାଜେଡ଼ିକୁ ପ୍ରାଚ୍ୟ ପ୍ରେକ୍ଷାପଟରେ ପ୍ରତିଷ୍ଠା କରାଇବା ପାଇଁ ଏ ଧରଣର ପଦକ୍ଷେପ ଫକୀରମୋହନଙ୍କ ଦ୍ୱାରା ଜ୍ଞାତବ୍ୟତାର ସହିତ ସମ୍ପାଦନ କରାଯିବା ପ୍ରଶ୍ନଟି ମଧ୍ୟ ଗଭୀର ମନନଶୀଳତାକୁ ଭିତ୍ତିକରି ନିର୍ମିତ ହେଇଥିବାର ମନେହୁଏ ନାହିଁ। କାରଣ 'ରେବତୀ' ଗଳ୍ପଠାରୁ ଆହୁରି ଅଧିକ କାରୁଣିକ ଓ ବିୟୋଗାନ୍ତକ କଥାବସ୍ତୁଯୁକ୍ତ ସାହିତ୍ୟ ଆମ ଭାରତୀୟ ପ୍ରେକ୍ଷାପଟରେ ଅନେକ ରହିଛି। ତେଣୁ ଏହାକୁ ମଧ୍ୟ ଏକ ଅଗ୍ରାହ୍ୟତାଯୁକ୍ତ ଉପାଦାନ କହିଲେ ଅତ୍ୟୁକ୍ତି ହେବନାହିଁ।

କିନ୍ତୁ ପ୍ରଶ୍ନ-୧ରେ ଗଳ୍ପର ଆରମ୍ଭ ପୂର୍ବରୁ ଜେ. ଏଚ୍. ଗୁର୍ଣ୍ଣିଙ୍କ କବିତାର ଉଦ୍ଧୃତାଂଶରେ ଉଲ୍ଲେଖ କରାଯାଇଥିବା 'shining April morn'(ଶ୍ୟାମବନ୍ଧୁଙ୍କ ପରିବାରର ମାନବୀୟ ସୁଖସୌଭାଗ୍ୟର ଉଷାକାଳ) ହଠାତ୍ ଘନକୃଷ୍ଣ ଅନ୍ଧକାର ଦ୍ୱାରା ଆଚ୍ଛାଦିତ ହେଇ ଦୁଃଖଦୁର୍ଭାଗ୍ୟରେ ପରିଣତ ହେଇଯିବା ସୂଚନାମୂଳକ ପ୍ରସଙ୍ଗଟି ମୋତେ ଏ ଗଳ୍ପ ଉପରେ ଗବେଷଣା କରିବା କ୍ଷେତ୍ରରେ ଏକ ପରୀକ୍ଷିତ ସିଦ୍ଧାନ୍ତ ତୁଲ୍ୟ ମନେହୁଏ। କାରଣ 'ରେବତୀ' ଗଳ୍ପରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତଥାକଥିତ ଅଦୃଷ୍ଟ ବା ଭାଗ୍ୟ ଏବଂ ମାନବୀୟ ସଂଘର୍ଷର ଭୟଙ୍କର କୁପରିଣାମକୁ ସମ୍ମୁଖୀକୃତ କରାଯାଇଛି। ରାଧାନାଥ ରାୟଙ୍କ 'ପାର୍ବତୀ'(୧୮୯୦) କାବ୍ୟରେ "କରାଳ କୃତାନ୍ତ ପେଷିଦିଏ ନିର୍ବିଶେଷେ", କିମ୍ବା "କାଳ ସେହି ରୂପେ" କିମ୍ବା "କାଳ ପକ୍ଷୀରାଜ" କିମ୍ବା "ଜ୍ୟୋତିଷ୍କଚକ୍ର ଗତି" କିମ୍ବା "ଅଜ୍ଞେୟ ଅଦୃଷ୍ଟ କଞ୍ଚି" ପ୍ରଭୃତି ଯେଉଁ ଅଦୃଷ୍ଟସୂଚକ ଅନୁଷଙ୍ଗସମୂହ ଦ୍ୱାରା ଅଦୃଷ୍ଟ ବା କାଳକୁ ସର୍ବଶକ୍ତିଶାଳୀ ଓ ସର୍ବଶେଷ ନିୟନ୍ତା ବୋଲି ତର୍କଣା କରାଯାଇଛି, ଠିକ୍ ସେହିପରି ଫକୀରମୋହନ ସେନାପତିଙ୍କ 'ରେବତୀ' ଗଳ୍ପରେ ଅଦୃଷ୍ଟକୁ ମଣିଷର ବିଚାରକ(Alas! Unseen may Lower: Gurney) ଭାବରେ ସାବ୍ୟସ୍ତ କରାଯାଇଛି ବୋଲି କୁହାଯାଇ ପାରେ। ଯଦିଓ ଫକୀରମୋହନ ୟୁରୋପୀୟ ନବଜାଗରଣକାଳୀନ ସାହିତ୍ୟର ସାହିତ୍ୟାଦର୍ଶ(maxim), ସାହିତ୍ୟର ଗୁଣଧର୍ମ ଓ ଭାବସାର ତଥା ସାହିତ୍ୟିକମାନଙ୍କର ନବୀନ ପଦାଙ୍କକୁ (ଯଥା: ମାନବୀୟ ଆଶାବାଦ(optimism: man could improve his own destiny), ମାନବବାଦ(humanism projected 'man' as central to the aims of thought and civilization), ମାନବୀୟ ମୁକ୍ତଚିନ୍ତନ ଓ ପ୍ରେମ(free thinking and human love: The Divine Comedy: Dante),ମାନବୀୟ ମୂଲ୍ୟବୋଧ (human value), ମଣିଷ ହେଉଛି ସବୁ କିଛିର ଊର୍ଦ୍ଧ୍ୱରେ(Man is the measure of all things), ମାନବୀୟ ମର୍ଯ୍ୟାଦା ଓ ବ୍ୟକ୍ତିତ୍ୱ ତଥା ବ୍ୟକ୍ତିଗତ ଅନୁଭବ ତଥା ସ୍ୱର୍ଗ ଅପେକ୍ଷା ମର୍ତ୍ତ୍ୟର ଜୀବନ ଶ୍ରେୟସ୍କର(human dignity and personality of man, personal feelings, and laid more stress on life in

heaven than on earth: Petrarch ) 'ରେବତୀ' ଗଳ୍ପରେ ପରୋକ୍ଷରେ କିମ୍ବା ପ୍ରତ୍ୟକ୍ଷରେ ଆପଣେଇବାକୁ ପ୍ରୟାସ କରିଛନ୍ତି, କିନ୍ତୁ ଏହା ବିଫଳୀକୃତ ପ୍ରତ୍ୟାଶାରେ ପରିଣତ ହୋଇଛି। ଶ୍ୟାମବନ୍ଧୁ ମହାନ୍ତିଙ୍କ ବଂଶ ବୁଡ଼ିଯିବା(ଶ୍ୟାମବନ୍ଧୁ ମହାନ୍ତି ଘରର କୌଣସି ପ୍ରାଣୀକୁ ଜଗତରେ ଆଉ କେହି ଦେଖି ନାହାନ୍ତି।) ଏବଂ ବାସୁ ସାରଙ୍କ ଅକାଳ ମୃତ୍ୟୁ ବରଣକୁ ସେଇ ବିଫଳୀକୃତ ପ୍ରତ୍ୟାଶାର ପ୍ରତ୍ୟକ୍ଷ ଓ ଅନିବାର୍ଯ୍ୟ ପରିଣତି ଭାବରେ ବିଚାର କରାଯାଇପାରେ। ଅତଏବ ଏ ଗଳ୍ପରେ ମଣିଷ ନୁହେଁ; ଅଦୃଷ୍ଟ, ମଣିଷର ଉଜ୍ଜ୍ୱଳ ସୁଖସକାଳ ନୁହେଁ; ଘନକୃଷ୍ଣ ଶୋକାଚ୍ଛନ୍ନତାକୁ କେନ୍ଦ୍ର ଭାବରେ ଗ୍ରହଣ କରାଯାଇଛି: ଯାହା ଇଉରୋପୀୟ ନବଜାଗରଣ ସୃଷ୍ଟିହେବା ପୂର୍ବରୁ ମଧ୍ୟଯୁଗୀୟ ୟୁରୋପକୁ କବଳିତ କରି ରଖିଥିଲା। ମଧ୍ୟଯୁଗୀୟ ୟୁରୋପରେ ଯେଉଁଭଳି ଜମିଦାରମାନେ(land-owning feudatories) ଏବଂ ଈଶ୍ୱରୀୟ ଆଧିପତ୍ୟର ନିରଙ୍କୁଶ ପ୍ରାବଲ୍ୟ ରହିଥିଲା, ଠିକ୍ ସେହିପରି ଏ ଗଳ୍ପରେ ଜମିଦାର ଏବଂ ଅଦୃଷ୍ଟର ଶକ୍ତ ପଞ୍ଝାରେ ବିଧ୍ୱସ୍ତ ହେଇଯାଇଛନ୍ତି ରେବତୀ ସହିତ ଅନ୍ୟ ଚରିତ୍ରମାନେ। ଅତଏବ ଗୁର୍ଣ୍ଣିଙ୍କର କବିତାଂଶରେ ଯେଉଁ ଇଙ୍ଗିତ ପ୍ରଦତ୍ତ, ତାହାର ସିଧାସଳଖ ପ୍ରାୟୋଗିକ ପ୍ରେକ୍ଷାପଟ ହେଇଉଠିଛି 'ରେବତୀ' ଗଳ୍ପ।

ଗବେଷଣା ସର୍ବଦା ବହୁମୁଖୀ। ଅସରନ୍ତି। ଯୁକ୍ତିଧର୍ମୀ। ଅନୁସନ୍ଧାନଶୀଳ। ପ୍ରମାଣସାପେକ୍ଷ ମଧ୍ୟ। ତେବେ ଗବେଷଣାର ପ୍ରାରମ୍ଭିକ ସ୍ତରରେ ଯେଉଁ ହାଇପୋଥେସିସ ବା ଅନୁମାନ ତତ୍ତ୍ୱର ସ୍ତର ଆସେ ସେତେବେଳେ ଗବେଷକ ବିଭିନ୍ନ ପ୍ରଶ୍ନର ସମ୍ମୁଖୀନ ହୁଏ। ଗବେଷକ ଆନୁମାନିକତା ଏବଂ ଯଥାର୍ଥତାକୁ ପାଥେୟ କରି ଗବେଷଣାରେ ପ୍ରବୃତ୍ତ ହୁଏ। ଅନିର୍ଦ୍ଦିଷ୍ଟ ଗୁଳାରେ ସେ ପାଦ ଚାଳେ। ତାପରେ ଆସ୍ତେ ଆସ୍ତେ ତାକୁ ଅସଲ ରାସ୍ତା ଦେଖାଯାଏ। ଗବେଷକ ଯେଉଁ ରାସ୍ତା ଆବିଷ୍କାର କରେ, ତାର ସନ୍ଧାନ ପୂର୍ବରୁ କେହି ପାଇ ନଥାନ୍ତି। ହାଇପୋଥେସିସକୁ ଅବଲମ୍ବନ କରି ଗବେଷକ ଯେଉଁ ଗବେଷଣା କାର୍ଯ୍ୟ ଆରମ୍ଭ କରେ, ପରିଣତିରେ ସେ ବିଭିନ୍ନ ପ୍ରଶ୍ନମୂଳକ ପରିବର୍ତ୍ତନଶୀଳ ଉପାଦାନକୁ ବାରମ୍ବାର ପରୀକ୍ଷା କରି କରି ଏକ ସ୍ଥିର ଓ ନିଶ୍ଚିତ ସିଦ୍ଧାନ୍ତରେ ଉପନୀତ ହୁଏ। ସତର୍କତାମୂଳକ ଅନୁସନ୍ଧାନ ଓ ପର୍ଯ୍ୟବେକ୍ଷଣ ଦ୍ୱାରା ଗବେଷକ ଶେଷରେ ଏକ ତର୍କସିଦ୍ଧ ସଂସିଦ୍ଧିର ଅଧିକାରୀ ସାଜେ। ଏହି ପ୍ରବନ୍ଧରେ ଫକୀରମୋହନଙ୍କ 'ରେବତୀ' ଗଳ୍ପକୁ ନମୁନା ଭାବରେ ଗ୍ରହଣ କରି ହାଇପୋଥେସିସର ପ୍ରାୟୋଗିକ ପ୍ରକ୍ରିୟାକୁ ସଦୃଷ୍ଟାନ୍ତ ଉପସ୍ଥାପନ କରାଯାଇଛି। ଗବେଷକ ଦୃଷ୍ଟିରେ ବିଭିନ୍ନ ପ୍ରଶ୍ନ ମଧ୍ୟରୁ କେଉଁଟି ବା କେଉଁଗୁଡ଼ିକ ବିଜ୍ଞାନସମ୍ମତ ଓ ସର୍ବଜନ ସ୍ୱୀକୃତ ହେଇପାରେ, ତାହାକୁ ଆଲୋଚ୍ୟ ଗଳ୍ପରେ ମଧ୍ୟ ଦର୍ଶାଇବାକୁ ଚେଷ୍ଟା କରାଯାଇଛି।

ସହାୟକ ଗ୍ରନ୍ଥସୂଚୀ :

1)Ranjit Kumar, 2011, Research Methodology, 3rd Edition, SAGE Publications India Pvt Ltd , New Delhi
2)Pratiyogita Darpan, 2018, Editorial Board, Upkar's Ugc Netjrfset, Teaching & Research Aptitude, Agra, New Delhi.
3) Gupta Sanjay & Sud Chanda, 2022, (Edt)Trueman's Nta Ugc, New Delhi..
4) KAELEY S. I., History & Civics, 2010, Shakti Nagar, New Delhi.
5) ପଟ୍ଟନାୟକ, କଇଳାଶ(ସଂପାଦନା), ୧୯୯୯, ଫ୍ରେଣ୍ଡ୍ସ୍ ପବ୍ଲିଶର୍ସ, ବିନୋଦ ବିହାରୀ, କଟକ ।
6) ସାହୁ, ଆଦିକନ୍ଦ, (୨୦୧୨) ରାଧାନାଥ ଗ୍ରନ୍ଥାବଳୀ, ବିଦ୍ୟା ପ୍ରକାଶନ, ବାଲୁ ବଜାର, କଟକ
7) Kothari, CR & Garg Gaurav, Research Methodology (3rd edt), 2017, New Age International, New Delhi
8) Kothari,CR & Garg Gaurav, Research Methoology (3rd edt), 2017, New Age International, New Delhi

●

ALOCHANA
ସମାଲୋଚନା
ପ୍ର ସ ଙ୍ଗ ନା ରୀ
ଦ୍ୱିତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର - ଅକ୍ଟୋବର ୨୦୨୪
Volume No. 02 | Issue No. 05 | Sep - Oct 2024
Refereed Peer-Reviewed Journal
OPEN ACCESS
https://bageesha.in

# ଆଶା ଓ ଆଶ୍ୱାସନାର ସ୍ୱୀକାରୋକ୍ତି: 'କହେ ଗିରିବାଳା'

■ ଡ. ବିଜୟଲକ୍ଷ୍ମୀ ଦାଶ
ସହଯୋଗୀ ପ୍ରଫେସର, ଓଡ଼ିଆ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

**ମୂଳ ଶବ୍ଦ: ନାରୀତ୍ୱ, ନାରୀ ଅସ୍ତିତ୍ୱ, କାରୁଣ୍ୟ ଓ ପୀଡ଼ା, କାବ୍ୟିକ ସମ୍ବେଦନା, ଗିରିବାଳା, କବି ଗିରିବାଳା,** କବିତା, ଅଶୀ ଦଶକ, ଗିରିବାଳାଙ୍କ କବିତା

ABSTRACT

**ସାରାଂଶ:** ବିଗତ ୫୦ ବର୍ଷର ସମୟ ଖଣ୍ଡରେ ଓଡ଼ିଆ କବିତାର ବର୍ଣ୍ଣବିଭାକୁ ବିବିଧ ସୌନ୍ଦର୍ଯ୍ୟରେ ଉଜ୍ଜ୍ୱଳତର କରି ଆସୁଥିବା କବିମାନଙ୍କ ମଧ୍ୟରେ କବି ଗିରିବାଳା ମହାନ୍ତି ଅନ୍ୟତମ। ପ୍ରଭୂତ କବିଯଶର ଅଧିକାରିଣୀ କବି ଗିରିବାଳା ଯେ ଜଣେ ବିଶିଷ୍ଟ ଗଦ୍ୟ ରଚୟିତ୍ରୀ ଓ ସମୀକ୍ଷକ, ଏହାର ପରିଚୟ ବହୁ ପୂର୍ବରୁ ବିଦ୍ୟମାନ। ସମୀକ୍ଷାତ୍ମକ ଦୃଷ୍ଟି ତାଙ୍କର ସୂକ୍ଷ୍ମ କାବ୍ୟିକ ଅବବୋଧର ଅନ୍ୟ ଏକ ଦିଗ। ଗିରିବାଳାଙ୍କ କବିତା ନାରୀତ୍ୱର ନୂଆ ଉଦ୍ବେଳନ ଓ ଆଲୋକରେ ସଦା ଉଦ୍‌ଭାସିତ। ଖୁବ୍ ନିକଟରୁ ନାରୀ ଅସ୍ତିତ୍ୱକୁ ସେ ପରଖିଛନ୍ତି। ନାରୀ ଜୀବନର କାରୁଣ୍ୟ ଓ ପୀଡ଼ାକୁ ମରମେ ମରମେ ଅନୁଭବିଛନ୍ତି। ଏକାତ୍ମ ହୋଇଛନ୍ତି। କବି ଗିରିବାଳାଙ୍କ କାବ୍ୟିକ ସମ୍ବେଦନା ସମ୍ମିଳିତ ଆବେଗାନୁଭୂତିର ଆକର୍ଷଣୀୟ ଓ ଆବେଗମୟ ପରିପ୍ରକାଶ ହେଉଛି "ନିର୍ବାଚିତ କବିତା - କହେ ଗିରିବାଳା"। କବିତା ବହିର କବିତା କ୍ରମରେ ସ୍ଥାନିତ ସଙ୍କଳନ ହେଉଛି 'ତୋ ପାଇଁ ମୁଁ ରୂପବନ୍ତ'- (ପ୍ରକାଶକ - କଟକ, ବିଦ୍ୟାପୁରୀ, ୧୯୮୨), 'ତୁମ ନ ଆସିବା ନେଇ' (ପ୍ରକାଶକ - ବାଲେଶ୍ୱର, କାବ୍ୟ ପ୍ରକାଶନୀ, ୧୯୮୯), 'ସ୍ତ୍ରୀଲୋକ' (କଟକ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ୧୯୯୦, ଆମେରିକା, ବ୍ଲାକ୍ ଇଗଲ ବୁକ୍ସ, ୨୦୨୧), 'ମା' ହବାର ଦୁଃଖ' - (ଭୁବନେଶ୍ୱର, ଲାର୍କ ବୁକ୍ସ, ୨୦୦୨), 'ମୋତେ ଆକାଶ କଥା ପଚାରନା' (ଭୁବନେଶ୍ୱର, ଟାଇମ୍ ପାସ୍, ୨୦୦୭), 'କାତି କାତିଆ କାତ୍ୟାୟନୀ' (ଭୁବନେଶ୍ୱର, ଟାଇମ୍ ପାସ୍, ୨୦୧୩)। 'କହେ ଗିରିବାଳା' ବହିରେ ସ୍ଥାନିତ କବିତାଗୁଡ଼ିକୁ ନେଇ ଆଲେଚାନାଟି ପ୍ରସ୍ତୁତ କରିଛି।

ଗିରିବାଳାଙ୍କ କବିତା ନାରୀ ଅସ୍ତିତ୍ୱର ବାସ୍ତବତାର ଅନୁଧ୍ୟାନ ଉପରେ ପର୍ଯ୍ୟବେସିତ। ବ୍ୟକ୍ତିଗତ ଅନୁଭୂତି, ଅଭିଜ୍ଞତା ଓ ନିରୀକ୍ଷଣଜନିତ ବହୁ ଦୃଷ୍ଟିଭଙ୍ଗୀ ଏବଂ ପ୍ରତିକ୍ରିୟା, ଅସହାୟ ମୁହୂର୍ତ୍ତର ହତାଶା ସାଙ୍ଗକୁ ନାରୀର ପ୍ରେମମୟ ରୂପର ଅନୁଶୀଳନଜନିତ ଅପରିସୀମ ଆନନ୍ଦ କବିତାଗୁଡ଼ିକୁ ମହନୀୟ କରିଛି। ଆଜିର ସମୟରେ ସମାଜ ଓ ପରିବାର କ୍ଷେତ୍ରରେ ଏପରିକି ଆବେଗିକ ସ୍ତରରେ ନାରୀର ସ୍ଥିତିକୁ କବି ପୁଙ୍ଖାନୁପୁଙ୍ଖ ଭାବେ ବିଶ୍ଳେଷଣ କରିଛନ୍ତି। ଶରୀର ଓ ସର୍ଜନ କ୍ଷମତାକୁ (ମାତୃତ୍ୱକୁ) ନେଇ ନାରୀ କେତେ ଅମାନୁଷିକତାକୁ ବରଦାସ୍ତ କରିଛି। ତଥାପି ଧୈର୍ଯ୍ୟ, ସହିଷ୍ଣୁତା, ସେବା ଓ ତ୍ୟାଗ ବଳରେ ମାନବ ଜାତିକୁ ଅଗ୍ରସର କରାଇବାରେ ନିଃସର୍ତ୍ତ ଦାୟିତ୍ୱ ବହନ କରିଛି।

ଅଶୀ ଦଶକରେ ଗିରିବାଳାଙ୍କ କବିତାର ହୁଏ ଆଦ୍ୟ ଉନ୍ମେଷ। ସେ ସମୟ ଥିଲା ତାରୁଣ୍ୟର ସମୟ। ୧୯୮୨ରୁ ସେ କବିତା ଲେଖି ଆସିଛନ୍ତି। ଏବେ ମଧ୍ୟ ଲେଖୁଛନ୍ତି। କବିତା ଯେମିତି ତାଙ୍କର ଜୀବନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇଯାଇଛି। ଜୀବନବୋଧର ଏକ ଶୁଦ୍ଧ ଅନ୍ତରଙ୍ଗତା ତାଙ୍କ କବିତାର ମର୍ମଧ୍ୱନି। ଗୋଟାପଣେ ସେ କବିତାକୁ ଭଲ ପାଇଛନ୍ତି। ଆତ୍ମା ଓ ହୃଦୟ ଦେଇ ନିଜର କରିଛନ୍ତି। କବିତା ସୁନ୍ଦରୀର ହାତରେ ହାତ ଛନ୍ଦି ଚାଲିଛନ୍ତି। ସମ୍ପର୍କର ଅଦୃଶ୍ୟ ଡୋରିରେ କବିତା ସହିତ ଛନ୍ଦି ହୋଇଛନ୍ତି। ଗିରିବାଳାଙ୍କ କବିତାରେ ବୌଦ୍ଧିକତାର ଦର୍ପିତ ଅହଂବୋଧ ନାହିଁ କି ଅସ୍ଥିର ଆବେଗ ମଧ୍ୟ ନାହିଁ। ଅଛି ଶୁଦ୍ଧ ଆନ୍ତରିକତା ଓ ଅହଂବିନିର୍ମୁକ୍ତ ହୃଦୟର ସ୍ନେହାସିକ୍ତ ସଜଳ ପରିପ୍ରକାଶ।

ଗିରିବାଳାଙ୍କ କବିତାର ଗୁଣଧର୍ମ ସମ୍ପର୍କରେ ସମୀକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନ ଓ କବି ସରୋଜ ବଳଙ୍କ ବକ୍ତବ୍ୟ ଗୁରୁତ୍ୱ ରଖେ। ପ୍ରଫେସର ପ୍ରଧାନ ସାମ୍ପ୍ରତିକ ଓଡ଼ିଆ କବି ଓ କବିତା ବହିରେ କବି ଗିରିବାଳାଙ୍କ କାବ୍ୟିକ ଧାରାର ଆଲୋଚନା ପ୍ରସଙ୍ଗରେ କୁହନ୍ତି - "ତାଙ୍କ କବିତାରେ ଗୋଟିଏ ବିନ୍ଦୁରେ ପୁରୁଷ କୈନ୍ଦ୍ରିକ ସମାଜରେ ନାରୀର ସ୍ଥିତି ଦୌର୍ବଲ୍ୟ, ଏଥିସହିତ ଜଡ଼ିତ ନିଜର

ବ୍ୟକ୍ତିଗତ ଅନୁଭବ ଓ ଅନୁଭୂତି, ପ୍ରେମ-ବିରହ ଓ ଦହନ; ଅନ୍ୟ ବିନ୍ଦୁରେ ସାମାଜିକ ବାସ୍ତବତା। ଏ ସବୁକୁ ବାଦ୍ ଦେଲେ ପ୍ରତୀକ, ଚିତ୍ରକଳ୍ପ, ଅଭିନବ ଶବ୍ଦ ଯୋଜନା ଓ ସଂଯୋଜନାର ଯାଦୁକରୀ ସ୍ପର୍ଶ, ସଙ୍ଗୀତର ଅପୂର୍ବ ମାଧୁରୀ, ଛନ୍ଦର ମୂର୍ଚ୍ଛନା - ତାଙ୍କ କବିତା ସଙ୍କଳନଗୁଡ଼ିକର ଅନ୍ୟତମ ଆକର୍ଷଣୀୟ ବୈଶିଷ୍ଟ୍ୟ।"

କବି ସରୋଜ ବଳ କବି ଗିରିବାଳାଙ୍କ 'କହେ ଗିରିବାଳା' ବହିର ପ୍ରକାଶକ। ପ୍ରକାଶକୀୟ ମନ୍ତବ୍ୟରେ କୁହନ୍ତି -"ଗିରିବାଳାଙ୍କ କବିତାର ସବୁଠାରୁ ଶକ୍ତିଶାଳୀ ଗୁଣ ଯାହା ମୋତେ ଅନେକବେଳେ ପ୍ରଭାବିତ କରିଆସିଛି, ତାହା ହେଉଛି - ଶବ୍ଦର ସହାୟତାରେ ପାଠକକୁ ନିଶବ୍ଦ କରିଦେବାର କଳା। ଗଣର କଥା କହିଲା ବେଳେ ସେ ଯେତିକି ସମ୍ବେଦନଶୀଳ, ଜଣର କଥା କହିଲା ବେଳେ ସେ ସେତିକି ସଂଭ୍ରମ। ପାଚେରୀ ଉପରେ ମାଡ଼ିଯାଇ ଆର ପାଖକୁ ଝୁଲି ପଡ଼ିଥିବା ଲତା ଭଳି ତାଙ୍କ କବିତା, ଯିଏ ଭିତର ପାଖର କାହାଣୀ ଶୁଣାଏ ବାହାର ପଟର ପଥଚାରିକୁ। ସମ୍ପର୍କ ଓ ସନ୍ନ୍ୟାସର ଯୁଗପତ୍ ସାନ୍ନିଧ୍ୟରେ ଚହଲୁ ଥାଏ ଓ ଚମକୁଥାଏ ତାଙ୍କ ଭାବରାଶି। XXX ଜୀବନ ଓ ଜୀବନବୋଧ ହିଁ ତାଙ୍କ କବିତାର କଞ୍ଚାମାଲ୍। ଭାବର ଉପଦ୍ରବରୁ ମୁକୁଳି ଗୋଟେ ଉଚ୍ଛନ୍ନ ଆକୁଳତା ଓ ସ୍ୱଭାବସୁଲଭ ଆଧୁନିକ ଠାଣିରେ ବଡ଼ ଦର୍ପରେ ମୁଣ୍ଡ ଉଠେଇ ଚାଲୁଥିବା ତାଙ୍କ କବିତା ହେଉଛି ଆମ ଭାରତୀୟ ସାମୂହିକ ନାରୀତ୍ୱର ଏକ ଉଜ୍ଜ୍ୱଳ ପ୍ରତୀକ।"

ଦୁଇ ପ୍ରାଜ୍ଞ ବ୍ୟକ୍ତିଙ୍କ ବକ୍ତବ୍ୟରୁ ସ୍ପଷ୍ଟ ହୁଏ, କବିତାର ଜନ୍ମ ଏକ ଦିବ୍ୟ ମୁହୂର୍ତ୍ତରେ। ସେହି ମୁହୂର୍ତ୍ତକୁ ଉପଲବ୍ଧି କରିବା ହେଉଛି ବଡ଼ କଥା। ଜୀବନ ଅନୁଭବର ଗଭୀରତା ହିଁ ମୁହୂର୍ତ୍ତକୁ ସ୍ୱମହିମାରେ ମହିମାଦୀପ୍ତ କରାଏ। ଅନୁଭୂତି ସହିତ ଜୀବନକୁ ଭଲ ପାଇବା ନିବିଡ଼ ନ ହେଲେ କବିତା ଶବ୍ଦରୂପ ପାଲଟିଯାଏ। ଗିରିବାଳାଙ୍କ କବିତା ଶବ୍ଦ ରୂପର ସୀମା ଅତିକ୍ରମ କରି କବିତାର ବାଙ୍ମୟ ଭିତରେ ମଧୁମୟ ମୂର୍ଚ୍ଛନା ଯୋଡ଼ିପାରେ। ଜୀବନକୁ ଭଲ ନ ପାଇଲେ କବିତା ସମ୍ଭବ ହେବ ନାହିଁ। କାରଣ କବିତା ଜୀବନର ଭଗ୍ନାଂଶଟିଏ।

କବିର ପୃଥିବୀ ବୈଚିତ୍ର୍ୟମୟ। ଏହି ପୃଥିବୀର ଅଦ୍‌ଭୁତ ଅନ୍ତରଙ୍ଗ ଅନୁଭବ ପ୍ରତି ମୁହୂର୍ତ୍ତରେ କବିର ହୃଦୟରେ ଅଭିଷିକ୍ତ ହୁଏ। କବି ଗିରିବାଳା ସତ୍ୟ, ସୌନ୍ଦର୍ଯ୍ୟ ଓ ପ୍ରେମର କବି। ରବିନ୍ଦ୍ରୀୟ ସୌନ୍ଦର୍ଯ୍ୟବୋଧର ସେ ମୁଗ୍ଧ ଉପାସିକା। ତେଣୁ ମଙ୍ଗଳମୟ ସତ୍ତାଟି ତାଙ୍କ ଦେହ, ମନ, ଆତ୍ମାରେ ସଞ୍ଚରି ଯାଇଛି। ଯଦିଓ ଗିରିବାଳା ଜାଣନ୍ତି ଯେ ସାମ୍ପ୍ରତିକ ଓଡ଼ିଆ କବି ହତାଶା, ବୈରାଗ୍ୟ, ଅବସାନ, ନିଃସଙ୍ଗତାର ଜୟଗାନ କରୁଛି ଓ ତା' ଭିତରୁ ଭୁଷୁଡ଼ି ପଡୁଛି ଆତ୍ମପ୍ରତ୍ୟୟଜନିତ ଆତ୍ମୀୟତା ଓ ଅନ୍ତରଙ୍ଗତା ଏହି ଅନ୍ତରଙ୍ଗତାକୁ କବିତା ମାଧ୍ୟମରେ ଯୋଡ଼ି ଦେଇପାରନ୍ତି କବି ଗିରିବାଳା। ପ୍ରତ୍ୟୟ ଓ ପ୍ରତିବଦ୍ଧତା ତାଙ୍କ କବିତାର ବାଣୀମନ୍ତ୍ର। ତେଣୁ ଗିରିବାଳାଙ୍କ କବିତା ନିଃସଙ୍ଗତାର ଶବ୍ଦମୟ ଉଚ୍ଚାରଣ ନୁହେଁ, ବରଂ ଚେତନାର ମୁଗ୍ଧ ରୂପାୟନ।

(୩)

ଗିରିବାଳାଙ୍କ କାବ୍ୟିକ ସୃଜନରେ ନାରୀ ଜୀବନର ବାସ୍ତବ ଚିତ୍ରର ଚିତ୍ରାୟନ ଅନ୍ୟତମ ଆକର୍ଷଣୀୟ ବୈଶିଷ୍ଟ୍ୟ। ନାରୀ ସ୍ଥିତିର ବାସ୍ତବତାକୁ ଚିତ୍ରଣ କଲାବେଳେ ଗିରିବାଳା ଅଧିକ ସମ୍ବେଦନଶୀଳ ମନେ ହୁଅନ୍ତି। ଯୁଗଯୁଗର ଜମାଟବନ୍ଧା ସ୍ୱାର୍ଥପରତାର ବଶବର୍ତ୍ତୀ ହୋଇ ପୁରୁଷର ଅହମିକା ଏଯାବତ୍ ନାରୀକୁ ସର୍ବାଂଶରେ ଗ୍ରହଣ କରିପାରି ନାହିଁ। ବୈବାହିକ ଜୀବନର ଆକର୍ଷଣୀୟ ମୁହୂର୍ତ୍ତ ଆଶଙ୍କାରେ ଜର୍ଜରିତ ହୋଇଉଠୁଛି। ମାତୃତ୍ୱର ସ୍ୱରୂପ ବର୍ଣ୍ଣନା ସମୟରେ ମଧ୍ୟ ପୁରୁଷ ଓ ନାରୀକବି ଭେଦରେ ଭିନ୍ନତା ପରିଲକ୍ଷିତ ହେଉଛି। ନାରୀ ରୂପ ବର୍ଣ୍ଣନାରେ ମଧ୍ୟ ମାତୃତ୍ୱର ପ୍ରଭାବକୁ କବିମାନେ ଗୁରୁତ୍ୱ ଦେଇଛନ୍ତି। ମାତୃତ୍ୱର ବର୍ଣ୍ଣନା ସମୟରେ ସର୍ବପ୍ରଥମେ କବି ଚିତ୍ତରେ ନାରୀର ମାତୃ ମୂର୍ତ୍ତିଟି ଜୀବନ୍ତ ହୋଇଉଠେ। ମା'ର ସ୍ନେହ ଓ ତ୍ୟାଗ ଅତୁଳନୀୟ। ମାଆର ସୁମନାସ ଓ ଶ୍ରଦ୍ଧାର ସ୍ମୃତି ଜୀବନରେ ଆଶ୍ୱାସନା ହୋଇ ଦଣ୍ଡାୟମାନ ହୋଇଥାଏ। ସନ୍ତାନର ଆସିବା ବାଟକୁ ମା' ସଦାବେଳେ ଚାହିଁ ବସିଥାଏ। ସକଳ ପ୍ରକାର ବିପଦକୁ ଭ୍ରୁକ୍ଷେପ ନକରି ମାଆ ସନ୍ତାନର ଭବିଷ୍ୟତ କାମନା କରୁଥାଏ। ମାଆର ଆକୁଳ ବେଦନା କବି ଗରିବାଳାଙ୍କ ସ୍ୱରରେ - "ମା ହବାର ଦୁଃଖ କେବଳ/ ମା' ଇ ଜାଣେ/ ସେ ଦୁଃଖ ବାପ ହବାରେ ନାଇଁ/ କି ଭାଇ ହବାରେ/ ପୁଅ ହବାରେ ନାଇଁ କି/ ପ୍ରେମିକ ହବାରେ !"(ମା' ହେବାର ଦୁଃଖ, କହେ ଗିରିବାଳା, ପୃ ୨୩୩)

"ମଣିଷରୁ ମା' କରିଦେଲୁ" ରେ କବି କହନ୍ତି: "ବ୍ୟକ୍ତିରେ ବନ୍ଦୀ ଥିଲି ମୁଁ/ ଦଶଦ୍ୱାର ମୁକୁଳା କରି ତୁ ଆସିବା ମାତ୍ରକେ/ ଦ୍ୱାର ଛାଏଁ ଖୋଲିଗଲା ବନ୍ଦୀଶାଳାର।/ ମା' କରିଦେଇ ଧନ୍ୟ କରି ଦେଲୁ ମୋତେ/ ଉପାସିଆ ଛୁଆଙ୍କ କାନ୍ଦଣା ଶୁଣି ପାରିବାର/ ଶକ୍ତି ଦେଇ ଧନ୍ୟ କରିଦେଲୁ ।"('କହେ ଗିରିବାଳା', ପୃ. ୨୩୫)

ମାଆକୁ ତା'ର ସନ୍ତାନ ବତ୍ସଳା, ସୀମିତ ରୂପ ଠାରୁ ବାହାର କରିଦେଇ ଏକ ବିଶାଳ ବ୍ୟାପ୍ତିରେ ଉପନୀତ କରାଇଛନ୍ତି। ମା'ର ଝୁରିବାରେ ଥାଏ ସନ୍ତାନ ପାଇଁ ଏକ ବିଶ୍ୱସ୍ତ ଜୀବନ। ଗୋଟେ ମୂଲ୍ୟବୋଧ ଗର୍ଭିତ ସମୟ ପାଇର୍ ପ୍ରତୀକ୍ଷା। ତ୍ୟାଗର ଜୀବନ ବଞ୍ଚେ ମାଆ। ମାଆ ସହ ପ୍ରକୃତି ମାତା ବି ଏକ ଓ ଅଭିନ୍ନ ହୋଇଯାଆନ୍ତି। ଦୁହିଁଙ୍କର ଦୁଃଖ ଏକ ଓ ପ୍ରତ୍ୟାଶା ମଧ୍ୟ ଏକ। ଲକ୍ଷ୍ୟ ମଧ୍ୟ ଗୋଟିଏ। ତାହା ହେଉଛି ସନ୍ତାନର ଚରିତ୍ର। ମର୍ଯ୍ୟାଦା ଓ ଐଶ୍ୱର୍ଯ୍ୟର ଅବକ୍ଷୟରେ ମାଆ ଭାବରେ ଥିବା ମଧୁଭାଣ୍ଡ ବିଷ ପାଲଟି ଯାଏ। କବି ଗିରିବାଳା ଲେଖନ୍ତି - "ପୃଥ୍ୱୀଟିଏ ହଜାଇଲି ସେଦିନ ମୁଁ/ ପାଇଛି କି କିଏ?/ ପାଇଲେ ଖବର ଦବ। ମୋ ଠିକଣା/ ଉଜାଡ଼ ଜୀବନ ଧରି ଉଭାଥିବା/ ଶୂନ୍ୟ ଥାଳଟି ।"('କହେ ଗିରିବାଳା', ପୃ. ୨୩୯)

ଅପରୂପ ମାତୃତ୍ୱର ଅମ୍ଳାନ ହୃଦୟାବେଗରେ ଏ ପଙ୍‌କ୍ତିର ପ୍ରତିଟି ଶବ୍ଦ ପରିପୂର୍ଣ୍ଣ। ଏହି ପୂର୍ଣ୍ଣତା ଏତେ ପ୍ରଗାଢ଼ ଯେ ପାଠକର ସାମଗ୍ରିକ ସତ୍ତାକୁ ପଲକରେ ଆପଣାର କରିନିଏ। ଏ କବିତାରେ କବିସତ୍ତା ଓ ମାତୃସତ୍ତାର ଅପୂର୍ବ ସଙ୍ଗମ ଅଘଟାଇବାରେ ସାର୍ଥକ ହୋଇଛନ୍ତି କବି ଗିରିବାଳା। ନିଜକୁ ସମର୍ପି ଦେବା ଏକ ଅଦ୍‌ଭୂତ କାବ୍ୟିକ ଉଚ୍ଚାରଣର ପ୍ରତିଧ୍ୱନି। ତେବେ ଏଇ

ଉଚ୍ଚାରଣ କାହା ପ୍ରତି? ଈଶ୍ୱର, ପ୍ରେମିକ ନା ସ୍ୱାମୀ, ନା କବିତ୍ୱମୟ ଅନୁଭବ ପ୍ରତି? ନା ରହସ୍ୟର ମାୟାଜାଲ ଭିତରେ ନିଜକୁ ବାନ୍ଧି ରଖି ପାଠକକୁ ସେଇ ବନ୍ଧନରେ ଆତ୍ମୀୟତାରେ ବିଭୋର କରିବାର ଏକ ନିରଳସ ପ୍ରୟାସ। ଏଇ ପ୍ରୟାସ ହିଁ ଯେକୌଣସି ଭାବାନୁଭୂତିସମ୍ପନ୍ନ କବିତାର ବୀଜମନ୍ତ୍ର। 'ମେଘ' କବିତାରେ - "ମେଘ ଆସେ ।/ ଆକାଶର ଗୋଲ୍ ପଡ଼ିଆରେ/ ବର୍ଷାର ସନ୍ଦେଶ ଦେଇ/ ବିଫଳ ଓ ବନ୍ଧ୍ୟା ମେଘ। ଫେରେ।/ ପୁଣି ଆସେ। ପୁଣି ଫେରେ। XXX ଅସଂଖ୍ୟା ଉତ୍ତାପ ନେଇ/ ମୌସୁମୀର ବିନାନୁମତିରେ।" ('କହେ ଗିରିବାଳା', ପୃ. ୨୩)

"ସ୍ମୃତି ଓ ସ୍ୱପ୍ନ ସମ୍ପର୍କରେ" କବିତାରେ ପରିଲକ୍ଷିତ ଭାବାବେଗର ଆଲୋଡ଼ନ କବିତାକୁ ଏପରି ଏକ ଶିଖରରେ ପହଞ୍ଚାଇବାରେ ସମର୍ଥ ହୋଇଛି, ଯେଉଁଠି ପହଞ୍ଚିଲେ ପାଠକର ଚିନ୍ମୟସତ୍ତା ପରିପୂର୍ଣ୍ଣ ହୋଇଉଠେ। ଏହାକୁ ଏକ ସଫଳ କବିତା ବୋଲି ଏଠାରେ ଉଲ୍ଲେଖ କରିବାରେ ଦ୍ୱିଧାବୋଧ ନାହିଁ। "ସ୍ୱପ୍ନହୀନ ଦିନେ ଥିଲା ସ୍ମୃତି ଦେହଧାରୀ/ ସ୍ମୃତି ଯଦି ଗତ ଦିନ ସ୍ୱପ୍ନସବୁ ଆଗାମୀ ଦିନଟି।/ ସ୍ମୃତି ଯଦି ପୃଷ୍ଠଭୂମି ସ୍ୱପ୍ନ ସବୁ ପଥର ଦରୋଟି।/ ସ୍ମୃତି ସବୁ ଅଜନ୍ତା ବା ଏଲୋରାର କାରୁକାର୍ଯ୍ୟ ପରି/ ଶିଳ୍ପମୟ, ପୁରାତନ ହେଲେ ହେଁ ନୂତନ।/ ସ୍ମୃତି ସବୁ ମହୀୟାନ୍ କ୍ଷମାରେ ଉଜ୍ଜ୍ୱଳ/ ଯେପରି ତିତିକ୍ଷା ମୁଦ୍ରା ଗୌତମ ବୁଦ୍ଧର।"('କହେ ଗିରିବାଳା', ପୃ. ୨୭)

ଉଭୟ କାବ୍ୟବୋଧ ଓ ପ୍ରେମବୋଧର ଶାଶ୍ୱତ ମିଳନ ଲଗ୍ନରେ ଗିରିବାଳା ଆବିର୍ଭୂତା। ବ୍ୟାପ୍ତ ପ୍ରେମାନୁଭୂତି ଏବଂ ଏକ ଉତ୍ତୀର୍ଣ୍ଣ ପ୍ରେମାନୁଭବ ଉଭୟ ଅନୁନୟ ଓ ଅପେକ୍ଷାକୁ ରସୋତ୍ତୀର୍ଣ୍ଣ କରିଛି। 'ଚାରୋଟି କବିତା' ପ୍ରେମର ଅକ୍ଳାନ୍ତ ଆଶ୍ରୟରେ କାଳୋତ୍ତୀର୍ଣ୍ଣ ହୋଇଛି। ଗିରିବାଳା ପ୍ରଶ୍ନ କରୁଛନ୍ତି - ସମୁଦ୍ର, ଆକାଶ ଓ ସୂର୍ଯ୍ୟକୁ। " ** ସମୁଦ୍ର କଥା ପଚାରୁଛ?/ ସେ ତ ରୋରୁଦ୍ୟମାନା ଦେବକୀ।/ ହୁ ହୁ କାନ୍ଦଣାର ବେଗରେ/ ବାରମ୍ବାର କୂଳର କାରାବନ୍ଧନ/ ଭାଙ୍ଗିବାକୁ ମଥା ପିଟୁଛି ।/ କେଉଁ ପାପିଷ୍ଠ କଂସର ଭୟରେ/ ଆପଣାର ଆତ୍ମାକୁ ସିଏ/ ଅନ୍ୟ ହାତକୁ ଟେକି ଦେଇଛି/ ବାଳସୂର୍ଯ୍ୟ ରୂପରେ ।" ('କହେ ଗିରିବାଳା', ପୃ. ୩୦)

"ତୋପାଇଁ ମୁଁ ରୂପବନ୍ତ" ସଙ୍କଳନରେ ସ୍ଥାନିତ ୨୭ଗୋଟି କବିତା ଏତେ ଆନ୍ତରିକ, ନିବିଡ଼ ଓ ଏତେ ଆପଣାର ଯେ, ସର୍ବୋପରି ଏକ ନିଛକ କାବ୍ୟିକ ଅନୁଭବ ଆପଣାଛାଏଁ ପାଠକକୁ ଛୁଇଁଯାଏ। ଏଇଠି ହିଁ କବିଙ୍କ ବିମୁଗ୍ଧ ଉଚ୍ଚାରଣର ଉଚ୍ଚତା ବାରି ହୋଇପଡ଼େ। ମଣିଷ ତିଆରି ଥିବା ପୃଥିବୀରେ ସ୍ତ୍ରୀଲୋକଟି କେତେ ବିଡ଼ମ୍ବିତ? କେତେ ଉପେକ୍ଷିତ ଅବହେଳିତ ଜୀବନକୁ ଘୋଷାରି କରି ବଞ୍ଚେ? ଜୀବନରେ ଚରମ ସୁଖପ୍ରଦ ସ୍ଥାନ ବୋଲି ଭାବୁଥିବା ସ୍ୱାମୀର ଘର ତା'ପାଇଁ ଯନ୍ତ୍ରଣାର ଜତୁଗୃହ ପାଲଟିଯାଏ। ବୋଝ ଭଳି ମନେ ହେଉଥିବା ଜୀବନକୁ ନେଇ ବଞ୍ଚିବା ହିଁ ସାର ହୁଏ। ରକ୍ଷଣଶୀଳ ସମାଜର ସଙ୍କୀର୍ଣ୍ଣ ମନୋଭାବ ଲେଖିକାଙ୍କୁ ଅନେକ ସମୟରେ ଯନ୍ତ୍ରଣାକ୍ତ କରିଦେଉଛି। 'ସ୍ୱାମୀ' ଯାହାକୁ ସେ ପ୍ରାଣଭରି ହୃଦୟ ଦେଇ ଭଲ ପାଏ ସେ ଯଦି ପ୍ରତି ମୁହୂର୍ତ୍ତରେ କ୍ଷତାକ୍ତ କରିବ, ସେ କଷ୍ଟକୁ ଲାଘବ କରିବ କିଏ? ପ୍ରତିଟି କ୍ଷେତ୍ରରେ ଆମ ସମାଜ ପୁଅମାନଙ୍କୁ ଅଗ୍ରାଧିକାର ଦେଇଛି। ଝିଅମାନଙ୍କୁ ନଗଣ୍ୟ ଭାବି ଅଳିଆ ଗଦାରେ ଫିଙ୍ଗି ଦେଇଛି। 'ସ୍ତ୍ରୀଲୋକ'ର ହୃଦୟ ବିଦାରକ କଷ୍ଟକୁ ଗିରିବାଳା ମର୍ମେ ମର୍ମେ ଅନୁଭବିଛନ୍ତି। ତେଣୁ 'ସ୍ତ୍ରୀଲୋକ' ସଙ୍କଳନରେ ସ୍ଥାନିତ ପ୍ରତିଟି କବିତାରେ ଗଭୀର ଜୀବନବୋଧ ପ୍ରକଟିତ ହୋଇଛି। ଜୀବନର ସୀମାରେଖା ନିରୂପଣ କରିବାକୁ 'ସ୍ତ୍ରୀଲୋକ-୧', 'ସ୍ତ୍ରୀଲୋକ-୨', 'ସ୍ତ୍ରୀଲୋକ-୩' ଓ 'ଜହ୍ନରାତି' କବିତାରେ କହନ୍ତି - "ଛାର ସ୍ତ୍ରୀଲୋକଟା/ ଏତେ ଆଶା ଆକାଂକ୍ଷା ଗୋଟେ କ'ଣ!/ ଅମୁକର ଝିଅ, ସମୁକର ସ୍ତ୍ରୀ/ ସମୁକର ମା' ହେଇ ରହିବା, ରହିବା,/ – ସ୍ୱତନ୍ତ୍ର ନାଁ ଖୋଜା ଗୋଟେ କ'ଣ?" (ସ୍ତ୍ରୀଲୋକ-୧) "ହୋଇପାରେ ଯେ ତୋର ଓଠ ଖୋଲି ହୋଇ ଜାଣେ/ ମନ ଚିନ୍ତି ଜାଣେ, ହୃଦୟ ଜାଣେ ଦେଇ ନେଇ/ ତଥାପି ଚୁପ୍ ରହିବୁ, ଦେଖିବୁ ଶୁଣିବୁ/ ହୃଦୟ ଖୋଲିବୁ ନାଇଁ/ ବିଧୁନିତ ଶବ୍ଦକୁ, ସୁରଭିତ ଇଚ୍ଛାକୁ/ ଲୁଚାଇ ରଖିବୁ ନିଜଠି/ ଆପଣା ଗନ୍ଧରେ ଆକୁଳ ହୋଇ/ ପଛେ ଛାତି ଫାଟିଯାଉ/ ମନ ଖୋଲିବୁ ନାଇଁ ...!" (ସ୍ତ୍ରୀଲୋକ-୨) *"ତୁମେ ଚାହଁ ମୋର ପ୍ରତ୍ୟେକ ଇଲାକା/ ହେବ ତୁମର ଆବାଦୀ/ ତୁମ ଅହଂଙ୍କାର ଠାରେ ନତ ଶିର/ ବ୍ୟତିକ୍ରମେ/ ତୁମେ ହେବ ଗତିର ଜାହାଜ/ ମୁଁ ମୃତ ବନ୍ଦର/ ଏବଂ ଅନାବାଦୀ।"(ସ୍ତ୍ରୀଲୋକ-୩) "ଏହାପରେ ସବୁ ଭଲ ଲାଗିଥିଲା। ସବୁ ଭଲ ଭାରି ।/ ଜହ୍ନ ଭଲ, ତାରା ଭଲ, ନିରବତା ଭଲ, ଭଲ ପୁଣି ପୃଥିବୀର ଚୁପ୍‌ଚାପ ଭାରି/ କେଉଁ ଶବ୍ଦ ରଖାଯିବ ପ୍ରେମ ବା ହୃଦୟ ଅବା ମନଲାଗି/ ଭାବୁ ଭାବୁ ଜହ୍ନରାତି ଚାଲିଗଲା,/ କଥା ଗଲା ସରି;/ ଆଉ ଯହିଁ କଥା ଶେଷ ହେଲା/ ଫୁଲ ଗଛଟିଏ ତହିଁ ଉଠିଲା ଗଜୁରୀ।" (ଜହ୍ନରାତି, ପୃ. ୧୦୬)

ରାଗ-ଅନୁରାଗର କୁହେଳି ଭିତରେ ସ୍ତ୍ରୀଲୋକଟି ଜୀବନର ଅଭିମନ୍ତ୍ର ଖୋଜୁ ଖୋଜୁ ଆଉ ଏକ ଭିନ୍ନ ସ୍ୱାଦର ଜୀବନକୁ ଭେଟେ। ସ୍ୱପ୍ନ ଓ ବାସ୍ତବତାର ଛାଇ ଆଲୁଅ ଖେଳ ଭିତରେ ଅନେକ ବିରୋଧାଭାସ ପ୍ରତ୍ୟେକ ମୁହୂର୍ତ୍ତରେ ସ୍ତ୍ରୀଲୋକଟିକୁ ଦ୍ୱନ୍ଦ୍ୱରେ ପକାଏ। କାବ୍ୟସତ୍ତାର ଦୃଢ଼ ଆତ୍ମପ୍ରତ୍ୟୟ ନୂତନ ଭାବକଳ୍ପର ଉଦ୍‌ଭାବନ ଆଡ଼କୁ କବି ଚେତନାର ଉତ୍ତରଣ ଘଟାଇଛି। ଏହି ଉତ୍ତରଣର ପରିଭାଷା ହେଉଛି 'କାଳିଝିଅ', 'ମତେ ଆକାଶ କଥା ପଚାରନା' ଓ 'କାତି କାତିଆ କାତ୍ୟାୟନୀ'।

'କାଳିଝିଅ' ପ୍ରତି କବି ଗିରିବାଳାଙ୍କର ଅସମ୍ଭବ ଆସକ୍ତି କେଉଁଠି ଏକ ସାଦାସିଧା ଝିଅଟିଏ, କେବେ ଫୁଲ ଫୁଟିଲା ସେଥିପ୍ରତି ତା'ର ଧ୍ୟାନ ନାହିଁ ତ କେତେ ରହସ୍ୟମୟ ସ୍ଥିତିର ଉଦ୍‌ଭାସନ ପାଇଁ ସେ ନିୟୋଜିତ ତାର ମଧ୍ୟ ନଜର୍ ନାହିଁ। ରହସ୍ୟର, ବିସ୍ମୟର, ହତାଶାର ଓ ବିଷଜ୍ୱାଳାର - ଏମିତି ଅନେକ ଭାବକଳ୍ପ ରୂପେ କାଳି ଝିଅର ପ୍ରୟୋଗ କରିଛନ୍ତି। ନିମ୍ନୋକ୍ତ କବିତାଂଶରୁ ଦୃଷ୍ଟାନ୍ତ ଦେଖିପାରିବା। "କାଳିଝିଅ ଆଖି ବନ୍ଦ କଲା/ ବାହାର ପୃଥିବୀ ଆଉ ଜମା ଦିଶିଲାନି/ ପିଲାଦିନେ ମାଆ ଗୀତରେ ଗୀତରେ/ ନିଦ ମାଉସୀକୁ ଡାକେ ନିଦ ମାଉସୀ/ କି ସୁତୁରରେ ଆସି ପଣତ/ ବିଛେଇ ଦେଲେ ଦଣ୍ଡେ ଖୁଜୁରୁ ବୁଜୁରୁ ହୋଇ/ ମା' ଛାତିରେ ମୁହଁ ଗୁଞ୍ଜି/ ଅଚିନ୍ତା

 ISSN 2583-9543 | ଦ୍ୱିତୀୟ ବର୍ଷ, ପଞ୍ଚମ ସଂଖ୍ୟା ● ସେପ୍ଟେମ୍ବର - ଅକ୍ଟୋବର ୨୦୨୪

ନିଦ ଯାଏ ମା'ର ବିଶିକେସନା" (କାଳିଝିଅ', 'କହେ ଗିରିବାଳା', ପୃ. ୧୬୭)

କବି ଗିରିବାଳାଙ୍କ ଜୀବନବୋଧ ଯେତିକି ଗଭୀର ସେତିକି ପ୍ରାଞ୍ଜଳ ମଧ୍ୟ। ଜୀବନର ସୀମାରେଖା ନିରୂପଣ କରି କବିତାରେ ନେପଥ୍ୟ ସଂଳାପ ଉଚ୍ଚାରଣ କରନ୍ତି 'କାଳିଝିଅ'ର ମୁଖରେ। ଝିଅ କାଳି ହେଲେ କ'ଣ ହେଲା। ଜୀବନର ମୂଲ୍ୟ ଠିକ୍ ବୁଝିଛି। ସେଥିପାଇଁ ତା'ର ସ୍ୱପ୍ନଦେଖା ସରି ନାହିଁ। ସ୍ୱପ୍ନ ତେଜି ହୋଇଯାଇଛି ପ୍ରଥମ ବର୍ଷା ପରର ମାଟି ପରି। ବିଛେଇ ହୋଇଯାଇଛି ବାଲୁତ ଖରା ପରି, କିନ୍ତୁ ପର ମୁହୂର୍ତ୍ତରେ ସ୍ୱପ୍ନ ଭାଙ୍ଗିଯାଇଛି। ଦୀର୍ଘଶ୍ୱାସ ପରି ଶୁଭୁଛି "କାଳି ହୀନକପାଳି"। କବିଙ୍କ ବର୍ଣ୍ଣନା ଅତ୍ୟନ୍ତ ଚମତ୍କାର। "ଦିନ ଯାଏ ଦିନ ଆସେ/ କାଳି ଝିଅ ସ୍ୱପ୍ନ ଦେଖେ।/ କାଠୁଆଏ ହଳଦୀ/ ଗୋଡ଼ ଗୋଟିକେ ସରିଯାଏ/ ସ୍ୱପ୍ନ ସରେନି।/ ଆପଣା ଛାଇକୁ ପାଣିରେ ଦେଖୁ ଦେଖୁ/ ଚହଟିଯାଏ ସ୍ୱପ୍ନ - ଚାରି ଖଣ୍ଡାଭିଡ଼ା ରାଜାପୁଅ/ ଘୋଡ଼ା ଟାପୁ ...। ସୂର୍ଯ୍ୟ ମଥାନ ଛୁଏଁ ।/ ଡଗରା ସାନ ଭାଇ ବାର ବାର ଆସେ .../ ଫେରେ। ସ୍ୱପ୍ନ ତୁଟେନି।/ ଦି' ପହରର ତୋରାଣି କଂସାରେ। XXX ତା'ପରେ କ'ଣ ହେଲା ନା/ ଦିନ କେଇଟା ନ ଯାଉଣୁ କାଳିଝିଅର/ ପୃଥବୀକୁ ମେଘ ଢାଙ୍କି ଦେଲା। ସବୁଠି ଶୁଭିଲା/ ରୂପରେ କାଳି/ ହୀନ କପାଳି !! ('କହେ ଗିରିବାଳା', ପୃ. ୧୭୧, ୧୭୨)

'କାଳିଝିଅ' କବି ଗିରିବାଳାଙ୍କ କାବ୍ୟଚେତନାରେ ଏକ ସ୍ୱତନ୍ତ୍ର ଅନୁଶୀଳନର ଅପେକ୍ଷା ରଖେ। କବିଙ୍କର ଜୀବନବୋଧ ଯେତିକି ଗଭୀର ସେତିକି ପ୍ରାଞ୍ଜଳ ମଧ୍ୟ। କାଳିଝିଅ ଜାଣେ କାଳି ହବା କ'ଣ ତା' ପାଇଁ ଅଭିଶାପ? ଏତିକିରେ ଜୀବନ ସରେନି। କବି ଗିରିବାଳା ସମାଜର ନିୟନ୍ତାମାନଙ୍କୁ କହନ୍ତି, ଜନ୍ମ ଓ ମୃତ୍ୟୁ ଦୁଇ ମହାଶକ୍ତିରୁ ଯେଉଁ ତୃତୀୟ ମହାଶକ୍ତି ଜନ୍ମ ନିଏ ତାହା 'ଜୀବନ'। ଜୀବନ ଆଉ ମୃତ୍ୟୁର ଦୁଇ ବିନ୍ଦୁର ମଧ୍ୟରେଖା ହେଉଛି ସ୍ୱପ୍ନ, ସଙ୍ଘର୍ଷ, ଯନ୍ତ୍ରଣାରେ ନିରନ୍ତର ତିଳତଣ୍ଡୁଳିତ। ଏଇ ଆଧାରରେ ଗିରିବାଳାଙ୍କ ଜୀବନଚେତନା ଗତିଶୀଳ। ଗତିଶୀଳତା ମଧ୍ୟ ଜୀବନର ବାସ୍ତବତା ସେଥିପାଇଁ ମଣିଷକୁ ଶବ୍ଦ କରି ଲେଖନ୍ତି - "ମଣିଷ ହିଁ ତାର ଶବ୍ଦ/ ତାର କବିତା/ ମଣିଷକୁ ଭଲ ପାଇବାର ପ୍ରବୃତ୍ତିରୁ ହିଁ/ ସେ କବିଟିଏ/ ମଣିଷକୁ ଭଲ ପାଇବାର ଉତ୍ସରୁ/ ପ୍ରସାରିତ ତାର ଜଗତ-ଦୃଷ୍ଟି-/ଆଉ ସିଏ କବିଟିଏ।"('ସେ ତ କବିଟିଏ', 'କହେ ଗିରିବାଳା', ପୃ. ୨୭୭)

ସୁନୀଳ ରଙ୍ଗୀନ ପୃଥିବୀରେ ଆମେ ସବୁ ନାଲି, ନୀଳ, ହଳଦିଆ ପ୍ରଜାପତି। ସୁଖ, ଦୁଃଖ ଓ ସ୍ୱପ୍ନର ତ୍ରିଭୁଜ ଭିତରେ ଜୀବନକୁ ଶକ୍ତ କରିବା ପାଇଁ ପ୍ରତି ନିୟତ ଚେଷ୍ଟା କରୁଥାଉ। ସୁଖ ତୁଳନାରେ ଅତି ନିବିଡ଼ ଭାବରେ ଦୁଃଖକୁ ଅନୁଭବ କରୁ। ପ୍ରଶ୍ନ ଆସେ ସୁଖ ମାନେ କେମିତି କେଜାଣି? ଦୁଃଖ : ପାଚିଲା ବରଫଳ ଭଳି ଆଖିରେ ଧରା ପଡ଼େ। ସ୍ୱପ୍ନ : ଆଜି ମଧ୍ୟାନ୍ତର ରହିତ ଝରଣାଟିଏ, ଜୀବନ : ଏକ ଆଶ୍ଚର୍ଯ୍ୟ ସତ୍ତାର ମହାସମୁଦ୍ର। କିନ୍ତୁ କବି ଗିରିବାଳା କହନ୍ତି ମୁହୂର୍ତ୍ତ ଭିତରେ ସମଗ୍ର ଜୀବନକୁ ଠୁଳାଇଛନ୍ତି। "ସମଗ୍ର ଜୀବନଟାକୁ ଠୁଳାଇଛି ମୁହୂର୍ତ୍ତଟିଏରେ/ ସୁଖେ ଦୁଃଖେ ସମ୍ପାଦିଛି ତା' ଦେହରେ ଝୋଟି ଚିତାକରି।/ ସମଗ୍ର ଜୀଇଁବା କରି ଏକ ସାଥେ ଗୋଟିଏ ବୈକୁଣ୍ଠ,/ ଚାହିଁ ଅଛି ଯଦି ବିଶ୍ୱ ପହଞ୍ଚିବ ଅଭ୍ୟାଗତ ପରି।" ('କହେ ଗିରିବାଳା', ପୃ. ୨୭୯)

ଗୋଟିଏ ବୈକୁଣ୍ଠ ଭିତରେ ଜୀବନ ବଞ୍ଚିବାକୁ ପ୍ରତ୍ୟେକ ମଣିଷ ଚାହେଁ। ଅତୀତ-ବର୍ତ୍ତମାନ-ଭବିଷ୍ୟତ ଏଇ ତ୍ରିକାଳରୂପୀ ତ୍ରିଗୁଣ ରଜ୍ଜୁ ଜୀବନ-ମୃଗୀକୁ ନିଜ ଇଚ୍ଛାମତେ ପରିଚାଳିତ କରେ। ଜୀବନ ପାଇଁ ଭବିଷ୍ୟତ ଅନ୍ଧ। ବର୍ତ୍ତମାନ ଅନିଶ୍ଚିତ। ପୁଣି ଅତୀତ ସଫେଦ୍ ଏବଂ ସୁନାରଙ୍ଗୀ ମୃଗଛାଲ ପରି ବିଚିତ୍ର ଓ ଲୋଭନୀୟ। ମାୟାଗ୍ରସ୍ତ ହେବା ହିଁ ବର୍ତ୍ତମାନର ଭାଗ୍ୟଲିପି। ଯାହାର ଶେଷକଥା ହେଉଛି ପ୍ରବଞ୍ଚନା। ଅନେକ ସମୟରେ ଜୀବନକୁ ନିକଟରୁ ନିରେଖିବାର ପରିଣତି ଦୁଃଖବୋଧର ଉଦ୍‌ଗମ ଘଟାଏ। ଜନ୍ମ ବେଳେ ଅଜା-ଆଈ ଆଦରରେ ନାଁ ରଖିଲେ "କାତ୍ୟାୟନୀ"। ସଭିଙ୍କ ତୁଣ୍ଡରେ 'କାତି' କି 'କାତିଆ'। ଏଇ ନାଁରେ ପରିଚିତି। ଘରର ଚାରିକାନ୍ଥ ତାର ପୁଣ୍ୟମୟ ଜଗତ। ଗୁହାଳ-ଗୋବର, ବାସି ପାଇଟି, ଧାନ ଉଁସା, ମୂଳିଆଙ୍କ ଅର୍ଦ୍ଧଳି ଭିତରେ ଚକ୍ରି ପରି ଘୂରି ଘୂରି କାମ କରେଇ ନିଏ। ଅପରାହ୍ଣ ସୂର୍ଯ୍ୟର ବିଛାଡ଼ି ହୋଇ ପଡ଼ିଥିବା ଖରା କ୍ରମେ ଗୋଟେଇ ହେଇ ଗଲାପରି ଗୋଟେଇ ହୋଇଯାଏ ତାର କର୍ତ୍ତବ୍ୟର ଜାଲ। ସଂସାର ପାଇଁ ନିଜକୁ ଉଜାଡ଼ କରୁ କରୁ ଅଜାଣତରେ ଅକାଳରେ ବୁଢ଼ୀ ପାଲଟିଯାଏ। ଚାଳିଶ ବର୍ଷର ପରିଚିତ ପୃଥିବୀ, ସୋରିଷ କ୍ଷେତ, ଲେମ୍ବୁ-ଆମ୍ବ ଗଛ ମାନ - ସବୁକୁ ପଛରେ ରଖି ଏକମୁହାଁ ହୋଇ ସେ ଚାଲିଯାଏ। ସେହି ହେତୁ କବି-ଦାର୍ଶନିକମାନେ କାଳେ କାଳେ ଜୀବନର ଅସାରତା ସମ୍ପର୍କରେ ବୟାନ କରିଯାଇଛନ୍ତି। ସେଇ ଏକାପ୍ରକାର ଜୀବନ ସତ୍ୟକୁ କବି ଗିରିବାଳା ଦେଖିଛନ୍ତି "କାତି-କାତିଆ-କାତ୍ୟାୟନୀ"ରେ - "ମୁଖାଗ୍ନି ସହ ଜଳି ନିଶ୍ଚିହ୍ନ ହେଇଗଲା/ ଚାଳିଶି ବର୍ଷର ଚଞ୍ଚଳ।/ କ୍ରିୟାକର୍ମ ବେଳେ ସବା ଶେଷଥର ପାଇଁ/ ତୃତୀୟଥର ପାଇଁ ଉଚ୍ଚାରିତ ହେଲା ତା ନାଁ-/ 'କାତ୍ୟାୟନୀ ଦାସୀ'।/ 'ଦାସୀ?!' ('କହେ ଗିରିବାଳା', ପୃ. ୩୨୨)

'କାତ୍ୟାୟିନୀ' ଜାଣେ ଜୀବନ ପାରିବାରିକ ବେଷ୍ଟନୀରେ ଆବଦ୍ଧ। ସମସ୍ତେ ଜୀବନ ଯମୁନା ଡେଇଁବା ପାଇଁ ଅଗ୍ରସର। କବି ବିଶ୍ୱାସ କରନ୍ତି ଯନ୍ତ୍ରଣା ଆପେକ୍ଷିକ, କିନ୍ତୁ ଜୀବନ ମହତ୍ତର ସତ୍ୟ। ଜୀବନ ମରୁଦ୍ୱୀପ ଭଳି ଦେଖା ଯାଉଥିଲେ ମଧ ତା' ଭିତରେ ଓଏସିସ୍‌ର ସନ୍ଧାନ କରିବାକୁ ପଡ଼େ। ସେଥିପାଇଁ 'କାତ୍ୟାୟନୀ' – 'ମୁଁ ଆଉ ଜଣେ' ହୋଇ ଆମ ଆଗରେ ଠିଆ ହୁଏ ଏବଂ କହେ - "ତିରସ୍କାର କରନା/ ଉପହାସ କରନା/ ମୋର ଅପରାଧ କଣ?/ କଣ ମୋର ଅପରାଧ -/ ପୁର୍ବଜାଙ୍କ ପରି ନୀରବ ରହି ଜାଣେ ନା/ ନା ମୁଁ ଖୋଲି ଜାଣେ ହକ୍ କଥାରେ? XXX ଆଜି ମୁଁ ମଣିଷର ଅଧିକାର ଚାହୁଁଛି/ - ଇଏ ଅପରାଧ? XXX ମୋର ବି ଏ ପୃଥିବୀ !/ ଏଠାରେ ମୋର ବି ଜୀବନଟିଏ/ ଜୀଇଁବାର ଅଛି/ ମୋ ଇଚ୍ଛାରେ ମୋ ମର୍ଜିରେ।" ('କହେ ଗିରିବାଳା', ପୃ. ୩୨୩-୨୩୪)

ଜୀବନକୁ ମାଧୁର୍ଯ୍ୟମୟ କରିବାର ନିଶାରେ କବି ଗିରିବାଳା ରବୀନ୍ଦ୍ରନାଥଙ୍କର 'ଭାନୁସିଂହେର ପଦାବଳୀ'ର ସେଇ ଚିରାଚରିତ ପଂକ୍ତି ପାଖରେ ବାନ୍ଧି ହୋଇଯାଆନ୍ତି। "ଖାଲି କି ବୈକୁଣ୍ଠ ଲାଗି ବୈଷ୍ଣବର ଗାନ/ ପୂର୍ବରାଗ, ଅନୁରାଗ, ମାନ ଅଭିମାନ/ ଅଭିସାର ପ୍ରେମଲୀଳା ବିରହ ମିଳନ ବୃନ୍ଦାବନ ଗାଥା/ ଏ କି ଖାଲି ଦେବତାର? ଏ ସଙ୍ଗୀତ ରସଧାରା ନୁହେଁ ମେଣ୍ଟିବାର/ ଦୀନ ମର୍ତ୍ତ୍ୟବାସୀ ଏଇ ନରନାରୀଙ୍କର ପ୍ରତିରଜନୀର ଆଉ/ ପ୍ରତି ଦିବସର ତପ୍ତ ତୃଷ୍ଣା?

ଦାର୍ଶନିକ ଦୃଷ୍ଟିରୁ ଜୀବନର ବ୍ୟାଖ୍ୟା କରି କବି ଗିରିବାଳା ପାଠକ ସମାଜକୁ ନୀତି ଆଦର୍ଶର ବାଣୀ ଶୁଣାଇ ନାହାଁନ୍ତି, ବରଂ ଜୀବନକୁ ନିବିଡ଼ ଭାବରେ ଭଲ ପାଇ ତା'ର ଉତ୍‌ଥାନ-ପତନର ଅସ୍ଥିର ଅବସ୍ଥିତିକୁ ଅନୁଭବିଛନ୍ତି। ଗିରିବାଳାଙ୍କ କବି ଦୃଷ୍ଟିରୁ ଏଇ ବିଶେଷତ୍ୱ ତାଙ୍କ ମୁକ୍ତିଚେତନାର ଦିଶା ନିର୍ଦ୍ଦେଶ କରିଛି ।

(୪)

'କହେ ଗିରିବାଳା' କବି ଗିରିବାଳାଙ୍କ କାବ୍ୟଚେତନାର ଉତ୍ତରଣ। ଆଶା ଓ ଆଶ୍ୱାସନାର ସ୍ୱୀକାରୋକ୍ତି। ଯେଉଁ ସ୍ୱୀକାରୋକ୍ତି ପାଠକକୁ ସୁଦୂରରୁ ଅନେକ ଦୂରକୁ ଆକର୍ଷିତ କରି ତାଙ୍କ କବିତା ପାଖକୁ ଆଣେ। ଥରେ ପାଖକୁ ଆସିଲେ ଗିରିବାଳାଙ୍କ କବିତା ପାଠକର ରାଜଚୈତନ୍ୟକୁ ଘେନିଯାଏ ଅନେକ ଦୂରକୁ। ନିର୍ମଳ କବିତ୍ୱ ରସ ସୃଷ୍ଟି କରେ ହୃଦୟରେ। କବି ଗିରିବାଳାଙ୍କ କାବ୍ୟସୃଷ୍ଟିର ପୃଷ୍ଠଭୂମିରେ, ଅନ୍ୟ କାହା ସହ କୌଣସି ତୁଳନାତ୍ମକ ବିଚାର ନକରି କୌଣସି 'ବାଦ'ର ବଳୟ ଭିତରେ ତାଙ୍କ କବି ପଣିଆକୁ ନ ଖଞ୍ଜି ଆଲୋଚନାର ଅୟମାରମ୍ଭ କରିଛି। ଆଶା ଓ ବିଶ୍ୱାସ ଭବିଷ୍ୟତରେ ଗିରିବାଳାଙ୍କ କାବ୍ୟିକ ସାଧନା ଓ ସିଦ୍ଧି ସମ୍ପର୍କରେ ଅନେକ ସମୀକ୍ଷକ ରସାସକ୍ତ ହୋଇ ଆଗେଇ ଆସନ୍ତୁ ।

ଗିରିବାଳାଙ୍କ କବିତ୍ୱ ପ୍ରକୃତରେ ଆତ୍ମଆବିଷ୍କାରର କାବ୍ୟସତ୍ତା। ଆପଣାକୁ ଆବିଷ୍କାର କରିବାକୁ ଯାଇ ସେ ସଂସାରର ସମସ୍ତ ସ୍ତ୍ରୀଲୋକ, କାଳି ଝିଅ, କାତ୍ୟାୟିନୀକୁ ଆବିଷ୍କାର କରିନ୍ତି। ସ୍ମୃତି-କାରୁଣ୍ୟ ଓ ସାନ୍ତ୍ୱନା ସବୁ ଯେମିତି ଗିରିବାଳାଙ୍କ କାବ୍ୟ ଜିଜ୍ଞାସାକୁ ଶାଣିତ, ତୀବ୍ର ଓ ଗଭୀର କରି ଦେଇଛି। ପରିଶେଷରେ ଗିରିବାଳାଙ୍କ ପାଇଁ ଧାଡ଼ିଟିଏ "ଅନାବିଳ ହୃଦୟର ସ୍ନେହସିକ୍ତ ଶ୍ରଦ୍ଧାମୟ ପ୍ରବାହ"ର ନାମ "କହେ ଗିରିବାଳା"'।

[ ***'କହେ ଗିରିବାଳା' କବିତା ଗ୍ରନ୍ଥକୁ ଆଧାର କରି ଏଲେଖ୍ୟଟି ପ୍ରସ୍ତୁତ ହୋଇଛି ।*** ]

●

●●● ସା । କ୍ଷା । ତ୍ କା । ର

# ବାଗୀଶ ବରେଣ୍ୟ

ବାଗୀଶର ଚଳିତ ସଂଖ୍ୟାର '**ବାଗୀଶ ବରେଣ୍ୟ**'ରେ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ବରେଣ୍ୟ ସାରସ୍ୱତସାଧିକା ତଥା ସମାଲୋଚିକା **ପ୍ରଫେସର ଗିରିବାଳା ମହାନ୍ତିଙ୍କ** ସହ ସ୍ୱତନ୍ତ୍ର ସାକ୍ଷାତକାର। - *ସଂପାଦନା ମଣ୍ଡଳୀ, ବାଗୀଶ*

● ପ୍ରଫେସର ଗିରିବାଳା ମହାନ୍ତିଙ୍କ ସ୍ଥିରଚିତ୍ର



ସୌଜନ୍ୟ: ସାହିତ୍ୟ କୋଷ

ଗିରିବାଳା ମହାନ୍ତି(୧ ମାର୍ଚ୍ଚ, ୧୯୪୭): ଜନ୍ମ: ବାଲେଶ୍ୱର ଜିଲ୍ଲାର ନାମୋ ପିତା: ଯୁଧିଷ୍ଠିର ମହାନ୍ତି, ମାତା: କାତ୍ୟାୟନୀ, ସ୍ୱାମୀ: କଇଳାଶ ପଟ୍ଟନାୟକ। କବି ଓ ଗବେଷିକା ଭାବେ ଖ୍ୟାତିସମ୍ପନ୍ନା। ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱଭାରତୀରେ ଅଧ୍ୟାପନା। ସବୁଜ ଓ ପ୍ରଗତିବାଦୀ ଚେତନାର ଓଡ଼ିଆ କବିମାନଙ୍କ କବିତାର କାବ୍ୟକ ସୌନ୍ଦର୍ଯ୍ୟକୁ ନେଇ ସେ ଲେଖିଛନ୍ତି ଗବେଷଣା ନିବନ୍ଧ 'କାବ୍ୟକ ସୌନ୍ଦର୍ଯ୍ୟ'। ଏଥିରେ କାଳିନ୍ଦୀଚରଣ, ବୈକୁଣ୍ଠନାଥ, ମାନସିଂହ, ଗଡ଼ନାୟକ, ସଚ୍ଚି ରାଉତରାୟ ଓ ଅନନ୍ତ ପଟ୍ଟନାୟକ ପ୍ରମୁଖ କବିମାନଙ୍କ ସୌନ୍ଦର୍ଯ୍ୟବୋଧ ବିଶ୍ଳେଷିତ। ଏତଦ୍‌ବ୍ୟତୀତ 'କବିତାର କଥା' (୧୯୯୫), 'କାବ୍ୟକ ସୌନ୍ଦର୍ଯ୍ୟ' (୧୯୯୮), 'ନୟୋନୋତ୍ସବ' [ମଞ୍ଚାୟନ ଦୃଷ୍ଟିରୁ ଆଧୁନିକ ନାଟ୍ୟ ସାହିତ୍ୟ ସଂପର୍କିତ ସଂପାଦିତ ପୁସ୍ତକ] (୨୦୦୪), 'କିଛିଭାଷା, କିଛିରାସ୍ତା, କିଛିନିର୍ଜନତା' [ଜଗନ୍ନାଥ ପ୍ରସାଦ ଦାଶଙ୍କ ପ୍ରଥମ ପୁରୁଷ ବହିର ଦ୍ୱିତୀୟ ସଂସ୍କରଣର ମୁଖବନ୍ଧ[ (୧୯୮୧), 'ଦେଖୁ ଦେଖୁ କେବା ସହୁ'(୨୦୦୭), 'ଶାନ୍ତିନିକେତନରେ ଓଡ଼ିଆ ଶିକ୍ଷା'(୨୦୦୭), 'କଥା କୁଟୁମ୍ବ'(୨୦୦୯) ଆଦି ତାଙ୍କ ସାଧନାର ସମୁଜ୍ଜ୍ୱଳ ନିଦର୍ଶନ। ଏହା ବ୍ୟତୀତ ତାଙ୍କର ଦୁଇଟି ଅନୁବାଦ ଗ୍ରନ୍ଥ: 'ଟିକି ନାଆର ନାଉରୀ' ଓ 'ଗଙ୍ଗୱା ଗଙ୍ଗାମାଈ।'

ଗିରିବାଳାମହାନ୍ତି ଉତ୍ତର ଆଧୁନିକ ଓଡ଼ିଆ କବିତାର ଜଣେ ଯଶସ୍ୱିନୀ କବି। ସତୁରୀ ଦଶକରୁ ସେ କବିତା ଲେଖି ଆସୁଛନ୍ତି। ତାଙ୍କ କବିତାକୃତିଗୁଡ଼ିକ: 'ତୋପାଇଁ ମୁଁ ରୂପବନ୍ତ' (୧୯୮୨), 'ତୁମ ନ ଆସିବା ନେଇ' (୧୯୮୯), 'ସ୍ତ୍ରୀଲୋକ' (୧୯୯୦), 'କାଳିଝିଅ' (୧୯୯୭), 'ମା' ହବାର ଦୁଃଖ' (୨୦୦୨), 'ମତେ ଆକାଶ କଥା ପଚାରନା'(୨୦୧୧), 'କାତି କାତିଆ କାତ୍ୟାୟନୀ' (୨୦୧୩), କହେ ଗିରିବାଳା (୨୦୨୨)। ଏ ସମସ୍ତ କବିତାରେ ସେ ମୁଖ୍ୟତଃ ଜଣେ ବାମାବାଦୀ। ପୁରୁଷଶାସିତ ସମାଜରେ ନାରୀ ଜୀବନର ଦୟନୀୟତା ତାଙ୍କ କବିତାର ମୁଖ୍ୟ ବିଷୟବସ୍ତୁ। ସେ ଯୁଗପତ୍ ଜଣେ ବିପ୍ଲବିଣୀ ଓ ଯନ୍ତ୍ରଣାଜର୍ଜରା କବି ଭାବେ ନିଜକୁ ପ୍ରକାଶକରିଛନ୍ତି। ନାରୀ ଜୀବନର ସମସ୍ୟା ଓ ସଙ୍କଟକୁ ରୂପ ଦେବାରେ ତାଙ୍କର ଦକ୍ଷତା ପ୍ରକଟିତ। ଶବ୍ଦ, ଛନ୍ଦ, ପ୍ରତୀକ, ଚିତ୍ରକଳ୍ପ ଓ ମିଥ୍ ମଧ୍ୟଦେଇ ସେ ଅଭିବ୍ୟକ୍ତିକୁ ଛବିଳ ଓ ପ୍ରଭାବକ୍ଷମ କରିଛନ୍ତି।

**ପ୍ରଶ୍ନ:** ଆପଣଙ୍କ ଦୃଷ୍ଟିରେ ଆଲୋଚନା ବା ସମାଲୋଚନା କହିଲେ କ'ଣ?

**ଉତ୍ତର:** 'ଆଲୋଚନା'ର ଅର୍ଥ ସାଧାରଣ ଆଲୋଚନା- 'ଗଲି ଆଇଲି, ଯାହା ଦେଖିଲି ତାହା କହିଲି।' ଏ କ୍ଷେତ୍ରରେ କେହିବି ପାଠକ 'ଆଲୋଚକ' ହୋଇପାରେ। ସାଦାକଥାରେ ଏହା ଅନେକାଂଶରେ 'ବିହଙ୍ଗାବଲୋକନ'। ଅପର ପକ୍ଷରେ ସମାଲୋଚକ ନିଜେ ମଧ୍ୟ ଗଭୀର ଅବଗାହୀ ହୋଇଥିବା ଜରୁରୀ, ସେ ସାଧାରଣ ପାଠକ ନୁହଁ- ତୀକ୍ଷ୍ଣ ଧୀ ସମ୍ପନ୍ନ, ସ୍ୱୟଂ ରଚୟିତାର ସମକକ୍ଷ/ସମାନଧର୍ମା। ଏଥିପାଇଁ ଆଚାର୍ଯ୍ୟ ଭବଭୂତି ଏକଦା ଲେଖିଥିଲେ- ସମାହୀନ କାଳ ମଧ୍ୟରେ, ଏହି ବିପୁଳ ପୃଥିବୀରେ କିଏ ମୋର 'ସମାନଧର୍ମା', ଯିଏ ସୃଷ୍ଟି କଳାକୁ ନିଜେ 'ଭୁଞ୍ଜି', ଅପରକୁ 'ଭୁଞ୍ଜାଇ' ପାରୁଥିବ।

ଏକ କଥାରେ ସମ୍ୟକ୍ ଆଲୋଚନାର ଅର୍ଥ ଯାହା ଅପର ପାଠକର ଧାରଣା ଓ ଅବବୋଧକୁ ସହଜରେ ପ୍ରସ୍ତୁତ-ବିଷୟ-ଉପାଦାନ ସମ୍ପର୍କରେ ପରିଚ୍ଛନ୍ନ କରିବାରେ ସମର୍ଥ; ବା ସାଦା କଥାରେ ପ୍ରସ୍ତୁତ ବିଷୟ ଉପାଦାନ ସମ୍ପର୍କରେ ପାଠକର ଧାରଣାକୁ ପ୍ରାଞ୍ଜଳ କରିବାରେ ସମର୍ଥ।

**ପ୍ରଶ୍ନ:** ଆପଣ ଓଡ଼ିଶା ତଥା ଓଡ଼ିଶା ବାହାରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଦୀର୍ଘବର୍ଷ ଅଧ୍ୟାପନା କରିଛନ୍ତି। ବିଶ୍ୱଭାରତୀ ଶାନ୍ତିନିକେତନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବିଭାଗ ମୁଖ୍ୟ ଭାବେ ମଧ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହି ଦୀର୍ଘ କର୍ମ ପଥରେ ଓଡ଼ିଆ ସାହିତ୍ୟ ଗବେଷଣା ସହ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଭାବେ ଜଡ଼ିତ ଥିଲେ। ତେବେ ଏଇ ବିଗତ ଦୁଇ ଦଶନ୍ଧିର ସମାଲୋଚନା ସାହିତ୍ୟ ଆଉ ଆଜି ମଧ୍ୟରେ ଆପଣ କ'ଣ ସବୁ ପରିବର୍ତ୍ତନ ଲକ୍ଷ୍ୟ କରନ୍ତି।

**ଉତ୍ତର:** ପ୍ରଚଳିତ ସମୟରେ 'ଆଲୋଚକ' ଓ 'ଆଲୋଚନା'ର ସଂଖ୍ୟା ଅଭାବନୀୟ ଭାବରେ ବୃଦ୍ଧି ପାଇଥିଲେ ହେଁ ଯଥାର୍ଥ ସମାଲୋଚକଙ୍କ ସଂଖ୍ୟା କ୍ରମଃ ସୀମିତ ହୋଇ ଯାଉଛି। ଏବେ ଉଚ୍ଚତର ଡିଗ୍ରୀ ନିମନ୍ତେ ପ୍ରସ୍ତୁତ ବହୁ 'ନିବନ୍ଧ' - ପ୍ରବନ୍ଧ ବା ସମ୍ୟକ ଆଲୋଚନା ସୁଦ୍ଧା ନୁହଁ - ନିକୃଷ୍ଟ ଆଲୋଚନା ମାତ୍ର!!

**ପ୍ରଶ୍ନ:** ଜଣେ ପ୍ରାଧାପିକା ଭାବେ ଆପଣଙ୍କ ଯଥେଷ୍ଟ ଅଭିଜ୍ଞତା ରହିଛି। ଆପଣଙ୍କ ଶିକ୍ଷକତା ସମୟରେ ଆମ ସାହିତ୍ୟ ଆଲୋଚନା ଓ ଗବେଷଣାର ସ୍ଥିତି କେଉଁଭଳି ଥିଲା, ସେ ସମ୍ବନ୍ଧରେ ଯଦିଓ ମୋର ବିଶେଷ ଧାରଣା ନାହିଁ। କିନ୍ତୁ, ବର୍ତ୍ତମାନ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣା ଦିଗ ପ୍ରତି ପିଲାଙ୍କ ମନରେ ଯଥେଷ୍ଟ ଆଗ୍ରହ ସୃଷ୍ଟି କରାଯାଇ ପାରୁନାହିଁ ବୋଲି ମୋତେ ଅନୁଭବ ହୁଏ। ଏ କଥାକୁ ଆପଣ କେମିତି ଗ୍ରହଣ କରିବେ।

**ଉତ୍ତର:** କଥାଟା 'ଚାଲିନ ଜାଣି ବାଟର ଦୋଷ' କହିଲା ପରି ହେଲା। ଗବେଷଣାତ ବ୍ୟକ୍ତିର ଏକ 'inner urge'- ପ୍ରବନ୍ଧ ଆନ୍ତରିଣ ଶିକ୍ଷା ଓ ଗବେଷଣା ପାଇଁ ସରକାର ଖଞ୍ଜି ଦେଇଛନ୍ତି! ପ୍ରତି ଶିକ୍ଷାୟତନର ଅସଂଖ୍ୟ 'ମାର୍ଗଦର୍ଶକ'-ଗାଇଡ଼(?)।

ସର୍ବୋପରି ଚାକିରୀ ସର୍ତ୍ତ ମଧ୍ୟରେ ଡକ୍ଟରେଟ୍ କରିଥିବା ସାର୍ଟିଫିକେଟର ଚାହିଦା ବଢ଼ିଛି ଓ ଏସମୟରେ ଗବେଷକଙ୍କ ସଂଖ୍ୟାପରି 'ମାର୍ଗଦର୍ଶକ'ଙ୍କ ସଂଖ୍ୟା ପ୍ରଚୁର। ଏତେ ଏତେ(ଉଚ୍ଚତର) ଗବେଷଣା କର୍ମ ହେଉଛି- ଶିକ୍ଷାୟତନରୁ ପ୍ରୋତ୍ସାହନ ମିଳୁନାହିଁ କିପରି? ଏମତରେ ମୁଁ ଆପଣଙ୍କ ସହ ଏକମତ ନୁହେଁ! ମୋର ଧାରଣା ବେଶୀ ସୁବିଧା ମିଳୁନଥିବାରୁ 'କାଗଜ କଲମ'ରେ ଢେର ଗବେଷଣା ହେଉଛି- ମାତ୍ର ତହିଁରେ 'ଏଷଣା' କାହିଁ?

**ପ୍ରଶ୍ନ:** ସର୍ଜନଶୀଳ ସାହିତ୍ୟ ସୃଷ୍ଟି କରିବା ଆଉ ସମାଲୋଚନା ଲେଖିବା ମୋତେ ଲାଗେ ଏ ଦୁଇ ପରସ୍ପର ବିପରୀତ କଳା। ଆପଣ ଏକାଧାରରେ ଜଣେ ଯଶସ୍ୱୀ କବି ଓ ସମାଲୋଚିକା। ଏ ଦୁଇ ବିପରୀତ କଳାକୁ ଆୟତ୍ତ କରିବା ସମସ୍ତଙ୍କ ପାଇଁ ସମ୍ଭବ ହୁଏନି। କିନ୍ତୁ ଆପଣ ଯଥାର୍ଥ ଭାବେ ଏ ଉଭୟ କ୍ଷେତ୍ରରେ ସଫଳ। ଏହା ପଛରେ କ'ଣ ରହସ୍ୟ ଦୟାପୂର୍ବକ କହିବେ କି?

**ଉତ୍ତର:** ମୌଳିକ ଭାବେ ଲେଖାଲେଖି କରିବା ଯେପରି ଏକ କଳା, ଅପରର ପ୍ରସ୍ତୁତ ପାଠକୁ ସମ୍ୟକ୍ ଅବବୋଧ କରି- ମୂଳ ଲେଖକର ବକ୍ତବ୍ୟର ନିଭୃତକକ୍ଷକୁ ପ୍ରବେଶ କରିବା, ତା'ର ମର୍ମାର୍ଥଭେଦ କରିବା, କୌଣସି ଗୁଣରେ ସହଜକଳା ନୁହେଁ!

ଏ ଦୁଇଧାରରେ ପ୍ରବାହ ପଥ ଭିନ୍ନ ହେଲେହେଁ ମୋ ଧାରଣାରେ ଏ ଦୁଇ ଧାରାହିଁ କଳା। ଉପେନ୍ଦ୍ରଙ୍କ 'ବନ୍ଧକାବ୍ୟ', 'ଚିତ୍ରକାବ୍ୟ'ର ମର୍ମାର୍ଥ ଭେଦକରି ଆର୍ତ୍ତବଲ୍ଲଭ ଯଦି ଆମ ଆଗରେ ପରିବେଷଣ କରିନଥାନ୍ତେ, ଆମେ ଭଞ୍ଜଙ୍କୁ ପୂର୍ବପରି 'ସଂଗୀତଶାଳାରେ' ବନ୍ଦୀ କରି ରଖିଥାନ୍ତୁ, ଗୀତଭାବି ମୁଖସ୍ତ କରିଥାନ୍ତୁ- ତା'ର ବ୍ୟଞ୍ଜନା, ଶ୍ଳେଷ, ତା'ର ଛନ୍ଦ-ବନ୍ଧ ଏସବୁ ଆମ ଆଗରେ 'ଉଭା' ହୋଇନଥାନ୍ତା- 'ପୋତା' ହୋଇ ରହିଥାନ୍ତା। ସାର୍ଥକ ସମ୍ୟକ ଆଲୋଚକର ଆଲୋଚନା ମଧ୍ୟ ଉନ୍ନତ କଳା। କେବଳ ସର୍ଜନଶୀଳ ରଚନାର ଓ ସମ୍ୟକ ଆଲୋଚନାର ପ୍ରବାହ-ପଥ ଓ ଉଦ୍ଦେଶ୍ୟ ଅଲଗା ଅଲଗା, ଭିନ୍ନ ଭିନ୍ନ। ଏ ଦୁଇଧାରା ପରସ୍ପରର ପରିପୂରକ, ଅନୁପୂରକ ନୁହନ୍ତି। ଏବିଷୟରେ ମୁଁ ଅନ୍ୟତ୍ର ସବିସ୍ତାର ଆଲୋଚନା

କରିଛି। ଆମ ସମୟର ମାୟାଧର, ବେଣୁଧର, ଚିନ୍ତାମଣି ଏହାର ପ୍ରମାଣ!

ପ୍ରଶ୍ନ: ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ନାରୀସ୍ୱରର ଘୋର ଅଭାବ ପରିଲକ୍ଷିତ ହେଉଛି। ଏ ଅନୁଶୀଳନ ଅବଶ୍ୟ ମୋର ବ୍ୟକ୍ତିଗତ। ଏ କଥାକୁ ଆପଣ କେମିତି ଗ୍ରହଣ କରିବେ। ଯଦି ଏକମତ ତେବେ ଏହା ପଛରେ କାରଣ କ'ଣ ବୋଲି ଆପଣ ଭାବନ୍ତି।

**ଉତ୍ତର:** ଆପଣଙ୍କ ନିରୀକ୍ଷା ଯଥାର୍ଥ। ଓଡ଼ିଆରେ ସର୍ଜନଶୀଳ ସାହିତ୍ୟକ୍ଷେତ୍ର ତୁଳନାରେ ସମାଲୋଚନା ପ୍ରବନ୍ଧ-ନିବନ୍ଧ ଲେଖିକାଙ୍କ ସଂଖ୍ୟା ସୀମିତ। ଭାବି ଦେଖିଲେ ସର୍ଜନଶୀଳ ସୃଷ୍ଟି ଅପେକ୍ଷା ଯଥାର୍ଥ ସମ୍ୟକ୍-ଆଲୋଚନା-କଳା ଜଟିଳତର ଓ ଶ୍ରମସାଧ୍ୟ।

ପ୍ରଶ୍ନ: ବର୍ତ୍ତମାନ ଗବେଷଣା ନାମରେ କେବଳ ଚର୍ବିତ ଚର୍ବଣ ହିଁ ପରିଦୃଶ୍ୟମାନ। ସବୁକିଛି ଯେମିତି ଏକ ନିର୍ଦ୍ଦିଷ୍ଟ ସ୍ୱାର୍ଥ ରଖି କରାଯାଉଛି। ଏମିତି ଅନେକ ଦୃଷ୍ଟାନ୍ତ ମଧ୍ୟ ଆପଣ ଦେଖିଥିବେ। ଯଦିଓ ଆଜିବି ଅନେକ ସାରସ୍ୱତ ସାଧକ ଅଛନ୍ତି, ଯେଉଁମାନଙ୍କ ସ୍ୱାର୍ଥରହିତ ସାଧନା ଅନବରତ ଭାବେ ଚାଲିଛି। ଆଜି ଏ ଭଳି ଏକ ସମୟ ଖଣ୍ଡରେ ଓଡ଼ିଆ ଗବେଷଣା ସାହିତ୍ୟ କେଉଁ ଦିଗରେ ଅଗ୍ରସର ହେବା ଉଚିତ ବୋଲି ଆପଣ ଭାବନ୍ତି।

**ଉତ୍ତର:** ଆପଣଙ୍କ ଅଭିମତ ସହ ମୁଁ ଏକମତ। ଆଜି ଗବେଷଣା କର୍ମ ଏକ ପ୍ରକାର 'କାର୍ଯ୍ୟ ଘେନା ପ୍ରୀତି'। ପୂର୍ବ ପ୍ରଶ୍ନର ଉତ୍ତରରେ ଏହାର ସୂଚନା ମୁଁ ଦେଇଚି। ଆଜିର ଗବେଷଣା କର୍ମ କଥା କହିବା ଠିକ୍ ହେବକି? କାରଣ ଏଥିସହ 'ଆପଣ' ଓ 'ମୁଁ'- ଅର୍ଥାତ୍ ଗବେଷକ ଓ ମାର୍ଗଦର୍ଶକଙ୍କ ଉଭୟଙ୍କ ସ୍ୱାର୍ଥ ଜଡ଼ିତ। ଏହା ଏକ ଖଜୁରୀଗଛ। ଏଥିସହ ଶିକ୍ଷାୟତନମାନଙ୍କର ଭୂମିକା ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ।

ପ୍ରଶ୍ନ: ସମକାଳର ନବୀନ ଗବେଷକଙ୍କୁ ଆପଣ କ'ଣ କହିବେ।

ଉତ୍ତର: ମୁଁ ସାମାନ୍ୟ ମାଷ୍ଟ୍ରାଣୀ ମୋ ପ୍ରିୟ ବଡ଼ ମାଷ୍ଟର ସ୍ୱର୍ଗତ ଗୋପବନ୍ଧୁ ଦାସଙ୍କ ବାଣୀକୁ ଉଦ୍ଧାର କରୁଛି,

'ଦିନକର ଉଜାଗରେ କିବା ପ୍ରୟୋଜନ
ନିଦ୍ରା ବିଜଡ଼ିତ ଯଦି ସମସ୍ତ ଜୀବନ ।
X X X
ସମସ୍ତ ଜୀବନକର ଏକ ଶିବରାତ୍ରୀ !'

ଜୀବନରେ ପଥ ହୁଡ଼ ନାହିଁ ହେ ଗବେଷକ-ସମାଲୋଚକ-ମାର୍ଗଦର୍ଶକ। ଏ ଭିତରେ 'ବାଲ୍ମୀକ' ଆପଣଙ୍କ ଏଷଣାର ପାଠକ ହେବ ଆରମ୍ଭ କଲେଣି। ମାନନୀୟ ମାର୍ଗଦର୍ଶକ ପଥପ୍ରଦର୍ଶକଙ୍କ ପାଇଁ ଅବ୍ରାହମ୍ ଲିଙ୍କନଙ୍କ ଉକ୍ତିରୁ ଏକ୍ଷେତ୍ରରେ କେଇ ଧାଡ଼ି ଉଦ୍ଧାର କରୁଛି- ଯାହା ସେ ନିଜ ପୁଅ ପଢୁଥିବା ବିଦ୍ୟାଳୟର ହେଡ଼ମାଷ୍ଟରଙ୍କୁ ଲେଖିଥିବା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଚିଠିର ଅଂଶ:


XXX Teach him that for every scoundrel,. there is a hero, for every enemy there is a friend. Also teach him that a dollar earned is of more value than five pounds, teach him how to learn to lose, as also to enjoy winning. Teach him the secret of quiet laughter, also give him time to ponder over the eternal mystery of birds in the sky, bees in the Sun and flowers on a green hill-side. In school teach him, it is far more honourable to fail than cheat. Teach him gently, but do not cuddle him. Teach him to Stand up and fight if he thinks he is right and firmly tell him that only the test of fire makes fine steel. (On learing - Aristotle, Gandhi, Lincoln, letter to the editor,Mr A.K.Ghose,The Statesman,7.5.2019)

ପ୍ରଶ୍ନ: ବାଗୀଶ ପାଇଁ ଉପଦେଶ ସୂଚକ ଦୁଇଟି ବାକ୍ୟ...

**ଉତ୍ତର:** ଚରୈବେତି... ଚରୈବେତି...।

***(ଗିରିବାଳା ମହାନ୍ତିଙ୍କ ଦୂରଭାଷ : ୯୯୩୩୪୯୨୧୩୬)***

ଉପସ୍ଥାପନା
ସଂପାଦକ, ବାଗୀଶ




# ଓଡ଼ିଶାର ଜନଜାତି : ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ

ଲେଖକ

ଡ. ଦେବାଶିଷ ପାତ୍ର

ପ୍ରକାଶକ : ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭୁବନେଶ୍ୱର

ପ୍ରଥମ ପ୍ରକାଶ : ୨୦୨୦

ପୃଷ୍ଠା - ୩୩୬, ମୂଲ୍ୟ - ୨୦୦ ଟଙ୍କା

ଭାରତ ଭୂଖଣ୍ଡର ମୂଳନିବାସୀ ହେଉଛନ୍ତି ଆଦିବାସୀ। ଏମାନେ ଜନଜାତି ଭାବରେ ପରିଚିତ। ଭାରତବର୍ଷରେ ପ୍ରାୟ ଚାରିଶହ ପ୍ରକାରର ଜନଜାତି ବାସ କରୁଥିବାର ଦେଖାଯାଏ। ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ ଅଟେ। ଏଥିରେ ୬୨ ପ୍ରକାର ଜନଜାତି ବାସ କରନ୍ତି। ଡ. ଦେବାଶିଷ ପାତ୍ର 'ଓଡ଼ିଶାର ଜନଜାତି : ଏକ ସାମାଜିକ ଓ ସାଂସ୍କୃତିକ ଅଧ୍ୟୟନ' ପୁସ୍ତକରେ ଓଡ଼ିଶାର ସେହି ୬୨ ପ୍ରକାର ଜନଜାତିଙ୍କ ସମାଜିକ ଓ ସାଂସ୍କୃତିକ ବୈଚିତ୍ର୍ୟଗୁଡ଼ିକୁ ବିଶ୍ଳେଷଣ କରିଛନ୍ତି। ଏହି ପୁସ୍ତକଟି ପାଞ୍ଚଟି ପରିଚ୍ଛେଦରେ ବିଭକ୍ତ। ପ୍ରଥମ ପରିଚ୍ଛେଦ ଓଡ଼ିଶାର ଜନଜାତି ପରମ୍ପରାରେ ଜନଜାତିଙ୍କ ସଂଜ୍ଞା ଓ ସ୍ୱରୂପ, ଭାରତୀୟ-ଆର୍ଯ୍ୟ ଭାଷା ପରିବାର ଗୋଷ୍ଠୀ, ଅଷ୍ଟ୍ରିକ ଭାଷା ପରିବାର ଗୋଷ୍ଠୀ, ଦ୍ରାବିଡ଼ ଭାଷା ପରିବାର ଗୋଷ୍ଠୀ, ଭୌଗୋଳିକ ଦୃଷ୍ଟିକୋଣରୁ ଜନଜାତି ପ୍ରଭାଗ, ଆକୃତି ଅନୁଯାୟୀ ବିଭାଗ, ଅର୍ଥନୈତିକ ବ୍ୟବସ୍ଥାଗତ ଶ୍ରେଣୀବିଭାଗ, ବିକାଶ ଦୃଷ୍ଟିକୋଣରୁ ଜନଜାତିଙ୍କ ବିଭାଗ, ପୁରାତନ ଜନଜାତି ଗୋଷ୍ଠୀ, ଅବସ୍ଥାନ୍ତର ଜନଜାତି ଗୋଷ୍ଠୀ, ପରିବର୍ତ୍ତିତ ବା ସମୀକୃତ ଜନଜାତି ଗୋଷ୍ଠୀ, ଜନଜାତିଙ୍କ ଚାରିତ୍ରିକ ଲକ୍ଷଣ, ପୁରାତନ ଜନଜାତିଙ୍କ ଚାରିତ୍ରିକ ଲକ୍ଷଣ, ଜନଜାତିଙ୍କ ଅବସ୍ଥିତି, ଓଡ଼ିଶାର ଅନୁସୂଚିତ କ୍ଷେତ୍ର ଓ ପ୍ରମୁଖ ଜନଜାତିଙ୍କ ଅବସ୍ଥିତି ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଛି।

ଦ୍ୱିତୀୟ ପରିଚ୍ଛେଦ ଓଡ଼ିଶାର ଜନଜାତିରେ ଓଡ଼ିଶାରେ ରହୁଥିବା ୬୨ ପ୍ରକାର ଜନଜାତିଙ୍କ ବିଷୟରେ ସ୍ୱତନ୍ତ୍ର ଭାବେ ଆଲୋଚନା ହୋଇଛି। ସେହିପରି ତୃତୀୟ ପରିଚ୍ଛେଦରେ ଓଡ଼ିଶାର ଜନଜାତିଙ୍କ ସାମାଜିକ ଓ ସାଂସ୍କୃତିକ ବିବିଧତା ଆଲୋଚିତ। ଏଥିରେ ଜନଜାତିର ସାମାଜିକ ବ୍ୟବସ୍ଥା ଓ ଦୃଷ୍ଟିଭଙ୍ଗୀ, ଜନଜାତି ସମାଜର ସ୍ୱାତନ୍ତ୍ର୍ୟ, ଜନଜାତି ସମାଜର ଅନ୍ୟାନ୍ୟ ବୈଶିଷ୍ଟ୍ୟ, ଜନଜାତି ସମାଜର ପ୍ରକାର୍ଯ୍ୟ ର ଆବଶ୍ୟକତା, ସଂସ୍କୃତିର ମୌଳିକତା, ସାମାଜିକ ଅନୁଷ୍ଠାନ, ପରିବାର ବ୍ୟବସ୍ଥା, ଜ୍ଞାତିତ୍ୱର ବିଭିନ୍ନ ଦିଗ, ଗ୍ରାମ୍ୟ ବ୍ୟବସ୍ଥା, ବାସଗୃହ, ଧାଙ୍ଗାବସା ଓ ଧାଙ୍ଗିବସା, ଗୃହୋପକରଣ, ବେଶଭୂଷା, ଅଳଙ୍କାର, ହସ୍ତଶିଳ୍ପ ଓ ଚିତ୍ରକଳା, ଚିତକୁଟା ପରମ୍ପରା, ଖାଦ୍ୟପେୟ, ଜୀବନଚକ୍ର ଓ କର୍ମକର୍ମାଣି, ଧର୍ମୀୟ ଜୀବନ, ପର୍ବପର୍ବାଣି, ନୃତ୍ୟ ପରମ୍ପରା, ବାଦ୍ୟଯନ୍ତ୍ର, ଜନଜାତିଙ୍କ ଲୋକବିଶ୍ୱାସ, ଜନଜାତିଙ୍କ ସାମାଜିକ ବ୍ୟବସ୍ଥା ଓ ସଂସ୍କୃତିର ଅସ୍ମିତା ବିଷୟଗୁଡ଼ିକ ପୁଙ୍ଖାନୁପୁଙ୍ଖ ଆଲୋଚିତ। ଚତୁର୍ଥ ପରିଚ୍ଛେଦଟି ଜନଜାତିଙ୍କ ମୌଖିକ ସାହିତ୍ୟ ନାମରେ ନାମିତ ଏଥିରେ ଲେଖକ ଜନଜାତିଙ୍କ ଲୋକଗୀତ, ଲୋକକଥା ଓ ଅନ୍ୟାନ୍ୟ ଲୋକସାହିତ୍ୟ ବିଷୟରେ ଆଲୋଚିତ। ପଞ୍ଚମ ପରିଚ୍ଛେଦରେ ଓଡ଼ିଶାର ଜନଜାତିଙ୍କ ଭାଷା, ଲିପି ଓ ଶବ୍ଦାବଳୀ ପ୍ରସଙ୍ଗରେ ମୁଣ୍ଡାଭାଷାର ଉପଭାଷା ଓ ବ୍ୟବହାରକାରୀ ଗୋଷ୍ଠୀ, ଦ୍ରାବିଡ଼ ପରିବାରର ସୃଷ୍ଟ ଭାଷା ଓ ବ୍ୟବହାରକାରୀ ଗୋଷ୍ଠୀ, ଭାରତୀୟ ଆର୍ଯ୍ୟ ଓଡ଼ିଆ, ଜନଜାତିଙ୍କ ବ୍ୟବହୃତ ପ୍ରମୁଖ ଭାଷା ମଧ୍ୟରେ ଦେଶିଆ, ଲରିଆ, ସାଦ୍ରି ବିଷୟରେ ସୂଚନା ଦିଆଯାଇଛି। ବାଥୁଡ଼ି, ଭୂୟାଁ, ଭତ୍ରା, ଭୂମିଜ, ବଣ୍ଡା,

ଡିଡ଼ାୟୀ, ଗଦବା, ହୋ, ଜୁଆଙ୍ଗ, ଖଡ଼ିଆ, କନ୍ଧ, କୁଭି, କିଶାନ୍, କୋୟା, ମୁଣ୍ଡା, ଓରାଓଁ, ପାରେଙ୍ଗା, ପରଜା, ସଉରା, ସାନ୍ତାଳ ଭଳି ଜନଜାତିଙ୍କ ଭାଷାରେ ବ୍ୟବହୃତ ଶବ୍ଦାବଳୀର ଏକ ତାଲିକା ପ୍ରଦାନ କରିଛନ୍ତି। ଶେଷରେ ପରିଶିଷ୍ଟ ସହିତ ଆଦିବାସୀ ଜୀବନ ସମ୍ପର୍କିତ କିଛି ସ୍ଥିରଚିତ୍ର ପ୍ରଦତ୍ତ। ପୁସ୍ତକର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଲା ଯେ ଏଥିରେ ୬୨ ପ୍ରକାର ଜନଜାତିଙ୍କ ବିଷୟରେ ଅଳ୍ପେ ବହୁତେ ସୂଚନା ରହିଛି। ଏହା ଗବେଷକ ତଥା ଛାତ୍ରଛାତ୍ରୀଙ୍କ ନିମିତ୍ତ ଏକ ଉପାଦେୟ ପୁସ୍ତକ ନିଶ୍ଚୟ। ଭାଷା ହେଉଛି ସଂସ୍କୃତିର ଏକ ଅଙ୍ଗ। ଓଡ଼ିଆରେ ଆଦିବାସୀ ଭାଷା ସମ୍ପର୍କରେ ବିଶେଷ ଆଲୋଚନା ହୋଇନାହିଁ। ଏହି ପୁସ୍ତକରେ ସେହି ବିଷୟରେ ସୂଚନା ଥିଲେ ମଧ୍ୟ ତାହା ବହୁତ କମ୍।

ସହ-ସଂପାଦକ, ବାଗୀଶ

## ଆପଣଙ୍କ ଚିଠି

କ୍ରମଶଃ

'ଅଗ୍ନିସ୍ନାତା - ଆତ୍ମଜାର ଆତ୍ମଲିପି' ବେଶ୍ ମର୍ମସ୍ପର୍ଶୀ ଏବଂ ପାଠକକୁ ଆତ୍ମଜୀବନୀଟି ପଢ଼ିବାକୁ ବାଧ୍ୟ କରିବା ଭଳି ଶକ୍ତି ରଖିଛି। ବାସ୍ତବରେ ଯୁଗ ଯୁଗରୁ ନାରୀକୁ ଅଗ୍ନିସ୍ନାନ ଯେ କରିବାକୁ ହୁଏ, ସକଳପ୍ରକାର ପ୍ରତାରଣ, ଛଳନା, ଲାଞ୍ଛନା, ସ୍ୱାର୍ଥପରତା, ନିନ୍ଦା, ଅପବାଦର ଅଗ୍ନିରେ ଅହରହ ସ୍ନାନ କରି, ସେ ହୁଏ ଅଗ୍ନିସ୍ନାତା। ଗୋଟେ ସାଧାରଣ ନାରୀ ହେଉ କି ଲେଖିକା ଜ୍ୟୋତ୍ସ୍ନା ବିଶ୍ୱାଳ ରାଉତ ହୁଅନ୍ତୁ କିମ୍ବା ତ୍ରେତୟାର ସୀତା ସମାଜ ଫିଙ୍ଗିଛି ବାଲ୍ଟି ବାଲ୍ଟି ଅଗ୍ନି। ନାରୀ ଜୀବନର ତିନୋଟି ଗୁରୁତ୍ୱପୂର୍ଣ୍ଣ ଦିଗକୁ ନେଇ ଆଲୋଚନାଟି ବେଶ୍ ତଥ୍ୟଗର୍ଭକ ହୋଇଉଠିଛି। ଏଥିସହିତ ସଂପାଦକୀୟ ପୃଷ୍ଠାରେ ସାଂପ୍ରତିକ ଉଚ୍ଚଶିକ୍ଷା କ୍ଷେତ୍ରରେ ଆସୁଥିବା ବିପର୍ଯ୍ୟସ୍ତ ଅବସ୍ଥା ପ୍ରତି ଆଲୋକପାତ ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ ।

--- ***ଅମ୍ରିତା ଶତପଥୀ***

*( ଅଧ୍ୟାପିକା, ସ୍ୱା.ବି. ସ୍ମାରକ ସ୍ୱଶାମହାବିଦ୍ୟାଳୟ, ଜଗତସିଂହପୁର)*

'ବାଗୀଶ'ର ଦ୍ୱିତୀୟ ବର୍ଷ ଚତୁର୍ଥ ସଂଖ୍ୟା ପଢ଼ିବାର ସୁଯୋଗ ପାଇଲି। ଏହି ପତ୍ରିକାରେ ସ୍ଥାନିତ ସମସ୍ତ ସମାଲୋଚନାମୂଳକ ପ୍ରବନ୍ଧ ଉଚ୍ଚକୋଟିର। ଡକ୍ଟର ବିଶ୍ୱନନ୍ଦ ଦାସଙ୍କ ଆଲୋଚନା 'ଓଡ଼ିଆ ଅସ୍ମିତାର ଐତିହାସିକ ଓ ରାଜନୈତିକ ବୈଚିତ୍ର୍ୟ' ମୋ ମନକୁ ଛୁଇଁଛି। ସାଂପ୍ରତିକ ସ୍ଥିତିକୁ ନେଇ ରଚିତ ଏହି ଆଲୋଚନା ବେଶ୍ ସ୍ୱାଗତଯୋଗ୍ୟ। ବିଶେଷ ଭାବେ ଡକ୍ଟର ଦାଶରଥି ଆଚାର୍ଯ୍ୟଙ୍କ ସାକ୍ଷାତକାରର ସମାଲୋଚନା କ'ଣ? ଉତ୍ତମ ସମାଲୋଚନା କେମିତି ହେବା ଉଚିତ୍ ? ଏହା ସହ ଗ୍ରନ୍ଥ ସମ୍ପାଦନାଜନିତ ବିଭିନ୍ନ ତଥ୍ୟ ଓ ଦୃଷ୍ଟିକୋଣ ବିଷୟରେ ସୂଚନା ପ୍ରଦାନ କରିଛନ୍ତି, ଯାହା ମୋ ପାଇଁ ବେଶ୍ ଲାଭଦାୟକ ହେବ ବୋଲି ଭାବୁଛି। ବାଗୀଶ ପତ୍ରିକା ସମୟ ସହ ତାଳଦେଇ ଦ୍ୱିତୀୟ ବର୍ଷ ଚତୁର୍ଥ ସଂଖ୍ୟାରେ ପହଞ୍ଚିଲାଣି, ଆଗକୁ ଏପରି ସାହିତ୍ୟ କ୍ଷେତ୍ରରେ ନୂତନ ଦିଶା ଦେଖାଇବା ସହିତ ଦୀର୍ଘାୟୁ ହେଉ।

--- ***ସସ୍ମିତା ମାଝୀ***

*( ଛାତ୍ରୀ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ)*

### ଘୋ ଷ ଣା

- ପତ୍ରିକାରେ ପ୍ରକାଶିତ ଲେଖାର ସତ୍ତ୍ୱ ସଂପୂର୍ଣ୍ଣ ଭାବେ ସମ୍ପୃକ୍ତ ଲେଖକ/ଲେଖିକାଙ୍କର। ତେଣୁ କୌଣସି ଲେଖାରେ ଯଦି କୌଣସି ତଥ୍ୟ ବା ତତ୍ତ୍ୱଗତ ବିଭ୍ରାନ୍ତି ଥାଏ; ତେବେ ଏଥି ପାଇଁ ଲେଖକ/ଲେଖିକା ସଂପୂର୍ଣ୍ଣ ଭାବେ ଦାୟୀ ରହିବେ।
- ଆମେ ସ୍ୱୀକାର କରୁଛୁ ଯେ ପତ୍ରିକାର କେତେକାଂଶରେ ବ୍ୟାକରଣ ଓ ସମ୍ପାଦନାଗତ(ଯାନ୍ତ୍ରିକ) ତ୍ରୁଟି ରହୁଛି। ଏଥି ପାଇଁ ଆମେ କ୍ଷମାପ୍ରାର୍ଥୀ। ଆମେ ଯଥାସାଧ୍ୟ ଚେଷ୍ଟା କରିବୁ ପତ୍ରିକାଟିକୁ ତ୍ରୁଟିଶୂନ୍ୟ ଭାବେ ପ୍ରକାଶ କରିବାପାଇଁ।
- ଲେଖକ/ଲେଖିକାମାନଙ୍କୁ ଅନୁରୋଧ - ଯେଉଁ ଲେଖାଟି ଆପଣ ପ୍ରକାଶନ ପାଇଁ ପଠାଉଛନ୍ତି ପ୍ରଥମେ ଆପଣ ନିଜେ ଏହାକୁ ଠିକ୍ ଭାବେ ପଢ଼ି ଆବଶ୍ୟକୀୟ ସଂଶୋଧନ କରିନିଅନ୍ତୁ। ଯାହା ଫଳରେ ଲେଖାଟି ଶୀଘ୍ର ପ୍ରକାଶନ ପାଇଁ ଯୋଗ୍ୟ ବିବେଚିତ ହେବ।

- ସଂପାଦକ

BAGEESHA | VOLUME N0. 02 | ISSUE N0. 05 | SEP - OCT 2024




ISSN 2583-9543
9 772583 954001

ବାଗୀଶ

B.K House, Ground Floor Women's College Lane
Nayagarh- 752069
E-mail : bageesha.magazine@gmail.com
Phone No. 9337166172

EDITOR : BIKESH SAHU | RS: 100/-